DHARITRI

ଭୁବନେଶ୍ୱର, ଗୁରୁବାର, ମେ' ୪/୨୦୨୩ (୧୪ ପୃଷ୍ଠା) | Bhubaneswar, Thursday, May 4/2023 | Page 14 ₹ 7.00 | SAMBALPUR

୪୯ଶ ଭାଗ ୧୫୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 158 ମୂଲ୍ୟ ₹୭/-




**ଯଶୋଦା ମୁଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ**

ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ ବିପକ୍ଷ ଇଣ୍ଡିଆନ ଓମେନ୍ସ ଲିଗ୍ ମ୍ୟାଚରେ ଓଡ଼ିଶା ଏଫ୍‌ସିର ଯଶୋଦା ମୁଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୧୪

୦୨

**ଅଜୟ ବଙ୍ଗା ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ**

ଭାରତୀୟ-ଆମେରିକୀୟ ବିଜ୍‌ନେସ୍ ଲିଡର ଅଜୟ ବଙ୍ଗାଙ୍କୁ ବୁଧବାର ବିଶ୍ୱବ୍ୟାଙ୍କର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେ ଏହି ପଦରେ ୫ ବର୍ଷ କାର୍ଯ୍ୟ କରିବେ।





ପ୍ୟାରିସ୍‌ରେ ଶ୍ରମିକ ଦିବସରେ ବିକ୍ଷୋଭ ବେଳେ ପୋଲିସ ଉପରକୁ ପେଟ୍ରୋଲ ବୋମା ଫିଙ୍ଗିଛନ୍ତି ନୂଆ ପେନ୍‌ସନ ଆଇନ ବିରୋଧୀ ବିକ୍ଷୋଭକାରୀ। (ରିପୋର୍ଟ: ପୃଷ୍ଠା-୨)

# ବର୍ତ୍ତିଯାଇପାରେ ଓଡ଼ିଶା

## ବାତ୍ୟା: ବାଂଲାଦେଶ, ମ୍ୟାନ୍‌ମାର ମୁହାଁଇପାରେ

**ଭୁବନେଶ୍ୱର,୩।୫(ବ୍ୟୁରୋ)**

ଆସନ୍ତା ୬ କିମ୍ବା ୭ ତାରିଖରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ଧୀରେ ଧୀରେ ଘନୀଭୂତ ହୋଇ ୮ ତାରିଖରେ ଲଘୁଚାପରେ ପରିଣତ ହେବ। ମେ ୯ କିମ୍ବା ୧୦ ତାରିଖ ବେଳକୁ ଏହା ସିଭିୟର ସାଇକ୍ଲୋନିକ ଷ୍ଟର୍ମ ବା ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ। ଯଦି ବାତ୍ୟା ହୁଏ, ତା'ହେଲେ ଏହାର ନାଁ ରହିବ 'ମୋଚା'। ତେବେ ଏହାର ଗତି ଓ ବେଗ ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି ) ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ତେବେ ୱିଣ୍ଡ ୱେଦର ଭଳି ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପାଣିପାଗ ମଡେଲ ସୂଚନା ଅନୁଯାୟୀ ବାତ୍ୟା ବାଂଲାଦେଶ କିମ୍ବା ମ୍ୟାନ୍‌ମାର ଆଡ଼େ ମୁହାଁଇବା ଅଧିକ ସମ୍ଭାବନା ରହିଛି। ଓଡ଼ିଶା ପ୍ରତି ବିପଦ ନ ଥିବା କୁହାଯାଇଛି।

ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆସନ୍ତା ମେ ୬ ତାରିଖରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ୭ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବ। ଲଘୁଚାପ ଘନୀଭୂତ ହୋଇ ୮ତାରିଖ ବେଳକୁ ଅବପାତର ରୂପ ନେଇପାରେ। ଲଘୁଚାପ କ୍ରମେ ଘନୀଭୂତ ହୋଇ ଉତ୍ତର ଦିଗକୁ ଗତି କରିବ। ପରେ ଏହା ଅଧିକ ଘନୀଭୂତ ହୋଇ ୯ ତାରିଖ ବେଳକୁ ବାତ୍ୟାର ରୂପ ନେଇପାରେ। ବାତ୍ୟା କୁଆଡ଼େ ଯିବ ଓ ଏହାର ତୀବ୍ରତା କେତେ ରହିବ ସେ ନେଇ ଆକଳନ ହୋଇନାହିଁ। ଲଘୁଚାପ କ୍ଷେତ୍ର ସୃଷ୍ଟି ହେଲା ପରେ ଏ ନେଇ ସ୍ପଷ୍ଟ ହେବ। ବର୍ତ୍ତମାନ ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ନାହିଁ। ଓଡ଼ିଶା ଉପକୂଳ ପାଇଁ ବର୍ଷା କିମ୍ବା ପବନର ସତର୍କ ସୂଚନା ଜାରି କରାଯାଇ ନାହିଁ। ଏ ନେଇ ଜନସାଧାରଣ ଆତଙ୍କିତ ହୁଅନ୍ତୁ ନାହିଁ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି। ୭ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସମୁଦ୍ର ଅଶାନ୍ତ ରହିବ। ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିମି ରହିବ। ଏହି ସମୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ନ ଯିବାକୁ ଆଇଏମ୍‌ଡି ଡିଜି ପରାମର୍ଶ ଦେଇଛନ୍ତି।

ଲଗାତର ଭାବେ ମେ ମାସରେ ବାତ୍ୟା ହେଉଛି। ତେବେ ଏହାର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି। ସତର୍କ ରହିବାକୁ ସମସ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲାପାଳଙ୍କୁ ଆଲର୍ଟ ରଖାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀ ☞ପୃଷ୍ଠା-୪

# ସ୍ୱାଭାବିକ ହୋଇନାହିଁ ବ୍ୟବସାୟ

**ସମ୍ବଲପୁର ଦଙ୍ଗା ଘଟଣା**

**ସମ୍ବଲପୁର,୩।୫(ବ୍ୟୁରୋ)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ପଥର ମାଡ଼, ପୋଡ଼ାଜଳା, ଆକ୍ରମଣ, ହତ୍ୟା ଭଳି ଘଟଣା ଘଟିଥିଲା। ଏହାକୁ ନେଇ ଜିଲା ପ୍ରଶାସନ ଏପ୍ରିଲ ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ କର୍ଫ୍ୟୁ ଲଗାଇଥିଲା। ନେଟ୍ ସେବା ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏଥିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ବ୍ୟବସାୟ ଉପରେ ପ୍ରଭାବ ପଡ଼ିଥିଲା। ସମସ୍ତ ଛୋଟବଡ଼ ବ୍ୟବସାୟକୁ ଠପ୍ କରିଦେଇଥିଲା। ବ୍ୟବସାୟୀଙ୍କ ସମେତ ଏଥିରେ ନିୟୋଜିତ କର୍ମଚାରୀ, ଶ୍ରମିକ ବର୍ଗଙ୍କ ଘୋର ଆର୍ଥିକ କ୍ଷତି ଘଟିଛି। ଏବେ ଶାନ୍ତି ଫେରିଥିଲେ ମଧ୍ୟ ସ୍ଥିତି ସମ୍ପୂର୍ଣ୍ଣ ସୁଧୁରିନାହିଁ। ବ୍ୟବସାୟ ସ୍ୱାଭାବିକ ହୋଇପାରି ନାହିଁ।

ଗ୍ରାଣ୍ଡ ଶିବା ହୋଟେଲ ନିର୍ଦ୍ଦେଶକ ହରିଶଙ୍କର ସିଲା କହିଛନ୍ତି, ସମ୍ବଲପୁର ସହର ରାଜ୍ୟର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ଦଙ୍ଗା ହେବା ଫଳରେ ବିଶେଷ ଭାବେ ହୋଟେଲ ବ୍ୟବସାୟ ଉପରେ ପ୍ରଭାବ ପକାଇଛି। ପ୍ରଶାସନର କଟକଣା ଯୋଗୁ ପ୍ରାୟ ୧୨ଦିନ ଧରି ହୋଟେଲ ବନ୍ଦ ରହିଥିଲା। ସହରକୁ ଗମନାଗମନ ଉପରେ ରୋକ ଲାଗିଥିଲା। ତେଣୁ କେହି ଆସୁ ନ ଥିଲେ। ଯେଉଁ କେତେଜଣ ଲୋକ ରହିଥିଲେ ନେଟ୍‌ସେବା ବନ୍ଦ ହେବାରୁ ସେମାନେ ହୋଟେଲ ଛାଡି ପାଖ ଜିଲାକୁ ଚାଲିଯାଇଥିଲେ। ହୋଟେଲର ଦୈନିକ ଖର୍ଚ୍ଚ ସାଙ୍ଗକୁ କର୍ମଚାରୀଙ୍କ ଦରମା ବହନ କରିବାକୁ ପଡ଼ିଥିଲା। ଶାନ୍ତି ଫେରିଥିବା ସ୍ଥାନୀୟ ଲୋକେ ଜାଣିଥିଲେ ମଧ୍ୟ ବାହାରୁ ଆସୁଥିବା ଲୋକେ ଆଜି ମଧ୍ୟ ଭୟ ଭିତରେ ରହିଛନ୍ତି। ପ୍ରଶାସନ କୋହଳ କରିଥିଲେ ବି ୯ଦିନ ବିତିଯାଇଥିଲେ ମଧ୍ୟ ବ୍ୟବସାୟ ସ୍ୱାଭାବିକ ହୋଇନାହିଁ ବୋଲି ହରିଶଙ୍କର କହିଛନ୍ତି। ମୁଦିପଡ଼ାର ଆଳୁମୁଢି ବିକ୍ରି କରୁଥିବା ବିଜୟ ସିଂହ କହିଛନ୍ତି, କଟକଣା ☞ପୃଷ୍ଠା-୪

# ୫ରେ ଓଡ଼ିଶା ଆସିବେ ନୀତୀଶ

**ଭୁବନେଶ୍ୱର,୩।୫(ବ୍ୟୁରୋ)**

ବିହାର ମୁଖ୍ୟମନ୍ତ୍ରୀ ତଥା ଜନତା ଦଳ (ୟୁନାଇଟେଡ) ମୁଖ୍ୟ ନୀତୀଶ କୁମାର ଆସନ୍ତା ୫ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ



ନୀତୀଶ କୁମାର

କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଅଣଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ବିରୋଧରେ ଏକାଠି କରି ଏକ ଦୃଢ଼ ବିରୋଧୀ ମେଣ୍ଟ କରିବା ଲକ୍ଷ୍ୟରେ ନୀତୀଶ ଓଡ଼ିଶା ଗସ୍ତରେ ଆସୁଥିବା ସୂଚନା ମିଳିଛି। ତେବେ ଉଭୟ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ କୌଣସି ବୈଠକର ଯୋଜନା ହୋଇ ନ ଥିବା ଜଣାପଡ଼ିଛି । ☞ପୃଷ୍ଠା-୪

# ଅନୁକମ୍ପା ସହାୟତା ରାଶି ବଢ଼ିଲା

**ମଣିଷ-ବନ୍ୟପ୍ରାଣୀ ସଂଘର୍ଷ**

- **ମୃତ୍ୟୁ କ୍ଷେତ୍ରରେ ୪ ଲକ୍ଷରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି**
- **ଗୃହପାଳିତ ପ୍ରାଣୀ ମୃତ୍ୟୁ, ଫସଲ କ୍ଷତି ପାଇଁ ମିଳିବ ଅଧିକ ଟଙ୍କା**

**ଭୁବନେଶ୍ୱର,୩।୫(ବ୍ୟୁରୋ)**

ବନ୍ୟପ୍ରାଣୀ ଆକ୍ରମଣରେ ମୃତାହତ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ଅନୁକମ୍ପା ରାଶି ତଥା ସମ୍ପତ୍ତି କ୍ଷୟକ୍ଷତି ପାଇଁ ସହାୟତା ରାଶି ବୃଦ୍ଧି କରାଯାଇଛି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅନୁମୋଦନ କରିଛନ୍ତି ।

ନୂତନ ନିଷ୍ପତ୍ତି ଅନୁଯାୟୀ ବନ୍ୟପ୍ରାଣୀ ଆକ୍ରମଣରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ କ୍ଷେତ୍ରରେ ଅନୁକମ୍ପାମୂଳକ ରାଶିର ପରିମାଣ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଗୁରୁତର ଆହତଙ୍କ କ୍ଷେତ୍ରରେ ସହାୟତା ପରିମାଣ ମଧ୍ୟ ବୃଦ୍ଧି ହୋଇଛି। ୬୦ ପ୍ରତିଶତରୁ କମ୍ ଅକ୍ଷମତା କ୍ଷେତ୍ରରେ ସହାୟତା ପରିମାଣ ୧ ଲକ୍ଷ ଟଙ୍କାରୁ ୧ ଲକ୍ଷ ୫୦ ହଜାର ଟଙ୍କା ଏବଂ ☞ପୃଷ୍ଠା-୪

# ଆଜିଠୁ ରାଷ୍ଟ୍ରପତିଙ୍କ ୩ ଦିନିଆ ମୟୂରଭଞ୍ଜ ଗସ୍ତ

**ବାରିପଦା ଅଫିସ,୩।୫**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାରଠାରୁ ୩ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସୁଛନ୍ତି। ଜନ୍ମମାଟିରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶାଶୁଘର ଗାଁ ପାହାଡ଼ପୁରଠାରୁ ଆରମ୍ଭକରି ରାଇରଙ୍ଗପୁର ବାସଭବନ,



ଦ୍ରୌପଦୀ ମୁର୍ମୁ

ଶିମିଳିପାଳ ଅଭୟାରଣ୍ୟ ଓ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସେ ଯୋଗଦେବେ। ପୂର୍ବାଞ୍ଚଳ ଡିଆଇଜି ହିମାଂଶୁ ଲାଲ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ସକାଳ ୭ଟାରେ ରାଷ୍ଟ୍ରପତି ରାଇସିନାରୁ ବାହାରିବେ। ପାଲାମ ଏୟାରପୋର୍ଟରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଇଏସ୍‌ଜି ରେଟିଂର ଆବଶ୍ୟକତା**

# ମାଳଦ୍ୱୀପରେ ଓଡ଼ିଆ ହୋଟେଲ ବ୍ୟବସାୟୀଙ୍କ ସଫଳତା



ସଲିଳ ପାଣିଗ୍ରାହୀ



**ଭୁବନେଶ୍ୱର,୩।୫(ବ୍ୟୁରୋ)**

ବଡ଼ ସଫଳ କାହାଣୀଗୁଡ଼ିକ ପଛରେ ଅନେକ ସମୟରେ ବୃହତ୍ ସ୍ୱପ୍ନ ଓ ଭାବାବେଗ ରହିଥାଏ। ଓଡ଼ିଶାରେ ଜନ୍ମିତ ସଲିଳ ପାଣିଗ୍ରାହୀ ମାଳଦ୍ୱୀପରେ ନିଜକୁ ସବୁଠୁ ସଫଳ ହୋଟେଲ ବ୍ୟବସାୟୀ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି। ୩ ଦଶନ୍ଧି ପୂର୍ବରୁ ସେ ଓବେରୋଇ ହୋଟେଲ୍ସ ଆଣ୍ଡ ରିସର୍ଟସ୍‌ର ଫାଇନାନ୍ସ ବିଭାଗରେ ଏକ ଛୋଟମୋଟ କାମ ସହ ହସ୍ପିଟାଲିଟିରେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ମାଳଦ୍ୱୀପରେ ସିକ୍ସ ସେନ୍ସେସ୍ ଗ୍ରୁପ୍‌ରେ ଯୋଗଦେଇଥିଲେ। ଏହି ସୁନ୍ଦର ଦ୍ୱୀପ ପ୍ରତି ଭଲପାଇବା ଓ କିଛି ବଡ଼ କରିବା ପାଇଁ ସଲିଳଙ୍କୁ ପ୍ରେରଣା ଦେଇଥିଲା। ସେ ତାଙ୍କ ପିଲାଦିନର ମଧ୍ୟବିତ୍ତ ଚଳଣି, ମୂଲ୍ୟବୋଧକୁ କଦାପି ଭୁଲି ନ ଥିବା କହିଛନ୍ତି। ତାଙ୍କ ମତରେ ଏକ ବିନୟୀ କ୍ଷୁଦ୍ର ଆରମ୍ଭ ଛୋଟ ସଫଳତାକୁ ସମ୍ମାନ ଦେବା ଶିଖାଇଥାଏ ଏବଂ ଉଚ୍ଚ ସୋପାନକୁ ଯିବାରେ ସହାୟକ ହୋଇଥାଏ।

୧୯୬୮ରେ ଜନ୍ମିତ ସଲିଳ ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ପାଇଁ ତାଲିମ ନେଉଥିଲେ। ସେହି ସମୟରେ ସେ ବିଭିନ୍ନ ହୋଟେଲ କମ୍ପାନୀର ଅଡିଟ୍ କରିବାର ସୁଯୋଗ ପାଇଥିଲେ। ଫଳରେ ତାଙ୍କଠାରେ ଆତିଥେୟତା ଜଗତ ପ୍ରତି ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି ହେଲା। ହୋଟେଲିୟର ହେବାର ନିଶା ଯୋଗୁ ୨୦୧୩ରେ ସେ କାନିଫୁଶି ଦ୍ୱୀପରେ ଆଟମୋସ୍ପିୟର ☞ପୃଷ୍ଠା-୪




## ସଂକ୍ଷେପରେ

### ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ପିଟି ହତ୍ୟା

**ରାଞ୍ଚି,୩।୫(ଆଇଏଏନ୍ଏସ୍):** ଝାଡ଼ଖଣ୍ଡର ଲାଟେହାର ଜିଲା ଅନ୍ତର୍ଗତ ଫସ୍ଲା ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଏକ ଦମ୍ପତିଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ସେମାନଙ୍କ ଗୁଣିଗାରେଡ଼ି ପାଇଁ ଗ୍ରାମ ଗୁରୁତର ପ୍ରଭାବିତ ହେଉଥିବା ଅଭିଯୋଗ କରି ପଞ୍ଚାୟତ ସେମାନଙ୍କୁ ପିଟି ମାରିବାକୁ ନିର୍ଦ୍ଦେଶ ଦେଇଥିଲା। ମୃତକ ହେଲେ ଶିବଲ ଗଞ୍ଝୁ ଓ ତାଙ୍କ ସ୍ତ୍ରୀ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମଙ୍ଗଳବାର ରାତିରେ ପଞ୍ଚାୟତ ବସିଥିଲା। ସେଠାରେ ଦମ୍ପତିଙ୍କୁ ହାଜର କରାଯିବା ପରେ ସେମାନଙ୍କୁ ପିଟି ମାରିଦିଆଯାଇଥିଲା। ଝାଡ଼ଖଣ୍ଡରେ ଗୁଣିଗାରେଡ଼ି ଅଭିଯୋଗରେ ପ୍ରତିବର୍ଷ ହାରାହାରି ୬୦ରୁ ୭୦ ଜଣଙ୍କ ମୃତ୍ୟୁ ଘଟୁଛି। ୨୦୧୫ରୁ ଇତିମଧ୍ୟରେ ୫,୦୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି।

### ଅଜୟ ବଙ୍ଗା ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ

**ୱାଶିଂଟନ୍,୩।୫:** ଭାରତୀୟ-ଆମେରିକୀୟ ବିଜ୍‌ନେସ୍ ଲିଡର ଅଜୟ ବଙ୍ଗାଙ୍କୁ ବୁଧବାର ବିଶ୍ୱବ୍ୟାଙ୍କର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେ ଏହି ପଦରେ ୫ ବର୍ଷ କାର୍ଯ୍ୟ କରିବେ। ଉକ୍ତ ବୈଶ୍ୱିକ ଆର୍ଥିକ ସଂସ୍ଥାର ନେତୃତ୍ୱ ନେବାରେ ବଙ୍ଗା ହେଉଛନ୍ତି ପ୍ରଥମ ଭାରତୀୟ ବଂଶୋଦ୍ଭବ। ବିଶ୍ୱବ୍ୟାଙ୍କ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର୍ସ ପକ୍ଷରୁ ତାଙ୍କ ନିଯୁକ୍ତିକୁ ଅନୁମୋଦନ କରାଯାଇଥିବା ଏକ ପ୍ରେସ୍ ବିବୃତିରେ କୁହାଯାଇଛି।



ପ୍ରକାଶ ଯେ, ଗତ ଫେବୃୟାରୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ପଦ ପାଇଁ ୬୩ ବର୍ଷୀୟ ଅନୁଭବୀ ବିଜ୍‌ନେସ୍ ଲିଡର ତଥା ଜେନେରାଲ ଆଟ୍‌ଲାଣ୍ଟିକ୍ ଉପାଧ୍ୟକ୍ଷ ଥିବା ବଙ୍ଗାଙ୍କ ନାମ ଘୋଷଣା କରିଥିଲେ। ବଙ୍ଗା ଏହା ପୂର୍ବରୁ ୨୪,୦୦୦ କର୍ମଚାରୀ ନିୟୋଜିତ ଥିବା ବୈଶ୍ୱିକ ସଙ୍ଗଠନ ମାଷ୍ଟରକାର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଛନ୍ତି। ୨୦୧୬ରେ ବଙ୍ଗାଙ୍କୁ ଭାରତ ସରକାର ପଦ୍ମଶ୍ରୀ ଉପାଧି ପ୍ରଦାନ କରିଥିଲେ।

### ବୋଲସୋନାରୋଙ୍କ ଘରେ ପୋଲିସ ଚଢ଼ାଉ

**ବ୍ରାସିଲିଆ,୩।୫:** ବ୍ରାଜିଲର ଫେଡେରାଲ ପୋଲିସ ବୁଧବାର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ଘରେ ଚଢ଼ାଉ କରିବା ସହ ତାଙ୍କ ଫୋନ୍‌କୁ ଜବତ କରିଛି। ଏଥିସହିତ ତାଙ୍କର ଘନିଷ୍ଠ କୁହାଯାଉଥିବା ମ୍ୟାଉରୋ ସିଡ୍‌ଙ୍କୁ ଗିରଫ କରାଯାଇଛି।


ଜୈର ବୋଲସୋନାରୋ

ବୋଲସୋନାରୋଙ୍କୁ ଫେଡେରାଲ ପୋଲିସ ମୁଖ୍ୟାଳୟରେ ହାଜର କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କୋଭିଡ୍-୧୯ ଟିକା ସମ୍ପର୍କିତ ଜାଲ୍ ତଥ୍ୟ ପ୍ରଦାନ ନେଇ ରିଓ ଡି ଜନେଇରୋର ୧୬ଟି ସ୍ଥାନରେ ଫେଡେରାଲ ପୋଲିସ ଚଢ଼ାଉ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ବ୍ରାସିଲିଆରେ ଥିବା ବୋଲସୋନାରୋଙ୍କ କଣ୍ଡୋମିନିଅମ୍ କମ୍ପ୍ଲେକ୍ସରେ ପୋଲିସ ଚଢ଼ାଉ ସମୟର ଫଟୋ ଗ୍ଲୋବୋ ବ୍ରଡକାଷ୍ଟରେ ପ୍ରସାରିତ ହୋଇଛି।


ଗାଜାରୁ କରାଯାଇଥିବା ରକେଟ୍ ମାଡ଼ରେ ଇସ୍ରାଏଲ୍‌ର ସେରୋଟ୍‌ରେ ନଷ୍ଟ ହୋଇଯାଇଥିବା ଏକ କାର୍ ନିକଟରେ ଜଣେ ୫ ବର୍ଷୀୟା ଝିଅ ଛିଡ଼ା ହୋଇଛନ୍ତି।

## ପୁଟିନ୍‌ଙ୍କୁ ୟୁକ୍ରେନ୍‌ର ହତ୍ୟା ଉଦ୍ୟମ

**ମସ୍କୋ/କିଭ୍,୩।୫**


ଭ୍ଲାଡିମିର ପୁଟିନ୍

■ଡ୍ରୋନ୍ ଆକ୍ରମଣରୁ ବର୍ତ୍ତିଲେ ରୁଷିଆ ରାଷ୍ଟ୍ରପତି

■ଅଭିଯୋଗକୁ ଖଣ୍ଡନ କଲା କିଭ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ୟୁକ୍ରେନ୍ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଥିବାବେଳେ ମସ୍କୋ ଏହାକୁ ପଣ୍ଡ କରିଥିବା ଅଭିଯୋଗ ଆଣିଛି। ବୁଧବାର ସକାଳେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣ ପୁଟିନ୍‌ଙ୍କୁ ହତ୍ୟା ପାଇଁ ଉଦ୍ଦିଷ୍ଟ ଥିଲା। ୟୁକ୍ରେନ୍‌କୁ ଏହି ବିଫଳ ହତ୍ୟା ଉଦ୍ୟମର ଜବାବ ଦିଆଯିବ ବୋଲି ରୁଷିଆ କହିଛି।

ଡ୍ରୋନ୍ ଆକ୍ରମଣ ବେଳେ ପୁଟିନ୍ କ୍ରେମ୍‌ଲିନ୍‌ରେ ନ ଥିଲେ। ସେ ମସ୍କୋ ବାହାରେ ଥିବା ନୋଭୋ-ଓଗାରୟୋଭୋ ବାସଭବନରେ ଥିଲେ। ତେବେ ୨ଟି ଡ୍ରୋନ୍ ଷ୍ଟ୍ରାଇକ୍ କରିବା ପୂର୍ବରୁ ଏହାକୁ ରୁଷୀୟ ସେନା ଓ ସୁରକ୍ଷା ବଳ ଖସାଇ ଦେଇଥିଲେ। ଏଥିରେ କେହି ମୃତାହତ ହୋଇ ନ ଥିବା ପୁଟିନ୍‌ଙ୍କ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି। ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍ ରାଜଧାନୀ ମସ୍କୋ ଆକାଶରେ ବିନା ଅନୁମତିରେ ଡ୍ରୋନ୍ ଉଡ଼ାଣ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଅନ୍ୟପକ୍ଷେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମୁଖପାତ୍ର ପୋଡୋଲ୍‌ୟାକ୍ ଏଥିରେ କିଭ୍‌ର ସମ୍ପୃକ୍ତି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଡ୍ରୋନ୍ ଆକ୍ରମଣ ସହ ୟୁକ୍ରେନ୍‌ର କିଛି ସମ୍ପର୍କ ନାହିଁ। ରୁଷିଆ ୟୁକ୍ରେନୀୟ ସହରଗୁଡ଼ିକରେ ରକେଟ ମାଡ଼ କରି ନିରୀହ ଲୋକଙ୍କୁ ଟାର୍ଗେଟ କରୁଥିବାବେଳେ ଏପରି ଓଲଟା ଅଭିଯୋଗ ଆଣିଥିବା ସେ କହିଛନ୍ତି। ରୁଷିଆ-ୟୁକ୍ରେନ୍ ମଧ୍ୟରେ ୧୪ ମାସ ଧରି ଚାଲିଥିବା ଯୁଦ୍ଧକୁ ଏହି ଡ୍ରୋନ୍ ଆକ୍ରମଣ ଆହୁରି ଉସୁକାଇବ ବୋଲି କୁହାଯାଉଛି।

# ପେନ୍‌ସନ ଆଇନ ପ୍ରତ୍ୟାହାର କର

**ପ୍ୟାରିସ୍,୩।୫**

### ରାଷ୍ଟ୍ରପତି ମାକ୍ରଁଙ୍କ ଇସ୍ତଫା ଦାବି ଜୋର୍ ଧରିଲା



### ଦ୍ୱିତୀୟ ଫରାସୀ ବିପ୍ଳବ

**୧୦୮ ପୋଲିସ ଆହତ, ୨୯୧ ବିକ୍ଷୋଭକାରୀ ଗିରଫ**

ଫ୍ରାନ୍ସରେ ନୂଆ ପେନ୍‌ସନ ଆଇନ ପ୍ରତିବାଦରେ ଆନ୍ଦୋଳନ ଜାରି ରହିଥିବାବେଳେ ମେ' ୧ ଶ୍ରମିକ ଦିବସରେ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ବଡ଼ ବିକ୍ଷୋଭ କରିଛନ୍ତି। ରାଜଧାନୀ ପ୍ୟାରିସ୍ ସମେତ ଅନ୍ୟ ସହରଗୁଡ଼ିକର ରାସ୍ତାରେ ସରକାର ବିରୋଧୀ ବିକ୍ଷୋଭ ବ୍ୟାପକ ହୋଇଥିବାବେଳେ ଆନ୍ଦୋଳନକାରୀଙ୍କ ଆକ୍ରୋଶର ଶିକାର ହୋଇଛି ପୋଲିସ। ଫ୍ରାନ୍ସ ପୋଲିସ ସେମାନଙ୍କୁ ଘଉଡ଼ିବାକୁ ଯାଇ ଲୁହବୁହା ବାଷ୍ପ ସହ ବଳ ପ୍ରୟୋଗ କରିଥିଲା। ଫଳରେ ପୋଲିସ-ଆନ୍ଦୋଳନକାରୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା। ଏଥିରେ ଅନ୍ୟୂନ ୧୦୮ ପୋଲିସ ଆହତ ହୋଇଛନ୍ତି। ଆକ୍ରମଣ ଅଭିଯୋଗରେ ୨୯୧ ଜଣଙ୍କୁ ଅଟକ ରଖାଯାଇଥିବା ଆଭ୍ୟନ୍ତରୀଣ ମନ୍ତ୍ରୀ ଗେରାଲ୍ଡ ଡର୍ମାନିନ୍ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନକୁ ଦ୍ୱିତୀୟ ଫରାସୀ ବିପ୍ଳବର ଆଖ୍ୟା ଦିଆଯାଇଛି। ଫ୍ରାନ୍ସରେ ସରକାରୀ କର୍ମଚାରୀଙ୍କ ଅବସର ବୟସ ସୀମା ୬୨ରୁ ୬୪କୁ ବୃଦ୍ଧି କରାଯିବା ନେଇ ଆଗତ ପେନ୍‌ସନ ସଂସ୍କାର ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରଠୁ ଆନ୍ଦୋଳନ ଲାଗି ରହିଛି। ଏପ୍ରିଲ ୧୫ରେ କନ୍‌ଷ୍ଟିଚ୍ୟୁଶନାଲ କାଉନ୍‌ସିଲ ଏହାକୁ ମଞ୍ଜୁରୀ ଦେବା ପରେ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ଅନୁମୋଦନ ସହ ପେନ୍‌ସନ ବିଲ୍ ଆଇନରେ ପରିଣତ ହୋଇଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକାରୀ ହେବାକୁ ଥିବା ଏହି ବିବାଦୀୟ ଆଇନକୁ ପ୍ରତ୍ୟାହାର କରାଯିବା ଦାବିରେ ବିକ୍ଷୋଭକାରୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ପ୍ୟାରିସ୍‌ରେ ମେ' ଦିବସରେ ଟ୍ରେଡ୍ ୟୁନିୟନ୍ ନେତୃତ୍ୱାଧୀନ ବିକ୍ଷୋଭ ଶାନ୍ତିପୂର୍ଣ୍ଣ ଭାବେ ଆରମ୍ଭ ହୋଇଥିଲା। ଏଥିରେ ଅନେକ ପରିବାର ସାମିଲ ହୋଇଥିଲେ। ସେମାନଙ୍କ ହାତରେ ଥିବା ବ୍ୟାନରରେ ସାମାଜିକ ନ୍ୟାୟର ଆହ୍ୱାନ ଦିଆଯାଇଥିଲା। ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ମାକ୍ରଁଙ୍କ ଇସ୍ତଫା କିମ୍ବା ତାଙ୍କ ପେନ୍‌ସନ ଆଇନର ପ୍ରତ୍ୟାହାର ଦାବି କରିଥିଲେ। ବସ୍ ଷ୍ଟପ୍‌ଗୁଡ଼ିକରେ ପୋଲିସ ବିରୋଧୀ ସ୍ଲୋଗାନ ଲେଖାଯାଇଥିଲା। ପ୍ଲେସ୍ ଡେ ଲା ନେଶନ୍‌ରେ ଶୋଭାଯାତ୍ରା ପହଞ୍ଚିଥିବାବେଳେ ପୋଲିସ ଟିଅର ଗ୍ୟାସ୍ ଛାଡ଼ିବା ସହ ଭିଡ଼କୁ ଠେଲାପେଲା କରିଥିଲା। ସଂଘର୍ଷ ବେଳେ ବିକ୍ଷୋଭକାରୀମାନେ ପେଟ୍ରୋଲ ବୋମାମାଡ଼ କରିଥିଲେ। ଏଥିରେ ୨୫ ପୋଲିସ ଅଧିକାରୀ ଆହତ ହୋଇଥିଲେ। ଜଣେ ଅଧିକାରୀଙ୍କ ହାତ ଓ ମୁହଁରେ ବୋମାମାଡ଼ ହେବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଡର୍ମାନିନ୍ ବିକ୍ଷୋଭକାରୀଙ୍କ କାଣ୍ଡକୁ ନିନ୍ଦା କରିଛନ୍ତି। ପ୍ୟାରିସ୍‌ରେ ପ୍ରାୟ ୨,୦୦୦ ଓ ଲିଓନ୍ ସହରରେ ୧,୦୦୦ 'ବ୍ଲାକ୍ ବ୍ଲକ୍ସ' ସଦସ୍ୟ ପୋଲିସକୁ ଆକ୍ରମଣ କରିଥିବାରୁ ସେମାନଙ୍କୁ କଡ଼ା ଦଣ୍ଡ ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପଶ୍ଚିମ ଫ୍ରାନ୍ସର ନାନ୍‌ଟେସ୍‌ରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ମାର୍ସେଇଲ୍‌ରେ ଶତାଧିକ ବିକ୍ଷୋଭକାରୀଙ୍କ ଏକ ଗୋଷ୍ଠୀ ଏକ ବିଳାସପୂର୍ଣ୍ଣ ହୋଟେଲକୁ ନିଜ ଦଖଲକୁ ନେଇଯାଇଥିଲେ। ସେମାନଙ୍କୁ ପୋଲିସ କର୍ମଚାରୀମାନେ ଘଉଡ଼ାଇଦେଇଥିଲେ। ଏକ୍ସଟିନ୍‌ଶନ୍ ରେବେଲିଅନ୍‌ର ପରିବେଶ କର୍ମୀମାନେ ପ୍ୟାରିସ୍‌ର ଫୋଣ୍ଡେଶନ୍ ଲୁଇସ୍ ଭୁଇଟୋନ୍ ମ୍ୟୁଜିୟମ୍ ସମ୍ମୁଖଭାଗରେ କମଳା ରଙ୍ଗର ପେଣ୍ଟ୍ ସ୍ପ୍ରେ କରିଥିଲେ। ଏଭଳି ହିଂସା ଆଦୌ ଗ୍ରହଣୀୟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ଏଲିଜାବେଥ୍ ବର୍ନ ଟୁଇଟ୍ କରିଛନ୍ତି। ସରକାରଙ୍କ ମତରେ ଦେଶବ୍ୟାପୀ ଆନ୍ଦୋଳନରେ ମୋଟ ୭,୮୨,୦୦୦ ବିକ୍ଷୋଭକାରୀ ସାମିଲ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ୟାରିସ୍‌ରେ ୧,୧୨,୦୦୦ ଜଣ ଥିଲେ। କିନ୍ତୁ ସିଜିଟି ୟୁନିୟନ୍ ବିକ୍ଷୋଭକାରୀଙ୍କ ପ୍ରକୃତ ସଂଖ୍ୟା ୩ ଗୁଣ ଅଧିକ ହେବ ବୋଲି କହିଛି। ସରକାର ଏନେଇ ଅଧିକ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ୟୁନିୟନ୍‌ଗୁଡ଼ିକ ଏଥିରେ ଅଣାଯାଇଥିବା ସଂଶୋଧନକୁ ରଦ୍ଦ କରିବା ଦାବିରେ ଅଡ଼ିବସିଛନ୍ତି। ତେଣୁ ତୁରନ୍ତ ସମାଧାନର ରାସ୍ତା ଦେଖାଯାଉ ନାହିଁ।

**ବିଅନ୍ତ ସିଂ ହତ୍ୟା ମାମଲା**

### ରାଜୋଆନାଙ୍କ ମୃତ୍ୟୁଦଣ୍ଡ କୋହଳ ହେବନି

**ନୂଆଦିଲ୍ଲୀ,୩।୫(ପି.ଟି.)**

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ବଲୱନ୍ତ ସିଂ ରାଜୋଆନାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ ଜେଲଦଣ୍ଡରେ ପରିଣତ କରିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଅଗ୍ରାହ୍ୟ କରିଦେଇଛନ୍ତି। ୧୯୯୫ରେ ବିଅନ୍ତ ସିଂଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଦୋଷୀ ରାଜୋଆନାଙ୍କ କ୍ଷମା ଆବେଦନକୁ ଉପଯୁକ୍ତ କର୍ତ୍ତୃପକ୍ଷ ବିଚାର କରିପାରିବେ ବୋଲି ଜଷ୍ଟିସ ବି.ଆର୍. ଗଭାଇ, ବିକ୍ରମ ନାଥ ଏବଂ ସଞ୍ଜୟ କାରୋଲଙ୍କ ଖଣ୍ଡପୀଠ କହିଛନ୍ତି। ରାଜୋଆନା ୨୬ ବର୍ଷ ହେଲା ଜେଲରେ ଅଛନ୍ତି। ମାର୍ଚ୍ଚ ୨ରେ ଅଦାଲତ ରାଜୋଆନାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଏବଂ ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଥିଲେ।

### ଝାଡ଼ଖଣ୍ଡ କୋର୍ଟରେ ରାହୁଲଙ୍କୁ ମିଳିଲାନି ଆଶ୍ୱସ୍ତି

**ରାଞ୍ଚି, ୩।୫**


ରାହୁଲ ଗାନ୍ଧୀ

**ମାନହାନି ମାମଲାରେ ହାଜର ନ ହେବା ଆବେଦନ ଖାରଜ**

ମୋଦି ସାଙ୍ଗିଆ ମନ୍ତବ୍ୟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଝାଡ଼ଖଣ୍ଡ କୋର୍ଟରେ ଦାଏର ମାନହାନି ମାମଲାରେ ସେ ବ୍ୟକ୍ତିଗତ ଭାବେ ହାଜର ନ ହେବା ଲାଗି କରିଥିବା ଆବେଦନ ଖାରଜ ହୋଇଯାଇଛି। ୨୦୧୯ର ଉକ୍ତ ମାମଲା ପାଇଁ ସୁରଟର ଏକ କୋର୍ଟ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରି ୨ ବର୍ଷ ଜେଲଦଣ୍ଡାଦେଶ ଦେବା ପରେ ତାଙ୍କର ଲୋକସଭା ସଦସ୍ୟତା ରଦ୍ଦ ହୋଇଯାଇଛି। ୨୦୧୯ରେ କର୍ଣ୍ଣାଟକର କୋଲାରଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ବେଳେ ସବୁ ଚୋରଙ୍କ ସାଙ୍ଗିଆ ମୋଦି କାହିଁକି ବୋଲି ରାହୁଲ କହିଥିଲେ। ଫଳରେ ଆଇନଜୀବୀ ପ୍ରଦୀପ ମୋଦି କଂଗ୍ରେସ ନେତା ରାହୁଲଙ୍କ ବିରୋଧରେ ରାଞ୍ଚିର ଏକ ଅଦାଲତରେ ମାନହାନି ମାମଲା ଦାଏର କରିଥିଲେ। ରାହୁଲଙ୍କ ବିରୋଧରେ ଝାଡ଼ଖଣ୍ଡର ଚାଇବାସାରେ ଗୋଟିଏ ଏବଂ ରାଞ୍ଚିରେ ଦୁଇଟି ମାନହାନି ମାମଲା ବିଚାରାଧୀନ ରହିଛି।

### ସମଲିଙ୍ଗୀ ଯୋଡ଼ିଙ୍କ ସମସ୍ୟା ଅନୁଧ୍ୟାନ କରିବ କମିଟି

**ନୂଆଦିଲ୍ଲୀ,୩।୫**

**ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର**

ସମଲିଙ୍ଗୀ ଯୋଡ଼ିଙ୍କ ବିବାହର ଆଇନଗତ ମାନ୍ୟତା ପ୍ରସଙ୍ଗକୁ ନ ଯାଇ ସେମାନଙ୍କ ବିଭିନ୍ନ ସମସ୍ୟାର କିପରି ସମାଧାନ କରାଯାଇପାରିବ, ତା'ର ଉପାୟ ଖୋଜି ବାହାର କରିବା ପାଇଁ କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହେବ। କେନ୍ଦ୍ର ସରକାର ବୁଧବାର ସୁପ୍ରିମକୋର୍ଟଙ୍କୁ ଏହା କହିଛନ୍ତି। ଏ ନେଇ ସରକାରଙ୍କର ସକାରାତ୍ମକ ମନୋଭାବ ରହିଥିବା କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ୫ ଜଣିଆ ସାମ୍ବିଧାନିକ ପୀଠକୁ କହିଥିଲେ। ଉକ୍ତ ପ୍ରସଙ୍ଗରେ କେତେକ ମାନବୀୟ ଚିନ୍ତା ରହିଛି। ପ୍ରଶାସନିକ ସ୍ତରରେ ତାହାର କିପରି ସମାଧାନ କରାଯାଇପାରିବ, ତାହା ଉପରେ ବିଚାରବିମର୍ଶ କରାଯାଉଛି। କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଆବେଦନକାରୀମାନଙ୍କ ବିଭିନ୍ନ ପ୍ରସ୍ତାବର ସମାଧାନ ସୂତ୍ର ବାହାର କରିବ ବୋଲି ମେହେଟ୍ଟା କହିଛନ୍ତି।

### କଂଗ୍ରେସ ନେତାଙ୍କ ଭାଇ ଘରେ ଆୟକର ଚଢ଼ାଉ

**ଗଛରୁ ମିଳିଲା କୋଟିଏ ଟଙ୍କା**

**ବେଙ୍ଗାଲୁରୁ,୩।୫**

କର୍ଣ୍ଣାଟକର ଜଣେ କଂଗ୍ରେସ ନେତାଙ୍କ ଭାଇ ଘରେ ବୁଧବାର ଆୟକର ବିଭାଗ ଚଢ଼ାଉ କରିଛି। ଚଢ଼ାଉ ବେଳେ ଗଛରେ ଲୁଚାଯାଇଥିବା ୧ କୋଟି ଟଙ୍କା ଜବତ ହୋଇଛି। କଂଗ୍ରେସ ନେତା ଅଶୋକ କୁମାର ରାୟ ପୁତ୍ତୁର ଆସନରୁ ବିଧାନସଭା ନିର୍ବାଚନ ଲଢୁଥିବାବେଳେ ତାଙ୍କ ଭାଇ ସୁବ୍ରମନିଆ ରାୟଙ୍କ ମହୀଶୂର ଘର ଉପରେ ଆୟକର ଅଧିକାରୀମାନେ ଚଢ଼ାଉ କରିଥିଲେ। ଏହି ସମୟରେ ଗଛରେ ଟଙ୍କା ଭର୍ତ୍ତି ବାକ୍ସ ଲୁଚାଯାଇଥିବା ଦେଖିବାକୁ ମିଳିଥିଲା। ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ପରଠୁ ୧୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହେଲାଣି।

### ୯ ଜଣଙ୍କୁ ହତ୍ୟାକଲେ ନାବାଳକ

**ବେଲ୍‌ଗ୍ରେଡ୍,୩।୫**

■ବେଲ୍‌ଗ୍ରେଡ୍ ସ୍କୁଲରେ ଗୁଳି

■ମୃତକଙ୍କ ମଧ୍ୟରେ ୮ ଶିଶୁ

ସର୍ବିଆ ରାଜଧାନୀ ବେଲ୍‌ଗ୍ରେଡ୍‌ସ୍ଥିତ ଏକ ସ୍କୁଲରେ ଜଣେ ସ୍ୱଳ୍ପବୟସ୍କ ବାଳକ ଉନ୍ମତ୍ତ କାଣ୍ଡ ଭିଆଇଛନ୍ତି। ତାଙ୍କ ଗୁଳିମାଡ଼ରେ ୮ ଶିଶୁ ଓ ସ୍କୁଲର ଜଣେ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ଏହି ଆକ୍ରମଣରେ ଅନ୍ୟ ୬ ଶିଶୁ ଓ ଜଣେ ଶିକ୍ଷକ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନିଜ ବାପାଙ୍କ ବନ୍ଧୁକରୁ ଗୁଳିମାଡ଼ କରିଥିବା କେ.କେ.ଙ୍କୁ ସ୍କୁଲ ପରିସରରେ ପୋଲିସ ଗିରଫ କରିଛି।


ଅଭିଯୁକ୍ତଙ୍କୁ ଗିରଫ କରି ନେଉଛି ପୋଲିସ।

୧୪ ବର୍ଷୀୟ କେ.କେ. ସ୍ଥାନୀୟ ସମୟ ବୁଧବାର ପୂର୍ବାହ୍ନ ୮ଟା ୪୦ରେ ବେଲ୍‌ଗ୍ରେଡ୍‌ର ଭ୍ଲାଡିସ୍ଲାଭ୍ ରିବ୍‌ନିକାର୍ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଅବିଚାରିତ ଭାବେ ଗୁଳି ଚଳାଇଥିଲେ। ହଠାତ୍ କ'ଣ ହେଲା ବୋଲି କେହି କିଛି ବୁଝି ପାରି ନ ଥିଲେ। ପରେ ଏ ନେଇ ପୋଲିସ ନିକଟକୁ ଫୋନ୍ କଲ୍ ଯାଇଥିଲା। ପୋଲିସ ପହଞ୍ଚିଲାବେଳକୁ ୮ ଶିଶୁ ଓ ଜଣେ ସ୍କୁଲ୍ ଗାର୍ଡଙ୍କ ମୃତ୍ୟୁ ଘଟିସାରିଥିଲା। ଅଭିଯୁକ୍ତ ବାଳକଙ୍କୁ ସୁରକ୍ଷା କର୍ମୀମାନେ ଗିରଫ କରିଛନ୍ତି। ଗୁଳିକାଣ୍ଡ ପଛର ଉଦ୍ଦେଶ୍ୟ ଖୋଜାଚାଲିଛି ବୋଲି ପୋଲିସ କହିଛି। ସର୍ବିଆରେ ବନ୍ଧୁକ ବ୍ୟବହାରକୁ ନେଇ କଠୋର ଆଇନ ଥିବାରୁ ଏଭଳି ଗୁଳିକାଣ୍ଡ ବିରଳ। ୨୦୧୩ରେ କେନ୍ଦ୍ରୀୟ ସର୍ବିଆର ଏକ ଗାଁରେ ଜଣେ ବାଲ୍‌କାନ୍ ଯୁଦ୍ଧ ଭେଟେରାନ୍ ଆଖିବୁଜା ଗୁଳି ଚଳାଇବାରୁ ୧୩ ଜଣ ନିହତ ହୋଇଥିଲେ।

# ଅଧିକାର ମାଗୁଛନ୍ତି ହଲିଉଡ୍ ଲେଖକ

**ବୃହତ୍ ଷ୍ଟୁଡିଓ ତଥା ଷ୍ଟ୍ରିମିଂ ସର୍ଭିସ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଲାଏନ୍ସ ଅଫ୍ ମୋଶନ ପିକ୍ଚର୍ସ ଆଣ୍ଡ ଟେଲିଭିଜନ୍ ପ୍ରଡ୍ୟୁସର୍ସ (ଏଏମ୍‌ପିଟିପି) ଏବଂ ୟୁନିୟନ୍ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ହଲିଉଡ୍ ଫିଲ୍ମ ଓ ଟିଭି ଶୋ' ଲେଖକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଇଣ୍ଡଷ୍ଟ୍ରିର ୧୧,୫୦୦ ସଦସ୍ୟ ମଙ୍ଗଳବାର ଅପରାହ୍ନରୁ ଲେଖିବା ବନ୍ଦ କରିଦେଇଥିବା ରାଇଟର୍ସ ଗିଲ୍ଡ ଅଫ୍ ଆମେରିକା (ଡବ୍ଲ୍ୟୁଜିଏ) ପକ୍ଷରୁ ଘୋଷଣା କରାଯାଇଛି। ଦୀର୍ଘ ୧୫ ବର୍ଷ ପରେ ଏହା ହେଉଛି ହଲିଉଡ୍ ରାଇଟର୍ସଙ୍କ ପ୍ରଥମ କାର୍ଯ୍ୟ ବନ୍ଦ ଆନ୍ଦୋଳନ। ଆଗାମୀ ଦିନରେ ଟିଭି କାର୍ଯ୍ୟକ୍ରମ ଓ ଫିଲ୍ମଗୁଡ଼ିକ ଉପରେ ଏହାର ବହୁଳ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି।**

**ୱାଶିଂଟନ୍,୩।୫**

**ଇଣ୍ଡଷ୍ଟ୍ରିର ୧୧,୫୦୦ ସଦସ୍ୟଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ**



ଡବ୍ଲ୍ୟୁଜିଏ ଇଷ୍ଟ ସଦସ୍ୟମାନେ ନ୍ୟୁୟର୍କର ପିକକ୍ ନ୍ୟୁଫ୍ରଣ୍ଟ ଷ୍ଟ୍ରିମିଂ ସର୍ଭିସ୍ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ କରୁଛନ୍ତି।

ଡବ୍ଲ୍ୟୁଜିଏର ବୋର୍ଡ ଅଫ୍ ଡାଇରେକ୍ଟର୍ସ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିବା ରାଇଟର୍ସ ଗିଲ୍ଡ ଅଫ୍ ଆମେରିକା ୱେଷ୍ଟ ପକ୍ଷରୁ ଟୁଇଟ୍ କରାଯାଇଛି। ସ୍କ୍ରିନ୍‌ରାଇଟର୍ସଙ୍କ ପାଇଁ ରେସିଡ୍ୟୁଆଲ୍ସ ହେଉଛି ରୟାଲ୍ଟି ପାଉଣା ସଦୃଶ, ଯାହା ସେମାନେ ଉଭୟ ବ୍ରଡ୍‌କାଷ୍ଟ ଓ ଷ୍ଟ୍ରିମିଂରୁ ପାଇଥାଆନ୍ତି। କିନ୍ତୁ ସମ୍ପ୍ରତି ସେମାନେ ବ୍ରଡ୍‌କାଷ୍ଟରୁ ଅଧିକ ଅର୍ଥ ଉପାର୍ଜନ କରୁଛନ୍ତି। ଷ୍ଟ୍ରିମିଂର ଚାହିଦା ବଢ଼ିବାରେ ଲାଗିଥିବାରୁ ଏହା ଅଧିକ ଲାଭଦାୟକ ହୋଇଛି। ଫଳରେ ଇଣ୍ଡଷ୍ଟ୍ରିରେ ଅସ୍ଥିରତା ସୃଷ୍ଟି ହୋଇଛି। କୌଣସି ଟେଲିଭିଜନ୍ ଶୋ'ର ଏକ ଅଧ୍ୟାୟ ଉଭୟ ରେଗୁଲାର ଟିଭି ଏବଂ ଷ୍ଟ୍ରିମିଂ ସର୍ଭିସ୍‌ରେ ପ୍ରସାରିତ ହେଲେ ଅଧିକାଂଶ କମ୍ପାନୀ ଷ୍ଟ୍ରିମିଂ ପାଇଁ କମ୍ ରେସିଡ୍ୟୁଆଲ୍ସ ଦେଇଥାଆନ୍ତି। ଷ୍ଟ୍ରିମିଂ ହେଉଥିବା ଶୋ' ହିଟ୍ ହେଉ କି ନ ହେଉ ଏହାର ଲେଖକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରଦାନ କରାଯାଇଥାଏ। କିନ୍ତୁ ବ୍ରଡ୍‌କାଷ୍ଟ ଟେଲିଭିଜନ୍ 'ରିୱାର୍ଡ ଫର୍ ସକ୍‌ସେସ୍' ମଡେଲ ଆପଣାଇଥାଆନ୍ତି। ପାଉଣା ପ୍ରଦାନର 'ସଫଳତା ପାଇଁ ପୁରସ୍କାର' ନମୁନା ଅନୁସାରେ କୌଣସି ଶୋ' ହିଟ୍ ହେଲେ ଲେଖକମାନେ ଅଧିକ ରେସିଡ୍ୟୁଆଲ୍ସ ବା ଅବଶିଷ୍ଟ ଅର୍ଥ ଆୟ କରିପାରନ୍ତି। ଡବ୍ଲ୍ୟୁଜିଏର ଯୁକ୍ତି ହେଉଛି, ସଫଳତାକୁ ଷ୍ଟ୍ରିମିଂ ରେସିଡ୍ୟୁଆଲ୍ସରେ ସାମିଲ କରାଯାଉ ନ ଥିବାରୁ ଅନୁଭବୀ ଲେଖକଙ୍କୁ ଉଚିତ ପାରିଶ୍ରମିକ ସହ ସ୍ୱୀକୃତି ମିଳୁନାହିଁ। ଏଭଳି ସମୟରେ ଷ୍ଟୁଡିଓ ଓ ଷ୍ଟ୍ରିମର୍ସ ଲେଖକଙ୍କ ପାଉଣା କାଟ୍ ପାଇଁ ଉଦ୍ୟମ ଚଳାଇଛନ୍ତି। ଷ୍ଟ୍ରିମିଂ ସେବାଗୁଡ଼ିକର ମିଶ୍ରଣ ଉପରେ ଗୁରୁତ୍ୱ ଦେଇ ସେମାନଙ୍କ କାଟାଲଗ୍‌ରୁ ପୁରୁଣା ଶୋ'ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦେବାରେ ଲାଗିଛନ୍ତି। ଫଳରେ ସେହି ଶୋ'ରୁ ଲେଖକମାନେ କିଛି ଆୟ କରିପାରିବେ ନାହିଁ। ଏହାର ପ୍ରତିବାଦରେ ଲେଖକମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେହିପରି ସ୍କ୍ରିପ୍ଟ ରାଇଟିଂରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଆଇଏ)ର ବ୍ୟବହାର ଉପରେ ମଧ୍ୟ ଆଇନ ପ୍ରଣୟନ କରାଯାଉ। ଏଏମ୍‌ପିଟିପିକୁ କାହାଣୀର ଉତ୍ସ ଭାବେ ବ୍ୟବହାର କରା ନ ଯାଉ ବୋଲି ଲେଖକମାନେ ଦାବି କରିଛନ୍ତି। ପ୍ରକାଶ ଯେ, ୨୦୦୭ରେ ହଲିଉଡ୍ ଲେଖକମାନେ କରିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ୧୦୦ ଦିନ ଧରି ଚାଲିଥିଲା। ଏଥିଯୋଗୁ ଫିଲ୍ମ ନିର୍ମାଣ ବନ୍ଦ ହୋଇଯିବାରୁ କାଲିଫର୍ନିଆର ଅର୍ଥନୀତିକୁ ୨.୧ ବିଲିୟନ୍ ଡଲାର କ୍ଷତି ସହିବାକୁ ପଡ଼ିଥିଲା।

# ତେନ୍ତୁଳିଗୁଡ଼ା ଗାଁରେ ଅଜଣା ରୋଗ, ଜଣେ ମୃତ



ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗ୍ରାମବାସୀଙ୍କୁ ଘରେ ଘରେ ଔଷଧ ବଣ୍ଟନ କରୁଛନ୍ତି।

- ଗାଁର ଅନ୍ୟ ୨ ଆକ୍ରାନ୍ତ
- ମୃତ ଗୋରୁ ମାଂସ ଖାଇ ଆନ୍ଥ୍ରାକ୍ସ ହୋଇଥିବା ସନ୍ଦେହ
- ଗାଁରେ ପହଞ୍ଚିଲା ପ୍ରାଣୀ ଚିକିତ୍ସକ ଓ ସ୍ୱାସ୍ଥ୍ୟ ବିଭାଗ ଟିମ୍

**ଦଶମନ୍ତପୁର, ୩।୫( ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ତେନ୍ତୁଳିଗୁଡ଼ା ଗାଁରେ ଅଜଣା ରୋଗ ଆତଙ୍କ ଦେଖାଦେଇଛି। ଗାଁର ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଉଛି। ମୃତକ ହେଲେ ଗାଁର ବଜ ସାଉଁନ୍ତା (୩୦)। ଗେରସନ ସାଉଁନ୍ତା (୨୮) ଏବଂ ରାଜେନ୍ଦ୍ର ସାଉଁନ୍ତା (୩୫) ଆକ୍ରାନ୍ତ ଅଛନ୍ତି। ଗାଁରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଛି। ଏଥିସହ କେତେଜଣଙ୍କର ରକ୍ତ ନମୁନା ମଧ୍ୟ ସଂଗ୍ରହ କରାଯାଇଛି। ଆନ୍ଥ୍ରାକ୍ସ ହୋଇଥିବା ସନ୍ଦେହରେ ପ୍ରାଣୀ ଚିକିତ୍ସକଙ୍କ ଗୋଟିଏ ଟିମ୍ ସେଠାରେ ପହଞ୍ଚି ତଦନ୍ତ କରୁଛନ୍ତି।

କିଛିଦିନ ତଳେ ତେନ୍ତୁଳିଗୁଡ଼ା ନିକଟସ୍ଥ ଗୁଲିମୂଷା ଗାଁରେ କୌଣସି କାରଣରୁ ଦୁଇଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଗୁଲିମୂଷାବାସୀ ଉକ୍ତ ମୃତ ଗୋରୁ ୨ଟିକୁ ଆଣି ତେନ୍ତୁଳିଗୁଡ଼ା ଗାଁରେ ଦେଇଯାଇଥିଲେ। ଉକ୍ତ ଗୋରୁର ମାଂସକୁ ବଜ ଆଣି ଖାଇଥିବା ତାଙ୍କ ସ୍ତ୍ରୀ ସାଲାଇ ସାଉଁନ୍ତା କହିଛନ୍ତି। ଏହାପରେ ୨ ଦିନ ଆଗରୁ ବଜଙ୍କ ବାମହାତରେ ପୋଡ଼ା ଭଳି ଏକ ଘା' ହୋଇଥିଲା। ଉକ୍ତ ଘା ବିନ୍ଧାହେବାରୁ ବଜ ଦଶମନ୍ତପୁର ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଜଙ୍କ ମୃତ୍ୟୁ ହୋଇଥିବା ସାଲାଇ କହିଛନ୍ତି। ବଜଙ୍କ ମୃତ୍ୟୁ ଖବରପାଇ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରବି ନାରାୟଣ ପଣ୍ଡା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ବିଚିତ୍ର ମୋହନ ଦାଶ, ଜିଲା ପରୀକ୍ଷାଗାରାଧିକାରୀ ଡାକ୍ତର ସୁପ୍ରିୟା ଦାଶ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ ନାୟକ, ପ୍ରାଣୀଧନ ନିରୀକ୍ଷକ ଅଶୋକ ନାୟକ ପ୍ରମୁଖ ସେଠାରେ ପହଞ୍ଚି ଗୋରୁ କଟାଯାଇଥିବା ସ୍ଥାନରୁ ଗାଈ ଚମଡ଼ା ଏବଂ ହାଡ଼ ଆଦିକୁ ଗାତକରି ପୋତିବା ସହ ନମୁନା ସଂଗ୍ରହ କରିଛନ୍ତି। ସେହିପରି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପାର୍ଥସାରଥି ପଣ୍ଡା, ମହାମାରୀ ବିଶେଷଜ୍ଞ ସୁନୀତା ଜେନା, ବିପିଏମ୍ ଶ୍ରୀକାନ୍ତ ଦାସଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗାଁର ୨୫ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଛି। କେତେଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଗୋରୁ ମାଂସ ନ ଖାଇବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି।




# ପୁଣି ଓଡ଼ିଶାରେ ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ

- ଫାଟୁସିନେରିରେ ଆନ୍ଧ୍ର ପାର୍ବତୀପୁରମ ଜିଲା ଆଇଟିଡିଏ ପିଓ
- ଗାଁ ଚାଷୀଙ୍କ ଉତ୍ପାଦିତ ହଳଦୀ ବିକ୍ରିକୁ ଗୁରୁତ୍ୱ



ଗ୍ରାମବାସୀଙ୍କ ସହ ଆନ୍ଧ୍ର ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ପଟ୍ଟାଙ୍ଗି, ୩।୫(ଡି.ଏନ୍.ଏ.)**

ଓଡ଼ିଶାର ସୀମାନ୍ତ ଗ୍ରାମରେ ପୁଣି ଆନ୍ଧ୍ର ରାଜ୍ୟର ଉଚ୍ଚ ପଦାଧିକାରୀଙ୍କ ଅନୁପ୍ରବେଶ। ସୋମବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପିଡ଼ିକା ରାଜନା ଦୋରା ଆସି ବିଭିନ୍ନ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା ଫେରିଥିଲେ। ବୁଧବାର ଆନ୍ଧ୍ର ପାର୍ବତୀପୁରମ୍ ଜିଲାର ଆଇଟିଡିଏ ପିଓ ସି.ବିଷ୍ଣୁ ଚରଣ ଏବଂ ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ଡାଇରେକ୍ଟର ୱାଇ ସତ୍ୟାମ୍ ନାଇଡୁ ଓ ଅନ୍ୟ ଅଧିକାରୀ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମ ଗସ୍ତରେ ଆସିଛନ୍ତି। ସେମାନେ ଫାଟୁସିନେରି ଗ୍ରାମରେ ପହଞ୍ଚି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କ ସହ ଆଲୋଚନାକରି ଗ୍ରାମର ଚାଷୀଙ୍କ ଦ୍ୱାରା ଉତ୍ପାଦିତ ହଳଦୀ ଦେଖିଥିଲେ। ଉକ୍ତ ହଳଦୀ କିପରି ଉଚିତ ମୂଲ୍ୟରେ ଆନ୍ଧ୍ର ବଜାରରେ ବିକ୍ରି ହୋଇପାରିବ ସେ ନେଇ ଗୁରୁତ୍ୱ ଦେଇଛନ୍ତି। ଏ ନେଇ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନାକରି ଚାଷୀ ଯେପରି ଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପାଇପାରିବେ ସେଥିପ୍ରତି ଧ୍ୟାନଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ଓଡ଼ିଶା ଉକ୍ତ ପଞ୍ଚାୟତ ସୀମାନ୍ତ ଗ୍ରାମ ଓ ପଞ୍ଚାୟତକୁ ଆନ୍ଧ୍ର ରାଜ୍ୟର ପଦାଧିକାରୀ ରାଜନେତା ବାରମ୍ବାର ଅନୁପ୍ରବେଶ କରୁଛନ୍ତି। କୋରାପୁଟ ଜିଲା ଓ ପଟ୍ଟାଙ୍ଗି ପ୍ରଶାସନର କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ପରିଲକ୍ଷିତ ହେଉଛି। ସୀମାନ୍ତ ଗ୍ରାମରେ ଉନ୍ନତୀକରଣ ଜାରି ରହିଥିବା ଦର୍ଶାଇ ଓଡ଼ିଶାର ପଦାଧିକାରୀମାନେ ରାଜ୍ୟ ସରକାରଙ୍କ ପାଖରେ ବାହାବା ନେଉଥିବା ବେଳେ ସେପଟେ ଆନ୍ଧ୍ରର ଉଚ୍ଚ ପଦାଧିକାରୀ ଅନୁପ୍ରବେଶକରି ନିଜ ଉପସ୍ଥିତ ଜାରି ରଖିଛନ୍ତି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।




# ଟ୍ରାକ୍ଟର ଓଲଟି ୩ ମୃତ, ୧୨ ଆହତ

**ଚିତ୍ରକୋଣ୍ଡା, ୩।୫(ଡି.ଏନ୍.ଏ.):** ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି। ମୃତାହତମାନେ ଚିତ୍ରକୋଣ୍ଡା ବ୍ଲକ ବଡପଦର ପଞ୍ଚାୟତ ପଡପଦର ଗ୍ରାମର ବୋଲି ଜଣାପଡିଛି। ପ୍ରକାଶ ଯେ, ପଡପଦର ଗ୍ରାମର ପ୍ରାୟ ୧୫ଜଣ ଏକ ଟ୍ରାକ୍ଟର ଯୋଗେ ସ୍ୱାଭିମାନ ଅଞ୍ଚଳ ଗାଜୁଲୁମାମୁଡି ପଞ୍ଚାୟତ ତଣ୍ଟାଗୁଡ଼ା ଗ୍ରାମସ୍ଥିତ ବନ୍ଧୁଙ୍କ ଘରେ ଚାଲିଥିବା ଭୋଜିରେ ଯୋଗଦେବାକୁ ଯାଇଥିଲେ। ଭୋଜି ଖାଇସାରି ସମସ୍ତେ ସନ୍ଧ୍ୟାରେ ଫେରୁଥିବା ବେଳେ ବଡ଼ପୁଟ ଘାଟି ପାଖରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ସମସ୍ତେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳକୁ ଯାଇ ସମସ୍ତଙ୍କୁ ଉଦ୍ଧାର କରି ଯାନବାଇ ମେଡିକାଲକୁ ନେଇଥିଲେ। ସେଠାରେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ୧୨ ଜଣ ଆହତଙ୍କର ଚିକିତ୍ସା ଚାଲିଛି। ଗୁରୁତରମାନଙ୍କୁ ଅନ୍ୟ ମେଡିକାଲ ସ୍ଥାନାନ୍ତର କରାଯାଉଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ପାପରମେଟେଲା ଥାନା ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

# ୩ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର, ୩।୫(ବ୍ୟୁରୋ):** ରାଜ୍ୟ ସରକାର ୩ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ସୁଧାଂଶୁ ଷଡ଼ଙ୍ଗୀ ଓ ଅରୁଣ କୁମାର ଷଡ଼ଙ୍ଗୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ମିଳିଥିବାବେଳେ କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ଯୋଗେଶ ବାହାଦୁର ଖୁରାନିଆଙ୍କୁ ଡିଜି ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ମିଳିଛି। ଏହି ପଦୋନ୍ନତି ସହ ଡିଜି ପାହ୍ୟାରେ ଏବେ ଡିଜିପି ସୁନୀଲ କୁମାର ବଂଶଲଙ୍କ ସମେତ ମୋଟ ୯ ଜଣ ବରିଷ୍ଠ ଆଇପିଏସ୍ ଅଫିସର ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ଅମ୍ରିତ ମୋହନ ପ୍ରସାଦ ଓ ବି.ରାଧିକା ଏବଂ ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ୱାଇ .ବି. ଖୁରାନିଆ ଏବେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ଅନ୍ୟ ୨ଜଣ ଡିଜି ପାହ୍ୟା ଅଫିସର ୧୯୮୮ ବ୍ୟାଚ୍‌ର ଅରୁଣ କୁମାର ରାୟ ଓ ୧୯୮୯ ବ୍ୟାଚ୍‌ର ଏସ୍.ଏମ୍. ନରୱଣେଙ୍କୁ ଗତ ସପ୍ତାହରେ ରାଜ୍ୟ ସରକାର ଗୃହ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତି ଦେଇଛନ୍ତି।

ସେହିପରି ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ୨୦୧୯ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ବାଲିଗୁଡ଼ା ଏସ୍‌ଡିପିଓ ରୋହିତ ବର୍ମାଙ୍କୁ କେସିଙ୍ଗା ଏସ୍‌ଡିପିଓ ଭାବେ ବଦଳି କରାଯାଇଥିବା ବେଳେ ୨୦୨୦ ବ୍ୟାଚ୍ ଆଇପିଏସ୍ ଅଫିସର ତଥା କେସିଙ୍ଗା ଏସ୍‌ଡିପିଓ ଯାସପ୍ରତାପ ଶ୍ରୀମାଲଙ୍କୁ ବାଲିଗୁଡ଼ା ଏସ୍‌ଡିପିଓ ଭାବେ ବଦଳି କରାଯାଇଛି।






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଂସାରି ଘରର ପାରା,
ତାକୁ କୁଲା ଢାଉଁ ଢାଉଁ ଡରା।**

ଯିଏ ବହୁ ଘାତ ପ୍ରତିଘାତ ଅତିକ୍ରମ କରି ଆସିଛି ସେ ସାମାନ୍ୟ ଡରାଣରେ ଭୟଭୀତ ବା ବିଚଳିତ ହୋଇ ନ ଥାଏ। ବଡ଼ ବିପଦ ସହିଥିବା ଲୋକ ପାଖରେ ସାମାନ୍ୟ ବିପଦର ମୂଲ୍ୟ ନ ଥାଏ। ଯିଏ ଜଟିଳ ପରିସ୍ଥିତି ଦେଇ ଗତିକରି ଜାଣେ ସେ ସାମାନ୍ୟ ଅସୁବିଧାକୁ ଭ୍ରୂକ୍ଷେପ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କହି ଦେଉଥାଏ ପରକୁ,
ବୁଦ୍ଧି ନ ଦିଶଇ ଘରକୁ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର। କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ’ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକେ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନ ଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସମୁଦ୍ରରେ ବୁଡ଼ି ବାପ, ପୁଅଙ୍କ ମୃତ୍ୟୁ

ପୁରୀ ଅଫିସ, ୩।୫

ପୁରୀ ସମୁଦ୍ରରେ ବୁଧବାର ଗାଧୋଉଥିବାବେଳେ ବୁଡ଼ିଯାଇ ବାପା ଓ ପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ପର୍ଯ୍ୟଟକ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ଜଣଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ପର୍ଯ୍ୟଟକ ଦ୍ୱୟ ହେଲେ ପଶ୍ଚିମବଙ୍ଗ ହାୱଡ଼ା ଜିଲାର ରଞ୍ଜନ ଦାସ (୪୦) ଏବଂ ତାଙ୍କ ପୁଅ ରିଶଭ ଦାସ (୧୬)। ସେହିପରି ଗୁରୁତର ଆହତ ହୋଇଥିବା ପର୍ଯ୍ୟଟକ ଜଣକ ହେଲେ ପଶ୍ଚିମବଙ୍ଗ ହାୱଡ଼ା ଜିଲା ଚାଟାର୍ଜୀ ହାଟ ଅଞ୍ଚଳର ସୁନିଲ ଶେଖର ମାହାତୋ (୨୦)। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର କେତେଜଣ ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ବୁଧବାର ମଧ୍ୟାହ୍ନ ସମୟରେ ୧୩ ନମ୍ବର ସେକ୍ଟର ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ରରେ ଗାଧୋଉଥିଲେ। ପ୍ରାୟ ୧୨ଟା ୩୦ରେ ଏକ ବଡ଼ ଲହଡ଼ି ମାଡ଼ି ଆସିଥିଲା, ଯେଉଁଥିରେ ୫ଜଣ ପର୍ଯ୍ୟଟକ ଗଭୀର ସମୁଦ୍ରକୁ ଭାସିଯାଇଥିଲେ। ତେବେ ସେଠାରେ ଥିବା ଲାଇଫ୍‌ଗାର୍ଡମାନେ ପ୍ରଥମେ ଦୁଇଜଣଙ୍କୁ ସୁରକ୍ଷିତ ଭାବେ ସମୁଦ୍ରରୁ ଉଦ୍ଧାର କରିଥିଲେ। ପରେ ଅନ୍ୟ ୩ ପର୍ଯ୍ୟଟକଙ୍କୁ ଗୁରତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ୩ଜଣଙ୍କୁ ପରୀକ୍ଷା କରି ଦୁଇଜଣଙ୍କୁ ମୃତ ଘୋଷଣା କରିବା ସହ ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୨୫/୨୩ ଏବଂ ୨୬/୨୩ରେ ଦୁଇଟି ପୃଥିକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ପ୍ରଶାସନ ପକ୍ଷରୁ ସଚେତନତା ସତ୍ତ୍ୱେ ଅନେକ ସମୟରେ ପର୍ଯ୍ୟଟକମାନେ କଟକଣା ନ ମାନି ସମୁଦ୍ର ସ୍ନାନ କରୁଥିବାରୁ ଏଭଳି ଅଘଟଣ ଘଟୁଛି।

# ସିଙ୍ଗାପୁର, ବ୍ୟାଙ୍କକ୍‌କୁ ଅଗ୍ରୀମ ଟିକେଟ ସେବା ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ






ଭୁବନେଶ୍ୱର,୩।୫(ବ୍ୟୁରୋ)

ଭୁବନେଶ୍ୱରରୁ ସିଙ୍ଗାପୁର ଓ ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକ୍ ସହରକୁ ସିଧାସଳଖ ବିମାନ ଚଳାଚଳର ଅଗ୍ରୀମ ଟିକେଟ ସେବା ଆରମ୍ଭ ହୋଇଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଇଣ୍ଡିଗୋ ପକ୍ଷରୁ ଏହି ବିମାନ ସେବା ଆସନ୍ତା ଜୁନ୍ ୩ରୁ ଆରମ୍ଭ ହେବ। ଯାତ୍ରୀଙ୍କୁ କମ ମୂଲ୍ୟରେ ଏହି ଅନ୍ତର୍ଜାତୀୟ ବିମାନ ସେବା ଯୋଗାଇବା ପାଇଁ ପ୍ରାରମ୍ଭିକ ଭାବରେ ଉଭୟ ସ୍ଥାନକୁ ଯିବା, ଆସିବା ପାଇଁ ଟିକେଟ ମୂଲ୍ୟ ୧୫ହଜାର ଟଙ୍କା ରଖାଯାଇଛି। ଏହି ସେବାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ରାଜ୍ୟର ପର୍ଯ୍ୟଟନ ବ୍ୟବସ୍ଥା, ଆଇଟି ଏବଂ ଆଇଟିଏସ୍ କ୍ଷେତ୍ର ସୁଦୃଢ଼ ହେବା ସହ ଯୁବପିଢ଼ୀଙ୍କ ପାଇଁ ରୋଜଗାରର ବାଟ ଫିଟିବ। ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ସୁବିଧାରେ ଯାତ୍ରା କରିବାକୁ ସହଜ ହେବ। ଗତ କିଛିବର୍ଷ ମଧ୍ୟରେ ଓଡିଶାରେ ବିମାନ ଚଳାଚଳରେ ବିପୁଳ ଅଭିବୃଦ୍ଧି ଘଟିଛି। ଯଦିଓ ଘରୋଇ ବିମାନ ସଂଯୋଗରେ ଏକ ଉଲ୍ଲେଖନୀୟ ଉନ୍ନତି ଘଟିଛି, ତଥାପି ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ଭୁବନେଶ୍ୱର ଏବଂ ବିଶ୍ୱ ସ୍ତରୀୟ ଗନ୍ତବ୍ୟସ୍ଥଳ ମଧ୍ୟରେ ସିଧାସଳଖ ଆନ୍ତର୍ଜାତୀୟ ବିମାନ ସଂଯୋଗ ସୁନିଶ୍ଚିତ କରିବାର ନୂଆ ଧାରା ଆରମ୍ଭ ହୋଇଛି। ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ଇଣ୍ଡିଗୋ ଏୟାରଲାଇନ୍ସକୁ ଧନ୍ୟବାଦ ଦେଇଛନ୍ତି।

### ଜୁନ୍ ୩ରୁ ସିଧାସଳଖ ଉଡ଼ିବ ବିମାନ

**■ ମେ’୧୫ରୁ ଦୁବାଇକୁ ବିମାନ ସେବା**

ପରିବହନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଅନ୍ତର୍ଜାତୀୟ ବିମାନ ସେବାକୁ ରାଜ୍ୟ ସରକାର ଅଗ୍ରାଧିକାର ଦେବା ସହ ଏ ନେଇ ୧୦୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବିଶ୍ୱ ଭ୍ରମଣର ସୁଯୋଗ ପାଇବେ ଓଡ଼ିଶାବାସୀ। ବିମାନ ସେବା ଯୋଗୁ ଜାତୀୟ ଜିଡିପି ତୁଳନାରେ ରାଜ୍ୟର ଜିଏସ୍‌ଡିପି କ୍ରମାଗତ ଦ୍ରୁତ ଗତିରେ ବଢ଼ିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ୫ଟି ସଚିବ ଭିକେ ପାଣ୍ଡିଆନ୍ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏହା ସହ ମେ ୧୫ରୁ ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ମଧ୍ୟ ଏହାର ଅଗ୍ରୀମ ଟିକେଟ ସେବା ଆରମ୍ଭ କରିଥିଲେ। ଗୋଟିଏ ପାର୍ଶ୍ୱ ଯାତ୍ରା ଲାଗି ଟିକେଟ ମୂଲ୍ୟ ୧୦ହଜାର ଟଙ୍କା ଓ ଯିବାଆସିବା ପାଇଁ ୨୦ହଜାର ଟଙ୍କା ରହିଛି।

### ଭୁବନେଶ୍ୱର-ସିଙ୍ଗାପୁର ପାଇଁ ବିମାନ ସେବା

ଭୁବନେଶ୍ୱରରୁ ପ୍ରତି ମଙ୍ଗଳବାର ସକାଳ ୬ଟା ୨୫ରୁ ଓ ଶନିବାର ସକାଳ ୪ଟା ୧୦ରୁ ଉଡ଼ାଣ ଭରିବ। ସେହିପରି ସିଙ୍ଗାପୁରରୁ ଏହି ୨ଦିନ ଯଥାକ୍ରମେ ଅପରାହ୍ନ ୨ଟା ୧୦ ଓ ସକାଳ ୪ଟା ୧୦ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ କରିବ।

### ଭୁବନେଶ୍ୱର-ବ୍ୟାଙ୍କକ୍ ପାଇଁ ବିମାନ ସେବା

ଭୁବନେଶ୍ୱରରୁ ପ୍ରତି ମଙ୍ଗଳବାର ଅପରାହ୍ନ ୪ଟା ୫୦ ଓ ଶନିବାର ରାତି ୨ଟା ୫୦ରେ ବ୍ୟାଙ୍କକ୍ ଅଭିମୁଖେ ବିମାନଟି ଯାତ୍ରାରମ୍ଭ କରିବ। ସେହିପରି ବ୍ୟାଙ୍କକ୍‌ରୁ ବୁଧବାର ସକାଳ ୫ଟା ୩୫ରୁ ଓ ରବିବାର ରାତି ୨ଟା ୫୦ରୁ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ ଭରିବ।

# ଫୁସ୍‌ଫୁସ୍ ରୋଗ ଚିହ୍ନିବ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ

ଭୁବନେଶ୍ୱର,୩।୫(ବ୍ୟୁରୋ)

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଫୁସ୍‌ଫୁସ୍ ସମ୍ବନ୍ଧୀୟ ବିଭିନ୍ନ ରୋଗ ଚିହ୍ନଟ କରିବ। ନିକଟରେ କିମ୍ସ-ଭୁବନେଶ୍ୱରର ଶିଶୁରୋଗ ବିଶେଷଜ୍ଞ ଡ. ନିର୍ମଳ କୁମାର ମହାକୁଡ଼ ଓ ଦେଶର ଅନ୍ୟ ପ୍ରମୁଖ ଅନୁଷ୍ଠାନର ବିଶେଷଜ୍ଞଙ୍କ ଦ୍ୱାରା ମିଳିତ ଗବେଷଣାରେ ଏହା ଦାବି କରାଯାଇଛି। ଏହି ଗବେଷଣାରେ ବାୟୋସାଇନ୍ସ ଓ ବାୟୋମେଡିକାଲ ଇଞ୍ଜିନିୟରିଂ ଆସୋସିଏଟ୍ ପ୍ରଫେସର ହେମଚନ୍ଦ୍ର ଝା, ଆଇଆଇଟି ଇନ୍ଦୋର ଗଣିତ ବିଭାଗର ଆସୋସିଏଟ୍ ପ୍ରଫେସର ଏମ୍. ତନବିର ଓ କୋଇମ୍ବାଟୁର ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ଡ. ସୁଚିତ୍ରା ପ୍ରମୁଖ ସାମିଲ ଅଛନ୍ତି। ନିକଟରେ ଏ ସମ୍ପର୍କରେ ଏକ ଜର୍ନାଲରେ ପ୍ରକାଶ ପାଇଥିବା ଖବର ଅନୁସାରେ ‘ଏଆଇ’ ଦ୍ୱାରା ଫୁସ୍‌ଫୁସ୍‌ର ସିଟି-ସ୍କାନ୍ ରିପୋର୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବାୟୋକେମିକାଲ ପାରାମିଟରଗୁଡିକୁ ଭଲଭାବେ ବିଶ୍ଳେଷଣ କରିହେବ। ଫଳରେ ଭବିଷ୍ୟତରେ ଫୁସଫୁସର ଅଂଶ ଉପରେ ଅଧିକ ଅଧ୍ୟୟନ କରାଯାଇପାରିବ। ୨୦୨୦ରୁ କିମ୍ସ କୋଭିଡ୍ ହସ୍ପିଟାଲକୁ ଆସିଥିବା କୋଭିଡ୍ ରୋଗୀଙ୍କ ସିଟି-ସ୍କାନ ରିପୋର୍ଟ ଅନୁଧ୍ୟାନ କରାଯାଇ ସେଥିରେ ଅଧିକାଂଶ ରୋଗୀଙ୍କ ଫୁସଫୁସ ବିଶେଷ ଭାବେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ତେବେ ‘ଏଆଇ’ର କାର୍ଯ୍ୟକାରିତା ଉପରେ ଅଧିକ ଗବେଷଣା ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ଇନ୍ଦୋର ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି ବୋଲି ଡ. ମହାକୁଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଂଖ୍ୟାସୂଚକ ଓ ଗଣନାମୂଳକ ଅନୁସନ୍ଧାନ ଉପରେ ଆଧାରିତ ଏହି ଅନୁସନ୍ଧାନ ଅନୁସାରେ କୋଭିଡ କାରଣରୁ ଫୁସ୍‌ଫୁସ୍‌ରେ ହୋଇଥିବା କ୍ଷତିର ଆକଳନ କରିହେବ। ଏହି ଅନୁସନ୍ଧାନରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ଅଧ୍ୟକ୍ଷ ଡ. ଅମ୍ବିକା ପ୍ରସାଦ ମହାନ୍ତିଙ୍କ ସମେତ ଡ. ଅମୃତ ମହାପାତ୍ର, ଡ. ପ୍ରୀତିନନ୍ଦା ପରି ଏବଂ ଉପାଧ୍ୟକ୍ଷ ପ୍ରଫେସର ଶୁଭ୍ରାଂଶୁ ପାତ୍ରଙ୍କ ଅବଦାନ ରହିଥିବାବେଳେ ଆଇଆଇଟି ଇନ୍ଦୋରର ଡ. ତନବିର ଓ କିଟ ସ୍କୁଲ ଅଫ୍ ବାୟୋଟେକ୍ନୋଲୋଜିର ନମ୍ରତା ମିଶ୍ର, କାର୍ତ୍ତିକ ମୁଦୁଲି, ବିକାଶ ସାହୁ, ସେଲଭ୍ କୁମାର ଏଲାଙ୍ଗୋଭାନ ପ୍ରମୁଖ ସହଯୋଗ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ବର୍ତ୍ତିଯାଇପାରେ ଓଡ଼ିଶା....

ପ୍ରସ୍ତୁତ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଅଫିସ ଓ ରାଜ୍ୟ ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ପ୍ରାୟ ୧୦୦୦ଟି ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ କରାଯାଉଛି। ସ୍କୁଲ ଓ ସୁରକ୍ଷିତ ଆଶ୍ରୟସ୍ଥଳକୁ ଚିହ୍ନଟ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ କହିଛନ୍ତି, ୧୭ଟି ଏନ୍‌ଡିଆର୍‌ଏଫ୍ ଓ ୨୦ଟି ଓଡ୍ରାଫ୍ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ପ୍ରଭାବିତ ହେବାକୁ ଥିବା ପଞ୍ଚାୟତ ନିମନ୍ତେ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବରେ ନିୟୋଜିତ କରାଯିବ। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀଗୁଡ଼ିକୁ ବିପଦସଙ୍କୁଳ ସ୍ଥାନଗୁଡ଼ିକରେ ଆଗୁଆ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଇଏମ୍‌ଡିର ଆଲର୍ଟ ମେସେଜ୍ ପଠାଇବାକୁ ବିଏସ୍‌ଏନ୍‌ଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୬ ତାରିଖଯାଏ ରାଜ୍ୟର ଅଧିକାଂଶ ଜିଲାରେ କାଳବୈଶାଖୀଜନିତ ବର୍ଷା ହେବା ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିବ। ତେବେ ୭ ତାରିଖରୁ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେବ। ପାରଦ ଉପରମୁହାଁ ହେବା ସହ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସକୁ ଟପିଯାଇପାରେ।

## ଅନୁକମ୍ପା ସହାୟତା ...

୬୦ ପ୍ରତିଶତରୁ ଅଧିକ ଅକ୍ଷମତା କ୍ଷେତ୍ରରେ ସହାୟତା ପରିମାଣ ୨ ଲକ୍ଷ ୫୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ସାମାନ୍ୟ ଆହତଙ୍କ କ୍ଷେତ୍ରରେ ପୂର୍ବରୁ ସହାୟତା ପରିମାଣ ୫ ହଜାର ଟଙ୍କା ଥିଲା। ବର୍ତ୍ତମାନ ଏକ ସପ୍ତାହରୁ ଅଧିକ ସମୟ ଧରି ଚିକିତ୍ସାର ଆବଶ୍ୟକତା ଥିଲେ, ସେ କ୍ଷେତ୍ରରେ ସରକାରୀ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସହିତ ୧୦ ହଜାର ଟଙ୍କା ସହାୟତା ଦିଆଯିବ। ଚିକିତ୍ସାର ସମୟ ଏକ ସପ୍ତାହରୁ କମ୍ ହେଲେ, ସରକାରୀ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସହିତ ୫ ହଜାର ଟଙ୍କା ସହାୟତା ଦିଆଯିବ।

ସେହିପରି ଗୋମହିଷାଦି ପ୍ରାଣୀଙ୍କ ମୃତ୍ୟୁ କ୍ଷେତ୍ରରେ ମଧ୍ୟ ସହାୟତା ରାଶି ବୃଦ୍ଧି ପାଇଛି। ଗାଈ ବା ମଇଁଷିଙ୍କ ମୃତ୍ୟୁ କ୍ଷେତ୍ରରେ ସହାୟତା ରାଶି ପରିମାଣ ୩୭,୫୦୦ ଟଙ୍କା ଏବଂ ବଳଦର ମୃତ୍ୟୁ କ୍ଷେତ୍ରରେ ସହାୟତା ୩୨,୦୦୦ ଟଙ୍କାକୁ ବୃଦ୍ଧି ପାଇଛି। ପୂର୍ବରୁ ଏହା ୫ ହଜାର ଟଙ୍କା ଥିଲା। ବାଛୁରୀ ମୃତ୍ୟୁ ପାଇଁ ସହାୟତା ପରିମାଣ ୨୫୦୦ ଟଙ୍କାରୁ ୫୦୦୦ ଟଙ୍କା, ଛେଳିମେଣ୍ଢାଙ୍କ ମୃତ୍ୟୁ କ୍ଷେତ୍ରରେ ୨୦୦୦ ଟଙ୍କାରୁ ୪୦୦୦ ଟଙ୍କା ଓ ମେଣ୍ଢାଛୁଆ ମୃତ୍ୟୁ କ୍ଷେତ୍ରରେ ୭୫୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି ପାଇଛି । ଫସଲ କ୍ଷୟକ୍ଷତି କ୍ଷେତ୍ରରେ ମଧ୍ୟ ସହାୟତା ପରିମାଣ ବଢ଼ିଛି। ଧାନ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଫସଲ କ୍ଷତିରେ ସହାୟତା ପରିମାଣ ଏକର ପିଛା ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧିପାଇଛି । ଅର୍ଥକରୀ ଫସଲ କ୍ଷତି କ୍ଷେତ୍ରରେ ସହାୟତା ପରିମାଣ ୧୨ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବଢ଼ିଛି। ସେହିପରି ଘରଗୁଡ଼ିକର ଆଂଶିକ କ୍ଷତି କ୍ଷେତ୍ରରେ ସହାୟତା ପରିମାଣ ୨୦୦୦ ଟଙ୍କାରୁ ୧୦,୦୦୦ ଟଙ୍କାକୁ ବୃଦ୍ଧି ପାଇଛି । ଘର ସମ୍ପୂର୍ଣ୍ଣ ଭାଙ୍ଗିଥିଲେ ବିଜୁ ପକ୍କାଘର କିମ୍ବା ସେହି ମୂଲ୍ୟର ଅର୍ଥ ସହିତ ଆହୁରି ୨୦ ହଜାର ଟଙ୍କା ସହାୟତା ଆକାରରେ ପ୍ରଦାନ କରାଯିବ। ପୂର୍ବରୁ ଏହି ସହାୟତା ପରିମାଣ ୧୦,୦୦୦ ଟଙ୍କା ଥିଲା । ରାଜ୍ୟରେ ବନ୍ୟପ୍ରାଣୀ ସହ ସଂଘର୍ଷ ଘଟି ପ୍ରତିବର୍ଷ ବହୁ ଲୋକ ମୃତାହତ ହେଉଛନ୍ତି। ଏଥିସହିତ ଘରଦ୍ୱାରା ଭାଙ୍ଗିବା ଓ ଫସଲ ନଷ୍ଟ ହେବା ସହିତ ଗୃହପାଳିତ ପ୍ରାଣୀମାନେ ମଧ୍ୟ ପ୍ରାଣ ହରାଉଛନ୍ତି। ଏହି କ୍ଷତିଗ୍ରସ୍ତ ଲୋକଙ୍କ ପରିବାର ପାଇଁ କେବଳ ଏକ ଅପୂରଣୀୟ କ୍ଷତି ନୁହେଁ, ବରଂ ସେମାନଙ୍କ ପ୍ରିୟଜନମାନଙ୍କୁ ହରାଇ ଗଭୀର ମାନସିକ ଚାପରେ ମଧ୍ୟ ରହିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସହାୟତା ରାଶି ବୃଦ୍ଧି କରିଛନ୍ତି।

## ଆଜିଠୁ ରାଷ୍ଟ୍ରପତିଙ୍କ ...

ଏକ ସ୍ୱତନ୍ତ୍ର ବିମାନ ଯୋଗେ ପଶ୍ଚିମବଙ୍ଗର କୋଲେଇକୁଣ୍ଡା ଏୟାରପୋର୍ଟରେ ୯ଟା ୧୫ରେ ଅବତରଣ କରିବେ। ସେଠାରୁ ୯ଟା ୨୫ରେ ପୁଣି ଏକ ଆଇଏଏଫ୍ ଏମ୍‌ଆଇ-୧୭ ହେଲିକପ୍ଟର ଯୋଗେ ଆସି ୧୦ଟା ୧୫ରେ ବାଦାମପାହାଡ଼ସ୍ଥିତ ଡିଘିଆବେଡ଼ା ହେଲିପ୍ୟାଡ୍‌ରେ ଓହ୍ଲାଇବେ। ୧୦ଟା୨୫ରେ ସ୍ୱତନ୍ତ୍ର କାର୍ ଯୋଗେ ଶାଶୁଘର ପାହାଡ଼ପୁର ଯିବେ। ଏହାପରେ ନିର୍ଦ୍ଧାରିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ।

ପ୍ରଥମ ପୃଷ୍ଠାରୁ...

## ସ୍ୱାଭାବିକ ହୋଇନାହିଁ ...

ସମୟରେ ପରିବାର ଚଳାଇବା କଷ୍ଟକର ଥିଲା। ଏବେ ମଧ୍ୟ ଠିକ୍ ଭାବେ ରୋଜଗାର ହୋଇପାରୁ ନାହିଁ। କଟକଣା ସମୟରେ ଖାଇବା ପାଇଁ କରିଥିବା ଋଣ ପରିଶୋଧ ନେଇ ଏବେ ଚିନ୍ତାରେ। ସନ୍ଧ୍ୟାରେ ଭଲ ବ୍ୟବସାୟ ହେଉଥିଲା। ଦୈନିକ ୪ଶହରୁ ୬ଶହ ଟଙ୍କା ରୋଜଗାର ହେଉଥିଲା। ଏବେ ସନ୍ଧ୍ୟା ହେଲେ ମନରେ ଭୟ ଆସୁଛି। ବ୍ୟବସାୟ ସ୍ୱାଭାବିକ ହେବା ପାଇଁ ସମୟ ଲାଗିବ ବୋଲି ବିଜୟ କହିଛନ୍ତି। ଜିଲାପାଳଙ୍କ ଅଫିସ୍ ନିକଟରେ ଚା’ ଜଳଖିଆ ଦୋକାନ କରିଥିବା ମନୋଜ ସାହୁ କହିଛନ୍ତି, କଟକଣା ସମୟର କ୍ଷତି ଭରଣା ହୋଇପାରିବ ନାହିଁ। ଲୋକମାନଙ୍କୁ ନେଇ ବ୍ୟବସାୟ ହୋଇଥାଏ । ବନ୍ଦ ହେବାରେ ବ୍ୟବସାୟ ଠପ୍ ହୋଇଯାଇଥିଲା । ପ୍ରତିଦିନ ଏକ ହଜାରରୁ ୧୨ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର ହେଉଥିଲା। ଏଥିରେ ପରିବାର ପ୍ରତିପୋଷଣ ହୋଇଥାଏ। କୋହଳ ହୋଇଥିଲେ ବି ବ୍ୟବସାୟ ଅନୁସାରେ ସମୟ ସ୍ଥିର ହୋଇ ନ ଥିଲା। କେବଳ ଆମ ବ୍ୟବସାୟ ନୁହେଁ, ସବୁ ପ୍ରକାର ବ୍ୟବସାୟ ଉପରେ ଆର୍ଥିକ ବୋଝ ପଡ଼ିଛି ବୋଲି ମନୋଜ କହିଛନ୍ତି।

କେବଳ ବ୍ୟବସାୟ ନୁହେଁ, ପିଲାଙ୍କ ପାଠପଢ଼ାରେ ମଧ୍ୟ ବାଧା ଉପୁଜିଥିଲା। ୱାର୍କ ଫ୍ରମ୍ ହୋମ କରୁଥିବା କର୍ମଚାରୀମାନେ ଜିଲା ଛାଡ଼ି ଅନ୍ୟ ଜିଲାକୁ ଚାଲିଯାଇଥିଲେ। ଜଣେ ଛାତ୍ରୀ କହିଛନ୍ତି, ସ୍କୁଲ କଲେଜ ବନ୍ଦ ରହିଥିଲା। ନେଟ୍‌ସେବା ମଧ୍ୟ ବନ୍ଦ କରି ଦିଆଯାଇଥିଲା। ୧୦ଦିନର ପାଠ୍ୟକ୍ରମ ପ୍ରଭାବିତ ହୋଇଥିଲା। କର୍ଫ୍ୟୁ ଲାଗିଥିବାରୁ କୋଚିଂ ସେଣ୍ଟର ମଧ୍ୟ ଯାଇହେଲା ନାହିଁ। ଏବେ ବିଗତ ଦିନଗୁଡିକର ପାଠ ଅଧିକ ଚାପ ପକାଉଛି ବୋଲି ସେ କହିଛନ୍ତି। ବ୍ୟବସାୟୀଙ୍କ କ୍ଷତି ସମ୍ପର୍କରେ ପଚରାଯିବାରୁ ସମ୍ବଲପୁର ସଦର ଉପଜିଲାପାଳ ପ୍ରଭାସ ଡନସନା କହିଛନ୍ତି, ଦଙ୍ଗାରେ ପୀଡ଼ିତ ଓ ପ୍ରଭାବିତମାନଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା କରାଯାଉଛି। ଏଥି ସକାଶେ ସର୍ଭେ ହୋଇସାରିଛି। ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ବ୍ୟବସ୍ଥା କରାଯାଇ ନାହିଁ ବୋଲି ସେ କହିଛନ୍ତି।

## ମାଳଦ୍ୱୀପରେ ଓଡ଼ିଆ ହୋଟେଲ...

ହୋଟେଲ୍ସ ଆଣ୍ଡ ରିସର୍ଟସ ଆରମ୍ଭ କଲେ। ଏକ ରିସର୍ଟ ମ୍ୟାନେଜମେଣ୍ଟ କମ୍ପାନୀ ଭାବେ ବଜାର ଅଭାବ ପୂରଣ କରିବା ଲାଗି ସେ ଭାରତ ମହାସାଗର ଅଞ୍ଚଳରେ ଏକ ଅନନ୍ୟ ଲଗ୍‌ଜୁରୀ ରିସର୍ଟ ବ୍ରାଣ୍ଡ ସୃଷ୍ଟି କଲେ। ସଲିଲ ୨୦୦୩ରୁ ଇଓଏନ୍ ରିସର୍ଟସ୍ ଗ୍ରୁପ୍‌ର ପ୍ରତିଷ୍ଠାତା ସହଯୋଗୀ, ନିର୍ଦ୍ଦେଶକ ଓ ମୁଖ୍ୟ ଅପରେଟିଂ ଅଫିସର ଥିଲେ। ଏହି ପଦବୀରେ ଥାଇ ସେ ମାଳଦ୍ୱୀପରେ ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ରିସର୍ଟସର ବିକାଶ ଓ ପରିଚାଳନା ସହ ସକ୍ରିୟ ଭାବେ ସମ୍ପୃକ୍ତ ହୋଇଥିଲେ। ସବୁ ରିସର୍ଟ୍‌ସରେ ଗୃହ ଅନୁଭୂତି ସୃଷ୍ଟି କରିବା ଗ୍ରୁପ୍‌ର ଅତିଥି ଅଭିଜ୍ଞତାର ଗୁରୁତ୍ୱପୂର୍ଣ୍ଣ ଧାରଣା ରହିଥିଲା। ବେଳାଭୂମିରେ ପ୍ରତି ଇଣ୍ଟେରିୟରକୁ ଅନନ୍ୟ ଡିଜାଇନ, ପ୍ରାକୃତିକ ସୂର୍ଯ୍ୟାଲୋକ ସହ ନିର୍ମାଣ କରାଯାଇଥିଲା, ଯେପରି ଅତିଥିମାନେ ସର୍ବାଧିକ ଆରାମ ଓ ସ୍ମରଣୀୟ ଅନୁଭୂତି ପାଇପାରିବେ।

କାନିଫୁଶି ଦ୍ୱୀପରେ ଆଟମୋସ୍ପିୟର ହୋଟେଲ୍ସ ଆଣ୍ଡ ରିସର୍ଟସ ଆରମ୍ଭ ହେବାର ୭ ବର୍ଷ ମଧ୍ୟରେ ୨୦୨୦ରେ ସଲିଳଙ୍କ ନେତୃତ୍ୱାଧୀନ ଗ୍ରୁପ୍ ସାଉଥ୍ ମାଲେ ଆଟୋଲ୍‌ରେ ଓଜନ ରିଜର୍ଭ ବୋଲିଫୁସି ସମେତ ୬ଟି ରିସର୍ଟ ଆରମ୍ଭ କରିଥିଲା। ୨୦୨୧ରେ ଆଉ ଦୁଇଟି ରିସର୍ଟ ଶୁଭାରମ୍ଭ ହୋଇଥିଲା। ମାଳଦ୍ୱୀପରେ ବ୍ୟବସାୟ କରିବା ଚାଲେଞ୍ଜ ହୋଇଆସିଥିବା ସତ୍ତ୍ୱେ ସଲିଲ ସବୁବେଳେ ସେଥିରୁ ଶିକ୍ଷାଲାଭ କରି ସେଗୁଡ଼ିକୁ ସାମର୍ଥ୍ୟରେ ବଦଳାଉଥିଲେ। ୨୦୦୪ର ସୁନାମି, ୨୦୦୮ର ମାନ୍ଦାବସ୍ଥା ଏବଂ କୋଭିଡ୍ ମହାମାରୀରେ ମାଳଦ୍ୱୀପ ଗୁରୁତର ପ୍ରଭାବିତ ହେବା ସତ୍ତ୍ୱେ ପର୍ଯ୍ୟଟନ କ୍ଷେତ୍ରରେ ଉଲ୍ଲେଖନୀୟ ସାମର୍ଥ୍ୟ ଦେଖାଇ ପୂର୍ବସ୍ଥିତିକୁ ଫେରିପାରିଥିବା ସଲିଲ କହିଛନ୍ତି। ୨୦୧୯ ପର୍ଯ୍ୟନ୍ତ ଆଟମୋସ୍ପିୟର ପାଇଁ ଋଷିଆ ସର୍ବାଧିକ ପର୍ଯ୍ୟଟକ ଯୋଗାଉଥିବାବେଳେ ନିକଟ ଅତୀତରେ ଭାରତ ଏହାର ସ୍ଥାନ ନେଇଛି। ଭାରତୀୟଙ୍କ ପାଇଁ ମାଳଦ୍ୱୀପ ସର୍ବାଧିକ ପସନ୍ଦ ପରିବାର ପର୍ଯ୍ୟଟନ କ୍ଷେତ୍ର। ସଲିଲଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର-୨୦୨୧ରେ ସମ୍ମାନିତ କରାଯାଇଛି, ଯାହାକି ମାଳଦ୍ୱୀପ ପର୍ଯ୍ୟଟନକୁ ଜଣେ ପ୍ରବାସୀ ଭାରତୀୟଙ୍କ ଅବଦାନ ଏବଂ ଭାରତ-ମାଳଦ୍ୱୀପ ସମ୍ପର୍କକୁ ମଜଭୁତ କରିବାର ସର୍ବୋଚ୍ଚ ସ୍ୱୀକୃତି।

## ୫ରେ ଓଡ଼ିଶା ଆସିବେ ...

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ୍‌ରେ ନୀତୀଶ ବିଭିନ୍ନ ଦଳର ପ୍ରମୁଖ ନେତାମାନଙ୍କୁ ନୂଆଦିଲ୍ଲୀଠାରେ ସାକ୍ଷାତ୍ କରିଥିଲେ। ଭାଜପା ବିରୋଧରେ ବିରୋଧୀମାନଙ୍କୁ ଏକାଠି କରିବା ପାଇଁ ସେ ବିଭିନ୍ନ ରାଜ୍ୟ ଗସ୍ତ କରିବେ ବୋଲି ସେ ସମୟରେ ଘୋଷଣା କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ନୀତୀଶ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ, ବାମପନ୍ଥୀ ନେତା ସୀତାରାମ ୟେଚୁରୀ ଏବଂ ଡି. ରାଜାଙ୍କୁ ସାକ୍ଷାତ କରିଛନ୍ତି। ଏହି କ୍ରମରେ ଏବେ ନୀତୀଶ ଓଡ଼ିଶା ଆସୁଥିବା ଚର୍ଚ୍ଚା ହେଉଛି।

ଗତ ମାର୍ଚ୍ଚ ମାସରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ଗସ୍ତରେ ଆସିଥିବାବେଳେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଏହି ଗସ୍ତକୁ ନେଇ ରାଜନୈତିକ ଉତ୍ସୁକତା ଦେଖାଦେଇଥିଲେ ମଧ୍ୟ ମମତା ଏହାକୁ ଏଡ଼େଇ ଦେଇଥିଲେ। ଗଣମାଧ୍ୟମକୁ ସେ କହିଥିଲେ ଯେ, ଆମ ଭିତରେ ବହୁ ପୁରୁଣା ସମ୍ପର୍କ ରହିଛି। ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା। କୌଣସି ପ୍ରକାର ରାଜନୈତିକ ଆଲୋଚନା ହୋଇନାହିଁ। ୨୦୨୨ ଡିସେମ୍ବରରେ ଓଡ଼ିଶାରେ ହୋଇଥିବା ପୁରୁଷ ହକି ବିଶ୍ୱକପ୍ ମ୍ୟାଚ ଦେଖିବା ପାଇଁ ନବୀନ ଉଭୟ ମମତା ଓ ନୀତୀଶଙ୍କୁ ନିମନ୍ତ୍ରଣ କରିଥିଲେ।

ବିଜେଡି ଭାଜପା ଓ କଂଗ୍ରେସଠାରୁ ସମଦୂରତା ରକ୍ଷା କରି ଆସିଛି। ତୃତୀୟ ସାମ୍ମୁଖ୍ୟ ଗଠନ ନେଇ ପୂର୍ବରୁ ହୋଇଥିବା ବିଭିନ୍ନ ବୈଠକରୁ ବିଜେଡି ନିଜକୁ ଦୂରେଇ ରଖିଛି। ତେବେ ବିଭିନ୍ନ ପ୍ରସଙ୍ଗରେ ବିଜେଡି କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କୁ ସମର୍ଥନ ଦେଇଆସୁଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ମମତାଙ୍କ ପରେ ନୀତୀଶ କୁମାରଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ସକାଳୁ ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା ବଢ଼ିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ସ୍ୱାର୍ଥସାଧନର ନୈରାଶ୍ୟତାର ଫଳ ସ୍ୱରୂପ ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି। ବ୍ୟବସାୟ, ପରିବହନ ତଥା ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ।

**ବୃଷ**: ସମସ୍ୟା ଆସିବାର ଜାଣି ମଧ୍ୟ ଅପ୍ରିୟସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି। ସଭାସମିତି, କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ଆର୍ଥିକ ସମସ୍ୟା କେତେକାଂଶରେ ପାରିବାରିକ ଆବଶ୍ୟକତାକୁ ଅଟକାଇଦେଇପାରେ। ବ୍ୟବସାୟ, ସାମ୍ବାଦିକତା, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ।

**ମିଥୁନ**: ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ, ଯାହାକି ନୂତନ ସମସ୍ୟାକୁ ଜନ୍ମ ଦେଇପାରେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି ଯାହାକି କାମକୁ ଆସିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**: ପ୍ରଶାସନିକ ଆଲୋଚନାରେ ଅଂଶଗ୍ରହଣ କରି ସଂଯମତା ଅବଲମ୍ବନ ନ କଲେ ସମସ୍ୟା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ସହ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ସିଂହ**: ଆଜିର କର୍ମକ୍ଷେତ୍ରରେ ମନକଥା ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। ସନ୍ଧ୍ୟା ସମୟରେ ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ। ଅଫିସ କାମରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ଦେଇ ସମାଲୋଚିତ ହୋଇପାରନ୍ତି।

**କନ୍ୟା**: ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଧ୍ୟୟନ, ଅଧ୍ୟାପନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଘରର ଆବଶ୍ୟକତାକୁ ନେଇ ଆଜି ଗୃହୋପକରଣ କ୍ରୟ କରିପାରନ୍ତି। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା**: ମାନସିକ ଅସ୍ଥିରତା ହେତୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହେବନାହିଁ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହାକି ଅନର୍ଥର କାରଣ ହୋଇପାରେ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ, ବିଭିନ୍ନ ଦିଗରୁ ଅର୍ଥ ପାଇପାରିବେ । କହିବି କହିବି ଚିନ୍ତା କଲେ ମଧ୍ୟ ବନ୍ଧୁଙ୍କ ମୁହଁ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରିପାରିବେ ନାହିଁ।

**ବିଛା**: ପ୍ରତ୍ୟେକ କାମ ସକାଶେ ଦୀର୍ଘ ସମୟର ପ୍ରତୀକ୍ଷା ମାନସିକ ଅଶାନ୍ତିର ମୂଳ କାରଣ ହେବ। ସମୟ ସ୍ରୋତରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ସହ ବୈରତା ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କିତ ଆଲୋଚନାରେ ଯୁକ୍ତିତର୍କ ପରେ ଯାଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ସମ୍ଭାବନା ରହିଛି।

**ଧନୁ**: ନିକଟ ସମ୍ପର୍କୀୟମାନଙ୍କ ସନ୍ଦେହାତ୍ମକ ବ୍ୟବହାର ମନରେ ଭାବାନ୍ତର ସୃଷ୍ଟି କରିବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ସାମାନ୍ୟ ବିଳମ୍ବ ଘଟିବ। ମାନସିକ ଚାପଗ୍ରସ୍ତ କାରଣରୁ ସାମାନ୍ୟ ଶାରୀରିକ କଷ୍ଟ ଅନୁଭବ କରିବେ। କଳ୍ପନା କରି ନ ଥିବା ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ମକର**: ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ଆଶା କରିପାରନ୍ତି। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ଆଶଙ୍କାକୁ ଏଡି ହେବନାହିଁ। ନିର୍ମାଣାଧୀନ କାମ ଶେଷ ହେବାରେ ଅନ୍ୟମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରିବେ।

**କୁମ୍ଭ**: ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନର ବଳ କମି ଯାଇପାରେ। ସକାଳ ସମୟଟି ପ୍ରାୟତଃ ଭଲ ରହିବ ଏବଂ ହାତକୁ ନେଇଥିବା କାମରେ କୌଣସି ଅସୁବିଧା ହେବନାହିଁ।

**ମୀନ**: ପରିସ୍ଥିତି ପ୍ରତି ସଜାଗ ରହି କାମ କରିଚାଲିଲେ ପ୍ରତିବନ୍ଧକ ବେଶି ସମୟ ଅଟକାଇ ପାରିବ ନାହିଁ। ଦୃଢ଼ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ମାଲିମକଦ୍ଦମାରେ ସଫଳତା ହାସଲ କରିବେ ଓ ଏକ ପ୍ରକାର ଆଶ୍ୱସ୍ତି ଲଭିବେ। ଆଲୋଚନା ପ୍ରସଙ୍ଗରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ ଏବଂ ଏହାକୁ ଗୁରୁତର ସହ ବିଚାର କରିବା ଭଲ ହେବ।

ଆଜି ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ନୃସିଂହ ଚତୁର୍ଦ୍ଦଶୀ ଗୁରୁବାର, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ମେ ୪ ତାରିଖ, ଦିବା ଘ.୦୯।୨୯ ପର୍ଯ୍ୟନ୍ତ ଚିତ୍ରା/କନ୍ୟା ତଦନ୍ତେ ତୁଳାଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ.୦୫।୨୦ ଗତେ ଘ.୦୭।୦୨ ମଧ୍ୟେ, ଘ.୧୦।୨୬ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ୦୧।୧୯ ଗତେ ଘ.୦୨।୫୫ ମଧ୍ୟେ ରାହୁକାଳ।

“ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ । –ଶ୍ରୀଅରବିନ୍ଦ





# ଇଏସ୍‌ଜି ରେଟିଂର ଆବଶ୍ୟକତା

ହାଜେଲ ଇଲାଙ୍ଗୋ

ମୋର୍ଗାନ ଷ୍ଟାନ୍‌ଲେ କ୍ୟାପିଟାଲ ଇଣ୍ଟରନ୍ୟାଶନାଲ ବା ଏମ୍‌ଏସ୍‌ସିଆଇ ଏକ ଫାର୍ମ ଯାହା ନିବେଶ ତଥ୍ୟ ଏବଂ ଆନାଲିଟିକ ସର୍ଭିସ ନିବେଶକଙ୍କୁ ଯୋଗାଇଦିଏ । ଏହା ପରିବେଶ, ସାମାଜିକ ଓ ଶାସନ ରେଟିଂ(ଇଏସ୍‌ଜି ରେଟିଂ)ର ସବୁଠୁ ପ୍ରଭାବଶାଳୀ ନିୟନ୍ତ୍ରକ। ଇଏସ୍‌ଜି ରେଟିଂ ଏକ କମ୍ପାନୀର ପରିବେଶ, ସାମାଜିକ ଏବଂ ଶାସନ ସମ୍ପର୍କିତ ପ୍ରତିବଦ୍ଧତା ଓ ସେସବୁର ସକ୍ରିୟ ସଞ୍ଚାଳନ ଉପରେ ଆକଳନ କରିଥାଏ। ଏମ୍‌ଏସ୍‌ସିଆଇ ଏକାବେଳକେ ହଠାତ୍ ୩୧,୦୦୦ ନିବେଶ ପାଣ୍ଠିର ଇଏସ୍‌ଜି ରେଟିଂକୁ ହ୍ରାସ କରିବାକୁ ଯାଉଛି। ଏମ୍‌ଏସ୍‌ସିଆଇ ତାହାର ନିୟମ ଆଧାରିତ କାର୍ଯ୍ୟପ୍ରଣାଳୀ ବା ମେଥଡଲୋଜି ନବୀକରଣ କରିବା ଏବଂ ଏଏ ରେଟିଂ ବା ହାଇ କ୍ରେଡିଟ୍‌କ୍ୱାଲିଟି ଏବଂ ନ୍ୟୂନତମ ଡିଫଲ୍ଟ ରିସ୍କ ପାଇଁ ଉନ୍ନତ ମାନକ ହାସଲ କରିବାକୁ ପାଣ୍ଠିର ଆବଶ୍ୟକତା ହେବା ପରେ ଏଭଳି ଉଲ୍ଲେଖନୀୟ ପଦକ୍ଷେପ ନେଇଛି। ଏଭଳି ଏକ ପ୍ରଭାବଶାଳୀ ପଦକ୍ଷେପର ବିତ୍ତୀୟ ମାର୍କେଟ ଉପରେ ଦୀର୍ଘମିଆଦୀ ପ୍ରଭାବକୁ ନିୟାମକଗୁଡ଼ିକ ଦ୍ୱାରା ପୂର୍ବରୁ ସାବଧାନତାର ସହ ଯାଞ୍ଚ କରିବ ବୋଲି ଆଶା କରାଯାଏ । ଅପରପକ୍ଷେ ଇଏସ୍‌ଜି ରେଟିଂ ପ୍ରୋଭାଇଡର(ଇଆର୍‌ପିଏସ୍)ଗୁଡ଼ିକ ନିୟାମକ ରାଡାର ଅଧୀନରେ ଅଧିକ କାମ କରୁଛନ୍ତି। ନିବେଶଭିତ୍ତିକ ନିଷ୍ପତ୍ତିକୁ ମାର୍ଗଦର୍ଶନ କରିବା ପାଇଁ ଇଏସ୍‌ଜି ରେଟିଂ ପ୍ରମୁଖ ଭୂମିକା ନେଇଥାନ୍ତି। କିନ୍ତୁ ଏମ୍‌ଏସ୍‌ସିଆଇ ଦ୍ୱାରା କରାଯାଇଥିବା ଇଏସ୍‌ଜି ରେଟିଂର ହ୍ରାସ ସୂଚନା ଦେଉଛି ଯେ, ସେମାନେ ଏବେ ଅତ୍ୟଧିକ ପ୍ରଭାବିତ ହୋଇଛନ୍ତି ଏବଂ ବହୁ ସମୟରେ ବ୍ୟୟ ବହୁଳ ହୋଇଯାଉଛି। ଅବଶ୍ୟ ବ୍ଲୁମ୍‌ବର୍ଗ ବିଜ୍‌ନେସ୍‌ୱିକ ଆନାଲିସିସ୍‌ର ୨୦୨୧ର ସମୀକ୍ଷାରେ ସାମିଲ ହୋଇଥିବା ଅଧିକାଂଶ କମ୍ପାନୀକୁ ଏମ୍‌ଏସ୍‌ସିଆଇ ଦ୍ୱାରା ଉନ୍ନତ ସ୍ତରକୁ କରାଯାଇଥିଲା। ଏମ୍‌ଏସ୍‌ସିଆଇର କାର୍ଯ୍ୟପ୍ରଣାଳୀରେ ପରିବର୍ତ୍ତନ ଯୋଗୁ ଏହା ସମ୍ଭବ ହୋଇଥିଲା। ଏହାର ଠିକ୍ ୨ ବର୍ଷ ପରେ,ଏକ ନୂଆ ପର୍ଯ୍ୟାୟ ପରିବର୍ତ୍ତନ ଯୋଗୁ ଇଏସ୍‌ଜି ରେଟିଂର ଅତ୍ୟଧିକ ସମ୍ଭବ ହେଉଛି ଏବଂ ଏହାର ଭବିଷ୍ୟତର ଆଶା ଉପରେ ଅଧିକ ଅନିଶ୍ଚିତତା ଆଣୁଛି। ଏହି ସମସ୍ୟା ଏମ୍‌ଏସ୍‌ସିଆଇ ପାଇଁ ନିଆରା। ଇଏସ୍‌ଜି ରେଟିଂ ପ୍ରୋଭାଇଡରଗୁଡ଼ିକ ମୂଲ୍ୟାୟନ ଜନିତ ବିପଦର ବା ପ୍ରଭାବ ସମାଧାନ କରିବା ସମ୍ପୂର୍ଣ୍ଣ ଅସଙ୍ଗତ ବୋଲି ଇନଷ୍ଟିଚ୍ୟୁଟ ଫର୍ ଏନର୍ଜି ଇକୋନୋମିକ୍ସ ଆଣ୍ଡ୍ ଫାଇନାନ୍ସିଆଲ ଆନାଲିସିସ୍ (ଆଇଇଇଏଫ୍‌ଏ) ରିପୋର୍ଟରୁ ଜଣାପଡ଼ିଛି। ଭାଗୀଦାରି ମାନକଗୁଡ଼ିକର ଓ ସ୍ୱଚ୍ଛ କାର୍ଯ୍ୟପଦ୍ଧତିସବୁର ଅଭାବ ଯୋଗୁ ଷ୍ଟକ୍ ଏବଂ ବଣ୍ଡଗୁଡ଼ିକର ଭୁଲ୍ ମୂଲ୍ୟ ନିର୍ଦ୍ଧାରଣ ହେଉଛି ଏବଂ ନିବେଶ ନିୟାମକମାନଙ୍କ ଦ୍ୱାରା କରାଯାଉଥିବା ପ୍ରଭାବୀ ନୀତି ନିର୍ଦ୍ଧାରଣକୁ ଦୁର୍ବଳ କରୁଛି।



ଠିକ୍ ଏବଂ ଆକଳନଯୋଗ୍ୟ ଏକ ସ୍ଥାୟୀ ଏବଂ ବିଶ୍ୱସନୀୟ ଇଏସ୍‌ଜି ରେଟିଂ ବ୍ୟବସ୍ଥା ପ୍ରତିଷ୍ଠା କରିବା ଲାଗି ତୁରନ୍ତ ନିୟାମକ ବା ଆଇନଗତ ହସ୍ତକ୍ଷେପ ଲୋଡ଼ା। ପ୍ରଥମ ପଦକ୍ଷେପରେ ନିଶ୍ଚିତ କରିବାକୁ ହେବ ଯେ, ସମସ୍ତ ଇଆର୍‌ପିଏସ୍ ଦ୍ୱାରା ବ୍ୟବହାର କରାଯାଉଥିବା ନିୟମ ଆଧାରିତ କାର୍ଯ୍ୟପ୍ରଣାଳୀସବୁ ସ୍ୱଚ୍ଛ ଓ ଆରମ୍ଭରୁ ସେଗୁଡ଼ିକୁ ସ୍ୱାଧୀନ ଭାବେ ଯାଞ୍ଚ କରାଯାଇଛି। ଯେଉଁ ରେଟିଂଗୁଡ଼ିକୁ ନିର୍ଦ୍ଧାରଣ କରିବାକୁ ଅଛି ସେଗୁଡ଼ିକୁ ସାହାଯ୍ୟ କରିବା ଏବଂ ସେଗୁଡ଼ିକର ମାନଦଣ୍ଡର ବୈଧତାକୁ ସହଯୋଗ କରିବା ପାଇଁ ଠୋସ୍ ତଥା ବ୍ୟବସ୍ଥିତ ତଥ୍ୟ ଯୋଗାଇଦେବାକୁ ନିୟାମକଗୁଡ଼ିକ ଲାଗି ଇଆର୍‌ପିଏସ୍ ଜରୁରୀ। ତେବେ ଏକ ଇଆର୍‌ପିଏସ୍‌ର ମେଥଡଲୋଜିରେ କିମ୍ବା ଆଭ୍ୟନ୍ତରୀଣ ଗାଇଡଲାଇନରେ ଯେ କୌଣସି ପରିବର୍ତ୍ତନକୁ ସ୍ୱାଧୀନ ଭାବେ ଆକଳନ କରାଯିବା ସହ ନିଶ୍ଚିତ କରାଯିବା ଉଚିତ। ବ୍ୟାପକ ରେଟିଂ ସମାୟୋଜନ କରିବା ଲାଗି ମେଥଡଲୋଜି କିମ୍ବା ମାନଦଣ୍ଡରେ ଯଦି କିଛି ପରିବର୍ତ୍ତନ କରାଯାଏ ତେବେ ନିୟାମକଗୁଡ଼ିକୁ ଏହାର ମୂଲ୍ୟାଙ୍କନ କରିବା ସହ ସ୍ୱୀକୃତି ଦେବା ଲାଗି ପଦକ୍ଷେପ ନେବା ଦରକାର।

ଏମ୍‌ଏସ୍‌ସିଆଇର ଇଏସ୍‌ଜି ଫଣ୍ଡ୍ ରେଟିଂଗୁଡ଼ିକ ପ୍ରାୟତଃ ଅନିୟମିତ ଆକଳନ ଉପରେ ଆଧାରିତ। ଏହା ଇଏସ୍‌ଜିକୁ ପ୍ରଭାବିତ କରୁଥିବା ସ୍ଥିତିକୁ ଦେଖି କେବଳ କମ୍ପାନୀର ବିତ୍ତୀୟ ବିପଦକୁ ଅନୁଧ୍ୟାନ କରିଥାଏ। ଏହି ପଦକ୍ଷେପ କମ୍ପାନୀର ପରିବେଶ ଓ ସମାଜ ଉପରେ କ'ଣ ପ୍ରଭାବ ରହିଛି ତାହା କରି ନ ଥାଏ। ଫଳରେ କମ୍ପାନୀ ପାଇଁ ଏହା ବିପଦ ହୋଇଯାଏ। କେତୋଟି ଇଆର୍‌ପିଏସ୍ ପ୍ରକାଶ କରନ୍ତି ଯେ, ସେମାନଙ୍କ ରେଟିଂ ବ୍ୟାପକ ପ୍ରଭାବ ପାଇଁ ଉତ୍ତରଦାୟୀ ରହେ। ତେବେ ସେମାନଙ୍କ କାର୍ଯ୍ୟପ୍ରଣାଳୀରେ ଏଭଳି ଦାବିକୁ ଯାଞ୍ଚ କରିବା କଷ୍ଟକର। ପରିବେଶ ଓ ସମାଜ ଉପରେ ଜୀବାଶ୍ମ ଇନ୍ଧନ ସହ ଜଡ଼ିତ ଥିବା କମ୍ପାନୀର କ'ଣ ପ୍ରଭାବ ରହିଛି, ତାହାକୁ ଅଣଦେଖା କରି କେବଳ ବିତ୍ତୀୟ ବିପଦକୁ ଆକଳନ କରିବା ଫଣ୍ଡଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ହେବ ନାହିଁ। ଆଇଇଇଏଫ୍‌ଏର ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଜୀବାଶ୍ମ ଇନ୍ଧନ ସହ ଜଡ଼ିତ ୮୫%ରୁ ଊର୍ଦ୍ଧ୍ୱ ନିବେଶ ପାଣ୍ଠିଗୁଡ଼ିକ ଉପରେ ଏମ୍‌ଏସ୍‌ସିଆଇ ଉଚ୍ଚସ୍ତରର ଇଏସ୍‌ଜି ରେଟିଂକୁ ଅନୁମତି ଦେଇଛି। ହେଲେ ଏହି ସବୁ ରେଟିଂ ଅତ୍ୟଧିକ ବିପଥଗାମୀ ହୋଇଛି, କାରଣ ସେମାନେ ଫାର୍ମଗୁଡ଼ିକ ସୃଷ୍ଟି କରୁଥିବା ବିପଦକୁ ଅଣଦେଖା କରୁଛନ୍ତି। ଏପରିକି ସେମାନଙ୍କ ଦ୍ୱାରା ସୃଷ୍ଟି ହେଉଥିବା କିଛି ସକାରାତ୍ମକ ପ୍ରଭାବକୁ ବି ବିଚାରକୁ ନେଉନାହାନ୍ତି

ଜୀବାଶ୍ମ ଇନ୍ଧନ (ଫସିଲ ଫୁଏଲ) ଉପରେ ନିର୍ଭରଶୀଳତା ନିବେଶକମାନଙ୍କୁ ଜଳବାୟୁ ଜନିତ ବିପଦରେ ପକାଏ। ଯଦି ଏହାକୁ ଠିକ୍ ଭାବେ ଆକଳନ କରା ନ ଯାଏ ,ତେବେ ସୁଯୋଗ ନଷ୍ଟ ହୋଇ ବ୍ୟାପକ କ୍ଷତି ହେବା ସମ୍ଭାବନା ଅଛି। ଶେଷରେ ଉଚ୍ଚ ଇଏସ୍‌ଜି ରେଟିଂ ଫାର୍ମଗୁଡ଼ିକୁ ସେମାନଙ୍କ ପୂର୍ବ ସ୍ଥିତି ତୁଳନାରେ ଅଧିକ ସବୁଜ କରିବ। ଏହା ମଧ୍ୟ ଆଗୁଆ ନିବେଶକମାନଙ୍କୁ ପରିବେଶଗତ କାର୍ଯ୍ୟକଳାପରେ ଦୁର୍ବଳ ଥିବା ଫାର୍ମଗୁଡ଼ିକୁ ସେମାନଙ୍କ ଲକ୍ଷ୍ୟ ପୂରଣ କରିବା ଉପରେ ଗୁରୁତ୍ୱ ଦେବ। ଇଆର୍‌ପିଏସ୍ ପରିବେଶ ଓ ସମାଜ ଭଳି ଦୁଇଟି ଦୃଷ୍ଟିକୋଣକୁ ଗ୍ରହଣ କରିବା ଉପରେ ବିଚାରକଲେ ଏହା ସମାଜ ଓ ପୃଥିବୀ ଉପରେ ଏକ ଫାର୍ମର ପ୍ରଭାବକୁ ପ୍ରକାଶ କରିବ। କେବଳ ଏଭଳି ଦୃଷ୍ଟିକୋଣ ସହ କଠୋର ନିୟାମକ ଦାୟିତ୍ୱବୋଧ ଇଏସ୍‌ଜି ରେଟିଂ କମ୍ପାନୀର ତ୍ରୁଟିପୂର୍ଣ୍ଣ ପରିବେଶଗତ କାର୍ଯ୍ୟ ଦୂରକରିବା ସହ ବାସ୍ତବରେ ପରିବେଶ ଉପଯୋଗୀ ନିବେଶକୁ ଉତ୍ସାହିତ କରିବ।

ସମସ୍ୟାର ଗମ୍ଭୀରତାକୁ ଅଣଦେଖା କରିବା ଉଚିତ ନୁହେଁ। ନଚେତ୍ ଇଏସ୍‌ଜି ରେଟିଂ ପୁଞ୍ଜିବଜାରରେ ଆବଣ୍ଟିତ ଟ୍ରିଲିୟନ ଡଲାରକୁ ପ୍ରଭାବିତ କରିବ। ଏକପାଖିଆ ଭାବେ ଗଢ଼ାଯାଇଥିବା ନିୟମ ଓ ଅପରଦର୍ଶୀ କାର୍ଯ୍ୟପଦ୍ଧତି ଏବଂ ସଂଗହୀତ ଗଭୀର ପକ୍ଷପାତ ସମ୍ବଳିତ ତଥ୍ୟ ଉପରେ ଆଧାରିତ ତ୍ରୁଟିପୂର୍ଣ୍ଣ ରେଟିଂସବୁ ବିପର୍ଯ୍ୟୟର କାରଣ ହୋଇପାରେ। ଏପରିକି ୨୦୦୮ ବୈଶ୍ୱିକ ବିତ୍ତୀୟ ସଙ୍କଟର ତ୍ରୁଟିଯୁକ୍ତ ରେଟିଂର ଭୟଙ୍କର ପରିଣାମଠାରୁ ଅଧିକ ହୋଇପାରେ । ଏଣୁ ଇଏସ୍‌ଜି ରେଟିଂ ଇଣ୍ଡଷ୍ଟ୍ରୀର ଉତ୍ତମ ସଞ୍ଚାଳନ ଜରୁରୀ। ଆଗାମୀ ଦିନରେ ବିତ୍ତୀୟ ସଙ୍କଟ ଦୂର କରିବା ସହ ପରିବେଶ କ୍ଷେତ୍ରରେ ବାସ୍ତବ ପ୍ରଗତି ଯୋଗାଇଦେବା ପାଇଁ ଏହାର ଆବଶ୍ୟକତା ଅଧିକ। ଭଲ ଖବର ହେଉଛି, ୟୁନାଇଟେଡ୍ କିଙ୍ଗଡମ (ୟୁକେ)ର ଫାଇନାନ୍ସିଆଲ କଣ୍ଡକ୍ଟ ଅଥରିଟି, ଭାରତର ଦି ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ, ୟୁରୋପିଆନ କମିଶନ ଏବଂ ଜାପାନର ଫାଇନାନ୍ସିଆଲ ସର୍ଭିସ ଏଜେନ୍ସି ଇଏସ୍‌ଜି ରେଟିଂ ଉପରେ କଠୋର ମାନଦଣ୍ଡ ପାଇଁ ଉପାୟ ବାହାର କରିସାରିଲେଣି। ନିବେଶକ ଓ ପୃଥିବୀର ଲାଭ ପାଇଁ ଅନ୍ୟ ମାର୍କେଟ ନିୟାମକ ବା ସଞ୍ଚାଳକମାନେ ଏହି ପଥ ଅନୁସରଣ କରିବା ଭଲ ହେବ।

**ଏନର୍ଜି ଫାଇନାନ୍ସ ଆନାଲିଷ୍ଟ,**
**ଇନ୍‌ଷ୍ଟିଚ୍ୟୁଟ ଫର୍ ଏନର୍ଜି ଇକୋନୋମିକ୍ସ ଆଣ୍ଡ୍ ଫାଇନାନ୍ସିଆଲ ଆନାଲିସିସ**

## ସହାସ୍ୟ ଜୀବନ



ଇଂ. ସଚ୍ଚିଦାନନ୍ଦ ନନ୍ଦ

ବିରସ ବଦନ ରହିବା ବା ଦେଖିବାକୁ କେହି ପ୍ରାୟ ଭଲ ପାଆନ୍ତି ନାହିଁ। ମାତୃଗର୍ଭରୁ ଯିଏ ଯେତିକି ସୁନ୍ଦର ହୋଇ ଜନ୍ମ ହୋଇଛି ତା' ସୌନ୍ଦର୍ଯ୍ୟ କିଛି ମାତ୍ରାରେ ବଢ଼ି ଯାଏ ସହାସ୍ୟ ଜୀବନଯାପନ କଲେ। ନିଜ ଦର୍ପଣ ନିଜ ଚେହେରାକୁ ପ୍ରଶଂସାପତ୍ର ଦେବା ସଙ୍ଗେ ସଙ୍ଗେ ସାଥୀ, ବନ୍ଧୁବାନ୍ଧବମାନେ ମଧ୍ୟ ବିନା କାରଣରେ ଖୁସି ହୁଅନ୍ତି ଗୋଟିଏ ସରସ ବଦନ ବ୍ୟକ୍ତିଙ୍କୁ ଦେଖିଲେ। ପ୍ରକୃତରେ ମଣିଷ ଖୁସି ରହିବା ହିଁ ତା ଜନ୍ମର ଧର୍ମ। ଛୋଟ ପିଲା ହୋଇ ସମସ୍ତେ ଜନ୍ମ ଲାଭ କରିଥାନ୍ତି ଏବଂ ସେହିଦିନଠାରୁ ସେ ଖୁସିରେ ହିଁ ତା'ର ଦିନ ଅତିବାହିତ କରେ। ଯଦି ସେ କାନ୍ଦେ, ଯାହା ତା'ପାଇଁ ସ୍ୱାଭାବିକ ନୁହେଁ, ସମସ୍ତେ ବ୍ୟସ୍ତ ହୋଇ ଖୋଜି ବସନ୍ତି ତାହାର କାରଣ। ପିଲାକୁ ଭୋକ ହେଲାଣି ବା ପରିସ୍ରା କରି ଦେଇଥିବ ବା ଶଯ୍ୟାରେ କିଛି ବାହ୍ୟ ପଦାର୍ଥ ତା' ଦେହକୁ କଷ୍ଟ ଦେଉଥିବ ଇତ୍ୟାଦି ଇତ୍ୟାଦି। କହିବାର ତାତ୍ପର୍ଯ୍ୟ ହେଉଛି କିଛି ଗୋଟିଏ ଅସ୍ୱାଭାବିକ ପରିସ୍ଥିତି ନ ପଡ଼ିଲେ ପିଲା ତା' ସ୍ୱଭାବବଶତଃ ଖୁସିରେ ଦୋଳାରେ ଖେଳିବା କଥା। କିଛି ଗୋଟିଏ ଅଘଟଣ ନ ଘଟିଲେ କାହିଁକି ବା କାନ୍ଦନ୍ତା? ସେଇ ପିଲା ବଡ଼ ହୋଇ ଆମ୍ଭମାନଙ୍କ ପରି ହୋଇଛି। ଆମର ମଧ୍ୟ ସ୍ୱଭାବ ହେଉଛି ଖୁସିରେ ରହିବା। ଦୁଃଖିତ ହେବା ପଛରେ କିଛି ଗୋଟିଏ ଅସ୍ୱାଭାବିକ ଘଟଣା ଥିବ ନିଶ୍ଚିତ।

ସହାସ୍ୟ ବଦନ ଓ ସରସ ଜୀବନ ଏକ ମାନସିକତା। ଜଣେ ଇଚ୍ଛା କଲେ, ମନ କଲେ, ଯେ କୌଣସି ପରିସ୍ଥିତିରେ ବି ଖୁସି ରହିପାରିବ। ପ୍ରତିକୂଳ ପରିସ୍ଥିତିରେ ବି ତାହାର ସ୍ୱଭାବ ଛାଡ଼ିବ ନାହିଁ। ଦୁଃଖ କଲେ କ'ଣ ହୋଇଯିବ, କିଏ ଆଣି ଦେଇଯିବ, ଲୋକେ ସହାନୁଭୂତିମୂଳକ କଥା କହିବେ ସିନା ଦୁଃଖୀର ଦୁଃଖ କେତେ ପରିମାଣରେ ଲାଘବ ହେବ? ହେବ କେବଳ ନିଜ ମାନସିକତା ଦ୍ୱାରା। ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧ୍ୟାତ୍ମିକତା। ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନ ପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେ ହେଲେ ଦେଖାଯାଇନାହିଁ। ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି। ତାହାକୁ ପାଇବା ଓ ପାଳିବାକୁ ପଡ଼ିବ। ଟିକିଏ ହସ ସମସ୍ତଙ୍କ ପାଇଁ ମୂଲ୍ୟବାନ। ଭାରତୀୟମାନଙ୍କ ରକ୍ତରେ ଆଧ୍ୟାତ୍ମିକତା ପ୍ରବାହିତ, ଭାରତୀୟମାନେ ପାନ କରୁଥିବା ଜଳରେ ଆଧ୍ୟାତ୍ମିକତା, ତାଙ୍କ ଶ୍ୱାସ ପ୍ରଶ୍ୱାସର ବାୟୁରେ ଆଧ୍ୟାତ୍ମିକତା, ତାଙ୍କ ଭାତ ପଖାଳରେ ଆଧ୍ୟାତ୍ମିକତା, ସେମାନଙ୍କ ମାତାପିତା ଠାକୁର ଠାକୁରାଣୀ, ସହୋଦର ସହୋଦରା ଠାକୁରଙ୍କ ପ୍ରତିରୂପ। ସେମାନଙ୍କ ବାସଗୃହ ଭଗବାନଙ୍କ ନିଳୟ। ସେଥିପାଇଁ ହସିବା ତାଙ୍କ ପାଇଁ ସହଜାତ ଓ ସହଜ। ଆଧ୍ୟାତ୍ମିକତାର ଯଦି କିଛି ମୂଲ୍ୟ ଥାଏ ହସର ମୂଲ୍ୟ ମଧ୍ୟ ସେତିକି। କାରଣ ଆଧ୍ୟାତ୍ମିକ ସାଧନା ସେତିକି ଗଭୀରତର ହେଲେ ଯାଇ ଜଣେ ମଧୁର ହସ ହସିପାରିବ। କୃତ୍ରିମ ହସ, ଅଭିନୟ ହସ, ଅଭିସନ୍ଧିମୂଳକ ହସ କ'ଣ ଆଧ୍ୟାତ୍ମିକ ହସ ସହ ତୁଳନା ହୋଇପାରିବ? କେବେହେଲେ ନୁହେଁ।

ଆଉ ଏକ ମାର୍ଗ ଅଛି ଅତି ସହଜ, ସାଧନା ସାପେକ୍ଷ ନୁହେଁ ତାହାପାଇଁ କିଛି ତ୍ୟାଗ କରିବାକୁ ପଡ଼ିବ ନାହିଁ, କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଡିଗ୍ରୀ ହାସଲ କରିବାକୁ ପଡ଼ିବ ନାହିଁ, ଉଚ୍ଚ କୂଳରେ ଜନ୍ମ ହେବାକୁ ପଡ଼ିବ ନାହିଁ, ଦୀକ୍ଷା ନେବାକୁ ପଡ଼ିବ ନାହିଁ, ବ୍ରତ ପିନ୍ଧିବାକୁ ପଡ଼ିବ ନାହିଁ, ତାହା ହେଉଛି ନିରୋଳା ଭଲ ପାଇବା। ନିଃସ୍ୱାର୍ଥ, ନୀରଭିମାନ, ନରହଂକାର ପ୍ରେମଭାବ। କୌଣସି ପ୍ରତ୍ୟାଶା ନ ରଖି କେବଳ ଭଲ ପାଇବା, ଜୀବନ ପରିସର ଭିତରକୁ ଯିଏ ଆସିଲା ତାକୁ ଭଲ ପାଇବା, ଆମକୁ ହତାଦର କରୁଥିବା ଲୋକକୁ ମଧ୍ୟ ଭଲ ପାଇବା। ଏହି ମାର୍ଗରେ ଚାଲୁ ଚାଲୁ କୌଣସିଠାରେ ଠୋକର ଖାଇବାକୁ ପଡ଼ିପାରେ। କିନ୍ତୁ ନିଜ ପ୍ରେମଭାବ ଅତୁଟ ରଖିବାକୁ ହେବ। ଆମେ ତ କାହା ଦେହକୁ ପ୍ରେମ କରୁନେ, କାହାଧନକୁ ପ୍ରେମ କରୁନେ, ଜଣଙ୍କର ଦେହ, ମନ ବୁଦ୍ଧି, ବିଚକ୍ଷଣତା, ପାରଦର୍ଶିତା ପ୍ରଭୃତି ଯାହାଦ୍ୱାରା ଚଳତଶକ୍ତି ପ୍ରାପ୍ତ ହୋଇଛି ସେହି ଅଦୃଶ୍ୟ ଆତ୍ମାକୁ ପ୍ରେମ କରୁଛୁ। ସେହି ଆତ୍ମା ହିଁ ପ୍ରେମ୍ୟ। ଯେଉଁ ପ୍ରତିକୂଳ ପରିସ୍ଥିତିମାନ ଆସିଛି ତାହା ମଧ୍ୟ ସେହି ଈଶ୍ୱରଙ୍କ ଉପହାର ଆମ ପ୍ରତି। ପ୍ରତିକୂଳ ପରିସ୍ଥିତିରେ ଭଲ ଭଲ ଜ୍ଞାନ ଉଦୟ ହୁଏ। ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାର ବୁଦ୍ଧି ପ୍ରତିକୂଳ ପରିସ୍ଥିତିରୁ ମୁକୁଳିବା ପାଇଁ ପ୍ରାର୍ଥନାକୁ ବଳବତ୍ତର କରିବାର ଇଚ୍ଛା ଦୃଢ଼ରୁ ଦୃଢ଼ତର ହୋଇଥାଏ। ଭଗବାନଙ୍କ ପ୍ରିୟ ହେବା ନ ହେବା ସବୁ କିଛି ମଣିଷ ହାତରେ ହିଁ ଅଛି। ତେଣୁ ଗୀତା କହେ 'ସନ୍ତୁଷ୍ଟ ସତତଂ ଯୋଗୀ' ସର୍ବଦା ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ, ତେବେ ଯାଇ ଜଣେ ସର୍ବଦା ହସିପାରିବ।

**ଅଲିଶା ବଜାର, କଟକ,**
**ମୋ :୯୪୩୭୫୧୧୨୩୦**

## ଏଇ ଭାରତରେ

ତିନି ବନ୍ଧୁ ଗ୍ରାମୀଣ ଅଞ୍ଚଳର ରୋଗୀମାନଙ୍କୁ ମାତ୍ର ୧ ଟଙ୍କାରେ ଇ-କ୍ଲିନିକ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେବାର ବ୍ୟବସ୍ଥା କରିଛନ୍ତି। ଆଙ୍କାଶ ଟଣ୍ଡନ ଏବଂ ତାଙ୍କର ଦୁଇ ବନ୍ଧୁ ସକେତ ଆସତି ଓ ଅଙ୍କୁର ଚୌରାସିଆ ଡିଗିକ୍ୟୁରେ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି ସେବା ଯୋଗାଇ ଦେଉଛନ୍ତି। ଉକ୍ତ ଷ୍ଟାର୍ଟଅପ୍‌କୁ ସେମାନେ ୨୦୨୦ରେ ପ୍ରତିଷ୍ଠା କରିଥିଲେ। ସେ ଟେଲିକନ୍‌ସଲଟେଶନ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେବାରେ ରୋଗୀମାନଙ୍କୁ ସାହାଯ୍ୟ କରୁଛନ୍ତି । ଏଥିପାଇଁ ଲୋକମାନଙ୍କୁ ସକ୍ଷମ କାର୍ଡ ଦିଆଯାଉଛି, ଯାହାଦ୍ୱାରା ସେମାନେ ଏହି ସେବା ପାଉଛନ୍ତି। ଏ ପର୍ଯ୍ୟନ୍ତ ତିନିବନ୍ଧୁ ମଧ୍ୟପ୍ରଦେଶର ୨୦,୦୦୦ ଲୋକଙ୍କୁ ଏହି ସେବା ଯୋଗାଇ ଦେଇସାରିଲେଣି। ସେମାନେ ଲୋକମାନଙ୍କୁ ବି ଡିଜିଟାଲ ପ୍ରେସ୍‌କ୍ରିପଶନ ଏବଂ ଲାବ୍ ଟେଷ୍ଟ ସର୍ଭିସ ମଧ୍ୟ ଯୋଗାଇ ଦେଉଛନ୍ତି । ଏପରି କି ଆବଶ୍ୟକ ପଡ଼ିଲେ ରୋଗୀଙ୍କୁ ତାଙ୍କ ସହଭାଗୀ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରୁଛନ୍ତି । ୩୬୫ ଟଙ୍କା ଦେଲେ ଲୋକେ ବର୍ଷସାରା ଡାକ୍ତରଙ୍କ ପରାମର୍ଶ ନେବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଡିଗିକ୍ୟୁରେ ୧୦ ହସ୍ପିଟାଲର ୬୦ ଜଣ ଡାକ୍ତର ଯୋଡି ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୪ ମେ ୧୯୯୮

- କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଉମା ବଲ୍ଲଭ ରଥ ବହିଷ୍କୃତ।
- ଆସାମର କୋକ୍ରାଝର ଜିଲାରେ ବୋଡୋ ଉଗ୍ରପନ୍ଥୀମାନେ ଏକ ବସ୍‌କୁ ନିଛାଟିଆ ଜଙ୍ଗଲ ସ୍ଥାନରେ ଅଟକାଇ ସେଥିରେ ଯାତ୍ରା କରୁଥିବା ୨୫ ଜଣ ସାନ୍ତାଳଙ୍କୁ ହତ୍ୟା କରିଛନ୍ତି।
- 'ଦି ଷ୍ଟୋରି ଅଫ୍ ଓ' ଉପନ୍ୟାସର ଲେଖିକା ଡୋମିନିକ୍ ଅରିଙ୍କ ୯୦ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | 8 | | 1 | |
| | | | | | 1 | | 5 | |
| | | 3 | | 6 | 4 | | | |
| | | 7 | | | | 2 | | 6 |
| 9 | | 4 | 5 | | | | | |
| | | | | | | | | |
| 6 | | | | 3 | | | | 1 |
| | 7 | 9 | | | | 5 | | |
| | 4 | | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 3 | 4 | 7 | 2 | 6 | 1 | 5 |
| 2 | 7 | 1 | 6 | 9 | 5 | 3 | 8 | 4 |
| 5 | 6 | 4 | 1 | 3 | 8 | 2 | 7 | 9 |
| 1 | 2 | 9 | 7 | 8 | 6 | 5 | 4 | 3 |
| 6 | 5 | 7 | 2 | 4 | 3 | 8 | 9 | 1 |
| 3 | 4 | 8 | 5 | 1 | 9 | 7 | 2 | 6 |
| 4 | 9 | 2 | 3 | 6 | 7 | 1 | 5 | 8 |
| 7 | 1 | 6 | 8 | 5 | 4 | 9 | 3 | 2 |
| 8 | 3 | 5 | 9 | 2 | 1 | 4 | 6 | 7 |

ଗତକାଲିର ଉତ୍ତର



# ବିଦ୍ୟାଳୟ ଶିକ୍ଷାର ସ୍ଥିତି

ରବିନାରାୟଣ ସାମଲ

ଦେଶର ସରକାରୀ ବିଦ୍ୟାଳୟରେ ୨୦୧୮-୧୯ରେ୧୦ଲକ୍ଷ୮୩ହଜାର ଛାତ୍ରୀଛାତ୍ର ଥିଲା ବେଳେ ୨୦୨୦-୨୧ରେ ଏହା ହ୍ରାସ ପାଇ୧୦ ଲକ୍ଷ ୩୨ ହଜାରରେ ପହଞ୍ଚିଛି। ଅନ୍ୟ ପକ୍ଷରେ ଘରୋଇ ବିଦ୍ୟାଳୟରେ ୨୦୧୮-୧୯ରେ ୩ ଲକ୍ଷ ୨୫ ହଜାର ଛାତ୍ରୀଛାତ୍ର ଥିଲା ବେଳେ ଏହା ୨୦୨୦-୨୧ରେ ବୃଦ୍ଧି ପାଇ ୩ ଲକ୍ଷ ୪୦ ହଜାରରେ ପହଞ୍ଚିଛି। ସ୍ୱଚ୍ଛଳ ବର୍ଗର ଅଭିଭାବକମାନେ ଯେ ଘରୋଇ ବିଦ୍ୟାଳୟମୁହାଁ, ଏଥିରେ କେହି ଦ୍ୱିମତ ହେବେ ନାହିଁ। ମାଗଣା ପୋଷାକ, ମାଗଣା ବହି ଓ ମାଗଣା ମଧ୍ୟାହ୍ନ ଭୋଜନ ସେମାନଙ୍କୁ ଆକର୍ଷିତ କରିପାରି ନାହିଁ। ଉନ୍ନତ ମାନର ଶିକ୍ଷା ଆଶା ରଖି ସେମାନେ ବେସରକାରୀ ଅନୁଷ୍ଠାନରେ ନାମ ଲେଖାଇଛନ୍ତି। ସରକାରଙ୍କ ନୀତି ମଧ୍ୟ ଏହାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି।

ୟୁଡାଇସ୍ ତଥ୍ୟ ଅନୁଯାୟୀ ତୃତୀୟ ଶ୍ରେଣୀରେ ପଢୁଥିବା ଶତକଡ଼ା ୨୦.୫ଭାଗ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢ଼ିପାରନ୍ତି, ଅର୍ଥାତ୍ ତୃତୀୟ ଶ୍ରେଣୀର ୮୦ ଭାଗ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢ଼ି ପାରନ୍ତି ନାହିଁ। ସେହିପରି ତୃତୀୟ ଶ୍ରେଣୀର ୭୫ ଭାଗ ପିଲା ଫେଡ଼ାଣ କରି ପାରୁ ନ ଥିଲା ସ୍ଥଳେ ପଞ୍ଚମ ଶ୍ରେଣୀର ୭୫ ଭାଗ ପିଲା ହରଣ କରିପାରନ୍ତି ନାହିଁ। ପଞ୍ଚମ ଶ୍ରେଣୀର ଶତକଡ଼ା ୫୭ଭାଗ ପିଲା ନିଜ ଶ୍ରେଣୀର ବହି ପଢ଼ି ପାରୁ ନ ଥିବା ସ୍ଥଳେ ଅଷ୍ଟମ ଶ୍ରେଣୀର ୩୦ ଭାଗ ପିଲା ନିଜ ବହି ପଢ଼ି ପାରନ୍ତି ନାହିଁ। ସବୁଠାରୁ ବେଶି ଉଦ୍‌ବେଗଜନକ କଥା ହେଉଛି ଯେ ଦଶମ ଶ୍ରେଣୀର ଶହକେ ୭୦ ଜଣ ପିଲା ନିଜ ନାମ ଠିକ୍ କରି ଲେଖି ପାରନ୍ତି ନାହିଁ।

ଇଏ ତ ଗଲା ଦେଶର କଥା। କିନ୍ତୁ ଆମ ରାଜ୍ୟର ଅବସ୍ଥା ଆହୁରି ଦୟନୀୟ। ୬-୧୪ ବର୍ଷ ବୟସର ୨ଲକ୍ଷରୁ ଊର୍ଦ୍ଧ୍ୱ ପିଲା ବିଦ୍ୟାଳୟ ମାଟି ମାଡୁ ନ ଥିବା ଜଣାପଡ଼ିଛି। ଆବଶ୍ୟକ ଛାତ୍ରୀଛାତ୍ର ନ ଥିବା ଦର୍ଶାଇ ଆମ ରାଜ୍ୟରେ ୧୧ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟକୁ ସରକାର ଇତି ମଧ୍ୟରେ ବନ୍ଦ କରିଦେବା ଫଳରେ ଅନେକ ପିଲା ବସ୍ତାନିରେ ଡୋରି ବାନ୍ଧିଛନ୍ତି। ଫଳରେ ମାଧ୍ୟମିକ ସ୍ତରରେ ଡ୍ରପ୍‌ଆଉଟ୍ ଶତକଡ଼ା ୨୭.୨୬ରେ ପହଞ୍ଚିଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ନ ଦେଇ୧୮ ହଜାରରୁ ଊର୍ଦ୍ଧ୍ୱ ପିଲା ଉଭାନ ହୋଇଯିବା ଘଟଣା ଡ୍ରପ୍‌ଆଉଟ୍‌ର ନଗ୍ନ ରୂପକୁ ପରିପ୍ରକାଶ କରିଛି।

ଆଠଟି ଶ୍ରେଣୀକୁ ଜଣେ ଶିକ୍ଷକ- ଏପରି ବିକଳ ଚିତ୍ର ଆମ ରାଜ୍ୟରେ କେବଳ ଦେଖିବାକୁ ମିଳେ। କୌଣସି ଗୋଟିଏ ହେଲେ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ରହିଥିବାର ନଜିର ନାହିଁ। ଶିକ୍ଷକ ବିନା କେତେକ ବିଦ୍ୟାଳୟ ଅଚଳ ହୋଇଗଲାଣି। ତଥାପି ସରକାର ନିର୍ବିକାର। ବିଧାନସଭା ବସିଲେ ଶିକ୍ଷକ ନିଯୁକ୍ତି କଥା ମନେପଡ଼େ। ଗୋଟିଏ କୋଠରିରେ ତିନି-ଚାରିଟି ଶ୍ରେଣୀର ପିଲା ଏକାଠି ବସି ପାଠ ପଢୁଥିବାର ଦୃଷ୍ଟାନ୍ତ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ଏହି ଅବସ୍ଥା। ଏପରିକି ରାଜ୍ୟର ୨୩୩ଟି ଉଚ୍ଚ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପିଛା ବଖରାଏ କୋଠରି ବି ନାହିଁ। ସେଠି ପିଲା ପାଠ ପଢୁଥିବେ କ'ଣ?

ପ୍ରାଥମିକ ବିଦ୍ୟାଳୟରେ ପ୍ରତି ୩୦ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରତି ୩୫ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ନିଯୁକ୍ତ ହେବାର ନିୟମ ଆମ ଦେଶରେ ଅଛି। ଆମ



ବିଚାରରେ ଏହି ଅନୁପାତ ଗୁଣାତ୍ମକ ଶିକ୍ଷା ଦୃଷ୍ଟିରୁ ଆଦୌ ଉପଯୋଗୀ ନୁହେଁ। ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ଯଦି ପାଞ୍ଚଟି ଶ୍ରେଣୀରେ ମୋଟ ୩୦ ଜଣ ପିଲା ପଢୁଥାନ୍ତି, ତେବେ ନିୟମ ଅନୁଯାୟୀ ସେଠାରେ ଜଣେ ମାତ୍ର ଶିକ୍ଷକ ନିଯୁକ୍ତ ହେବେ ଏବଂ ସେ ପାଞ୍ଚଟିଯାକ ଶ୍ରେଣୀରେ ଏକକାଳୀନ ଶିକ୍ଷାଦାନ କରିବେ। ଏହା କେଉଁ ପ୍ରକାର ବୈଜ୍ଞାନିକ ପଦ୍ଧତି? ଗୁଣାତ୍ମକ ଶିକ୍ଷା ତ ଦୂରର କଥା, ସେହି ଜଣେ ଶିକ୍ଷକଙ୍କ ଦ୍ୱାରା ସର୍ବନିମ୍ନ ଶିକ୍ଷାଦାନ ବି ସମ୍ଭବ ନୁହେଁ। ଅଧିକନ୍ତୁ ଶିକ୍ଷକ ଜଣକ କ'ଣ ଏମ୍‌ବିବିଏସ୍ ଡାକ୍ତର ହୋଇଛନ୍ତି ଯେକୌଣସି ରୋଗୀ ପହଞ୍ଚିବେ ତାକୁ ଚିକିତ୍ସା କରି ଛାଡ଼ିଦେବେ? ସରକାରଙ୍କ ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ଏହି ଯେଉଁ ତରିକା ନିରୂପଣ କରାଯାଇଛି ତାହାର ପରିବର୍ତ୍ତନ ଜରୁରୀ। ନଚେତ୍ ଶିକ୍ଷାର ମୂଳଦୁଆ ସେହିପରି ଦୁର୍ବଳ ହୋଇ ଭୁଶୁଡୁ ଥିବ। ସରକାର ନଈରେ ହଜାଇ ପୋଖରୀରେ ଖୋଜୁଥିବେ। ବିଏ ପାସ୍ କରିଥିବା ପିଲା ଦରଖାସ୍ତ ଖଣ୍ଡେ ଲେଖି ପାରୁ ନାହାନ୍ତି, ଏହା ଲୋକକଥା ହୋଇଗଲାଣି। କାହିଁକି?

ସର୍ବଶିକ୍ଷା ଅଭିଯାନ ଆରମ୍ଭ ହେବା ଦିନଠାରୁ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏକ ବଡ଼ ଧରଣର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବର୍ଷକ ବାର ମାସ ଶିକ୍ଷକମାନଙ୍କର ଟ୍ରେନିଂ ଚାଲିଛି। ଫଳରେ ଜଣେ ଅଧେ ଶିକ୍ଷକରେ ପାଠପଢ଼ା ଚାଲୁଛି। ସେଥିରେ ପିଲାମାନେ ଯାହା ପଢୁଥିବେ! ୟୁଡାଇସ୍‌ଠାରୁ ଆରମ୍ଭ କରି ଉଜ୍ଜ୍ୱଳ, ଉତ୍ଥାନ, ଉତ୍କର୍ଷ, ଏଲ୍‌ଆର୍‌ପି ସହିତ ଦୈନିକ ମଧ୍ୟାହ୍ନ ଭୋଜନ ଓ ପ୍ରାକ୍ଟିକାଲ ପରୀକ୍ଷାର ଅନ୍‌ଲାଇନ୍-ଅଫ୍‌ଲାଇନ୍ ରେକର୍ଡ ପ୍ରସ୍ତୁତିରେ ଶିକ୍ଷକମାନଙ୍କ ଶ୍ରମ ଓ ସମୟ ଅପଚୟ ହେଉଛି । ଏଥି ପାଇଁ ଜଣେ ସ୍ୱତନ୍ତ୍ର କର୍ମଚାରୀ ନ ଥିବାରୁ ଶିକ୍ଷକମାନଙ୍କୁ ସବୁ କାମ କରିବାକୁ ପଡୁଛି। ଏହା ବାଦ୍ ଜନଗଣନା, ଭୋଟର ତାଲିକା ସଂଶୋଧନ, ଆଧାର ସଂଯୋଗୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା ଓ ବଟିକା ବଣ୍ଟନ ଭଳି କେତେକ ଅଣଶୈକ୍ଷିକ ଦାୟିତ୍ୱ ମଧ୍ୟ ଶିକ୍ଷକମାନଙ୍କୁ ତୁଲାଇବାକୁ ପଡୁଛି। ଫଳରେ ବହୁ ଚର୍ଚ୍ଚିତ ଗୁଣାତ୍ମକ ଶିକ୍ଷା ଏଠାରେ ଋଣାତ୍ମକ ହୋଇଯାଇଛି। ପ୍ରମାଣ ସ୍ୱରୂପ ୨୦୧୮ତୁଳନାରେ ୨୦୨୨ରେ ବିଦ୍ୟାଳୟ ଶିକ୍ଷାର ମାନ ହ୍ରାସ ପାଇଛି ବୋଲି ଏଏସ୍‌ଇଆର୍ ରିପୋର୍ଟରେ ପ୍ରକାଶ ପାଇଛି। ଇତି ମଧ୍ୟରେ ଜାତୀୟ ସାକ୍ଷରତା ଅଭିଯାନ, ଅଣଆନୁଷ୍ଠାନିକ ଶିକ୍ଷା, ଜିଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ, କଳାପଟା ଅଭିଯାନ, ସର୍ବଶିକ୍ଷା ଅଭିଯାନ ପରି କାହିଁରେ କେତେ ଅଭିଯାନ ସରିଗଲାଣି, ରାଜକୋଷରୁ ହଜାର ହଜାର କୋଟି ଅର୍ଥ ବ୍ୟୟ ହେଲାଣି, ମାତ୍ର ଶିକ୍ଷାର ଆଶାନୁରୂପ ଅଗ୍ରଗତି ହୋଇପାରି ନାହିଁ। କିଛି ବର୍ଷ ପୂର୍ବେ ସରକାର ଶିକ୍ଷାର ବିକାଶ ପାଇଁ ୧୦+୨+୩ ପ୍ରବର୍ତ୍ତନ କରିଥିଲେ । ତାହା ଚୂଡ଼ାନ୍ତ ରୂପ ନେବା ପୂର୍ବରୁ ପୁଣି ୫+୩+୩+୪ ଆରମ୍ଭ ହେବାକୁ ବସିଲାଣି। ବାର୍ଷିକ ଓ ଷାଣ୍ମାସିକ ପରୀକ୍ଷା ପ୍ରଥା ଉଠାଇ ଦେଇ ବର୍ତ୍ତମାନ ଫର୍ମେଟିଭ୍ ଓ ସମ୍ମେଟିଭ୍ ଚାଲିଛି। ତାହା ପୁଣି ଉଠିଯାଇ କୁଆଡ଼େ ସେମିଷ୍ଟର୍ ହେବ। ଏମିତି ସଂସ୍କାର ପରେ ସଂସ୍କାର ଚାଲିଛି, ମାତ୍ର ଫଳ ନିମ୍ନଗାମୀ।

ଆମ ରାଜ୍ୟରେ ତ ଅଭିଜ୍ଞ ଶିକ୍ଷାବିତ୍‌ଙ୍କର ଅଭାବ ନାହିଁ। ନିଜର ସ୍ୱତନ୍ତ୍ର ଶିକ୍ଷା ପଦ୍ଧତି ପ୍ରବର୍ତ୍ତନ ନ କରି ବିଏସ୍‌ଇ କାହିଁକି ସିବିଏସ୍‌ଇକୁ ଅନୁକରଣ କରୁଛି? ଏବେ ବି ସମୟ ଅଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟରତ ଶିକ୍ଷକ, ଶିକ୍ଷାବିତ୍ ଓ ସମାଜବିଜ୍ଞାନୀଙ୍କୁ ନେଇ ଜିଲାସ୍ତରରୁ କର୍ମଶାଳାମାନ ଆୟୋଜନ କରି ନୂତନ ପଦ୍ଧତି ନିର୍ଦ୍ଧାରଣ କରୁ।

**ମୋ: ୭୯୭୫୦୪୬୪୮୬**

## ପାଠକ ଶ୍ରେଷ୍ଠ ବିଚାରକ

### ମେଡିକାଲ ସ୍ୱଚ୍ଛତାର ତଦାରଖ ଜରୁରୀ

ମହାଶୟ,

ରାଜ୍ୟର ଶହ ଶହ ଛୋଟ ବଡ଼ ସରକାରୀ ଚିକିତ୍ସାଳୟର ମାଟିତଳ ନାଳନର୍ଦ୍ଦମାଗୁଡ଼ିକୁ ପୁନରୁଦ୍ଧାର ସହିତ ସଠିକ୍ ତଦାରଖ କରାଯାଉ। ଏକାଧିକ ବଡ଼ ବଡ଼ ମେଡିକାଲ, ସରକାରୀ ଡାକ୍ତରଖାନାଗୁଡ଼ିକରେ ମଇଳା ଜଳ ନିଷ୍କାସନ ଠିକ୍ ଭାବେ ହେଉଥିବା ଦୃଷ୍ଟିଗୋଚର ହେଉନାହିଁ। ଏହା ସ୍ୱଚ୍ଛତା ପ୍ରତି ଏକ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଅନେକ ସମୟରେ ପ୍ଲାଷ୍ଟିକ ପଲିଥିନ, ଜରି ତଥା ଅଦରକାରୀ ଅଳିଆ ଏଣେତେଣେ ଠୁଳ ହେବା ଫଳରେ ପରିବେଶ ପ୍ରଦୂଷିତ ହେଉଛି । ଏହାଫଳରେ ହସ୍ପିଟାଲ ପରିବେଶରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ସରକାରୀ ସ୍ତରରେ ସ୍ୱଚ୍ଛତାକୁ ନେଇ କୌଣସି କାର୍ଯ୍ୟ ନିଷ୍ଠା ସହ ସମ୍ପନ୍ନ କରାଯାଇପାରିଲେ ମେଡିକାଲ ପରିସରରେ ଜନତା ତଥା ରୋଗୀମାନେ ଉପକୃତ ହୁଅନ୍ତେ । ସରକାର ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଦେବା ସତ୍ତ୍ୱେ ପ୍ରତ୍ୟେକ କାର୍ଯ୍ୟ ଅଧୁରା ହେବା ସହ ଯୋଜାନା ବାଟବଣା ହେଉଛି । ବୃହତ୍ ଚିକିତ୍ସାଳୟରେ ଏକାଧିକ ୱାର୍ଡରେ ରୋଗୀଙ୍କ ଶଯ୍ୟା, ଶିଶୁ ରୋଗୀଙ୍କ ଶଯ୍ୟାର ଅଭାବ ପରିଲକ୍ଷିତ ହୋଇଛି। ଏଣୁ ଏହି ସବୁ ସମସ୍ୟାର ସମାଧାନ ଅପରିହାର୍ଯ୍ୟ।

**–ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଦେଖାଇଲ ଭାବନାର ଉର୍ବରତା
ପ୍ରାଣର ପ୍ରାଚୁର୍ଯ୍ୟ
ଘେନ ତେଣୁ ନବୀନର ଶ୍ରଦ୍ଧା ଅର୍ଘ୍ୟ
ହେ ପୁରାଣ ପୂଜ୍ୟ !
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାମପୁର ଥାନାରେ ମେଗା ରକ୍ତଦାନ ଶିବିର



ରକ୍ତଦାତାଙ୍କୁ ଏସ୍‌ପି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

ଡୁଙ୍ଗୁରିପାଲି,୩ା୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ରାମପୁର ଥାନା ପରିସରରେ ବୁଧବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ଅମରିଶ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ରାମପୁର ଭାରପ୍ରାପ୍ତ ଥାନା ଅଧିକାରୀ ଭାନୁଶଙ୍କର ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସୋନପୁର ଏସଡିପିଓ ପୁଷ୍ପାଞ୍ଜଳୀ ନିଗ୍ଗୀ, ଶ୍ରୀରାମ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ରାମପୁର ଗ୍ରାମପଞ୍ଚାୟତ ସରପଞ୍ଚ ମନୋଜ କୁମାର ପୁରୋହିତ, ସାମାଜିକ କର୍ମୀ ଉମେଶ ପୂଜାରୀ ଯୋଗ ଦେଇଥିଲେ। ସଭାରେ ଏସ୍‌ପି ପଣ୍ଡା କହିଥିଲେ, ରକ୍ତଦାନ ମହାପୂଣ୍ୟ। ରକ୍ତଦାନ କରିବା ଦ୍ୱାରା ଅନ୍ୟ ଜଣଙ୍କ ଜୀବନ ରକ୍ଷା ହୋଇଥାଏ। ଏଣୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ନିଜର କର୍ତ୍ତବ୍ୟ ବୋଲି ମତ ରଖି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଏସଆଇ ଅବିନାଶ ପ୍ରଧାନ ସଂଯୋଜନା କରିଥିଲେ। ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଭା କାର୍ଯ୍ୟ ପରିଚାଳନା ମନୋଜ କୁମାର ପଣ୍ଡା କରିଥିଲେ। ରାମପୁର ଏଏସଆଇ

## ୩୮୫ ୟୁନିଟ ରକ୍ତ ସଂଗ୍ରହ

ସୁରଞ୍ଜି ସେଠୀ, ଏଏସଆଇ ଜେ.ଡି ମୋହନ ପ୍ରଧାନ, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିର ତିନୋଟି ପର୍ଯ୍ୟାୟରେ ହୋଇଥିଲା। ବୁର୍ଲା ରକ୍ତ ଭଣ୍ଡାରରୁ ଆସିଥିବା ଡା. ସାଗର ସୌରଭ ପଣ୍ଡା, ଦେବାଶିଶ ମିଶ୍ର, ଲାଲୁ ବିଶ୍ୱାସ, ଜନକ ବେହେରା, କରୁଣାକର ସାହୁ , ସନ୍ତୋଷ ଟାଡା, ଅଭିଜିତ କର, ପ୍ରହଲ୍ଲାଦ ଭୋଇ ଯୋଗଦେଇ ୨୨୫ଜଣ ରକ୍ତଦାତାଙ୍କ ରକ୍ତ ସଂଗ୍ରହ କରିଥିଲେ । ସେହିପରି ସୁବର୍ଣ୍ଣପୁର ଜିଲା ରକ୍ତଭଣ୍ଡାରରୁ ଆସିଥିବା ଡା. ଆନନ୍ଦ କୁମାର ମେହେର, ଟିଟୁ ଭୋଇମ୍, ଜଗତ ଦରୁଆନ, ଟଙ୍କଧର କୁଆଁର,ସଂଜୟ କୁମାର ରଣା ଯୋଗଦେଇ ୧୦୦ ଜଣ ରକ୍ତଦାତାଙ୍କ ରକ୍ତ ସଂଗ୍ରହ କରିଥିଲେ। ବରଗଡ ରକ୍ତଭଣ୍ଡାରରୁ ଆସିଥିବା ଡା. ସରୋଜ ସୁନା, ରାକେଶ ରଣା, ମହେନ୍ଦ୍ର ମେହେର, କୃଷ୍ଣଚନ୍ଦ୍ର ସାହୁ, ଅବିତ ଖାନ, ଲିପି କମ୍ପ, ଝରଣା ବାରିକ ଯୋଗଦେଇ ୬୦ ଜଣ ରକ୍ତଦାତାଙ୍କ ରକ୍ତ ସଂଗ୍ରହ କରିଥିଲେ। ମୋଟ ୩୮୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ରକ୍ତଦାନ ଶିବିରରେ ଡୁଙ୍ଗୁରିପାଲି ମାରୱାଡ଼ି ଯୁବା ମଞ୍ଚ,ସେବା ଫାଉଣ୍ଡେଶନ, ବିଭିନ୍ନ ଅନୁଷ୍ଠାନ, ତଥା ବିଭିନ୍ନ ପଞ୍ଚାୟତରୁ ଆସିଥିବା ଆମ ପୋଲିସ ସମିତିର ସଦସ୍ୟ, ଜନସାଧାରଣ ଯୋଗ ଦେଇ ସହଯୋଗ କରିଥିଲେ।

# ୧୦୫ କିଲୋ ଗଞ୍ଜେଇ, କାର ଜବତ: ୨ ଗିରଫ

ସୋନପୁର,୩ା୫(ନି.ପ୍ର.)

ସୋନପୁର ଅବକାରୀ ପୋଲିସ ଥାନା ପକ୍ଷରୁ ସୋନପୁର-ବିନିକା ରାସ୍ତାର ଧଉରାଖମନ ଛକଠାରେ ବୁଧବାର ଚଢାଉ କରାଯାଇ ୧୦୫ କିଲୋ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ବରଗଡ ଥାନା ତାଣ୍ଡରପାଲି (ନାଗେନପାଲି) ଅଞ୍ଚଳର ସୁନିଲ ସାହୁ(୩୧) ଓ ବରଗଡ ଥାନା ଖଲିଆପାଲି ଅଞ୍ଚଳର ପ୍ରୀତମ ସିଂ(୩୩)ଙ୍କୁ ଗିରଫ କରିବାରେ ଅବକାରୀ ବିଭାଗ ସଫଳ ହୋଇଛି । ସୁନିଲ ଓ ପ୍ରୀତମ ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳରୁ ଗଞ୍ଜେଇ କିଣି ରିନୋଲ୍ଟ ଡଷ୍ଟର କାର (ନଂ ଓଡି୦୨ଏଫ-୪୨୩୩)ରେ ବରଗଡକୁ ଚାଲାଣ କରୁଥିଲେ। ଏ ସମ୍ପର୍କରେ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ କର୍ମଚାରୀମାନେ ଚଢାଉ କରିଥିଲେ। କାର ତନଖି ପରେ ଜରି ବସ୍ତାରେ ଥିବା ୧୦୫ କିଲୋ ଗଞ୍ଜେଇ ଜବତ ହୋଇଛି। ଏ ସମ୍ପର୍କରେ ସୋନପୁର ଅବକାରୀ



ଜବତ ଗଞ୍ଜେଇ, କାର ଓ ଗିରଫ ଅଭିଯୁକ୍ତ।

## କାର୍‌ରେ ବରଗଡକୁ ଗଞ୍ଜେଇ ଚୋରାଚାଲାଣ

ଥାନା ପକ୍ଷରୁ ୧୮।୨୦୨୩-୨୪ ଏନଡିପିଏସ ଆକ୍ଟ ମୂଳେ ଏକ ମାମଲା ରୁଜୁ ହୋଇଛି। ବିଭାଗ ପକ୍ଷରୁ କାରକୁ ଜବତ କରାଯିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ପ୍ରକାଶ ସା, ସବ୍ ଇନ୍ସପେକ୍ଟର ସୁଧୀର ମିଶ୍ର, ବଲବୀର ଗଡନାୟକ ଓ କର୍ମଚାରୀମାନେ ଏହି ଚଢାଉରେ ସାମିଲ ଥିଲେ।

# ପ୍ରାକ୍ତନ ଜିଲାପାଳ ପୁଣି ଫେରିବା ଚର୍ଚ୍ଚା

## ସୁବର୍ଣ୍ଣପୁର ଜିଲାପାଳ ପଦବୀ ଖାଲି

ସୋନପୁର,୩ା୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲାପାଳ ପଦବୀ ଗତ ୨୭ ଦିନ ଧରି ଖାଲି ପଡିଛି। ରାଜ୍ୟ ସରକାର ଏହି ପଦବୀରେ କାହାରିକୁ ନିଯୁକ୍ତି ଦେଇନାହାନ୍ତି। ପ୍ରାକ୍ତନ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ ସରକାର ଏପ୍ରିଲ ୬ ତାରିଖରେ ବଦଳି କରିଥିଲେ। ସେହିଦିନ ସନ୍ଧ୍ୟାରେ ନରୱଣେ ଝାରସୁଗୁଡା ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଝାରସୁଗୁଡା ବିଧାନସଭା ଉପନିର୍ବାଚନକୁ ଦୃଷ୍ଟିରେ ରଖି ହଠାତ୍ ଏହି ବଦଳି କରାଯାଇଥିଲା। ତେବେ ସୁବର୍ଣ୍ଣପୁରରେ ଏ ପର୍ଯ୍ୟନ୍ତ କାହାରିକୁ ଜିଲାପାଳ ଭାବେ ନିଯୁକ୍ତି ନ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଜିଲାପାଳ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଝାରସୁଗୁଡା ଉପନିର୍ବାଚନ ସରିବା ପରେ ପ୍ରାକ୍ତନ ଜିଲାପାଳ ନରୱଣେ ପୁଣି ସୁବର୍ଣ୍ଣପୁର ଫେରିବେ ବୋଲି ଜିଲାର ପ୍ରଶାସନିକ ମହଲରେ ଚର୍ଚ୍ଚା ହେଉଛି। ନରୱଣେ ୨୦୨୧ ଜୁଲାଇ ୧ ତାରିଖରେ ସୁବର୍ଣ୍ଣପୁର ଜିଲାର ୩୦ତମ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲାରେ ୧ ବର୍ଷ ୮ ମାସ ରହଣି ସମୟରେ ସେ କିଛି ଉଲ୍ଲେଖନୀୟ କାର୍ଯ୍ୟ କରି ପ୍ରଶଂସା ପାଇଥିବା ବେଳେ ପ୍ରଶାସନିକ ସ୍ତରରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ ପାଇଁ ସମାଲୋଚିତ ହୋଇଥିଲେ।


**OFFICE OF THE REGULATED MARKET COMMITTEE**
**NARASINGHPUR**
No. 53 Dt. 02.05.2023
**e-Procurement Notice**
**Bid Identification No. RMC/Narasinghpur-02/2022-23**

1. The Sub-Collector, Athgarh-cum-Chairman, R.M.C. Narasinghpur invites percentage rate bids in single & double cover system in **ONLINE** from eligible contractors for the work "**Construction of Multipurpose 100 MT Godown at Bindhanima PACS and Gadadharpur PACS of Tigiria Block**", "**Construction of Multipurpose 100 MT Godown at Nizigarh PACS of Narasinghpur Block**" & "**Construction of Multipurpose 100 MT Godown at Jodumu PACS, Ragadipada PACS and Ratapat PACS of Baramba Block under RMC Narasinghpur**". **2.** Nature of works:- Civil Constrution work as per DTCN. **3.** Nos of works:- 03 (three). **4.** Tender paper cost:- 10,000/- & 6,000/-. **5.** Class of Contractors:- "B" & "A" & "C". **6.** Availability of Bid documents in the website:- From 10.00 AM of 05.05.2023 to 5.00 PM of 16.05.2023. **7.** Date of opening of Bid:- Dt.17.05.2023 at 11.30 AM. The bidders have to participate in ONLINE bidding only. Further details can be seen from the website: - http://www.tendersodisha.gov.in. Any addendum/corrigendum/ cancellation of tender can also be seen in the said website.

**Sd./- Sub-Collector, Athgarh-cum-Chairman R.M.C., Narasinghpur**

**CHIEF DISTRICT MEDICAL & PUBLIC HEALTH OFFICER KEONJHAR**

Advt. No. 1236/CDM & PHO, Keonjhar — Date: 03.05.2023
DMO (MS)

**RE-TENDER CALL NOTICE**

No. E-76:- Sealed tenders are hereby invited from the intending manufacturers or their authorized stockiest / Distributors for Supply of Drugs & Medical Consumables, Laboratory Chemicals & Reagents and Office furniture to Keonjhar District & Govt. Medical College & Hospital, Keonjhar for the year 2022-23.

The eligible bidders may submit their tender papers on or before 23.05.2023 by 1.00 P.M. through Registered Post / Speed Post / Courier only to the undersigned, with reference to this office Tender Call Notice No. 2782 dt 06.10.2022. The Technical Bid documents will be opened on 24.05.2023 at 11.30 A.M. Those who will qualify in the Technical Bid, the date of opening Financial Bids will be intimated later on. The details in this connection are available in the district website: www.kendujhar.nic.in.

The authority will not be responsible for any postal delay. The undersigned reserves the right to reject or cancelled any or all the tender without assigning any reason thereof.

**Sd./- Chief District Medical & Public Health Officer, Keonjhar**
OIPR-10033/11/0005/2324

**idco | ODISHA NEW OPPORTUNITIES — OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH, BHUBANESWAR - 751022**
No. CAD-426
**Tender Call Notice No. IDCO: H.O./P&C/EST/E-2260/01/2023/13416 — Dated: 01.05.2023**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of CC Road and Strom Water Drainage at Old Jagatpur Industrial Estate, Cuttack, Odisha
2. Value of the Work : Rs.37.71 lakhs
3. Period of Completion : 02 (Two) Calendar Months
4. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar - 751022 | P&C/EST/E-17/ 2023-24 | 09.05.2023 at 17.00 hrs. | 22.05.2023 upto 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**
**OIPR-14003/11/0028/2324** — **Sd./- Chief General Manager (P&C), IDCO, Bhubaneswar**

No. W-02

ନ୍ୟାୟ ସବ କେ ଲିଏ — ACCESS TO JUSTICE FOR ALL

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୩**
**ତା୧୩।୦୫।୨୦୨୩ରିଖ (ଦ୍ୱିତୀୟ ଶନିବାର)**
**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୧୩।୦୫।୨୦୨୩ରିଖ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ପୈଠ ବିଲ୍ ସମ୍ବନ୍ଧୀୟ ମାମଲା ଓ ଅନ୍ୟାନ୍ୟ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରି ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ୍ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ
ଆଇନ୍ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ.: ୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍: oslsa2020@gmail.com
OIPR-18008/11/0005/2324

**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No. 03 of 2023-24**

No. O-108: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 02 Nos.
3. Estimated Cost : Rs.104.59 lakh to Rs.213.19 lakh
4. Eligible Class of Contractor : "B", "A" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 03 of 2023 - 24 | Dt.08.05.2023 at 11.00 hrs. | Dt.22.05.2023 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

**Sd./- Superintending Engineer RWS&S Division, Balangir**
OIPR-25033/11/0004/2324

ମିଶନ ଶକ୍ତି — MISSION Shakti Empowered Women, Empowered Odisha

**OFFICE OF THE COLLECTOR & DISTRICT MAGISTRATE, BHADRAK**
**(Mission Shakti)**
**District Project Monitoring Unit (DPMU), Mission Shakti, Bhadrak**
**Contact No. 7008115949/ 7978305265**
**Email: bhadrak.missionshakti@gmail.com**
**Advt No.1006 — Date:03.05.2023**

**TENDER CALL NOTICE**

**No.CAD-441:**Quotations in sealed cover are invited from registered firms/ dealers having upto date GST, Income Tax Return, ISO 9001 & Bid specific authorization (Only for Laptop, Projector & LED TV) for supply of items and equipments to 7 Nos. of Mission Shakti Bhawans at Seven Blocks of Bhadrak District. Details regarding the items/format for submission of tender may be downloaded from the district website www.bhadrak.nic.in. The tender documents should reach the office of the undersigned latest by 25.05.2023 up to 1.00 PM through Speed Post/ Registered Post only. The undersigned reserves the right to accept or reject any/all bids without assigning any reason thereof. The undersigned will not be held responsible for any postal delay.

**Sd./-CDO-cum-EO, Zilla Parishad, Bhadrak**
OIPR-19230/11/0001/2324

**OFFICE OF THE COLLECTOR AND DISTRICT MAGISTRATE, KALAHANDI, BHAWANIPATNA - 766001 (ODISHA)**
**(Social Welfare Section)**
**No. 1291/W.W., XVI-54/2023 — Dt.01.05.2023**

**NOTICE FOR EXPRESSION OF INTEREST**

No. g-22: Applications are invited in the Prescribed Format in Sealed Cover from the interested/eligible Non-Government Organizations (NGOs) for selection of Agency to manage the **Swadhar Greh at Bhawanipatna** - "A Scheme that caters to primary needs of women in difficult circumstances".

The prescribed format of application, detail eligibility criteria, terms and conditions as per guidelines issued by Ministry of Women and Child Development Department, Govt. of India, New Delhi are available in the district website **www.kalahandi.nic.in**.

The application completed in all respect must reach to the office of the District Social Welfare Officer, Kalahandi by Registered Post/Speed Post only on or before Dt.15.05.2023, at 01.00 P.M. and the applications will be opened on Dt.25.05.2023, at 11.00 A.M. in the conference hall of Collectorate, Kalahandi by the District Level Project Appraisal Committee (DLPAC), Kalahandi. The applications other than Regd. Post/Speed Post will not be entertained. The applications received after the due date or lack of required information will be rejected.

**Sd./- Collector, Kalahandi**
OIPR-19208/11/0002/2324

**OFFICE OF THE MUNICIPAL COUNCIL, SONEPUR**
**"e" Procurement Notice**
**BID Identification No: SNP-MUN-12/2023-24**
**TENDER ID: 2023_ORULB_88650**
**Tender Call Notice No. 1534 / Date. 02.05.2023**

**No.C-227:**Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : As per DTCN
2. No. of works : 35 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.03.05.2023 from 11.00 A.M.
6. Last Date & Time for Receipt of tenders through online : On or before Dt.14.05.2023 up to 05.00 PM
8. Bids received online shall be opened on : On Dt.15.05.2023 at 11.00 AM
9. Name and address of the Officer inviting Bid : Executive Officer, Sonepur Municipality

Further details can be seen from the procurement portal i.e. **www.tendersodisha.gov.in.**

**Sd./- Executive Officer Sonepur Municipality**
OIPR-13098/11/0001/2324

**OFFICE OF THE DEAN & PRINCIPAL**
**GOVERNMENT MEDICAL COLLEGE & HOSPITAL, SUNDARGARH**
**At/P.O.: Sankara, Dist.: Sundargarh, PIN - 770020**
**e-mail: sundargarhmc@gmail.com**
**Letter No. 747/GMCH/SNG — Dated: 02.05.2023**

**TENDER FOR HIRING OF VEHICLES**

No. E-73: Sealed quotations/tenders are invited from reputed travel agency private individuals for providing one Zest/Tigor/ Swift Dzire/Xcent/Etios (AC/Non-AC) Petrol driven vehicle or any model of similar mileage and one 32 seater Bus. The quotation paper so as to reach in the Office of the undersigned on or before 17.05.2023 by 2 P.M. The details are available in the **Sundargarh.nic.in**. Interested bidders can submit tender/ quotation documents accordingly. Incomplete quotations/ tenders document in any respect shall not be entertained. The undersigned reserves the right to cancel the tender in full or parts any time without assigning any reason thereof. Sealed tenders through Speed Post/Registered Post/Courier shall only be acceptable.

**Sd./- Dean & Principal Govt. Medical College & Hospital, Sundargarh**
OIPR-10217/11/0001/2324

**OFFICE OF THE CHIEF EXECUTIVE OFFICER, WATCO**
**Ground Floor, Unnati Bhawan,**
**H.B. Colony, Satyanagar, Bhubaneswar-751007, Odisha, India**
**Telefax:- +91-674-2391444;**
**E-mail- mail@watcoodisha.in, md@watcoodisha.in**
No. C-223

**INVITATION FOR BID (IFB)**
**Bid Identification No. WATCO (W) - 08/2023-24 Dtd. 02.05.2023**
**WATCO No. 2558 Date 02.05.2023**

1. Name of the work:- **1- Improvement & renovation of PH Works for Urban Community Health Center at Patia, Bhubaneswar.**
2. Estimated Cost :- (1) Rs.124.44 Lakh
3. Period of completion :- 04 (Four) Months
4. Date & time of availability of bid document in the portal :- From 11.00 AM of Dt.10.05.2023 to 5.00 PM of Dt.25.05.2023.
5. Last date/time of receipt of bids in the portal :- 5.00 PM of 25.05.2023.
6. Date & time of opening of technical bids :- 12.30 PM of 26.05.2023.
7. Name and address of the Officer Inviting Bid :- CEO, WATCO, Telefax:- 0674-2391444, E-mail: mail@watcoodisha.in md@watcoodisha.in, mail to: eephibbsr@ori.nic.in
8. The bidders have to participate in ONLINE bidding only. Further details can be seen from the website www.tendersodisha.gov.in

OIPR-13194/11/0015/2324 — **Sd./- (CEO), WATCO**

**COLLECTORATE, KHORDHA**
**No. 6006/2023 Red Cross — Dated: 01.05.2023**

**QUOTATION CALL NOTICE**

No. E-74: Sealed quotations/Tenders having valid GST Registration Certificate are invited in the prescribed format (Given in Annexure - I, II & III) from interested reputed Service Providers for providing two Nos. of Dead Body Carrier as per the specification given below to be used at Capital Hospital, Bhubaneswar & District Headquarter Hospital, Khordha.

| Sl. No. | Type of Vehicle | Nos. of Vehicle Required | Positioning of Vehicle |
|---|---|---|---|
| 1 | Dead Body Carrier with Stretcher arrangement in rear seating area **(Bolero Maxi Truck)** | 02 | 1. Capital Hospital, Bhubaneswar 2. District Headquarter Hospital, Khordha |

The terms and conditions for engagement of Dead Body carriers under disposal of Director, Capital Hospital, BBSR & CDM & PHO, Khordha are quoted as here under in pursuance of Letter No. GAD-CMRF-PROP-0033-201/13702/CMRF Dt.18.05.2021 & Letter No. 3631/Gen., Dt.10.02.2023 of G.A. & P.G. Deptt. (Annexure - I)

1. The vehicle must be in Road Worthy Condition, shall not be more than 3 years old from the date of initial registration by 16.05.2023 and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, Pollution Certificate and Proof of uptodate tax payment etc. which are mandatory for plying of the vehicle.
2. The Driver of the vehicle must have a valid Driving licence for driving light Transport Passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature. The mobile number of the driver so engaged by the successful bidder should be available and open all times, so that he can be informed during emergency time as and when required.
4. The selected service provider shall be paid with a monthly fixed cost comprising of cost engagement of Driver, fuel cost as per actual K.M. travelled during the month and hiring charges.
5. The services of DBCs shall be functional (24×7) for use of General Public.
6. The details of the make and year of manufacture of the vehicle, Registration No., Mileage (Kms. covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with the quotation/tender (Annexure - II).
7. The quotation completed in all respect should reach the undersigned on or before 16.05.2023 at 12.00 P.M. by hand/by Registered Post addressed to "Quotation/Tender for hiring of DBCs and shall be opened on the same day at 12.30 P.M. in presence of the bidders or their authorized representatives. No quotation will be entertained after the due date and time. Office will not responsible for any postal delay. The sealed envelope superscribed as "Quotation/ Tender for hiring of vehicle" the authority has the right to cancel the quotation without assigning any reason thereof.
8. Vehicle will be stationed inside the premises of Capital Hospital, Bhubaneswar & DHH, Khordha, So that the same can be utilized as and when required by the authority.
9. In case of emergency, the driver will have to report for duty. No extra payment shall be demanded.
10. The application form of quotation/tender containing general bid information and terms and conditions for hiring vehicles etc. will be available with Red Cross Section, Collectorate, Khordha from 02.05.2023 to 16.05.2023 or the same can be downloaded from the District website. The completed quotation/tender shall be submitted to this office by Regd. Post/by hand in sealed cover along with Annexure - I & II complete in all respect with signature of the bidder.

**Seal & Signature of Sd./- Collector & District Magistrate, Khordha**
COLKHD-IRCS-MISC-0002-2022/7/2023 — OIPR-24351/11/0007/2324

# ଜାତୀୟ ସଡ଼କ ସୁରକ୍ଷା ସଚେତନତା ଶିବିର

**ରାଉରକେଲା ଅଫିସ,୩।୫**

ରାଉରକେଲା ନୂଆ ବସଷ୍ଟାଣ୍ଡଠାରେ ବୁଧବାର ଜାତୀୟ ସଡ଼କ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ସହଯୋଗ କ୍ରମେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଓ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଉରକେଲା ଏମଭିଆଇ ପର୍ଶୁରାମ ସାହୁ ଯୋଗଦେଇଥିଲେ। ସୁନ୍ଦରଗଡ଼ ଜିଲା ମୋଟର କର୍ମଚାରୀ ସଂଘ ସଭାପତି ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ ବିମାନ ମାଇତ, ଉପ-ସଭାପତି ତଥା ଆଇନଜୀବୀ ରାଜକିଶୋର ପ୍ରଧାନ, ଆଇନଜୀବୀ ଅନ ଦାସ, ସିଆଇଟିୟୁର ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଦାସ, ଉପ-ସଭାପତି ମୀନକେତନ ମହାନ୍ତି ଓ ଅଟୋ ୟୁନିୟନର ସାଧାରଣ ସମ୍ପାଦକ ଅଜୟ ଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଡ଼କ ଦୁର୍ଘଟଣା ରୋକିବା ନେଇ ସଚେତନ ବାର୍ତ୍ତା ଅତିଥିମାନେ ଦେଇଥିଲେ। ଏଥିସହ ସଡ଼କ ସୁରକ୍ଷା ସମ୍ପର୍କରେ ବହୁ ଦିଗରେ ଆଲୋଚନା କରି ଡ୍ରାଇଭର,କଣ୍ଡକ୍ଟର ଓ ହେଲ୍ପର ସୁରକ୍ଷା ପ୍ରତି ଯତ୍ନଶୀଳ ହେବା ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଦୁର୍ଘଟଣାର ବିଭିନ୍ନ କାରଣ, ନିରାକରଣ ଏବଂ ଦୁର୍ଘଟଣା ଜନିତ କ୍ଷତିପୂରଣ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ।



ସଚେତନାତା ଶିବିରରେ ମଞ୍ଚାସୀନ ଅତିଥି।

# ଯୁବ କଲ୍ୟାଣ ପରିଷଦର ରକ୍ତଦାନ ଶିବିର

**ରାଉରକେଲା ଅଫିସ,୩।୫**

ରାଜ୍ୟ ଯୁବ କଲ୍ୟାଣ ପରିଷଦ ଓଡ଼ିଶା ସରକାରଙ୍କ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ବିଜେଡି ସମ୍ପାଦକ କୁନ ବିହାରୀ ଦାସଙ୍କ ୫୪ତମ ଜନ୍ମଦିବସ ଅବସରରେ ଏକ ରକ୍ତଦାନ ଶିବିର ସେକ୍ଟର-୨ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଫ୍ୟାନ କ୍ଲବ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ରକ୍ତଦାତାଙ୍କଠାରୁ ସର୍ବମୋଟ ୫୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଅର୍ବାନ କୋ-ଅପେରେଟିଭ ବ୍ୟାଙ୍କ ଅଧ୍ୟକ୍ଷ ଦିଲ୍ଲୀପ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚାମ୍ବର ଅଫ କମର୍ସ ଆଣ୍ଡ ଏଣ୍ଡଷ୍ଟ୍ରିଜ ସମ୍ପାଦକ ସୁନୀଲ କାୟଲ ସାମିଲ ହୋଇଥିଲେ।



ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

# ଚୋରା ବାଲି ଚାଲାଣବେଳେ ୩ ଟ୍ରାକ୍ଟର ଜବତ

**ରାଉରକେଲା ଅଫିସ,୩।୫**

ଝିରପାଣି ଥାନା ଅଧୀନ ଚର୍ଚ୍ଚଗେଟ ସମ୍ମୁଖରେ ଚୋରା ବାଲି ଚାଲାଣ ହେଉଥିବାବେଳେ ୩ଟି ଟ୍ରାକ୍ଟରକୁ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶନୀ ବଳ ଜବତ କରିଛନ୍ତି। ସୂଚନାଯୋଗ୍ୟ, ପ୍ରତିଦିନ ଝିରପାଣି ଘାଟରୁ ବିଭିନ୍ନ ସମୟରେ ଚୋରା ବାଲି ଚାଲାଣ ହେଉଥିବା ନେଇ ଅତିରିକ୍ତ ତହସିଲଦାର ଖବର ପାଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ୩ଟି ଟ୍ରାକ୍ଟରରେ ଚୋରା ବାଲି ଚାଲାଣ ହେଉଥିବା ଜାଣି ଘଟଣା ସ୍ଥଳରେ ପହଞ୍ଚିଥିଲେ। ଚର୍ଚ୍ଚଗେଟ ସମ୍ମୁଖରେ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଘଟଣା ସ୍ଥଳରୁ ଟ୍ରାକ୍ଟର ଡ୍ରାଇଭରମାନେ ଫେରାର ହୋଇଯାଇଥିବାବେଳେ ପୋଲିସ ସହାୟତାରେ ଉକ୍ତ ଟ୍ରାକ୍ଟର ଗୁଡ଼ିକୁ ଝିରପାଣି ଥାନା ପରିସରରେ ରଖାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

# ସାଇକେଲ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୩।୫**

ସାଇକେଲ ଚୋରି ଅଭିଯୋଗରେ ଉଦିତନଗର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଧୁସୂଦନପାଲି ବସ୍ତିର ମହେନ୍ଦ୍ର ଛୁରା(୫୩)। ପୋଲିସ ତାଙ୍କଠାରୁ ଚୋରି ସାଇକେଲ ଜବତ କରିଥିବା ଜଣାପଡ଼ିଛି। ସୂଚନାକ୍ରମେ, ବାସନ୍ତୀ କଲୋନୀ ଅଞ୍ଚଳରେ ତରୁଣ କୁମାର କାରପେଣ୍ଟର ଭାବେ କାମ କରନ୍ତି। ଏପ୍ରିଲ ୨୭ରେ ତରୁଣ ବାସନ୍ତୀ କଲୋନୀ ରେଲୱେ ଫାଟକ ନିକଟରେ ଥିବା ଦୋକାନରୁ ରଙ୍ଗ କିଣିବାକୁ ଯାଇଥିବାବେଳେ ତାଙ୍କ ସାଇକେଲକୁ କେହି ଚୋରି କରି ନେଇଥିଲେ। ଏନେଇ ସେ ଉଦିତନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ ୧୪୮/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ବିଧାୟିକାଙ୍କ ଗାଡ଼ିକୁ ପଥରମାଡ଼ ଅଭିଯୋଗ

**ସମ୍ବଲପୁର,୩।୫(ବ୍ୟୁରୋ):** ଝାରସୁଗୁଡା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ସେତିକି ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ଦଳୀୟ ପ୍ରାର୍ଥୀ ପ୍ରଚାର ମଇଦାନକୁ ଓହ୍ଲାଇ ଦିନରାତି ଏକ କରିଦେଇଛନ୍ତି। ଏପରିସ୍ଥଳେ ବିଭିନ୍ନ ଦଳ ମଧ୍ୟରେ ଛକପଞ୍ଝା ଭଳି ସ୍ଥିତି ଦେଖିବାକୁ ମିଳିଛି। ବୁଧବାର ଅନୁରୂପ ଭାବେ ଏକ ଘଟଣା ସାମ୍ନାକୁ ଆସିଛି। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେଙ୍କ ଗାଡ଼ିକୁ କେହି ଦୁର୍ବୃତ୍ତ ଲଇକେରା ଥାନା ନିକ୍ତିମାଲଠାରେ ପଥରମାଡ଼ କରିଥିବା ଅଭିଯୋଗ ହୋଇଛି। ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ସହ ଅନ୍ୟମାନେ ନିକ୍ତିମାଳ ଗ୍ରାମରେ ପ୍ରଚାର କରି ଫେରୁଥିବା ବେଳେ ଏଭଳି ଘଟଣା ଘଟିଥିଲା। ବିଧାୟିକା ଟେଟେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଏପ୍ରିଲ ୨୯ରେ ଝାରସୁଗୁଡା ମ୍ୟୁନିସିପାଲିଟିର ପୁରୁଣାବସ୍ତିରେ ପ୍ରଚାର କରୁଥିବା ସମୟରେ ଭାଜପା ପ୍ରଚାର ଗାଡିରୁ କେହି ଦୁର୍ବୃତ୍ତ ବ୍ୟାନର, ପୋଷ୍ଟର ଫାଡିଦେଇଥିଲେ। ଏ ସମ୍ପର୍କରେ ଝାରସୁଗୁଡା ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି, ଘଟଣା ନେଇ ବିଧାୟିକା ଟେଟେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ଲଇକେରା ଥାନାରେ ସମର୍ଥକଙ୍କ ସହ ବିଧାୟିକା କୁସୁମ ଟେଟେ।

# ପାର୍କିଂରୁ ମୋବାଇଲ ଛିନ୍‌ତାଇ, ଜଣେ ଗିରଫ

**ରାଉରକେଲା ଅଫିସ,୩।୫:** ରାଉରକେଲା ପାୱାରହାଉସ ରୋଡ ପାର୍କିଂ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ମୋବାଇଲ ଛିନତାଇ କରି ଫେରାର ଥିବା ଅଭିଯୁକ୍ତଙ୍କୁ ପ୍ଲାଣ୍ଟସାଇଟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମୀନାପଡ଼ା ଅଞ୍ଚଳର ସୁମନ ଖାନ(୨୪)। ଲୁଟ ମୋବାଇଲକୁ ମଧ୍ୟ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ପାୱାରହାଉସରୋଡ ପଣ୍ଡା କଲୋନୀର ଶରତ ଦାସ ମେ ୧ରେ ଘରକୁ ଫେରୁଥିବାବେଳେ ସୁମନ ତାଙ୍କ ମୋବାଇଲ ଛିନତାଇ କରି ନେଇଥିଲେ। ଏନେଇ ପୋଲିସ ମାମଲା (ନଂ.୭୫/୨୩) ରୁଜୁ କରିଥିଲା।


## OFFICE OF THE REGULATED MARKET COMMITTEE NARASINGHPUR

No. 53 Dt. 02.05.2023

**e-Procurement Notice**

**Bid Identification No. RMC/Narasinghpur-02/2022-23**

**1.** The Sub-Collector, Athgarh-cum-Chairman, R.M.C. Narasinghpur invites percentage rate bids in single & double cover system in **ONLINE** from eligible contractors for the work "**Construction of Multipurpose 100 MT Godown at Bindhanima PACS and Gadadharpur PACS of Tigiria Block**", "**Construction of Multipurpose 100 MT Godown at Nizigarh PACS of Narasinghpur Block**" & "**Construction of Multipurpose 100 MT Godown at Jodumu PACS, Ragadipada PACS and Ratapat PACS of Baramba Block under RMC Narasinghpur**". **2.** Nature of works:- Civil Constrution work as per DTCN. **3.** Nos of works:- 03 (three). **4.** Tender paper cost:- 10,000/- & 6,000/-. **5.** Class of Contractors:- "B" & "A" & "C". **6.** Availability of Bid documents in the website:- From 10.00 AM of 05.05.2023 to 5.00 PM of 16.05.2023. **7.** Date of opening of Bid:- Dt.17.05.2023 at 11.30 AM. The bidders have to participate in ONLINE bidding only. Further details can be seen from the website: - http://www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./- Sub-Collector, Athgarh-cum-Chairman R.M.C., Narasinghpur**



## GOVERNMENT OF ODISHA "e" PROCUREMENT NOTICE

**Bid Identification No. 03 of 2023-24**

No. O-108: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 02 Nos.
3. Estimated Cost : Rs.104.59 lakh to Rs.213.19 lakh
4. Eligible Class of Contractor : "B", "A" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 03 of 2023 - 24 | Dt.08.05.2023 at 11.00 hrs. | Dt.22.05.2023 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

**Sd./- Superintending Engineer RWS&S Division, Balangir**
OIPR-25033/11/0004/2324



## OFFICE OF THE DEAN & PRINCIPAL GOVERNMENT MEDICAL COLLEGE & HOSPITAL, SUNDARGARH

At/P.O.: Sankara, Dist.: Sundargarh, PIN - 770020
e-mail: sundargarhmc@gmail.com
Letter No. 747/GMCH/SNG Dated: 02.05.2023

**TENDER FOR HIRING OF VEHICLES**

No. E-73: Sealed quotations/tenders are invited from reputed travel agency private individuals for providing one Zest/Tigor/Swift Dzire/Xcent/Etios (AC/Non-AC) Petrol driven vehicle or any model of similar mileage and one 32 seater Bus. The quotation paper so as to reach in the Office of the undersigned on or before 17.05.2023 by 2 P.M. The details are available in the **Sundargarh.nic.in**. Interested bidders can submit tender/quotation documents accordingly. Incomplete quotations/tenders document in any respect shall not be entertained. The undersigned reserves the right to cancel the tender in full or parts any time without assigning any reason thereof. Sealed tenders through Speed Post/Registered Post/Courier shall only be acceptable.

**Sd./- Dean & Principal Govt. Medical College & Hospital, Sundargarh**
OIPR-10217/11/0001/2324



## CHIEF DISTRICT MEDICAL & PUBLIC HEALTH OFFICER KEONJHAR

Advt. No. 1236/CDM & PHO, Keonjhar Date: 03.05.2023
DMO (MS)

**RE-TENDER CALL NOTICE**

No. E-76:- Sealed tenders are hereby invited from the intending manufacturers or their authorized stockiest / Distributors for Supply of Drugs & Medical Consumables, Laboratory Chemicals & Reagents and Office furniture to Keonjhar District & Govt. Medical College & Hospital, Keonjhar for the year 2022-23.

The eligible bidders may submit their tender papers on or before 23.05.2023 by 1.00 P.M. through Registered Post / Speed Post / Courier only to the undersigned, with reference to this office Tender Call Notice No. 2782 dt 06.10.2022. The Technical Bid documents will be opened on 24.05.2023 at 11.30 A.M. Those who will qualify in the Technical Bid, the date of opening Financial Bids will be intimated later on. The details in this connection are available in the district website: www.kendujhar.nic.in.

The authority will not be responsible for any postal delay. The undersigned reserves the right to reject or cancelled any or all the tender without assigning any reason thereof.

**Sd./- Chief District Medical & Public Health Officer, Keonjhar**
OIPR-10033/11/0005/2324



## OFFICE OF THE CHIEF EXECUTIVE OFFICER, WATCO

Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2391444;
E-mail- mail@watcoodisha.in, md@watcoodisha.in
No. C-223

**INVITATION FOR BID (IFB)**
**Bid Identification No. WATCO (W) - 08/2023-24 Dtd. 02.05.2023**
**WATCO No. 2558 Date 02.05.2023**

1. Name of the work:- **1- Improvement & renovation of PH Works for Urban Community Health Center at Patia, Bhubaneswar.**
2. Estimated Cost :- (1) Rs.124.44 Lakh
3. Period of completion :- 04 (Four) Months
4. Date & time of availability of bid document in the portal :- From 11.00 AM of Dt.10.05.2023 to 5.00 PM of Dt.25.05.2023.
5. Last date/time of receipt of bids in the portal :- 5.00 PM of 25.05.2023.
6. Date & time of opening of technical bids :- 12.30 PM of 26.05.2023.
7. Name and address of the Officer Inviting Bid :- CEO, WATCO, Telefax:- 0674-2391444, E-mail: mail@watcoodisha.in md@watcoodisha.in, mail to: eephibbsr@ori.nic.in
8. The bidders have to participate in ONLINE bidding only. Further details can be seen from the website www.tendersodisha.gov.in

OIPR-13194/11/0015/2324 **Sd./- (CEO), WATCO**



## OFFICE OF THE COLLECTOR & DISTRICT MAGISTRATE, BHADRAK

(Mission Shakti)
District Project Monitoring Unit (DPMU), Mission Shakti, Bhadrak
Contact No. 7008115949/ 7978305265
Email: bhadrak.missionshakti@gmail.com
Advt No.1006 Date:03.05.2023

**TENDER CALL NOTICE**

**No.CAD-441:** Quotations in sealed cover are invited from registered firms/ dealers having upto date GST, Income Tax Return, ISO 9001 & Bid specific authorization (Only for Laptop, Projector & LED TV) for supply of items and equipments to 7 Nos. of Mission Shakti Bhawans at Seven Blocks of Bhadrak District. Details regarding the items/format for submission of tender may be downloaded from the district website www.bhadrak.nic.in. The tender documents should reach the office of the undersigned latest by 25.05.2023 up to 1.00 PM through Speed Post/ Registered Post only. The undersigned reserves the right to accept or reject any/all bids without assigning any reason thereof. The undersigned will not be held responsible for any postal delay.

**Sd./-CDO-cum-EO, Zilla Parishad, Bhadrak**
OIPR-19230/11/0001/2324



## idco | ODISHA NEW OPPORTUNITIES — OFFICE OF THE CHIEF GENERAL MANAGER (P&C)

IDCO, IDCO TOWERS, JANPATH, BHUBANESWAR - 751022
No. CAD-426
Tender Call Notice No. IDCO: H.O./P&C/EST/E-2260/01/2023/13416 Dated: 01.05.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of CC Road and Strom Water Drainage at Old Jagatpur Industrial Estate, Cuttack, Odisha
2. Value of the Work : Rs.37.71 lakhs
3. Period of Completion : 02 (Two) Calendar Months
4. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar - 751022 | P&C/EST/E-17/ 2023-24 | 09.05.2023 at 17.00 hrs. | 22.05.2023 upto 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**

OIPR-14003/11/0028/2324 **Sd./- Chief General Manager (P&C), IDCO, Bhubaneswar**



## OFFICE OF THE COLLECTOR AND DISTRICT MAGISTRATE, KALAHANDI, BHAWANIPATNA - 766001 (ODISHA)

**(Social Welfare Section)**
No. 1291/W.W., XVI-54/2023 Dt.01.05.2023

**NOTICE FOR EXPRESSION OF INTEREST**

No. g-22: Applications are invited in the Prescribed Format in Sealed Cover from the interested/eligible Non-Government Organizations (NGOs) for selection of Agency to manage the **Swadhar Greh at Bhawanipatna** - "A Scheme that caters to primary needs of women in difficult circumstances".

The prescribed format of application, detail eligibility criteria, terms and conditions as per guidelines issued by Ministry of Women and Child Development Department, Govt. of India, New Delhi are available in the district website **www.kalahandi.nic.in**.

The application completed in all respect must reach to the office of the District Social Welfare Officer, Kalahandi by Registered Post/Speed Post only on or before Dt.15.05.2023, at 01.00 P.M. and the applications will be opened on Dt.25.05.2023, at 11.00 A.M. in the conference hall of Collectorate, Kalahandi by the District Level Project Appraisal Committee (DLPAC), Kalahandi. The applications other than Regd. Post/Speed Post will not be entertained. The applications received after the due date or lack of required information will be rejected.

**Sd./- Collector, Kalahandi**
OIPR-19208/11/0002/2324



## COLLECTORATE, KHORDHA

No. 6006/2023 Red Cross Dated: 01.05.2023

**QUOTATION CALL NOTICE**

No. E-74: Sealed quotations/Tenders having valid GST Registration Certificate are invited in the prescribed format (Given in Annexure - I, II & III) from interested reputed Service Providers for providing two Nos. of Dead Body Carrier as per the specification given below to be used at Capital Hospital, Bhubaneswar & District Headquarter Hospital, Khordha.

| Sl. No. | Type of Vehicle | Nos. of Vehicle Required | Positioning of Vehicle |
|---|---|---|---|
| 1 | Dead Body Carrier with Stretcher arrangement in rear seating area **(Bolero Maxi Truck)** | 02 | 1. Capital Hospital, Bhubaneswar 2. District Headquarter Hospital, Khordha |

The terms and conditions for engagement of Dead Body carriers under disposal of Director, Capital Hospital, BBSR & CDM & PHO, Khordha are quoted as here under in pursuance of Letter No. GAD-CMRF-PROP-0033-201/13702/CMRF Dt.18.05.2021 & Letter No. 3631/Gen., Dt.10.02.2023 of G.A. & P.G. Deptt. (Annexure - I)

1. The vehicle must be in Road Worthy Condition, shall not be more than 3 years old from the date of initial registration by 16.05.2023 and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, Pollution Certificate and Proof of uptodate tax payment etc. which are mandatory for plying of the vehicle.
2. The Driver of the vehicle must have a valid Driving licence for driving light Transport Passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature. The mobile number of the driver so engaged by the successful bidder should be available and open all times, so that he can be informed during emergency time as and when required.
4. The selected service provider shall be paid with a monthly fixed cost comprising of cost engagement of Driver, fuel cost as per actual K.M. travelled during the month and hiring charges.
5. The services of DBCs shall be functional (24×7) for use of General Public.
6. The details of the make and year of manufacture of the vehicle, Registration No., Mileage (Kms. covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with the quotation/tender (Annexure - II).
7. The quotation completed in all respect should reach the undersigned on or before 16.05.2023 at 12.00 P.M. by hand/by Registered Post addressed to "Quotation/Tender for hiring of DBCs and shall be opened on the same day at 12.30 P.M. in presence of the bidders or their authorized representatives. No quotation will be entertained after the due date and time. Office will not responsible for any postal delay. The sealed envelope superscribed as "Quotation/Tender for hiring of vehicle" the authority has the right to cancel the quotation without assigning any reason thereof.
8. Vehicle will be stationed inside the premises of Capital Hospital, Bhubaneswar & DHH, Khordha, So that the same can be utilized as and when required by the authority.
9. In case of emergency, the driver will have to report for duty. No extra payment shall be demanded.
10. The application form of quotation/tender containing general bid information and terms and conditions for hiring vehicles etc. will be available with Red Cross Section, Collectorate, Khordha from 02.05.2023 to 16.05.2023 or the same can be downloaded from the Dist. website for submission of quotation/tender shall be submitted to this office by Regd. Post/by hand in sealed cover along with Annexure - I & II complete in all respect with signature of the bidder.

**Seal & Signature of Sd./- Collector & District Magistrate, Khordha**
COLKHD-IRCS-MISC-0002-2022/7/2023 OIPR-24351/11/0007/2324



No. W-02

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୩

ତା୧୩।୦୫।୨୦୨୩ରିଖ (ଦ୍ୱିତୀୟ ଶନିବାର)

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୧୩।୦୫।୨୦୨୩ରିଖ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ପୈଠ ବିଲ୍ ସମ୍ବନ୍ଧୀୟ ମାମଲା ଓ ଅନ୍ୟାନ୍ୟ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରି ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ୍ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ
ଆଇନ୍ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
**ଯୋଗାଯୋଗ:**
ମୋ.: ୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍: oslsa2020@gmail.com
OIPR-18008/11/0005/2324



## OFFICE OF THE MUNICIPAL COUNCIL, SONEPUR

**"e" Procurement Notice**
**BID Identification No: SNP-MUN-12/2023-24**
**TENDER ID: 2023_ORULB_88650**
**Tender Call Notice No. 1534 / Date. 02.05.2023**

**No.C-227:** Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : As per DTCN
2. No. of works : 35 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.03.05.2023 from 11.00 A.M.
6. Last Date & Time for Receipt of tenders through online : On or before Dt.14.05.2023 up to 05.00 PM
8. Bids received online shall be opened on : On Dt.15.05.2023 at 11.00 AM
9. Name and address of the Officer inviting Bid : Executive Officer, Sonepur Municipality

Further details can be seen from the procurement portal i.e. **www.tendersodisha.gov.in.**

OIPR-13098/11/0001/2324 **Sd./- Executive Officer Sonepur Municipality**

**ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର**

ନୂଆପଡା ଅଫିସ: ନୂଆପଡା ସଦ୍‌ଭାବନା ସଭା ଗୃହରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ହେମକାନ୍ତ ସାଏଙ୍କ ସମେତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନ କୁମାରୀ ଲମ୍ଭ, ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ର, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ମାନା ସିଂ, ସଦର ବିଡିଓ ସୁବେଦାର ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୨ ଅଭିଯୋଗର ଶୁଣାଣି କରିଥିଲେ ଜିଲାପାଳ।

## ସଂକ୍ଷେପରେ

### ୫୦୦ ଟଙ୍କା ଭତ୍ତା ପାଇଁ ୫ କିଲୋମିଟର ଚାଲିଲେ ବୃଦ୍ଧା



ବୃଦ୍ଧା ଜଣକ ଭତ୍ତା ଟଙ୍କା ଉଠାଇବା ପାଇଁ ଯାଉଛନ୍ତି।

**ଭବାନୀପାଟଣା,୩।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା କୋକସରା ବ୍ଲକ କୁଲେରଗୁଡ଼ା ଗାଁର ଜଣେ ବୃଦ୍ଧା ୫୦୦ ଟଙ୍କା ଭତ୍ତା ପାଇଁ ୫ କିଲୋମିଟର ଚାଲିକି ଯାଉଛନ୍ତି। ସେ ହେଲେ ପିତବତୀ ପାଳି (୮୦)। ଟାଣ ଖରା ସାଙ୍ଗକୁ ପଥୁରିଆ ରାସ୍ତା ଦେଇ ବୃଦ୍ଧା ଜଣକ ଆଗେଇ ଚାଲିଥିଲେ। ଗାଁରେ ବ୍ୟାଙ୍କ ନଥିବାରୁ ସେ ଟେମେରା ମିନି ବ୍ୟାଙ୍କକୁ ଯାଉଥିବା ପଚାରୁଥିବା ଲୋକଙ୍କୁ କହିଥିଲେ। ପୂର୍ବରୁ ଭତ୍ତା ଟଙ୍କା ସିଧାସଳଖ ପଞ୍ଚାୟତ ପକ୍ଷରୁ ଦିଆଯାଉଥିବାବେଳେ ଏବେ ଅନଲାଇନରେ ମିଳୁଥିବାରୁ ବହୁତ ଅସୁବିଧା ହେଉଛି ବୋଲି ସେ କହିଛନ୍ତି।

### ମନ୍ଦିରରୁ ଚୋରି ମାମଲାର ରାୟ ପ୍ରକାଶ

**ଅଭିଯୁକ୍ତଙ୍କୁ ୪ବର୍ଷ ଜେଲ ଦଣ୍ଡ**

**ଜୁନାଗଡ଼,୩।୫(ଡି.ଏନ୍.ଏ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କଟିଙ୍ଗପଦର କାଳେଶ୍ୱର ମନ୍ଦିରରୁ ଗତ ୨୦୨୨ ଅକ୍ଟୋବର ମାସରେ ଚୋରି ହୋଇଥିଲା। ଏଥିରେ ମନ୍ଦିରର ପୂଜା ସାମଗ୍ରୀ ସହ ମୂର୍ତ୍ତି ଚୋରି ହୋଇଥିବା ନେଇ ସ୍ଥାନୀୟ ମନ୍ଦିର ପୂଜକ ମୁକୁନ୍ଦ ସିଂ ଜୁନାଗଡ଼ ଥାନାରେ ଏତଲା ଦେଇଥିଲେ। ଯାହାର ରାୟ ବୁଧବାର ପ୍ରକାଶ ପାଇଛି। ଜେଏମ୍ଏଫସି ବିଚାରପତି ପି. ସୀତାଲକ୍ଷ୍ମୀ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ମେରିଆବନ୍ଧଲି ଗ୍ରାମର ସୁରେନ୍ଦ୍ର ଦୀପଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୩୮୦ରେ ୪ବର୍ଷ ଜେଲ ଦଣ୍ଡାଦେଶ ଓ ୨ହଜାର ଟଙ୍କା ଜରିମାନା ସମେତ ଦଫା ୪୫୭ରେ ୩ ବର୍ଷ ସମକାଳୀନ ଭାବେ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ଜରିମାନା ଅନାଦେୟ ହେଲେ ଆହୁରି ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅଶୋକ କୁମାର ନାୟକ ଓ ଦିଗାମ୍ବର ନାୟକ ପରିଚାଳନା କରିଥିଲେ।

### ମିଲେଟ ମଦର ଇଭେଣ୍ଟ କାର୍ଯ୍ୟକ୍ରମ

**ଖଡ଼ିଆଲ, ୩।୫(ଡି.ଏନ.ଏ.):** ଖଡ଼ିଆଲ ବ୍ଲକ ସମସେରପଦରରେ ଅନ୍ତର୍ଜାତୀୟ ମିଲେଟ ବର୍ଷ ଉପଲକ୍ଷେ ମିଲେଟ ମଦର ଇଭେଣ୍ଟ ପାଳିତ ହୋଇଛି। ପଲ୍ଲୀବିକାଶ ଅନୁଷ୍ଠାନ ଚଳାନପଡା ଓ ମର୍ଯ୍ୟାଦା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଖଡ଼ିଆଳ ବ୍ଲକ ସଂଯୋଜକ ଝସକେତନ ବାଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଶଶିକଳା ମାଝି, ଭୂମିସୂତା ମାଝି ଓ ଏଏନଏମ ଯମୁନା ନାଏକ, ସ୍ୱାସ୍ଥ୍ୟକର୍ମୀ ଗୋପାଳ ଖମାରୀ ଏବଂ ଚଳାନପଡାରୁ ଆସିଥିବା କର୍ମୀ ଦୟାରାମ ତାଣ୍ଡି, ନିରଞ୍ଜନ ନିଆଲ ଓ ସ୍ଥାନୀୟ ଏସ୍ଏଚ୍‌ଜି ମହିଳା ଏବଂ ଜନସାଧାରଣ ବୈଠକରେ ଉପସ୍ଥିତ ଥିଲେ।

# କୋସଲି ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ ଦାବି

**ଟିଟିଲାଗଡ,୩।୫(ଡି.ଏନ.ଏ.)**



କୋସଲି ଭାଷାର ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**କୋସଲି ଭାଷା ସୁରକ୍ଷା ସମିତି ପକ୍ଷରୁ କୋସଲି ସାହିତ୍ୟ ଆସର**

ଟିଟିଲାଗଡ କୋସଲି ଭାଷା ସୁରକ୍ଷା ସମିତି ପକ୍ଷରୁ କୋସଲି ସାହିତ୍ୟ ଆସର ସ୍ଥାନୀୟ ପ୍ରଭାବତୀ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ଯୋଗ ଦେଇଥିଲେ। ଆଲୋଚକ ଭାବେ ପାଞ୍ଚଛକ ଚଙ୍ଗରିଆ କଲେଜର ସଭାପତି ସୁଶିଲ କୁମାର ଗୁରୁ, ବିଶିଷ୍ଟ ଶିକ୍ଷାବିତ୍ କ୍ଷୀରୋଦ ଷଡଙ୍ଗୀ, ବରିଷ୍ଠ ଖବରଦାତା ଶ୍ରୀବତ୍ସ ବେହେରା, ସାହିତ୍ୟିକ ଡ. ଯୁଗଳ କିଶୋର ଷଡଙ୍ଗୀ, ସମିତି ଅଧ୍ୟକ୍ଷ ଭିକାରୀ ଚରଣ ମିଶ୍ର, ଉପଦେଷ୍ଟା ନୀଳମଣି ସାହୁ ତଥା କୋସଲି ଭାଷା ସୁରକ୍ଷା ସମିତିର ସଭାପତି ଦିଲିପ କୁମାର ପଶାୟତ ମଞ୍ଚାସୀନ ଥିଲେ। କୋସଲି ଭାଷା ଦେଢ କୋଟି ଲୋକଙ୍କ ମା' ଓ ମାଟିର ଭାଷା। ହଜାର ହଜାର ବର୍ଷ ଧରି ଏହି ଭାଷା ବ୍ୟବହୃତ ହୋଇ ଆସୁଥିବାରୁ ସରକାର ଏହାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା ପାଇଁ ଆଲୋଚକଗଣ ସ୍ୱର ଉଠାଇଥିଲେ। ଏହାକୁ ପ୍ରାଥମିକ ଶିକ୍ଷାରେ ସାମିଲ କରିବା, ସ୍ୱତନ୍ତ୍ର ଏକାଡେମୀ ପ୍ରତିଷ୍ଠା କରିବା, କୋସଲି କବି ଲେଖକଙ୍କୁ ପୁରସ୍କୃତ କରିବା ଆଦି ଦାବିଗୁଡିକୁ ସରକାର ମାନି ନେବାକୁ ବୁଦ୍ଧିଜୀବିଗଣ ନିଜ ନିଜ ବକ୍ତବ୍ୟରେ କହିଥିଲେ। ଏହି କ୍ରମରେ ସ୍ୱତନ୍ତ୍ର କୋସଲ ରାଜ୍ୟ ଦାବିର ଯଥାଯଥ ବିଚାର କରିବା ପାଇଁ ବୁଦ୍ଧିଜୀବୀଗଣ ପରାମର୍ଶ ଦେବାକୁ ଅନୁରୋଧ କରାଯାଇଥିଲା। ନୀଳମଣି ସାହୁଙ୍କ ପରିଚାଳନାରେ ପ୍ରାରମ୍ଭରେ ସମିତିର ଉପଦେଷ୍ଟା ସେବକ ଚରଣ ଦାଶଙ୍କ ଦ୍ୱାରା ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଘିନୁ ଆଡଯୁଆଡ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ଭିକାରୀ ଚରଣ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ଦିଲୀପ କୁମାର ପଶାୟତ ସମିତିର ଉଲ୍ଲେଖନୀୟ କାର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୋସଲି ଭାଷା ସାହିତ୍ୟର ମୁଖପତ୍ର 'ଝାଁପି'କୁ ଉନ୍ମୋଚନ କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ କବି ମଧୁସୂଦନ ଦାଶ, କ୍ଷୀରସିନ୍ଧୁ ବିଶି, ପୁରୁତ୍ତମ ଯୁଆଡି, ସୁଶାନ୍ତ ବାଗ, ମଧୁସୂଦନ ମହାନନ୍ଦ, ଲକ୍ଷ୍ମୀ ବରଗୁିଡ୍ଡି, ସୁଜିତ ଶତପଥୀ, ବିନୟ ଦାଶ, ଦିଲିପ କୁମାର ମିଶ୍ର, ରାଜମଣି ସାହୁ, ତରୁଣ ସିଂ ଦୀପ, ସବିତା ମହାରା, ଯଶୋବନ୍ତ ସାହୁ, ଆଦିମୂଳ ଶତପଥୀ, ପଞ୍ଚାନନ ତାଣ୍ଡି, ପୁଲସ୍ତି ବେହେରା, ସୁନିଲ ଅଗସ୍ତି, ଯମୁନା ଦାସ, ନରସିଂହ ସାହୁ, ଘନଶ୍ୟାମ ଖମାରୀ, ତପସ୍ୱିନୀ ପଶାୟତ, ଲିଲୁ ମୋହନ ପଧାନ, ପ୍ରମୋଦ ବୈଠାରୁ, ଚିତ୍ତ ରଞ୍ଜନ ଚାନ୍ଦ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଭିକାରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଦୁର୍ଗା ବେହେରା, ଶର୍ମିଷ୍ଠା ମିଶ୍ର, ଆୟୁଷି, ଚିତ୍ତରଞ୍ଜନ ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ଦାବି

**ଲାଠୋର,୩।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅଧୀନ ସୁନାମୁଦି ଗ୍ରାମ କୋଲପଡ଼ାର ୧୦ ଜଣ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏହି ପଡ଼ାର ଇନ୍ଦ୍ର ମାଝି, ସତ ମାଝି, ବୁଡୁ ମାଝି, ଯମୁନା ମାଝି, ଲତା ମାଝି, ସୁମନି ଶବର, ଉପାସୁ ଦୀପ,ଗୋମତି ମାଝି, ଦେମତି ମାଝି ଏବଂ ଦଶରଥ ମାଝି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ପାଇଁ ଦାବି କରି ଆସୁଥିଲେ ମଧ୍ୟ ତାଙ୍କୁ ଏହା ମିଳି ନ ଥିବା ନେଇ ଅଭିଯୋଗ କରିଛନ୍ତି। ସଂପୃକ୍ତ ହିତାଧିକାରୀମାନେ ଆଦିବାସୀ ସଂପ୍ରଦାୟର। ଜଙ୍ଗଲରୁ ବାଉଁଶ ସଂଗ୍ରହ କରି ସେଥିରେ ବିଭିନ୍ନ ଘର କରଣା ସାମଗ୍ରୀ ତିଆରି କରି ତାକୁ ବଜାରରେ ବିକ୍ରୟ କରିବା ଏମାନଙ୍କର କୌଳିକ ବୃତ୍ତି। ବାର୍ଦ୍ଧକ୍ୟ ହେତୁ ସେମାନେ ଜଙ୍ଗଲକୁ ଯାଇ ବାଉଁଶ ସଂଗ୍ରହ କରି ଏହିସବୁ କାମ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ଫଳରେ ସେମାନେ ଘରେ ପଡ଼ି ରହିଛନ୍ତି। ପଞ୍ଚାୟତରୁ ପାଉଥିବା ଚାଉଳ ଉପରେ ନିର୍ଭର କରି ଚଳୁଛନ୍ତି। ଦୀର୍ଘ ୫ ବର୍ଷ ହେବ ଭତ୍ତା ପାଇବା ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ପଞ୍ଚାୟତ କାର୍ଯ୍ୟାଳୟରେ ଦେଇ ଆସୁଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ। ଏହାମଧ୍ୟରେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ବହୁବାର ଦୌଡି ଦୌଡି ନୟାନ୍ତ ହେଲେଣି। ଫଳରେ ବୃଦ୍ଧା ବୃଦ୍ଧମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏନେଇ ଖପ୍ରାଖୋଲ ବିଏସଏସଓ କନିସ୍କ ବିଭାରଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲା। କିନ୍ତୁ ଯୋଗାଯୋଗ ସମ୍ଭବପର ହୋଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ବ୍ଲକ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯଥାଶୀଘ୍ର ଭତ୍ତା ପ୍ରଦାନର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



ଭତ୍ତା ପାଇବାରୁ ବଞ୍ଚିତ ବୃଦ୍ଧାମାନେ।

# ୫୮ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ଲୋକାର୍ପିତ



ଦର୍ଲିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅତିଥି ଓ ଅନ୍ୟମାନେ।

**ନୂଆପଡା ଅଫିସ,୩।୫**

ନୂଆପଡା ଜିଲାର ପାଞ୍ଚବ୍ଲକର ୫୮ଟି ୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ମଙ୍ଗଳବାର ଲୋକାର୍ପିତ ହୋଇଛି। ନୂଆପଡା ସଦର ବ୍ଲକ ଦର୍ଲିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସବୁର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ୫ଟି ସଚିବ ଭି.କେ.ପାଣ୍ଡିଆନ ଉପସ୍ଥିତ ଥିଲେ। ନୂଆପଡା ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ର, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସଦର ବିଡିଓ ସୁବେଦାର ପ୍ରଧାନ, କୋମନା ବିଡିଓ ସୁଶାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର,ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ଭାନୁ ପ୍ରତାପ ସିଂ ମାଝି, ମୁରଲୀଧର ଭୋଇ, ଉମା ଠାକୁର, ଚିତ୍ତରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦର୍ଲିମୁଣ୍ଡା ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ନନ୍ଦିନୀ ରାଉତ ମୁଖ୍ୟମନ୍ତ୍ରୀଙ୍କ ସହ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। ଡିସେମ୍ବର ମାସ ସୁଦ୍ଧା ଜିଲାର ଅନ୍ୟ ୪୩ଟି ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ ହେବ ବୋଲି ୫ ଟି ସଚିବ ପାଣ୍ଡିଆନ କହିଛନ୍ତି।

# ନୂଆବନ୍ଧ ହିଡ଼ ଦେଇ ରେଳଷ୍ଟେଶନକୁ ରାସ୍ତା ନିର୍ମାଣ ଦାବି

**ଲୋଇସିଂହା,୩।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହାଠାରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ନୂତନ ବସଷ୍ଟାଣ୍ଡ ନିର୍ମାଣ ହୋଇଛି। ନିର୍ମାଣ କାମ ସରି ଯାଇଥିବା ବେଳେ କାର୍ଯ୍ୟକ୍ଷମ ଅପେକ୍ଷାରେ ରହିଛି। ନୂଆ ବସଷ୍ଟାଣ୍ଡରୁ ନୂଆବନ୍ଧ ହିଡ ଦେଇ ସ୍ଥାନୀୟ ରେଳ ଷ୍ଟେଶନକୁ ଏକ ରାସ୍ତା ଫିଟାଇବାକୁ ସାଧାରଣରେ ଦାବି ହେଉଛି। ଲୋଇସିଂହା ସହର ଦେଇ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଏବଂ ସମ୍ବଲପୁର -ଟିଟିଲାଗଡ ରେଳପଥ ଯାଇଛି। ରାଜପଥ କଡ ହରେକୃଷ୍ଣ ମହତାବ ହାଇସ୍କୁଲ ତଥା ଜଡାମୁଣ୍ଡା ବସ୍ତି ରାସ୍ତାରେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି। ରାଜପଥରୁ ୫୦ ମିଟର ଦୂରରେ ଉକ୍ତ ବସଷ୍ଟାଣ୍ଡ ରହିଛି। ବସଷ୍ଟାଣ୍ଡ ତଥା ରାଜପଥ ଅପରପାର୍ଶ୍ୱରେ ଲୋଇସିଂହା କୋର୍ଟ ଏବଂ ତତ୍ ସଂଲଗ୍ନ ନୂଆବନ୍ଧ(ପୋଖରୀ) ରହିଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଉକ୍ତ ପୋଖରୀ ହିଡ ଦେଇ ଏକ ରାସ୍ତା ରେଳଷ୍ଟେଶନକୁ ଫିଟାଇବାକୁ ସାଧାରଣରେ ଦାବି ହେଉଛି। ବସଷ୍ଟାଣ୍ଡରୁ ରେଳଷ୍ଟେଶନ ଏବଂ ରେଳଷ୍ଟେଶନରୁ ବସଷ୍ଟାଣ୍ଡକୁ ସିଧାସଳଖ ଯାତ୍ରୀ ଯାତାୟାତ କରି ପାରିବେ। ଏହାଛଡା ଆଗାମୀ ଦିନରେ ରେଳଷ୍ଟେଶନ ରାସ୍ତା ପ୍ରବେଶ ପଥ ହେବା ଏବଂ ପ୍ରସ୍ତାବିତ ନୂଆବନ୍ଧ ହିଡ ରାସ୍ତା ନିର୍ମାଣ ହେଲେ ପ୍ରସ୍ଥାନ ପଥ ହୋଇ ପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ, ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ସରିଯାଇଛି। ଏହା କାର୍ଯ୍ୟକ୍ଷମ ନ ହୋଇ ରାତି ସମୟରେ ଅଯଥାରେ ଅଧିକ ସଂଖ୍ୟାରେ ଲାଇଟ ଜଳୁଛି। ଏଥିଯୋଗୁ ଅଯଥାରେ ମାସିକ ହଜାର ହଜାର ଟଙ୍କାର ବିଦ୍ୟୁତ ବିଲ ପୈଠ କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଗୋବନ୍ଧ୍ୟା ନିରାକରଣ, ସଚେତନତା ଶିବିର

**କେସିଙ୍ଗା,୩।୫(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବେଲସାପଡ଼ା ହାତିଖୋଜ୍‌ଠାରେ ରାଷ୍ଟ୍ରୀୟ ଗୋକୁଳ ମିଶନ୍ ଆନୁକୂଲ୍ୟରେ ବ୍ଲକସ୍ତରୀୟ ବିଶାଳ ଗୋବନ୍ଧ୍ୟା ନିରାକରଣ ଓ ଚିକିତ୍ସା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୨୫୦ରୁ ଊର୍ଦ୍ଧ୍ୱ ଗୋପାଳକ ଓ ଦୁଗ୍ଧ ଚାଷୀ ଭାଗ ନେଇଥିଲେ। ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ହେମନ୍ତ ପ୍ରଧାନ ଯୋଗଦେଇ ଚାଷୀଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଭାତ କୁମାର ପରିଡ଼ା ବନ୍ଧ୍ୟା ଗାଈ ଗୁଡ଼ିକର ଉପଯୁକ୍ତ ଚିକିତ୍ସା ଯୋଗାଇ ମାଗଣାରେ ଔଷଧ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ହେମନ୍ତ ପ୍ରଧାନ ପ୍ରାଣୀ ପାଳନ ସମ୍ପର୍କୀତ ନୂତନ ଜ୍ଞାନକୌଶଳ, ଲିଙ୍ଗ ନିରୁପୀତ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ, ବ୍ରୁସେଲା ରୋଗର ପ୍ରତିକାର, କୃମି ନାଶନ ଉପରେ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ବିଭିନ୍ନ ପ୍ରକାରର ଚିକିତ୍ସା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ କେସିଙ୍ଗା ବିଭିଓ ଡ. ପରମାନନ୍ଦ ନାୟକ, ଡ. ଶାଶ୍ୱତ ପ୍ରିୟଦର୍ଶୀ ମହାରଥୀ, ଡ. ଦେବାଶିଷ ପଟେଲ, ଡ. ଦିବ୍ୟ ରଞ୍ଜନ ଲେଙ୍କା, ଡ. ଚିତ୍ତରଞ୍ଜନ ପ୍ରଧାନ,ପ୍ରିୟମ୍ବଦା ହୋତା ଏବଂ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।



ଶିବିରକୁ ଚାଷୀ ଆଣିଥିବା ଗୋରୁର ଚିକିତ୍ସା କରାଯାଉଛି।

# ଅନ୍ତର୍ଜାତୀୟ ମାଣ୍ଡିଆ ଦିବସ ପାଳିତ

**ବୋଡ଼େନ, ୩।୫(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ନାଗପଡା ପଞ୍ଚାୟତ ଅନ୍ତର୍ଗତ ବୋଲଦା ଗ୍ରାମରେ ଅନ୍ତର୍ଜାତୀୟ ମାଣ୍ଡିଆ ଦିବସ ପାଳତ ହୋଇଯାଇଛି। ପଲ୍ଲୀ ବିକାଶ ଅନୁଷ୍ଠାନ ଚଲାନପଡାର ବୋଡ଼େନ ବ୍ଲକ ସଂଯୋଜକ ତରୁଣ କୁମାର ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ନୀଳା ଝାଙ୍କର, ସ୍ଥାନୀୟ ଆଶାକର୍ମୀ ଭାନୁମତୀ ଦୀପ ଓ ଧନମତି ଚିନ୍ଦା, ନାଗପଡା ପଞ୍ଚାୟତ ନାଏବ ସରପଞ୍ଚ କାଠ ଚିନ୍ଦା, ସମାଜସେବୀ ଘନ ଶ୍ୟାମ କରୁଆଁ, କର୍ଣ୍ଣ ଦଣ୍ଡସେନା, ଯଶୋବନ୍ତ ବାଗ, ଚିତ୍ରସେନ ସଲମା, ବ୍ୟାସଦେବ ହଂସ, ଡମୁ ପଟେଲ, ଦୁର୍ବଳ ଶଗରିଆ, ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ। ପଲ୍ଲୀ ବିକାଶ ଚକାନପଡ଼ାରୁ ଆସିଥିବା କର୍ମୀମାନେ କ୍ଷୁଦ୍ରଶସ୍ୟର ପୁଷ୍ଟିକାରିତା ବିଷୟରେ ବୁଝାଇଥିଲେ। ପ୍ରତ୍ୟେକ ପରିବାର କ୍ଷୁଦ୍ରଶସ୍ୟ ଜାତୀୟ ଚାଷକୁ ଗୁରୁତ୍ୱ ଦେବା ସହ ପ୍ରତିଦିନ କିଛି ନା କିଛି ମିଲେଟ କ୍ଷୁଦ୍ରଶସ୍ୟରେ ପ୍ରସ୍ତୁତି ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଆଗକୁ ଉକ୍ତ ଅଞ୍ଚଳର ଚାଷୀ ମାଣ୍ଡିଆ, ସୁଆଁ, ଗୁର୍ଜି, କୋଦୋ, ବାଜରା ଭଳି କ୍ଷୁଦ୍ରଶସ୍ୟ ଜାତୀୟ ଚାଷ କରି ଜୀବିକାନିର୍ବାହ କରିବା ସଙ୍ଗେସଙ୍ଗେ ପ୍ରତ୍ୟହ କିଛି ପରିମାଣରେ ଖାଦ୍ୟଭାବେ ଗ୍ରହଣ କରିବା ପାଇଁ ପ୍ରୟାସ ଜାରି ରଖିବୁ ବୋଲି କହିଥିଲେ।

# କଳାହାଣ୍ଡିରେ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଦାବି

**ଭବାନୀପାଟଣା,୩।୫(ସ୍ୱ.ପ୍ର.)**

**ରାଜ୍ୟ ସଭା ସଦସ୍ୟଙ୍କୁ ଦାବିପତ୍ର**

କଳାହାଣ୍ଡିରେ ଇନ୍ଦିରାଗାନ୍ଧୀ ଜାତୀୟ ଆଦିବାସୀ ବିଦ୍ୟାଳୟ (ଆଇଜିଏନ୍‌ଟିୟୁ)ର ଆଞ୍ଚଳିକ କ୍ୟାମ୍ପସ ସ୍ଥାପନ ପାଇଁ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟ ଓ ଏନ୍‌ସିଆର୍‌ରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ,ଗତ ୨୦୧୨ରେ କଳାହାଣ୍ଡିରେ ଆଇଜିଏନ୍‌ଟିୟୁର ଆଞ୍ଚଳିକ କ୍ୟାମ୍ପସ ସ୍ଥାପନ ପାଇଁ ପ୍ରସ୍ତାବ ଥିଲା। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ୩ଶହ ଏକର ଜମି ମଧ୍ୟ ପ୍ରଦାନ କରାଯାଇଥିଲା। ହେଲେ ବର୍ତ୍ତମାନ ଏହି ପ୍ରସ୍ତାବିତ କ୍ୟାମ୍ପସକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୟୂରଭଞ୍ଜକୁ ସ୍ଥାନାନ୍ତରିତ ପାଇଁ ମସୁଧା କରାଯାଉଛି। ଏହାକୁ ସେମାନେ ପ୍ରତିବାଦ କରିଛନ୍ତି। ସେହିପରି ବିଭିନ୍ନ ସମୟରେ କେବିକେ ଅଞ୍ଚଳକୁ ନିତି ନିର୍ଦ୍ଧାରଣକାରୀଙ୍କ ଦ୍ୱାରା ଅନେକ କ୍ଷେତ୍ରରେ ଅଣଦେଖା କରାଯାଉଛି ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଛାତ୍ର ଲୋକେଶ ଦୁର୍ଗା କହିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପିଏଚ୍‌ଡି ଛାତ୍ର ଲୋକେଶ ଦୁର୍ଗାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ଡେଭିସ ସାହା, ରଣେନ୍ଦ୍ର ପ୍ରତାପ ରାଉତ, ରୋହିତ ନାୟକ, ରଘୁପତି ନାୟକ, ମକରଧ୍ୱଜ କର, ଡାକରୁଷି ସାହୁ, ଭାରତୀ ମାଝୀ, ମଧୁସୁଦନ ନାଗ ପ୍ରମୁଖ ସାମିଲ ହୋଇଥିଲେ।



ରାଜ୍ୟ ସଭା ସଦସ୍ୟଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

**ନୂଆପଡା ଅଫିସ, ୩।୩**

- ଟାନୱାଟ ଛକ-ପେଠିଆପାଲି ରାସ୍ତା ଶୋଚନୀୟ
- ରାସ୍ତା ନିର୍ମାଣ ପାଇଁ ଆର୍‌ଡି ବିଭାଗକୁ ନିର୍ଦ୍ଦେଶ



ଜିଲାପାଳ ରାସ୍ତାର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ନୂଆପଡା ସଦର ବ୍ଲକ ଟାନୱାଟଠାରୁ କେରମେଲି ଦେଇ ପେଠିଆପାଲି ପର୍ଯ୍ୟନ୍ତ ପାହାଡିଆ ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଗେଟି ପଥର ବାହାରି ରାସ୍ତାସାରା ବିଛେଇ ହୋଇ ପଡିଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଦୀର୍ଘବର୍ଷ ହେଲା ଦାବି ହୋଇ ଆସୁଥିଲେ ହେଁ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। କିଛି ଦିନତଳେ ଏହି ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଓ ଜଲା ଆଦିବାସୀ କଲ୍ୟାଣ ସଂଘ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ବୁଧବାର ଜିଲାପାଳ ହେମକାନ୍ତ ସାଏ ଘଟଣାସ୍ଥଳକୁ ଯାଇ ରାସ୍ତାର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଶୀଘ୍ର ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ଶୀଘ୍ର ଟଙ୍କା ମଞ୍ଜୁର କରି ବର୍ଷାଋତୁ ପୂର୍ବରୁ ରାସ୍ତା କାମ ଆରମ୍ଭ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାପାଳଙ୍କ କ୍ଷେତ୍ର ଅନୁଧାନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ, ଜେଇଙ୍କ ସହ ଜିଲା ପରିଷଦ ସଦସ୍ୟ ଭାନୁପ୍ରତାପ ସିଂ ମାଝି, ବିହାରି ବିଶ୍ୱାଳ, ବାଳକୃଷ୍ଣ ଶବର, ଭକ୍ତବନ୍ଧୁ ଧରୁଆ, ଜୟାନନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୩୫୩ ନମ୍ବର ଜାତୀୟ ରାଜପଥ ଟାନୱାଟ ଛକଠାରୁ କେରମେଲି ଦେଇ ପେଠିଆପାଲି ପର୍ଯ୍ୟନ୍ତ ପ୍ରାୟ ୧୪ କିଲୋମିଟର ଜଙ୍ଗଲ ଓ ପାହାଡିଆ ରାସ୍ତା ଖାଲଖମାରେ ଭରି ଯାଇଛି। ଏହି ରାସ୍ତା ସୁନାବେଡାକୁ ମଧ୍ୟ ସଂଯୋଗ କରୁଛି। ଲୋକେ ନୂଆପଡା ଦେଇ ସୁନାବେଡା ଗଲେ ଏହି ରାସ୍ତା ଦେଇ ଯାଇଥାନ୍ତି। ରାସ୍ତା ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ଯାଉଥିବା ଜାଣିଲଶ ପରେ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ପଛୁଆବର୍ଗ ସାମାଜିକ ଶିକ୍ଷାଗତ ସର୍ଭେ

**ବରପାଲି, ୩।୫(ଡି.ଏନ.ଏ.):** ବରଗଡ ଜିଲା ବରପାଲି ଏନଏସିରେ ରାଜ୍ୟ ପଛୁଆ ବର୍ଗର ସାମାଜିକ ଶିକ୍ଷାଗତ ସର୍ଭେ ଅଙ୍ଗନୱାଡ଼ି କର୍ମୀମାନେ କରଛନ୍ତି। ଏହା ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ଚାଲିବ। ଠିକ ତଥ୍ୟ ଦେଇ ସର୍ଭେ କାର୍ଯ୍ୟରେ ସହଯୋଗ କରିବା ପାଇଁ ଜିଲା ପ୍ରଶାସନ ଓ ବରପାଲି ବ୍ଲକ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ଅଧକ୍ଷ ଦିନେଶ ଗହୀର ସହରର ସର୍ଭେ ସେଣ୍ଟରମାନଙ୍କୁ ଯାଇ କାର୍ଯ୍ୟର ତଦାରଖ କରିଛନ୍ତି। ଜନସାଧାରଣ ମଧ ସଚେତନ ହୋଇ ନିଜେ ଆସି ନିଜର ପରିଚୟ ପତ୍ର ନେଇ ସର୍ଭେ କାମରେ ସାହାଯ୍ୟ କରୁଥିବା ପରିଲକ୍ଷିତ ହେଉଛି।

### ଶୀତଳଷଷ୍ଠୀ ପାଇଁ ନୂତନ ବିଗ୍ରହ ପ୍ରତିଷ୍ଠା

**ପଦ୍ମପୁର, ୩।୫(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ସହର ପୁରୁଣା ବସ୍ତି କଣ୍ଟାବନ୍ଧ ସ୍ଥିତ ଶ୍ରୀ ସ୍ୱପ୍ନେଶର ଶିବ ବାବାଙ୍କ ମନ୍ଦିରରେ ଆସନ୍ତା ଶୀତଳ ଷଷ୍ଠୀ ପାଇଁ ଶୀତଳ ଷଷ୍ଠୀ କମିଟି ପକ୍ଷରୁ ବୁଧବାର ଶିବ ପାର୍ବତୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ଶୀତଳ ଷଷ୍ଠୀ କମିଟି ସଭାପତି ପ୍ରୀତମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶୀତଳ ଷଷ୍ଠୀ କମିଟି ପଦ୍ମପୁରର ସଦସ୍ୟ ଉପସ୍ଥିତ ଥିଲେ। ପ୍ରୀତମ କୁମାର ମେହେର ଓ ମିନାକ୍ଷୀ ମେହେରଙ୍କ ସହ ବରମାତା ପିତା ଭାବେ ମନୋନୀତ ପ୍ରଶାନ୍ତ ସାହୁ ଓ ରାଜଶ୍ରୀ ସାହୁ ଏବଂ କନ୍ୟା ମାତାପିତା ମନୋନୀତ ଅରୁଣ ଦାନୀ ଓ ରୂପା ରାଣୀ ଦାନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅତ୍ରାହିଭଞ୍ଜନ ପାଣିଗ୍ରାହୀ, ମନ୍ଦିର ପୂଜକ ଟଙ୍କଧର ମହାପାତ୍ର ଓ ସତ୍ୟ ପ୍ରକାଶ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମାପନ ହୋଇଥିଲା।

### ଅବକାରୀ ଚଢ଼ାଉ: ୫୦୨ କେଜି ଗଞ୍ଜେଇ ଜବତ

**ବୌଦ୍ଧ,୩।୫(ସ୍ୱ.ପ୍ର.):** ବୌଦ୍ଧ ଜିଲା ପୋଲିସ ଗଞ୍ଜେଇ ଧରପଗଡ଼ ଅଭିଯାନକୁ ଜୋରଦାର କରିଥିବାବେଳେ ଏବେ ଅବକାରୀ ବିଭାଗ ଚେଇଁ ଉଠିଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲା ଅବକାରୀ ବିଭାଗ ବୌଦ୍ଧ ଥାନା କାମାରକୋଡା ଗ୍ରାମ ନିକଟ ଜଙ୍ଗଲରେ ଚଢାଉ କରି ୫୦୨କେଜି ଗଞ୍ଜେଇ ଜବତ କରିଛି। ସୂଚନା ମୁତାବକ, ଅବକାରୀ ବିଭାଗର ମୋବାଇଲ ଟିମ୍ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ କାମାରକୋଡା ଗ୍ରାମ ନିକଟ ଜଙ୍ଗଲରେ ଚଢାଉ କରିଥିଲା। ଅଭିଯୁକ୍ତମାନେ ଜଙ୍ଗଲ ମଧରେ ଏକ ଭାଡିକରି ଗଞ୍ଜେଇ ଗଚ୍ଛିତ ରଖିଥିଲେ। ଅବକାରୀ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପରେ କର୍ମଚାରୀମାନେ ସେଠାରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲେ। ଏହି ଚଢାଉରେ ମୋବାଇଲ ଇନ୍ସପେକ୍ଟର ସ୍ୱନ୍ଦନ ମହାନ୍ତି, ଏଏସ୍ଆଇ ମମତା ନାୟକ ଓ କର୍ମଚାରୀମାନେ ସାମିଲ ଥିଲେ ।

### ଚିନ୍ତାମୁକ୍ତ ଜୀବନ ସମ୍ବନ୍ଧରେ ଆଲୋଚନାଚକ୍ର

**ବୌଦ୍ଧ,୩।୫(ସ୍ୱ.ପ୍ର.):** ବୌଦ୍ଧ ସହର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ କାର୍ଯ୍ୟାଳୟ ଠାରେ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ୟାଙ୍କ କର୍ମଚାରୀଙ୍କ ନିମନ୍ତେ ଚିନ୍ତାମୁକ୍ତ ଜୀବନ ସମ୍ବନ୍ଧରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀରୁ ଆସିଥିବା ବ୍ରହ୍ମାକୁମାରୀ ଶ୍ୱେତା ଭଉଣୀ ଈଶ୍ୱରୀୟ ଜ୍ଞାନ ଓ ରାଜଯୋଗ ଦ୍ୱାରା କିପରି ନିଜକୁ ଚିନ୍ତାମୁକ୍ତ ରଖିପାରିବା ସେ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବ୍ୟାଙ୍କର ଚିଫ୍ ମ୍ୟାନେଜର ପ୍ରଦିପ ନାହାକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ବଲପୁରରରୁ ଆସିଥିବା ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀ ଅଭିଯାନର ଲକ୍ଷ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବୌଦ୍ଧଶାଖାର କେନ୍ଦ୍ରସଞ୍ଚାଳିକା ବ୍ରହ୍ମାକୁମାରୀ ମାମିନା ଭଉଣୀ ଓ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଚୋରା ବାଲି ଚାଲାଣବେଳେ ୩ ଟ୍ରାକ୍ଟର ଜବତ

**ରାଉରକେଲା ଅଫିସ,୩।୫:** ଝିରପାଣି ଥାନା ଅଧୀନ ଚର୍ଚ୍ଚଗେଟ ସମ୍ମୁଖରେ ଚୋରା ବାଲି ଚାଲାଣ ବେଳେ ୩ଟି ଟ୍ରାକ୍ଟରକୁ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶନୀ ବଳ ଜବତ କରିଛନ୍ତି। ପ୍ରତିଦିନ ଝିରପାଣି ଘାଟରୁ ମଙ୍ଗଳବାର ବିଳମ୍ବିତ ରାତିରେ ୩ଟି ଟ୍ରାକ୍ଟରରେ ବାଲି ଚାଲାଣ ହେଉଥିବା ଜାଣି ଘଟଣାସ୍ଥଳରେ ପହଞ୍ଚିଥିଲା।

# ଇ-ନାମ୍ ପ୍ଲାଟ୍‌ଫର୍ମକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୩।୫**

କୃଷିଜାତ ଦ୍ରବ୍ୟକୁ ବହୁମାତ୍ରାରେ ଇ-ନାମ(ଇ ନ୍ୟାଶନାଲ ଏଗ୍ରିକଲଚରାଲ ମାର୍କେଟ୍) ପ୍ଲାଟଫର୍ମ ମାଧ୍ୟମରେ କ୍ରୟ, ବିକ୍ରୟ କରାଯିବା ଉଦ୍ଦେଶ୍ୟରେ ବୁଧବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି କୃଷକ ବଜାର ପରିସରରେ ରହିଥିବା ଇ-ନାମ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଇ-ନାମ ପ୍ଲାଟଫର୍ମରେ ରେଜିଷ୍ଟ୍ରିଭୁକ୍ତ କୃଷି ଉତ୍ପାଦକ ଗୋଷ୍ଠି(ଏଫପିଓ)ମାନେ ଯୋଗଦେଇଥିଲେ। ବଜାର ବଳକା କୃଷିଜାତ ଦ୍ରବ୍ୟକୁ ଚାଷୀମାନେ କିଭଳି ସହଜରେ ଏବଂ ସରଳଭାବେ ଉଚିତ ମୂଲ୍ୟ ତଥା ସୁବିଧାରେ ଇ-ନାମ ପ୍ଲାଟଫର୍ମ ମାଧ୍ୟମରେ ବିକ୍ରି କରି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଆରଏମସି ସମ୍ପାଦକ ଛୁରିଆ ପ୍ରାଞ୍ଜଳଭାବେ ଆଲୋକପାତ କରିଥିଲେ। ଉପସ୍ଥିତ ଏଫପିଓର କର୍ମକର୍ତ୍ତା ନିଜକୁ ସକ୍ରିୟଭାବେ ସଂଶ୍ଳିଷ୍ଟ କରି ଏଫପିଓ ଟ୍ରାନଜେକ୍ସନକୁ ବୃଦ୍ଧି କରିବା ପାଇଁ ସେ ଅନୁରୋଧ କରିଥିଲେ। ଏହାସହିତ ନିୟନ୍ତ୍ରିତ ବଜାର କମିଟି ତରଫରୁ ଏଫପିଓମାନଙ୍କୁ ଏଦିଗରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ଛୁରିଆ ପ୍ରକାଶ କରିଥିଲେ। ବଜାର ଲିଙ୍କେଜ, ମାର୍କେଟ୍ ଚେନ, ବଜାର ସୂଚନା, ବଜାର ବ୍ୟବସ୍ଥା ଆଦି ଉପରେ ଉପସ୍ଥିତ ଏଫପିଓର ସିଇଓ ଏବଂ ଅଧ୍ୟକ୍ଷ ନିଜ ମତାମତ ଉପସ୍ଥାପନ କରିଥିଲେ। ଏହା ସହିତ ଆଗାମୀ ଦିନରେ ଇ-ନାମ ମାର୍କେଟ କିଭଳିଭାବେ ବ୍ୟାପକଭାବେ ଗ୍ରହଣୀୟ ହେବ, ସେ ଦିଗରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ମଣ୍ଡି ଆନାଲିଷ୍ଟ ଦେବାଶିଷ ପାଣିଗ୍ରାହୀ ଇ-ନାମ ମାର୍କେଟ ବ୍ୟବସ୍ଥା ଏବଂ ଏହାର ସୁବିଧା ଉପରେ ସୂଚନା ପ୍ରଦାନ କରିଥିଲେ। ଇ-ନାମର ନୋଡ଼ାଲ ଅଫିସର ଗିରିଧାରୀ ମହାକୁର ଏବଂ ସୁପରଭାଇଜର ବିଜୟ ରାଉତ ମଞ୍ଚାସୀନ ରହି ଇ-ନାମ ବ୍ୟବସ୍ଥା ଉପରେ ନିଜ ମତ ରଖିଥିଲେ । ଅନୀଲ କାନ୍ତ ଏବଂ ଉଦୟ ବାଗଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭଟଲି ଏଫପିଓ, ଦଧିବାମନ ଏଫପିଓ, ବୀର ସୁରେନ୍ଦ୍ର ସାଏ ଏଫପିଓ, ଅମ୍ବାଭୋନା ଏଫପିଓ, ମାଧୋ ସିଂ ଏଫପିଓ, ସବୁଜିମା ଏଫପିଓ, ଚିର ସବୁଜ ଏଫପିଓ, ଭାଗପେଲ ଏଫପିଓ, ବୀର ବୈରୀ ସିଂ ଏଫପିଓ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।



ଇ-ନାମ୍ କର୍ମଶାଳାରେ ଉପସ୍ଥିତ ଅଧିକାରୀ, ସଦସ୍ୟବୃନ୍ଦ।

# ରେଡ୍‌କ୍ରସ୍ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ,୩।୫(ସ୍ୱ.ପ୍ର.)**

ବୌଦ୍ଧରେ ଜିଲାସ୍ତରୀୟ ରେଡ୍‌କ୍ରସ ଦିବସ ପାଳନ ପାଇଁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ପ୍ରସ୍ତୁତି ବୈଠକ ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତି ଜନଶୁଣାଣି ଶିବିରରେ ଅସହାୟ, ଗରିବ ଲୋକଙ୍କୁ ଚିକିତ୍ସା ଓ ଜୀବନ ଜୀବିକା ପାଇଁ ରେଡକ୍ରସ ପାଣ୍ଠି ଜରିଆରେ ରେକର୍ଡ ପରିମାଣର ସହାୟତା ପ୍ରଦାନ କରାଯାଇଛି। ଏହାବ୍ୟତୀତ ରାଜ୍ୟ ରେଡକ୍ରସ ପାଣ୍ଠିକୁ ୨୫ଲକ୍ଷ ୯୫ ହଜାର ୪୧ ଟଙ୍କା ସହଯୋଗ ରାଶି ପ୍ରେରଣ କରାଯାଇଛି। ରେଡକ୍ରସ ଦିବସ ପାଳନରେ ଆଜୀବନ ସଦସ୍ୟମାନଙ୍କୁ ସାମିଲ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଜିଲା ରେକଡ୍ରସର ଆଜୀବନ ସଦସ୍ୟ, ରେକଡ୍ରସ ପାଣ୍ଠିକୁ ଅଧିକ ସହାୟତା ରାଶି ଯୋଗାଇଦେଇଥିବା ବିଭାଗ ଗୁଡିକୁ ପ୍ରଶଂସାପତ୍ର ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଅବସରରେ କେତେକ ମହାବିଦ୍ୟାଳୟରେ ନୂତନ ଭାବରେ ଯୁବ ରେଡକ୍ରସ ଶାଖା ଶୁଭାରମ୍ଭ କରାଯିବାକୁ ଆଲୋଚନା ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀଙ୍କୁ ନେଇ ରକ୍ତଦାନ ଶିବିର କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ସାଂସଦ ପ୍ରତିନିଧି ତାରେଣି ମହାପାତ୍ର, ଜିଲା ସାମ୍ବାଦିକ ସଂଘ ସଭାପତି ଶଶାଙ୍କ ଶେଖର ମିଶ୍ର, ଯୁବ ରେଡକ୍ରସର ସମ୍ପାଦକ ଅଧ୍ୟାପକ ପ୍ରବୀର କୁମାର ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମହାପାତ୍ର, ଏଡିଏମ୍‌ଓ ମେଡିକାଲ ଡା. ସଂଘମିତ୍ରା ପଣ୍ଡା, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ସହକାରୀ ଜିଲାପାଳ ଚନ୍ଦ୍ରକାନ୍ତ ବେହେରା, ଓର୍‌ମାସ ଅଧିକାରୀ ଶିବାଶିଷ ଦାଶ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥି।

# ଧାନକ୍ରୟ ପୂର୍ବରୁ ସବୁ ନୀତି ଚାଷୀଙ୍କୁ ଜଣାଅ

**ବରପାଲି, ୩।୫(ଡି.ଏନ.ଏ.)**

ପ୍ରତ୍ୟେକ ବର୍ଷ ଧାନ ବିକ୍ରୀ ବେଳେ ଚାଷୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥାଏ।

ଏଣୁ ଚଳିତ ବର୍ଷ ମଣ୍ଡି ଖୋଲିବା ପୂର୍ବରୁ ନିୟମ ସବୁକୁ ପ୍ରଶାସନ ଚାଷୀଙ୍କୁ ଅବଗତ କରୁ ବୋଲି ବହୁ ଚାଷୀ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର ରୁକ୍ମଣ କୁମାର ମେହେରଙ୍କୁ ପ୍ରଦାନ କରିଛନ୍ତି। ମଣ୍ଡିରେ ହେମାଲି ଖର୍ଚ୍ଚ, ବସ୍ତା, ସୁତୁଲି, ପରିବହନ ଖର୍ଚ୍ଚ, ମୁଖ୍ୟତଃ କଟନୀଛଟନୀ ଉପରେ ଚାଷୀଙ୍କୁ ଅବଗତ କରାଯାଉ ବୋଲି ଦାବି କରିଛନ୍ତି। ପୂର୍ବ ବର୍ଷମାନଙ୍କରେ ଚାଷୀ ମିଲାର୍ସ, ଏଜେଣ୍ଟ, ବେପାରୀମାନଙ୍କ ଦାରା ଶୋଷିତ ହୋଇ ଆସୁଛନ୍ତି। ଏହାର ପୁନରାବୃତ୍ତି ନ ହେବା ଦିଗରେ ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରପାଲି କୃଷକ ସଂଗଠନ ଦାବି କରିଛନ୍ତି। ଏହା ସହିତ ଫସଲ ବୀମାରାଶି ତୁରନ୍ତ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା କରିବାକୁ କୃଷକ ନେତା ନିତ୍ୟାନନ୍ଦ ପ୍ରଧାନ, ଧନପତି ପ୍ରଧାନ, ଶ୍ୟାମ ରାଉତ, ହରି ଭୋଇ, ପ୍ରମୋଦ ସିଂହ ପ୍ରମୁଖ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ତହସିଲଦାରଙ୍କୁ ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଦୈନିକବଜାର ଆରମ୍ଭ ନେଇ ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ

**ବୌଦ୍ଧ,୩।୫(ସ୍ୱ.ପ୍ର.)**

ବୌଦ୍ଧ ସହର ପାଇଁ ଏପର୍ଯ୍ୟନ୍ତ ଯୋଜନା ମୁତାବକ ଦୈନିକ ବଜାର ନିର୍ମାଣ ହୋଇନାହିଁ। ପୂର୍ବରୁ ରାସ୍ତା ଉପରେ ପନିପରିବା ହାଟ ବସୁଥିବାବେଳେ ବର୍ତ୍ତମାନ ଜିଲା ପ୍ରଶାସନର ହସ୍ତକ୍ଷେପରେ ଏହା ଆଦର୍ଶ କୃଷି ବଜାର ମଧ୍ୟକୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ଏଠାରେ ସମସ୍ତ ବ୍ୟବସାୟୀଙ୍କ ପାଇଁ ସୁବିଧା ନ ଥିବା ଏବଂ ସ୍ଥାୟୀ ଦୋକାନଘର ଯୋଗାଇଦେବାକୁ ଦାବି କରି ଦୀର୍ଘ ୪ଦିନ ହେଲା ପନିପରିବା ବ୍ୟବସାୟୀ ସଂଘ ଦୋକାନ ବନ୍ଦ ରଖିଥିଲେ। ଏହାସହ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଓ ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କୁ ଭେଟି ଦାବି ଜଣାଇଥିଲେ। ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ବ୍ୟବସାୟୀ ସଂଘ ସାକ୍ଷାତ କରି ସ୍ଥାୟୀ ଦୋକାନଘର ଯୋଗାଇଦେବାକୁ ଦାବି କରିଥିଲେ। ବୁଧବାର ଜିଲାପାଳ ଓ ଏନ୍‌ଏସି ଅଧ୍ୟକ୍ଷ ଦୈନିକ ବଜାର ସମସ୍ୟା ଅନୁଧ୍ୟାନ ପାଇଁ କ୍ଷେତ୍ର ପରିଦର୍ଶନ କରିବାପରେ ସହରର ବିଭିନ୍ନ ସ୍ଥାନରେ ବଜାର ବସାଇବାକୁ ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ତେବେ ସହରର ରାସ୍ତାକଡରେ ପନିପରିବା ବଜାର ବସାଇବାକୁ ଦିଆଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ମାଛ ମାଂସ ଦୋକାନ ନିର୍ଦ୍ଧାରିତ ସ୍ଥାନରେ ଖୋଲାଯିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆଦର୍ଶ କୃଷକ ବଜାର ସମେତ ସହରର ତିନୋଟି ସ୍ଥାନରେ ପନିପରିବା ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବାକୁ ନିଷ୍ପତ୍ତି ନିଆଯିବା ପରେ ସାମୟିକ ଭାବରେ ଏହି ସମସ୍ୟାର ସମାଧାନ ହୋଇଥିବା ଜଣାଯାଇଛି।

# ପାର୍କିଂରୁ ମୋବାଇଲ ଛିନ୍‌ତାଇ, ଜଣେ ଗିରଫ

**ରାଉରକେଲା ଅଫିସ,୩।୫**

ରାଉରକେଲା ପାୱାରହାଉସ ରୋଡ ପାର୍କିଂ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ମୋବାଇଲ ଛିନତାଇ କରି ଫେରାର ଥିବା ଅଭିଯୁକ୍ତଙ୍କୁ ପ୍ଲାଣ୍ଟସାଇଟ ପୋଲିସ ଗିରଫ କରିଛି। ସେ ହେଲେ ମୀନାପଡ଼ାର ସୁମନ ଖାନ(୨୪)। ଛିନତାଇ ମୋବାଇଲକୁ ପୋଲିସ ଜବତ କରିଛି। ପାୱାରହାଉସରୋଡ ପଣ୍ଡା କଲୋନୀରେ ଶରତ ଦାସ ବାସ କରନ୍ତି। ମେ ୧ ରାତି ସାଢେ ୯ଟାରେ ଶରତ ମାର୍କେଟିଂ କରି ଘରକୁ ଫେରୁଥିବାବେଳେ ପାର୍କିଂ ଅଞ୍ଚଳରୁ ସୁମନ ତାଙ୍କ ମୋବାଇଲ ଫେରାର ହୋଇଯାଇଥିଲେ।

# କନସିଂହାରେ ଶୀତଳ ଷଷ୍ଠୀ ପାଇଁ ପ୍ରସ୍ତୁତି



ହୃଷୀକେଶ ଭୋଇଙ୍କୁ ଜଳନ୍ଧର ଅଭିନେତା ପାଇଁ ବରଣ କରାଯାଉଛି।

**ପଦ୍ମପୁର ୩।୫. (ଡିଏନଏ)**

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ କନସିଂହାରେ ଅଷ୍ଟମ ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ଲିଙ୍ଗରାଜ ସିଂ ବରିହାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ପରିଚାଳନା ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ଯାଦବ ସିଂ ବରିହା ସଭାପତି, ଋଷବ ଗରଡିଆ ସମ୍ପାଦକ, ରସାରଞ୍ଜନ ଦାସ କୋଷାଧ୍ୟକ୍ଷଙ୍କ ସହ ଦଶଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା। ଆଗାମୀ ୨୧ରୁ ୨୫ତାରିଖ ପର୍ଯ୍ୟନ୍ତ ଉତ୍ସବ ପାଳନ କରାଯିବ। ବିଭିନ୍ନ ଦିନରେ କନ୍ୟା ଦର୍ଶନ, ପତରପେଣ୍ଡି, ହନୁମାନ ନିମନ୍ତ୍ରଣ, ଗୁଆଗୁଣ୍ଡା, ଦେବଦମ୍ପତି ବରାନୁଗମନ, ବିବାହ, କନ୍ୟାବିଦାୟ ଅନୁଷ୍ଠିତ ହେବ। ପ୍ରତ୍ୟେକ ରାତ୍ରିରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସ୍ଥିରୀକୃତ ହୋଇଛି। ବୈଠକରେ ସଦାନନ୍ଦ ବଡେଇ, ରତ୍ନାକର ଶତପଥୀ, ପ୍ରଦୀପ ବାରିକ, ହେମନ୍ତ ଶତପଥୀ, ସୁବଳ ମିଶ୍ର, ସୁନୀଲ ସାହୁ, ଜୟନ୍ତ ଭୋଇ, ରାଜୀବ ମିଶ୍ର ସହ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ଚଳିତବର୍ଷ ଜଳନ୍ଧର ଦରବାରର ଆୟୋଜନ କରାଯାଇଛି। ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରୁଥିବା ହୃଷୀକେଶ ଭୋଇ ଜଳନ୍ଧର ଭାବେ ଅଭିନୟ କରିବାକୁ କମିଟି ବରଣ କରିଛି।

# ହଳଦୀଘାଟି ସ୍ମାରକୀ ଉନ୍ମୋଚିତ



ଇମ୍ପେରିୟଲ କଲେଜ ପରିସରରେ ହଳଦୀଘାଟି ସ୍ମାରକୀ ଉନ୍ମୋଚନ କରାଯାଉଛି ।

**ବରଗଡ଼ ଅଫିସ୍,୩।୫**

ବରଗଡ଼ ସହର ଉପକଣ୍ଠ ବିଦ୍ୟାବିହାରସ୍ଥିତ ଇମ୍ପେରିୟଲ କଲେଜ ପରିସରରେ ହଳଦୀଘାଟି ସ୍ମାରକୀ ଉନ୍ମୋଚିତ ହୋଇଯାଇଛି। ଏହି ସ୍ମାରକୀରେ ହଳଦୀଘାଟିଠାରୁ ପବିତ୍ର ମାଟି ଆଣି ସୁସଜ୍ଜିତଭାବେ ରଖାଯାଇଛି। ଏହି ଅବସରରେ କଲେଜରେ ଏକ ସମାରୋହ ହୋଇଥିଲା। ଏଥିରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଉମେଶ ଚନ୍ଦ୍ର ବଶିଷ୍ଠ ଯୋଗଦେଇ ସ୍ମାରକୀକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଦୀପକ ଗୋୟଲ ହଳଦୀଘାଟିଠାରୁ ପବିତ୍ର ମାଟି ସଂଗ୍ରହ କରି ଆଣିଥିଲେ। ସେ ହଳଦୀଘାଟିଠାରୁ ପବିତ୍ର ମାଟି ସଂଗ୍ରହ ଏବଂ ସ୍ମାରକୀ ଉପରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଉମେଶ ଖାଡ଼ାଙ୍ଗା, ବରଗଡ଼ ମହିଳା କଲେଜର ଅଧ୍ୟକ୍ଷ ପ୍ରଦୀପ ହୋତା, ଦିବ୍ୟକିଶୋର ଦେବତା ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ତାରକାସୁର କଳାକାର ଚୟନ

**ବରପାଲି, ୩।୫(ଡି.ଏନ.ଏ.)**

**ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ**

୧୪୬ତମ ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବରେ ଆସନ୍ତା ୩ ବର୍ଷ ପାଇଁ ତାରକାସୁର ଭୂମିକା ପାଇଁ ବିଶିଷ୍ଟ କଳାକାର ଗୋଲାପ ଚନ୍ଦ୍ର ଦାଶ ମନୋନୀତ ହୋଇଛନ୍ତି। ନୃପରାଜ କ୍ଲବ ଭଣ୍ଡାର ଗୃହ ଠାରେ କମିଟି ସଭାପତି ଆନନ୍ଦ ବାବୁ ଓ ସମ୍ପାଦକ ଜୟନ୍ତ ତ୍ରିପାଠୀଙ୍କ ଅନୁମୋଦନ କ୍ରମେ ଏକ କମିଟି ଗଠନ ପୂର୍ବକ ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ କଳାକାର ବୃନ୍ଦାବନ ପଧାନ, ସନୟ ଭୂଷଣ ମେହେର, ଗୋଲାପ ଦାସ, ବିର ବଜରଙ୍ଗ ମେହେର ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ଗୋଲାପ ଚନ୍ଦ୍ର ଦାଶଙ୍କ ଅଭିନୟ ବିଚାରକ ମଣ୍ଡଳୀକୁ ବିମୁଗ୍ଧ କରିଥିଲା। ବିଚାରକଭାବେ ଚଳଚ୍ଚିତ୍ର ଅଭିନେତା ଅଶୋକ ଦାସ, ନିରଞ୍ଜନ ମେହେର, ପଦ୍ମଲୋଚନ ସାହୁ, ରାଜେଶ ରାୟ, ଅଶୋକ ପଣ୍ଡା ଯୋଗଦେଇଥିଲେ।



ତାରକାସୁର ଚୟନ ପାଇଁ କଳାକାର ଅଭିନୟ କରୁଛନ୍ତି।

# ଫସଲବୀମା ଦିଅ, ନ ହେଲେ ଦୁର୍ବାର ଆନ୍ଦୋଳନ

**୧୮୪ ଦିନରେ ପହଞ୍ଚିଲା ରାଜବୋଡାସମ୍ବର କୃଷକ ସଂଗଠନର ଧାରଣା**

**ପଦ୍ମପୁର ୩।୫ (ଡି.ଏନ.ଏ.)**

ବକେୟା ଫସଲ ବୀମା ରାଶି ପ୍ରଦାନ ଦାବିରେ ବରଗଡ଼ ଜିଲା ରାଜ ବୋଡାସମ୍ବର କୃଷକ ସଂଗଠନ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୧୮୪ଦିନ ହେଲା ଧାରଣାରତ ଜାରୀ ରହିଛି। ଶୀଘ୍ର ଦାବୀ ପୂରଣ ନହେଲେ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ସଂଗଠନ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ବରିକେଲ ପଞ୍ଚାୟତର ୬୭.୩୫ପ୍ରତିଶତ, ଚାରପାଲିର ୮୦.୯୬ରୁ ୩୪.୭ ପ୍ରତିଶତ, ଡ଼ଙ୍ଗାଘାଟର ୬୦.୧୯ ପ୍ରତିଶତରୁ ୩୩, କଂସରର ୭୭.୪୩ପ୍ରତିଶତରୁ ୪୫.୯୬, କନସିଂହାର ୯୩.୭୦ପ୍ରତିଶତରୁ ୨୪.୬୫, ଖଲିଆପାଲିର ୮୨.୭୨ ପ୍ରତିଶତରୁ ୪୫.୯୬, ମହୁଲପାଲିର ୯୦.୧୬ ପ୍ରତିଶତରୁ ୪୩.୧୪, ପଲସାପାଲିର ୭୭ ପ୍ରତିଶତରୁ ୬୧.୨୩, ପୁରେନାର ୮୩ପ୍ରତିଶତରୁ ୪୧.୪୦, ସର୍ଗିବାହାଲ ଗ୍ରାମ ପଞ୍ଚାୟତର ୮୧.୫୩ ପ୍ରତିଶତରୁ ମାତ୍ର ୩୭.୨୫ପ୍ରତିଶତ ବୀମା ରାଶି ମିଳିଥିବା ବେଳେ ବାକି ଟଙ୍କା ମିଳିନାହିଁ। ସେଥିପାଇଁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଖରିଫ ଫସଲ ଆରମ୍ଭ ହେବାକୁ ଅଳ୍ପ ଦିନ ବାକି ଥିବା ବେଳେ ୨୦୨୧ ବର୍ଷର ଫସଲବୀମା ଚାଷୀଙ୍କୁ ଦିଆ ଯାଇ ନ ଥିବାରୁ ରାଜବୋଡା ସମ୍ବର କୃଷକ ସଂଗଠନ ନିନ୍ଦା କରିଛି । ସଂଗଠନର ରୋହିତ ପ୍ରଧାନ, କୈଳାସ ବାରିକ, ଅଶୋକ ସାହୁ, ପ୍ରଶାନ୍ତ ପ୍ରଧାନ, ଦହିତ ସାହୁ, ମୁକ୍ତେଶର ପଟେଲ, କୂଳମଣି ବାରିକ, ଅଶୋକ ପ୍ରଧାନ, ଚିତ୍ତ ପାଣ୍ଡେ, ଉସତ ସାହୁ, ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ପରେ ଆନ୍ଦୋଳନ ପାଇଁ ଚରମ ଚେତାବନୀ ଦେଇଛନ୍ତି ।




ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଚାଷୀ।

## ସଂକ୍ଷେପରେ

### ଦଳୀୟ କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**କୋଲାବିରା,୩।୫(ଡି.ଏନ.ଏ.):** କୋଲାବିରା ବ୍ଲକ କୁଲିହାମାଲ ପଞ୍ଚାୟତର



ଧୁବେନବୁଡ ଗୌଡ଼ପଡ଼ାଠାରେ ବିଜୁ ଜନତା ଦଳର ଏକ ଦଳୀୟ କାର୍ଯ୍ୟକ୍ରମ ସାରି ଫେରୁଥିବା ସେଇ ଗ୍ରାମର ଗଜେନ୍ଦ୍ର ଝରାଙ୍କୁ ଅନ୍ୟ ଦଳର ଦୁଇଜଣ ଗାଳିଗୁଲଜ କରିବା ସହ ଆକ୍ରମଣ କରିଛନ୍ତି। ଏଥିରେ ତାଙ୍କ ମୁଣ୍ଡ ଫାଟିଯାଇଥିବାରୁ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଏ ନେଇ ଗଜେନ୍ଦ୍ର କୋଲାବିରା ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୭୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ କରାଯାଇପାରି ନ ଥିବା ଥାନା ଅଧିକାରୀ ଆନ୍ନା ମିଞ୍ଜ ପ୍ରକାଶ କରିଛନ୍ତି।

### ଖାଇକୁ ଖସିଲା କାର୍, ବର୍ତ୍ତିଲେ ଚାଳକ

**କୋଲାବିରା,୩।୫(ଡି.ଏନ.ଏ.):** କୋଲାବିରା ଥାନା ଅଞ୍ଚଳରେ ବୁଧବାର



ଦ୍ରୁତ ଗତିରେ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ଏକ ଖାଇକୁ ଖସିପଡ଼ିଛି। ତେବେ ସୌଭାଗ୍ୟ ବଶତଃ କାର୍ ଚଳାଉଥିବା ନିରାକାର ପାଣ୍ଡେ ବର୍ତ୍ତି ଯାଇଛନ୍ତି। ସୂଚନାକ୍ରମେ କୋଲାବିରା ଥାନା ଅମନାପାଲି ଗ୍ରାମର ବଳରାମ ପାଣ୍ଡେଙ୍କ ଓଡ଼ି୨୩ଏଲ-୭୭୨୦ ନଂ. ବିଶିଷ୍ଟ ବ୍ରିଜା କାର୍‌କୁ ନେଇ ତାଙ୍କ ପୁଅ ନିରାକାର କୌଣସି କାମରେ ସମାସିଂହା ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ସୋଡାମାଲ ବ୍ରିଜ୍ ନିକଟରେ ଗାଡିଟି ଦୁର୍ଘଟଣାର ଶିକାର ହୋଇଥିଲା। ରାସ୍ତା ଉପରୁ କାର୍ ଖାଇକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ନିରାକାରଙ୍କୁ ଗାଡ଼ିରୁ ଉଦ୍ଧାର କରିଥିଲେ। ତେବେ ଗାଡିଟି ଭାଙ୍ଗି ଚୁରମାର ହୋଇଯାଇଛି।

### ବିକାଶ ଦ କନସେପ୍ଟ ସ୍କୁଲରେ ତାଲିମ ଶିବିର

**ସମ୍ବଲପୁର,୩।୫(ବ୍ୟୁରୋ):** ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ତଥା ପଡ଼ୋଶୀ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଏହି ଶିବିର ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଛାତ୍ରୀଛାତ୍ରଙ୍କୁ ସୁଇମିଂ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ପାଶ୍ଚାତ୍ୟ ନୃତ୍ୟ, ତବଲା, ଢୋଲକ, ପିଆନୋ, ଗିଟାର ପ୍ରଭୃତି ବାଦ୍ୟଯନ୍ତ୍ର ସମେତ କ୍ରିକେଟ୍, ବାସ୍କେଟବଲ, ବ୍ୟାଡମିଣ୍ଟନ, ଖୋ-ଖୋ ଖେଳ, ଯୋଗ ଓ ଧ୍ୟାନ, କାଚ ଉପରେ ଚିତ୍ରକଳା, କ୍ରାଫ୍ଟ ଓ ପେଣ୍ଟିଂ, ଫଟୋଗ୍ରାଫି, ମାର୍ସାଲ ଆର୍ଟ, ଲାଇଭ ସ୍କିଲ ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି। ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ଏକାଡେମିକ ନିର୍ଦ୍ଦେଶକ ଜି. ରାମକୃଷ୍ଣ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ଏକାଡେମିକ ଅଧିକାରୀ ପୁଷ୍ପିତା ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରୁଛନ୍ତି।

# ଡିଜେଲ, କୋଇଲା ଗାଡ଼ି ଜବତ, ୭ ଗିରଫ

## ଢାବାରେ ପୋଲିସର ଚଢ଼ାଉ

**ରେଢାଖୋଲ,୩।୫(ଡି.ଏନ.ଏ.)**

ରେଢାଖୋଲ ପୋଲିସ ୫୫ନଂ ଜାତୀୟ ରାଜପଥର ବେତଗଡ ଗ୍ରାମ ନିକଟରେ ଥିବା କ୍ରିଷ୍ଣା ଢାବାରେ ବୁଧବାର ଚଢାଉ କରିଛି। ଚଢାଉ ବେଳେ ଢାବାରେ ବେଆଇନ ଭାବେ ଚୋରା କୋଇଲା, ଡିଜେଲ ଗଚ୍ଛିତ ଥିବାବେଳେ ୨ଟି ପିକଅପ ଭ୍ୟାନରେ ଚୋରାଚାଲାଣ କରାଯାଉଥିବା ଜଣାପଡିଥିଲା। ଏହି ଘଟଣାରେ ପୋଲିସ ଢାବା ମାଲିକ ବିଜୟ ସାହୁଙ୍କ ସମେତ ୭ ଜଣଙ୍କୁ ଗିରଫ କରିଛି। ଏଥିସହିତ ୪ଟନ କୋଇଲା, ଦେଢଶହ ଲିଟର ଡିଜେଲ ଓ ଚୋରା ଚାଲାଣ କରୁଥିବା ଓଡି୦୨ସିଇ-୫୦୩୫ ଓ ଓଡି ୦୨ସିଡି-୯୨୩୭ନଂ. ବିଶିଷ୍ଟ ୨ଟି ପିକଅପ ଭ୍ୟାନ ଜବତ କରିଛି। ଅନ୍ୟ ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ ଜିଲା ବନ୍ତଳାର ସୁଶାନ୍ତ ସାହୁ, ଅମରେଶ ଦେହୁରି, ନୟାଗଡ ଜିଲା ନୁନାପାଲିର ପବିତ୍ର ନାୟକ, କାହ୍ନୁଚରଣ ନାୟକ, ଭାବଗ୍ରାହୀ ସାହୁ ଓ ରେଢାଖୋଲ ଥାନା ଲାଇଜା ଗ୍ରାମର ଶମ୍ଭୁପ୍ରସାଦ ସାହୁ ବୋଲି ପୋଲିସ କହିଛି। ଏ ନେଇ ରେଢାଖୋଲ ଥାନା କେସ୍ ନଂ.୧୧୪ ଦଫା ୩୭୯/୪୧୧/୩୫ ଓ ୨୧ ଏମ.ଏମ.ଡିଆର ଆକ୍ଟରେ ମାମଲା ରୁଜୁ କରି ସନ୍ଧ୍ୟାରେ ଗିରଫ ୭ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




ଜବତ ଦୁଇ ପିକଅପ ଭ୍ୟାନ।



ଜବତ ଡିଜେଲ ଭର୍ତ୍ତି ଜାର୍।

# ସମଲେଇଙ୍କ ଦର୍ଶନ କଲେ ଓଡ଼ିଶା କୋଚ୍ ଦୀନେଶ ମୋଙ୍ଗିଆ



ଦୀନେଶ ମୋଙ୍ଗିଆ ମା' ସମଲେଇଙ୍କୁ ଦର୍ଶନ କରି ଫେରୁଛନ୍ତି।

**ସମ୍ବଲପୁର,୩।୫(ବ୍ୟୁରୋ)**

ପୂର୍ବତନ ଆନ୍ତର୍ଜାତିୟ କ୍ରିକେଟ ଖେଳାଳି ଦୀନେଶ ମୋଙ୍ଗିଆ ବୁଧବାର ସନ୍ଧ୍ୟାରେ ଇଷ୍ଟଦେବୀ ସମଲେଇଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଛନ୍ତି। ସମ୍ପ୍ରତି ସେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ମୁଖ୍ୟ କୋଚ ଅଛନ୍ତି। ଗୁରୁବାର ଓସିଏ ପକ୍ଷରୁ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରତିଭା ଚୟନ ଶିବର ହେବ। ଏଥିରେ ସମ୍ବଲପୁର ସମେତ ଅନୁଗୋଳ, ସୁନ୍ଦରଗଡ, ଝାରସୁଗୁଡା,ଦେବଗଡ ଓ ରାଉରକେଲାରୁ କ୍ରିକେଟ ଖେଳାଳୀମାନେ ଯୋଗଦେବେ । ସେମାନଙ୍କୁ ଦୀନେଶ ମୋଙ୍ଗିଆ ସ୍ପିନ ବୋଲିଂ ବିଷୟରେ ପ୍ରଶିକ୍ଷଣ ଦେବା କାର୍ଯ୍ୟକ୍ରମ ରହିଛି ବୋଲି ସମ୍ବଲପୁର ଜିଲା କ୍ରୀଡା ସଂଘ ପକ୍ଷରୁ ସୂଚିତ କରାଯାଇଛି। ଦିନେଶ ସମ୍ବଲପୁର ପହଞ୍ଚିବା ପରେ ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗ ସମ୍ପାଦକ ଓ କାଉନସିଲ ସଭ୍ୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

# ପରିବେଶ ସୁରକ୍ଷା ପାଇଁ ବନ୍ଦେ ଭାରତ ପଦଯାତ୍ରା

**ସମ୍ବଲପୁର,୩।୫(ବ୍ୟୁରୋ)**

ପରିବେଶ ସୁରକ୍ଷା ପାଇଁ ବାହାରିଥିବା ବନ୍ଦେ ଭାରତ ପଦଯାତ୍ରା ବୁଧବାର ସମ୍ବଲପୁର ସହରରେ ପହଞ୍ଚିଛି। ପରିବେଶ ସୁରକ୍ଷା ସହ ଅଧିକ ବୃକ୍ଷରୋପଣ ପାଇଁ ଜନଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଶୁତୋଷ ପାଣ୍ଡେ ଏହି ପଦଯାତ୍ରା କରୁଛନ୍ତି। ଗତ ୪ ଡିସେମ୍ବର ୨୦୨୨ ମସିହାରୁ ସେ ଉତ୍ତରପ୍ରଦେଶର ଅଯୋଧ୍ୟା ସହରଠାରୁ ବାହାରିଛନ୍ତି। ସାରା ଦେଶରେ ୧୦ହଜାର କି.ମି. ପଦଯାତ୍ରା କରି ପ୍ରାୟ ୨୧ ରାଜ୍ୟ ପରିକ୍ରମା କରିସାରଛନ୍ତି। ଅଯୋଧାରେ ତାଙ୍କର ଏହି ପଦଯାତ୍ରା ଶେଷ କରିବାକୁ ଆଶୁତୋଷ ମନସ୍ଥ କରିଛନ୍ତି। ଆଶୁତୋଷ ବୁଧବାର ସମ୍ବଲପୁର ସହରକୁ ପହଞ୍ଚିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ସାକ୍ଷାତ କରି ତାଙ୍କର ଏହି ପଦଯାତ୍ରା ଉଦ୍ଦେଶ୍ୟ ନେଇ ଆଲୋଚନା କରିଥିଲେ। ଏହାସହ ସମ୍ବଲପୁର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ପଦକ୍ଷେପ ନେବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଶୁତୋଷ ପାଣ୍ଡେ।

# ଫଳ ଦୋକାନୀଙ୍କୁ ୫ ହଜାର ଜରିମାନା

**ସମ୍ବଲପୁର,୩।୫(ବ୍ୟୁରୋ)**

ସମ୍ବଲପୁର ସହରର ଜେଲ ଛକରେ ଥିବା ଜଣେ ଫଳ ଦୋକାନୀଙ୍କୁ ବୁଧବାର ୫ ହଜାର ଟଙ୍କା ଜରିମାନା କରାଯାଇଛି। ସମ୍ବଲପୁର ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ବିଭାଗର ଏକ ଟିମ୍ ଏହି ଫଳଦୋକାନ ଉପରେ ଚଢ଼ାଉ କରିଥିଲେ। ସହରରେ ସମ୍ପ୍ରତି ପଲିଥିନ ବ୍ୟବହାର ନିଷେଧ ରହିଛି। କିନ୍ତୁ ଫଳ ଦୋକାନୀ ଫଳବିକ୍ରି ସମୟରେ ପଲିଥିନ ବ୍ୟବହାର କରୁଥିବା ଏନ୍‌ଫୋର୍ସମେଣ୍ଟ ବିଭାଗର ଅଧିକାରୀମାନେ ଦେଖିଥିଲେ। ପରେ ସେମାନେ ତାଙ୍କ ଉପରେ ଜରିମାନା ଲଗାଇଥିବା ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ସୂଚିତ କରାଯାଇଛି ।




ଫଳ ଦୋକାନ ସମ୍ମୁଖରେ ଏନ୍‌ଫୋର୍ସମେଣ୍ଟ ବିଭାଗର ଅଧିକାରୀ।

## ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ

**ସମ୍ବଲପୁର,୩।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ଆଇନସେବା ପ୍ରାଧିକରଣର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୨୩ ଜଣ ହିତାଧିକାରୀଙ୍କୁ ବିବାହ ସହାୟତା ନିମନ୍ତେ ୧୧ ଲକ୍ଷ ୫୦ ହଜାର, ମାତୃତ୍ୱ ସହାୟତାରେ ଜଣକୁ ୪୦ ହଜାର, ଶିକ୍ଷା ସହାୟତା ନିମନ୍ତେ ଜଣକୁ ୪୦ ହଜାର, ୭ଜଣକୁ ୧୨ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା, ୬ଜଣଙ୍କୁ ଅନ୍ତେଷ୍ଟିକ୍ରିୟା ପାଇଁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେହିପରି ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୧୫୬ ଜଣ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ୩୫ ଜଣଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପଞ୍ଚାୟତରୁ ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ଶୁଭଙ୍କର ମିଶ୍ର, ଯୁଗ୍ମ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି ଅତିଥି ଭାବେ ଯୋଗଦେଇଥିଲେ।

## ବିଡି ୱାର୍କର୍ସ ୟୁନିୟନର ଆଲୋଚନାଚକ୍ର

**ସମ୍ବଲପୁର,୩।୫(ବ୍ୟୁରୋ)**

ସମ୍ବଲପୁର ଜିଲା ବିଡ଼ି ୱାର୍କର୍ସ ୟୁନିଅନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ଓ ଆଲୋଚନା ଚକ୍ର ସମ୍ବଲପୁର ସିନ୍ଦୂରପଙ୍କ ଦଣ୍ଡେଇପାଲିସ୍ଥିତ କୃଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ୟୁନିଅନର ସଭାପତି ରାମସାଗର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟଅତିଥି ଭାବରେ ଯୋଗଦାନ କରି ସଂଗଠନର ପତାକା ଉତ୍ତୋଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଶ୍ରମିକଙ୍କ କଲ୍ୟାଣରେ ହିଁ ଦେଶର କଲ୍ୟାଣ ନିହିତ। ସେମାନଙ୍କୁ ନ୍ୟାଯ୍ୟ ଅଧିକାର ଯୋଗାଇଦେବା ସହ ଉପଯୁକ୍ତ ସମ୍ମାନ କରିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ମୁଖ୍ୟଅତିଥି କହିଥିଲେ। ସାଧାରଣ ସମ୍ପାଦକ ପ୍ରକୃତି ବନ୍ଧୁ ମେଘୁ ମୁଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଞ୍ଚଳିକ ଶ୍ରମିକ ସଂଗଠନର ଭବାନୀ ଶଙ୍କର ସୋହେଲା, ବଳରାମ ମାହାଣା, ରାଜେନ୍ଦ୍ର କୁମାର ଧର, ନିଳାଞ୍ଚଳ ସାହୁ ଆଲୋଚନାରେ ଭାଗ ନେଇଥିଲେ।

# ଜିଲାରେ ଓବିସି ସର୍ଭେ ଆରମ୍ଭ

## ୧୦୩୮ ପରିବାରରୁ ତଥ୍ୟ ସଂଗ୍ରହ

**ସମ୍ବଲପୁର,୩।୫(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଓବିସି (ପଛୁଆବର୍ଗ) ସର୍ଭେ ଆରମ୍ଭ ହେଇଛି। ଏହି ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତି ନେଇ ସର୍ଭେ କରାଯାଉଛି। ପରିବାରର ମୁଖ୍ୟ କିମ୍ବା ବରିଷ୍ଠ ସଦସ୍ୟ ସର୍ଭେ କେନ୍ଦ୍ରକୁ ଯାଇ ନିଜ ପରିବାରର ତଥ୍ୟ ଦେଇପାରିବେ। ପରିଚୟପତ୍ର ଭାବେ ଆଧାରକାର୍ଡ, ପାସ୍‌ପୋର୍ଟ, ପ୍ୟାନ କାର୍ଡ ଓ ଭୋଟର ପରିଚୟ ପତ୍ର ସାଙ୍ଗରେ ନେବାକୁ ପଡିବ। ଯାହାର ରାଶନ କାର୍ଡ ନାହିଁ, କିମ୍ବା ପରିଚୟ ପତ୍ର ନାହିଁ ସେମାନେ ମଧ୍ୟ ତଥ୍ୟ ଦେଇପାରିବେ। ମେ ମାସରୁ ଆରମ୍ଭ ହୋଇଥିବା ଏହି ସର୍ଭେ ଆସନ୍ତା ୨୭ ତାରିଖ ଯାଏ ଚାଲିବ। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଜିଲାରେ ୧୦୩୮ ପରିବାର ସର୍ଭେରେ ସାମିଲ ହୋଇ ତଥ୍ୟ ଦେଇଛନ୍ତି । ଜିଲାର ୯ ଗୋଟି ବ୍ଲକ ଓ ଦୁଇଟି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମିଶାଇ ମୋଟ ୬୫୫ଟି ସର୍ଭେ ସେଣ୍ଟର ରହିଛି।




ଏକ ସେଣ୍ଟରରେ ପଛୁଆବର୍ଗ ସର୍ଭେ କରାଯାଉଛି।

# ୫ରେ ବିଦ୍ୟୁତ୍ କଟକଣା ରହିବ

## ପୁଟିବନ୍ଧ ଗ୍ରୀଡରେ ରକ୍ଷଣାବେକ୍ଷଣ କାର୍ଯ୍ୟ

**ସମ୍ବଲପୁର,୩।୫(ବ୍ୟୁରୋ)**

ଆଗକୁ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ହେବ। ଏହି ପ୍ରସିଦ୍ଧ ଯାତ୍ରାକୁ ଦୃଷ୍ଟିରେ ରଖି ଟିପିଡବ୍ଲ୍ୟୁଓଡିଏଲ୍ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଛି । ଏଥିସହ କମ୍ପାନୀ ଗ୍ରାହକମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଇବା ସକାଶେ ସର୍ବଦା ଗୁରୁତ୍ୱ ଦେଇ ଆସୁଛି । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଚଳିତ ମାସ ୫ ତାରିଖ ଶୁକ୍ରବାର ୩୩ କେଭି ପୁଟିବନ୍ଧ ଗ୍ରୀଡ ସବଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବାକୁ ସ୍ଥିର କରିଛି। ତେଣୁ ଜେଲ ଛକ, ଭୁତାପଡା, କମିସନର୍ସ କଲୋନୀ, ଗୋରବଜାର, ସାକ୍ଷୀପଡା, ଧନୁପାଲି, ସିନ୍ଦୂରପଙ୍କ, ବୁଢ଼ାରାଜା, ମାନେଶ୍ୱର, ଜିଲାପାଳଙ୍କ କାର୍ଯ୍ୟାଳୟ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସାମୟିକ ବ୍ୟହତ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହିତ ଜନସାଧାରଣଙ୍କ ସହଯୋଗ କାମନା କରୁଛନ୍ତି ବୋଲି ବୁଧବାର ଏକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

# ବକ୍ସମା ଲ୍ୟାମ୍ପ ଅଫିସ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ




ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

**କୁଚିଣ୍ଡା,୩।୫(ଡି.ଏନ.ଏ.)**

କୁଚିଣ୍ଡା ଲ୍ୟାମ୍ପ ସମିତି ଅନ୍ତର୍ଗତ କୁଚିଣ୍ଡା ବ୍ଲକର ବକ୍ସମାଠାରେ ନୂତନ ଲ୍ୟାମ୍ପ ଅଫିସ ଗୃହ ନର୍ମାଣ ପାଇଁ ବୁଧବାର ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ଦ୍ୱାରା ଭୂମିପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ବିଧାୟକଙ୍କ ସହ କୁଚିଣ୍ଡା ଲ୍ୟାମ୍ପ ସଭାପତି ନବୀନ ମାଝି, ଉପସଭାପତି ହୁମାସିନୀ ଠାକୁର, ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର, କୁଚିଣ୍ଡା ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ସରୋଜ ସାହୁ, ଡାଇରେକ୍ଟର ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସରକାରଙ୍କ ନୂତନ ସମବାୟ ନୀତି ଆଧାରରେ କୁଚିଣ୍ଡା ସହକାରୀ ସମବାୟ ମଣ୍ଡଳ ଅଧୀନରେ ୯ଟି ଲ୍ୟାମ୍ପ ସମିତି ରହିଥିବା ବେଳେ ଆଉ ୧୯ଟି ଖୋଲିବା ପ୍ରସ୍ତାବ ରହିଛି।

# ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଆଲୋଚନାଚକ୍ର

**ସମ୍ବଲପୁର,୩।୫(ବ୍ୟୁରୋ)**

ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳ ପକ୍ଷରୁ ବୁଧବାର ରେଳନଗରସ୍ଥିତ ଅଫିସର୍ସ କ୍ଲବଠାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମାଇଣ୍ଡ ମ୍ୟାନେଜମେଣ୍ଟ ଓ ସୁସଂଗତ ସମ୍ପର୍କ ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ ଯୋଗଦେଇଥିଲେ। ବ୍ରହ୍ମକୁମାର ସୀତାରାମ ମୀନା, ବ୍ରହ୍ମକୁମାରୀ ବିଦ୍ୟାତ୍ରୀ ବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ବଲପୁରର ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଅଞ୍ଜାନୀ ସିଂ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂଙ୍କ ସମେତ ସଂଗଠନର ସଦସ୍ୟା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ସମ୍ବଲପୁରର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ୟୁସୁଫ କବୀର ଅନସାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଆଲୋଚନା ଚକ୍ରରେ ଅତିଥି ଓ ଅନ୍ୟମାନେ।

## ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ବୈଠକ

**ସମ୍ବଲପୁର,୩।୫(ବ୍ୟୁରୋ)**

ସମ୍ବଲପୁର ପୂର୍ତ୍ତ ବିଭାଗର ଗେଷ୍ଟହାଉସରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଅଧ୍ୟକ୍ଷ ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ପରିଷଦ ମୁଖ୍ୟ ଉପଦେଷ୍ଟା ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ, ପରିଷଦର ଜିଲା ସଭାପତି ଆଶିଷ ମହାନନ୍ଦ, ମହାସଚିବ ମୋମିନା ଖାତୁନ, ଉପମହାସଚିବ ଅମୂଲ୍ୟ ବିଶି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲାରେ ଏସ୍‌ଟି/ଏସ୍‌ସିମାନଙ୍କ ସାମ୍ବିଧାନିକ ଅଧିକାରକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କାର୍ଯ୍ୟ କରିବାକୁ ପରିଷଦର ସମସ୍ତ ସଭ୍ୟ କାର୍ଯ୍ୟ କରିବାକୁ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ନେତୃବୃନ୍ଦ ଗୁରୁତ୍ୱାରୋପ କରିଥିଲେ।

# ବିପଜ୍ଜନକ ଅବସ୍ଥାରେ ଅଙ୍ଗନୱାଡ଼ି କେନ୍ଦ୍ର

## ଶିଶୁଙ୍କ ସୁରକ୍ଷା ଚିନ୍ତାରେ ଅଭିଭାବକ

**କୁଚିଣ୍ଡା,୩।୫(ଡି.ଏନ.ଏ.)**

କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୬ ଅଙ୍ଗନୱାଡ଼ି କେନ୍ଦ୍ର କାନ୍ଥରେ ଫାଟ ହୋଇ ବିପଜ୍ଜନକ ଅବସ୍ଥାରେ ଅଛି। ଏଣୁ ଏଠାରେ ପାଠ ପଢୁଥିବା ଶିଶୁମାନଙ୍କ ସୁରକ୍ଷା ନେଇ ଅଭିଭାବକମାନେ ଚିନ୍ତା ବ୍ୟକ୍ତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କୁଚିଣ୍ଡା ୱାର୍ଡ ନଂ.୬ ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନିର୍ମାଣ ପରେ ୨୦୧୩ ମସିହାରେ ସମନ୍ୱିତ ଶିଶୁ ବିକାଶ ବିଭାଗ (ଆଇସିଡିଏସ୍)କୁ ହସ୍ତାନ୍ତର କରାଯାଇଥିଲା। ସେହିଦିନଠାରୁ ଏଠାରେ ଅଙ୍ଗନୱାଡି କେନ୍ଦ୍ର ପରିଚାଳିତ ହୋଇଆସୁଛି। ତେବେ ବର୍ତ୍ତମାନ ଏହି କେନ୍ଦ୍ରର ସମସ୍ତ କୋଠରୀ କାନ୍ଥରେ ଫାଟ ସୃଷ୍ଟି ହୋଇ ବିପଜ୍ଜନକ ଅବସ୍ଥାରେ ଅଛି। ଅଙ୍ଗନୱାଡ଼ି କର୍ମୀ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ଛୋଟ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଏହି ଅଙ୍ଗନୱାଡ଼ି କେନ୍ଦ୍ର ମରାମତି କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିପିଓ କନକଲତା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ସମସ୍ୟା ମୋ ଦୃଷ୍ଟିକୁ ଆସିନାହିଁ। ଏହାକୁ ପରିଦର୍ଶନ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଅସୁରକ୍ଷିତ ଅଙ୍ଗନୱାଡି କେନ୍ଦ୍ର।

## ସଂକ୍ଷେପରେ

### ଚୋରା ବାଲି ଚାଲାଣବେଳେ ୩ ଟ୍ରାକ୍ଟର ଜବତ

**ରାଉରକେଲା ଅଫିସ,୩ା୫:** ଝିରପାଣି ଥାନା ଅଧୀନ ଚର୍ଚ୍ଚଗେଟ ସମ୍ମୁଖରେ ଚୋରା ବାଲି ଚାଲାଣ ହେଉଥିବାବେଳେ ୩ଟି ଟ୍ରାକ୍ଟରକୁ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶିନୀ ବଳ ଜବତ କରିଛନ୍ତି। ସୂଚନାଯୋଗ୍ୟ, ପ୍ରତିଦିନ ଝିରପାଣି ଘାଟରୁ ବିଭିନ୍ନ ସମୟରେ ଚୋରା ବାଲି ଚାଲାଣ ହେଉଥିବା ନେଇ ଅତିରିକ୍ତ ତହସିଲଦାର ଖବର ପାଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ୩ଟି ଟ୍ରାକ୍ଟରରେ ଚୋରା ବାଲି ଚାଲାଣ ହେଉଥିବା ଜାଣି ଘଟଣା ସ୍ଥଳରେ ପହଞ୍ଚିଥିଲେ। ଚର୍ଚ୍ଚଗେଟ ସମ୍ମୁଖରେ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଘଟଣା ସ୍ଥଳରୁ ଟ୍ରାକ୍ଟର ଡ୍ରାଇଭରମାନେ ଫେରାର ହୋଇଯାଇଥିବାବେଳେ ପୋଲିସ ସହାୟତାରେ ଉକ୍ତ ଟ୍ରାକ୍ଟର ଗୁଡ଼ିକୁ ଝିରପାଣି ଥାନା ପରିସରରେ ରଖାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

### ପାର୍କିଂରୁ ମୋବାଇଲ ଛିନ୍‌ତାଇ,ଜଣେ ଗିରଫ

**ରାଉରକେଲା ଅଫିସ,୩ା୫:** ରାଉରକେଲା ପାୱାରହାଉସ ରୋଡ ପାର୍କିଂ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ମୋବାଇଲ ଛିନତାଇ କରି ଫେରାର ଥିବା ଅଭିଯୁକ୍ତଙ୍କୁ ପ୍ଲାଣ୍ଟସାଇଟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମୀନାପଡ଼ା ଅଞ୍ଚଳର ସୁମନ ଖାନ(୨୪)। ଛିନତାଇ ହୋଇଥିବା ମୋବାଇଲକୁ ମଧ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ପାୱାରହାଉସରୋଡ ପଣ୍ଡା କଲୋନୀରେ ଶରତ ଦାସ ବାସ କରନ୍ତି। ମେ ୧ ରାତି ସାଢ଼େ ୯ଟାରେ ଶରତ ଟ୍ରାଫିଗେଟରୁ ମାର୍କେଟିଙ୍ଗ କରି ଘରକୁ ଫେରୁଥିବାବେଳେ ପାର୍କିଂ ଅଞ୍ଚଳରୁ ସୁମନ ତାଙ୍କ ମୋବାଇଲ ଛିନତାଇ କରି ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ମାମଲା (ନଂ.୭୫/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

### ମଝି ରାସ୍ତାରେ ଯୁବକଙ୍କୁ ଆକ୍ରମଣ, ୨ଗିରଫ

**ରାଉରକେଲା ଅଫିସ,୩ା୫:** ମଝି ରାସ୍ତାରେ ଯୁବକଙ୍କୁ ମାରଣାତ୍ମକ ଆକ୍ରମଣ କରିଥିବା ଅଭିଯୋଗରେ ପ୍ଲାଣ୍ଟସାଇଟ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନାଲାରୋଡ ଅଞ୍ଚଳର ଏମ୍‌ଡି ଦାନିସ୍ ଓ ଏମ୍‌ଡି ସାହେଲ କୁରେସି। ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଆଜାଦମହଲା ଅଞ୍ଚଳରେ ଜାଭେଦ ଖାନ ବାସ କରନ୍ତି। ସେ ଉକ୍ତ ଅଞ୍ଚଳରେ ଏକ ମୋବାଇଲ ଦୋକାନ କରି ନିଜ ପରିବାର ଚଳାନ୍ତି। ସବୁଦିନ ପରି ମଙ୍ଗଳବାର ରାତି ସାଢ଼େ ୧୦ଟାରେ ଜାଭେଦ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିଲେ। ଏହି ସମୟରେ ୨ ଯୁବକ ନିଶାକ୍ତ ଅବସ୍ଥାରେ ଆସି ଅସଭ୍ୟଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ଜାଭେଦ ବାରଣ କରିବାରୁ ୨ ଯୁବକ ନିସ୍ତୁକମାଡ଼ ମାରି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କୁ ଆରଜିଏଚରେ ଚିକିତ୍ସାଲାଗି ଭର୍ତ୍ତି କରିଥିଲେ। ପରେ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା (୧୫୫/୨୩) ରୁଜୁ କରି ବୁଧବାର ନାଲାରୋଡ ଅଞ୍ଚଳରୁ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ‘ବିସ୍ଥାପିତଙ୍କ ମୌଳିକ ଅଧିକାର ପ୍ରତି ଗୁରୁତ୍ୱ ଦିଅ’

- ସୁକତେଲ ପ୍ରକଳ୍ପ ପ୍ରଭାବିତଙ୍କ ଅଭିଯୋଗ ଶୁଣିଲେ ନରସିଂହ
- ପୁନର୍ବାସ କଲୋନୀରେ ଶିକ୍ଷା, ବିଜୁଳି, ପାନୀୟ ଜଳ ସୁନିଶ୍ଚିତ କର

**ବଲାଙ୍ଗୀର ଅଫିସ, ୩ା୫**

ନିର୍ମାଣାଧୀନ ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ଲୋଇସିଂହା ବ୍ଲକ ଅଧୀନ ଗଡଶଙ୍କର ଡୁଙ୍ଗୁରିପାଲି ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ବୁଧବାର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସେହି ଗାଁରେ ପହଞ୍ଚି ବିସ୍ଥାପିତ ହେବାକୁ ଥିବା ଜନସାଧାରଣଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ସେମାନଙ୍କ ବିଭିନ୍ନ ଅଭିଯୋଗ ଓ ଦାବି ଶୁଣିଥିଲେ। ଏହି ଅବସରରେ ବିଧାୟକ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ବିସ୍ଥାପିତଙ୍କ ପୁର୍ନବାସ ପାଇଁ ଯାହା କିଛି ଆବଶ୍ୟକ ସେଥିରେ ନିଶ୍ଚିତ ଭାବରେ ଅନେକ କିଛି କମି ରହିଯାଇଛି । ଜିଲା ପ୍ରଶାସନ ସହ ଏସବୁ ସମସ୍ୟା ଉପରେ ଆଲୋଚନା ହେବ । ଆଇନ ସମ୍ମତ ଦାବି ନିଶ୍ଚିତ ଭାବରେ ପୂରଣ କରାଯିବ। ଯଦି କିଛି ଦାବି ଆଇନର ପରିଧି ଭିତରେ ଆସିପାରୁନାହିଁ, ତେବେ ବିସ୍ଥାପିତଙ୍କ ଦୁଃଖକୁ ଅନୁଭବ କରି ଆଇନରେ କିଛି ପରିବର୍ତ୍ତନ କରାଯାଇପାରେ ତାହା ମଧ କରିବା ପାଇଁ ସେ ନିଶ୍ଚିତ ଭାବରେ ଚେଷ୍ଟା କରିବେ। ସୁକତେଲ ପ୍ରକଳ୍ପ ପାଇଁ ଏଠାକାର ଲୋକେ ଯେପରି ଖୁସି ମନରେ ବିସ୍ଥାପିତ ହେବେ ସେ ଉପରେ ନିଶ୍ଚିତ ଭାବରେ ଉଦ୍ୟମ କରିବେ ବୋଲି ବିଧାୟକ ମିଶ୍ର କହିଥିଲେ। ବୁଧବାର ବିଧାୟକ ମିଶ୍ର ଗଡଶଙ୍କର ଡୁଙ୍ଗୁରିପାଲି ଏବଂ ପରଧିଆପାଲି ଗସ୍ତ କରିଥିଲେ। ଡୁଙ୍ଗୁରିପାଲିଠାରେ ଅଭିଯୋଗ ଶୁଣାଣି ସମୟରେ ଲୋକଙ୍କ ଯାହା କିଛି ବି ଅଭିଯୋଗ ରହିଛି ତାକୁ ଲିଖିତ ଦେବାକୁ ପରାମର୍ଶ ଦେଇଥିଲେ। ଜିଲା ପ୍ରଶାସନ ସହ ସବୁ ସମସ୍ୟା ଉପରେ ଆଲୋଚନା କରି ସମସ୍ୟା ଦୂର କରିବା ଦିଗରେ ଚେଷ୍ଟା କରିବେ ବୋଲି କହିଥିଲେ। ବିଧାୟକ ମିଶ୍ରଙ୍କ ସହ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ତଥା ଉପଜିଲାପାଳ କୁମାର ନାଗଭୂଷଣ, ଏସ୍‌ଡିପିଓ ତୁଫାନ ବାଗ ଉପସ୍ଥିତି ଥିଲେ। ବିସ୍ଥାପନ ପରେ ନୂତନ ଜାଗାରେ ଲୋକେ ଯେପରି ଶିକ୍ଷା, ପିଇବା ପାଣି ଏବଂ ବିଜୁଳି ଠିକ୍ ହିସାବରେ ପାଇପାରିବେ ସେ ଉପରେ ସୁନିଶ୍ଚିତ କରିବାକୁ ବିଧାୟକ ମିଶ୍ର ଉପରିସ୍ଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପ ପାଣିରେ ଯେହେତୁ ଏ ଅଞ୍ଚଳର ସ୍କୁଲ କୋଠା ପାଣି ଘେରରେ ରହିଯିବ, ବିସ୍ଥାପିତ ପିଲାମାନଙ୍କୁ କେଉଁ ସ୍କୁଲଗୁଡିକରେ ନାମ ଲେଖାଯିବ, ସେଠାରେ ପର୍ଯ୍ୟାପ୍ତ କୋଠା ଅଛି ନା ନାହିଁ, ଶିକ୍ଷକ କର୍ମଚାରୀ ଅଛନ୍ତି ନା ନାହାନ୍ତି, ପିଇବା ପାଣି, ବିଜୁଳି ସୁବିଧା ପ୍ରଶାସନ ତରଫରୁ କରାଯାଇଛି ନା ନାହିଁ ସେ ଉପରେ ବିଧାୟକ ମିଶ୍ର ପ୍ରଶ୍ନ କରିଥିଲେ। ଆଗାମୀ ବୈଠକରେ ଏହା ଉପରେ କ’ଣ କାର୍ଯ୍ୟକ୍ରମ ନିଆଯାଇଛି ତାର ଠିକ୍ ବିବରଣୀ ରଖିବାକୁ ଅଧିକାରୀମାନଙ୍କୁ କହିଥିଲେ । କିଛି ପଞ୍ଚାୟତ ପ୍ରକଳ୍ପ ଯୋଗୁ ସମ୍ପୂର୍ଣ୍ଣ ଭାବରେ ବୁଡି ଯାଉଥିବାରୁ ସେହି ପଞ୍ଚାୟତର ଗାଁଗୁଡିକ କେଉଁ ପଞ୍ଚାୟତରେ ମିଶ୍ରଣ ହେବ, ବୁଡି ଯାଉଥିବା ଗାଁର ସରପଞ୍ଚ କେଉଁ ଜାଗାର ସରପଞ୍ଚ ଭାବେ କାର୍ଯ୍ୟ କରିବେ ସେ ଉପରେ ମଧ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ବିଧାୟକ ମିଶ୍ର କହିଥିଲେ । ଅଭିଯୋଗ ଶୁଣାଣି ସମୟରେ ଅନେକ ମହିଳା, ଝିଅ ତଥା ବୃଦ୍ଧାବୃଦ୍ଧ ତାଙ୍କ ଅଭିଯୋଗ ଲିଖିତ ଭାବରେ ବିଧାୟକଙ୍କୁ ପ୍ରଦାନ କରିଥିଲେ। ୧୮ ବର୍ଷ ପୂରି ଯାଇଥିବା ଅନେକ ଝିଅପୁଅ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନେକ ପରିବାରର ଜମିରେ ଥିବା ଗଛଗୁଡିକ ବାବଦ କ୍ଷତିପୂରଣ ଲୋକଙ୍କୁ ମିଳିନାହିଁ। ସେଭଳି ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ବିଧାୟକ ଅଧିକାରୀମାନଙ୍କୁ କହିଥିଲେ । ଯେହେତୁ ସରକାର କହୁଛନ୍ତି ଯେ, ଆଗାମୀ ବର୍ଷା ଋତୁରେ ପ୍ରକଳ୍ପରେ ପାଣି ରଖାଯିବ ତେଣୁ ତା’ ପୂର୍ବରୁ ସମସ୍ତ ଅଭିଯୋଗର ସମାଧାନ ନିହାତି ଦରକାର ବୋଲି ଲୋକେ ଦାବି କରିଥିଲେ। ପରେ ବିଧାୟକ ମିଶ୍ର ପରଧିଆପାଲି ଗାଁକୁ ଯାଇ ସେଠାରୁ ଗାଁ ଛାଡି ନ ଥିବା କିଛି ପରିବାର ଲୋକଙ୍କ ଅଭିଯୋଗ ଶୁଣିଥିଲେ। ବିଶେଷ କରି ଜ୍ଞାନ ଗଡତ୍ୟା ପରିବାର ଏବଂ ସେଠାରେ ଥିବା ବିଶ୍ୱାଳ ପରିବାରର ବିଭିନ୍ନ ଅଭିଯୋଗ ଶୁଣିଲା ପରେ ସେମାନଙ୍କ ଅଭିଯୋଗକୁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଆଗାମୀ ବୈଠକରେ କିଭଳି ସମାଧାନ ହୋଇ ପାରିବ ସେ ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଯେହେତୁ ଏହି ଗାଁଟି ପ୍ରକଳ୍ପ ପାଣି ଭିତରେ ରହିଯିବ ତେଣୁ ଯେତେ ଶୀଘ୍ର ହେବ ପ୍ରଶାସନ ସହ ଆଲୋଚନା କରି ଏହି ପରିବାରମାନଙ୍କ ସମସ୍ୟା ସମାଧାନ ନିଶ୍ଚିତ ଭାବରେ କରାଯିବ ବୋଲି ବିଧାୟକ ମିଶ୍ର କହିଥିଲେ।


ବିଭିନ୍ନ ଅଧିକାରୀଙ୍କ ଉପସ୍ଥିତିରେ ବିଧାୟକ ନରସିଂହ ମିଶ୍ର ଗଡଶଙ୍କର ଡୁଙ୍ଗୁରିପାଲି ଠାରେ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଚୁମ୍‌କୀ


@ ରମାକାନ୍ତ


@ ରଞ୍ଜିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬୩୯ ବୋତଲ କଫ ସିରପ ଜବତ: ୫ ଗିରଫ

**ଖପ୍ରାଖୋଲ, ୩ା୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପୋଲିସ ଚଢାଉ କରି ୬୩୯ ବୋତଲ କଫସିରପ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଲପଡ଼ାର ଲୋକେଶ ନାଏକ, ଭୂର୍ଶପାଲିର ରଞ୍ଜନ ସ୍ୱାଇଁ, ବଲାଙ୍ଗୀର ହତିସାଳପଡ଼ାର ଶ୍ରୀକାନ୍ତ ବେହେରା, ବରଗଡ଼ ଜିଲା ପଦ୍ମପୁରର ଦୁର୍ଯ୍ୟୋଧନ ସାହୁ, ସତିଭଟାର ଜୟରାମ ତ୍ରିପାଠୀ। ଅଭିଯୁକ୍ତଙ୍କଠାରୁ ନଗଦ ୨୫ଶହ ଟଙ୍କା ସହ ଦୁଇଟି ବାଇକ୍ ଓ ୨ଟି କାର ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ସକାଳେ ପାଟ୍ରୋଲିଂ ବେଳେ ଖପ୍ରାଖୋଲ-ପାଟଣାଗଡ ରାସ୍ତାର ବୈଜଲସାଗର ଗାଁ ନିକଟରେ ଏକ କାରରୁ ଅନ୍ୟ ଏକ କାରକୁ କିଛି ସାମଗ୍ରୀ କେତେଜଣ ବ୍ୟକ୍ତି ସ୍ଥାନାନ୍ତର କରୁଥିବା ବେଳେ ସନ୍ଦେହ କରି ପୋଲିସ ପଚରାଉଚରା କରିଥିଲା। ଏହି ସମୟରେ ସେମାନଙ୍କଠାରୁ ବେଆଇନ କଫ ସିରପ ଜବତ ସହ ବେଆଇନ କାରବାର ସୂଚନା ପାଇଥିଲା। ସୂଚନା ଆଧାରରେ ଚଢାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କଫସିରପ ଓ ନଗଦ ଟଙ୍କା, ବାଇକ୍ ଓ କାର ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା( ୬୧/୨୩)ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।



ଜବତ କଫ୍ ସିରପ ଏବଂ ଅଭିଯୁକ୍ତ।

**୨ ବାଇକ୍ ଓ ୨ କାର୍ ଜବତ**

### ସାଇକେଲ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୩ା୫**

ସାଇକେଲ ଚୋରି ଅଭିଯୋଗରେ ଉଦିତନଗର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଧୁସୂଦନପାଲି ବସ୍ତିର ମହେନ୍ଦ୍ର ଛୁରା(୫୩)। ପୋଲିସ ଅଭିଯୁକ୍ତଙ୍କ ଠାରୁ ଚୋରି ହୋଇଥିବା ସାଇକେଲକୁ ମଧୁସୂଦନପାଲି ବସ୍ତିରୁ ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀ ଅଞ୍ଚଳରେ ତରୁଣ କୁମାର ବାସ କରନ୍ତି। ସେ ରାଉରକେଲା ତଥା ଆଖପାଖ ଅଞ୍ଚଳରେ କାରପେଣ୍ଟର ଭାବେ କାମ କରନ୍ତି। ଏପ୍ରିଲ ୨୭ରେ ତରୁଣ ବାସନ୍ତୀ କଲୋନୀ ରେଲୱେ ଫାଟକ ନିକଟରେ ଥିବା ଏକ ରଙ୍ଗଦୋକାନରୁ ରଙ୍ଗ କିଣିବାକୁ ଯାଇଥିବାବେଳେ ତାଙ୍କ ସାଇକେଲକୁ କେହି ଚୋରି କରି ନେଇଥିଲେ। ଏନେଇ ସେ ଉଦିତନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ ୧୪୮/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ବିରାଟ ପର୍ବ ନାଟକର ସୁବର୍ଣ୍ଣ ଜୟନ୍ତୀ


ମଞ୍ଚାସୀନ ଅତିଥିବୃନ୍ଦ।

**ଗୁଡ଼ଭେଲା,୩ା୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ଡୁଙ୍ଗିବାହାଲ ଗ୍ରାମର ରଣାପଡାରେ ବୁଧବାର ବିରାଟ ପର୍ବ ନାଟକର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବକୁ ଗୁଡ଼ଭେଲା ବ୍ଲକ ଅଧ୍ୟକ୍ଷା ବେବି ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଟୁକୁରାମ ପାଣିଗ୍ରାହୀ, ଗୁଡ଼ଭେଲା ଗ୍ରାମ ପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିରାଟ ପର୍ବ ବିଷୟରେ ଆଲୋକପାତ କରିଥିଲେ। ଆୟୋଜକ କମିଟି ସଭାପତି ତ୍ରିନାଥ ରଣା ଏଥିରେ ସଭାପତିତ୍ୱ କରିଥିଲେ। କୋଷାଧ୍ୟକ୍ଷ ଶ୍ରୀବତ୍ସ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ତୃତୀୟ ପର୍ଯ୍ୟାୟ ୫-ଟି ହାଇସ୍କୁଲ ଉଦ୍‌ଘାଟନ ପାଇଁ ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୩ା୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ସ୍ତରୀୟ ତୃତୀୟ ପର୍ଯ୍ୟାୟରେ ୧୧୫ଟି ରୂପାନ୍ତରିତ ୫-ଟି ହାଇସ୍କୁଲ ଉଦ୍‌ଘାଟନ ପାଇଁ ପ୍ରସ୍ତୁତି ଚାଲିଛି। ମେ ୮ରେ ଭବାନୀପାଟଣା ପୋଲିସ ହାଇସ୍କୁଲ ପରିସରରେ ଏହାର ଶୁଭାରମ୍ଭ ହେବ। ଭର୍ଚୁଆଲ ମୋଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହାର ଉଦ୍‌ଘାଟନ କରିବେ। ଏହି ପରିପ୍ରେକ୍ଷୀରେ ଜିଲା ଶିକ୍ଷା ଅଧିକାରୀଙ୍କ କନଫରେନ୍ସ ହଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରସ୍ତୁତି କମିଟି ଏଡିଇଓ ଟେମଲାଲ ଦୁବେଙ୍କ ସମେତ ସମସ୍ତ ପ୍ରସ୍ତୁତି କମିଟି ସଦସ୍ୟ ଯୋଗଦେଇଥିଲେ।



କନଫରେନ୍ସ ହଲରେ ଚାଲିଥିବା ପ୍ରସ୍ତୁତି ବୈଠକ।

# ହରିଶଙ୍କର ମନ୍ଦିର ଦର୍ଶନକଲେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦିନେଶ ମୋଙ୍ଗିଆ

**ଖପ୍ରାଖୋଲ,୩ା୫(ଡି.ଏନ.ଏ.)**

ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦିନେଶ ମୋଙ୍ଗିଆ ବୁଧବାର ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ମନ୍ଦିର ଯାଇ ଠାକୁର ଦର୍ଶନ କରିବା ସହ ଝରଣା ବୁଲି ଦେଖିଥିଲେ। ଭାରତୀୟ ଦଳ ତରଫରୁ କ୍ରିକେଟ ଖେଳି ସୁନାମ ଅର୍ଜନ କରିଥିବା ଭେଟେରାନ ଖେଳାଳିଙ୍କୁ ଦେଖିବା କୁ ମଧ ଲୋକଙ୍କ ଭିଡ଼ ହୋଇଥିଲା। ସେ ବଲାଙ୍ଗୀରକୁ କୌଣସି କ୍ରୀଡା ସମ୍ପର୍କିତ କାର୍ଯ୍ୟରେ ଆସିଥିବା ବେଳେ ହରିଶଙ୍କର ମନ୍ଦିର ବୁଲି ଦେଖିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ, ଚିରସ୍ରୋତା ଝରଣା ଓ ପୁରାତନ ମନ୍ଦିର ଦର୍ଶନ କରି ଏହାର ଶାନ୍ତ, ସ୍ନିଗଧ ପରିବେଶକୁ ଭୂରି ଭୂରି ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଶାସନ ତରଫରୁ ତାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିବା ବେଳେ ଖପ୍ରାଖୋଲ ପ୍ରେସ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ହରିଶଙ୍କର ଠାକୁରଙ୍କ ଏକ ଫଟୋଚିତ୍ର ତାଙ୍କୁ ଦିଆଯାଇଥିଲା। ଏହି ଅବସରରେ ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଆଁର, ଅଭୟ ତ୍ରିପାଠୀ, ତାପସ ରଞ୍ଜନ ବେହେରା, ଉମାକାନ୍ତ ପଧାନ, ଜ୍ୟୋତିରଞ୍ଜନ ପଣ୍ଡା, ବଳଭଦ୍ର ଦାସ, ମଧୁସୂଦନ ମାଝୀ, ପଞ୍ଚମ ପଧାନ, ନରସିଂହ ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।


ପୂର୍ବତନ କ୍ରିକେଟ ଖେଳାଳି ମନ୍ଦିର ପରିଦର୍ଶନ କରୁଛନ୍ତି।

# ତୃତୀୟ ଦିନରେ ହରିଶଙ୍କର ମହୋତ୍ସବ

**ଖପ୍ରାଖୋଲ,୩ା୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରସିଦ୍ଧ ଧର୍ମପୀଠ ହରିଶଙ୍କର ଠାରେ ଚାଲିଥିବା ହରିଶଙ୍କର ମହୋତ୍ସବ ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନରୁ ପ୍ରତିକୂଳ ପାଗ ସତ୍ତ୍ୱେ ହୋମଯଜ୍ଞ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ଆସୁଥିବା ବେଳେ ତୃତୀୟ ଦିନ ସନ୍ଧ୍ୟାରେ ହୋଇଥିବା ଅଦିନିଆ ବର୍ଷା ଯୋଗୁ ପର୍ଯ୍ୟଟକ ଓ ଦୋକାନୀ ପ୍ରଭାବିତ ହୋଇଥିଲେ। ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଚାଲିଥିବାରୁ ଅଦିନିଆ ବର୍ଷାର ପ୍ରଭାବ ଦ୍ୱିଗୁଣିତ ହୋଇଥିଲା। ଢାଲୁ ସ୍ଥାନରେ ହୋଇଥିବା ଦୋକାନରେ ପାଣି ପଶିଯିବାରୁ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଘଟଣାସ୍ଥଳରେ ପାଟଣାଗଡ଼ ଉପଜିଲାପାଳ ଡ଼. ବିଜୟାନନ୍ଦ ସେଠୀ ପହଞ୍ଚି ଦୋକାନୀଙ୍କୁ ବୁଝାଶୁଝା କରିବା ସହ ଅଗ୍ନିଶମ ବିଭାଗ ଦ୍ୱାରା ପାଣି ନିଷ୍କାସନ କରାଯାଇଥିଲା। ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରଥମ ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଡ଼. ବିଜୟାନନ୍ଦ ସେଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ ଓ ସମ୍ମାନିତ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବ କିଶୋର ସାହୁ ଯୋଗ ଦେଇଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ବଳଭଦ୍ର ଦାସ ପରିଚାଳନା କରିଥିବା ବେଳେ ବେଲପଡା ତହସିଲଦାର ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ଭୁବନେଶ୍ୱରର ନୃତ୍ୟ ନିପୁଣ ଓଡ଼ିଶୀ ନୃତ୍ୟ, ଗୁଡଭେଲାର କୃଷ୍ଣକଳା ପରିଷଦ ଏବଂ ଭଜନ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି ଦ୍ୱିତୀୟ ମଞ୍ଚରେ ବଲାଙ୍ଗୀରର ପଞ୍ଚମ, ସୁନ୍ଦରଗଡ଼ର ପର୍ଏଁରୀ, କାଳାହାଣ୍ଡିର ଘୁମୁରା ଓ ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା।


ହରିଶଙ୍କର ମହୋତ୍ସବର ତୃତୀୟ ଦିନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ପ୍ରତିକୂଳ ପାଗରେ ମଧ ପ୍ରବଳ ଜନସମାଗମ**

## ସଂକ୍ଷେପରେ

### ହରିଶଙ୍କର ମନ୍ଦିର ଦର୍ଶନକଲେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦିନେଶ ମୋଙ୍ଗିଆ

**ଖପ୍ରାଖୋଲ,୩।୫(ଡି.ଏନ.ଏ.):** ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦିନେଶ ମୋଙ୍ଗିଆ ବୁଧବାର ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମନ୍ଦିର ଯାଇ ଠାକୁର ଦର୍ଶନ କରିବା ସହ ଝରଣା ବୁଲି ଦେଖିଥିଲେ। ଭାରତୀୟ ଦଳ ତରଫରୁ କ୍ରିକେଟ ଖେଳି ସୁନାମ ଅର୍ଜନ କରିଥିବା ଭେଟେରାନ ଖେଳାଳିଙ୍କୁ ଦେଖିବା କୁ ମଧ ଲୋକଙ୍କ ଭିଡ଼ ହୋଇଥିଲା। ସେ ବଲାଙ୍ଗୀରକୁ କୌଣସି କ୍ରୀଡା ସମ୍ପର୍କିତ କାର୍ଯ୍ୟରେ ଆସିଥିବା ବେଳେ ହରିଶଙ୍କର ମନ୍ଦିର ବୁଲି ଦେଖିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ, ଚିରସ୍ରୋତା ଝରଣା ଓ ପୁରାତନ ମନ୍ଦିର ଦର୍ଶନ କରି ଏହାର ଶାନ୍ତ, ସ୍ନିଗଧ ପରିବେଶକୁ ଭୂରି ଭୂରି ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଶାସନ ତରଫରୁ ତାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିବା ବେଳେ ଖପ୍ରାଖୋଲ ପ୍ରେସ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ହରିଶଙ୍କର ଠାକୁରଙ୍କ ଏକ ଫଟୋଚିତ୍ର ତାଙ୍କୁ ଦିଆଯାଇଥିଲା।

### ମଝି ରାସ୍ତାରେ ଯୁବକଙ୍କୁ ଆକ୍ରମଣ, ୨ଗିରଫ

**ରାଉରକେଲା ଅଫିସ,୩।୫:** ମଝି ରାସ୍ତାରେ ଯୁବକଙ୍କୁ ମାରଣାତ୍ମକ ଆକ୍ରମଣ କରିଥିବା ଅଭିଯୋଗରେ ପ୍ଲାଣ୍ଟସାଇଟ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନାଲାରୋଡ ଅଞ୍ଚଳର ଏମ୍‌ଡି ଦାନିସ୍ ଓ ଏମ୍‌ଡି ସାହେଲ କୁରେସି। ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଆଜାଦମହଲା ଅଞ୍ଚଳରେ ଜାଭେଦ ଖାନ ବାସ କରନ୍ତି। ସେ ଉକ୍ତ ଅଞ୍ଚଳରେ ଏକ ମୋବାଇଲ ଦୋକାନ କରି ନିଜ ପରିବାର ଚଳାନ୍ତି। ମଙ୍ଗଳବାର ରାତି ସାଢେ ୧୦ଟାରେ ଜାଭେଦ ଦୋକାନ ବନ୍ଦ କରି ଘରକୁ ଯାଉଥିବାବେଳେ ୨ ଯୁବକ ଗାଳିଗୁଲଜ କରିଥିଲେ।

### ୫୦୦ ଟଙ୍କା ଭତ୍ତା ପାଇଁ ୫ କିଲୋମିଟର ଚାଲିଲେ ବୃଦ୍ଧା



**ଭବାନୀପାଟଣା,୩।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା କୋକସରା ବ୍ଲକ କୁଲେରଗୁଡ଼ା ଗାଁର ଜଣେ ବୃଦ୍ଧା ୫୦୦ ଟଙ୍କା ଭତ୍ତା ପାଇଁ ୫ କିଲୋମିଟର ଚାଲିକି ଯାଇଛନ୍ତି। ସେ ହେଲେ ପିତବତୀ ପାଳି (୮୦)। ଟାଣ ଖରା ସାଙ୍ଗକୁ ପଥୁରିଆ ରାସ୍ତା ଦେଇ ବୃଦ୍ଧା ଜଣକ ଆଗେଇ ଚାଲିଥିଲେ। ଗାଁରେ ବ୍ୟାଙ୍କ ନଥିବାରୁ ସେ ଟେମେରା ମିନି ବ୍ୟାଙ୍କକୁ ଯାଉଥିବା ଲୋକଙ୍କୁ କହିଥିଲେ। ପୂର୍ବରୁ ଭତ୍ତା ଟଙ୍କା ସିଧାସଳଖ ପଞ୍ଚାୟତ ପକ୍ଷରୁ ଦିଆଯାଇଥିଲା। ଏବେ ଅନଲାଇନରେ ଦିଆଯାଉଥିବାରୁ ବହୁତ ଅସୁବିଧା ହେଉଛି ବୋଲି ପିତବତୀ କହିଛନ୍ତି।

# ‘ବିସ୍ଥାପିତଙ୍କ ମୌଳିକ ଅଧିକାର ପ୍ରତି ଗୁରୁତ୍ୱ ଦିଅ’

**ବଲାଙ୍ଗୀର ଅଫିସ, ୩।୫**

- ସୁକତେଲ ପ୍ରକଳ୍ପ ପ୍ରଭାବିତଙ୍କ ଅଭିଯୋଗ ଶୁଣିଲେ ନରସିଂହ
- ପୁନର୍ବାସ କଲୋନୀରେ ଶିକ୍ଷା, ବିଜୁଳି, ପାନୀୟ ଜଳ ସୁନିଶ୍ଚିତ କର

ନିର୍ମାଣାଧୀନ ଲୋୟର ସୁକ୍ତେଲ ପ୍ରକଳ୍ପ ପ୍ରଭାବିତ ଲୋଇସିଂହା ବ୍ଲକ ଅଧୀନ ଗଡଶଙ୍କର ଡୁଙ୍ଗୁରିପାଲି ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ବୁଧବାର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସେହି ଗାଁରେ ପହଞ୍ଚି ବିସ୍ଥାପିତ ହେବାକୁ ଥିବା ଜନସାଧାରଣଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ସେମାନଙ୍କ ବିଭିନ୍ନ ଅଭିଯୋଗ ଓ ଦାବି ଶୁଣିଥିଲେ। ଏହି ଅବସରରେ ବିଧାୟକ ମିଶ୍ର ଗଣମାଧମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ବିସ୍ଥାପିତଙ୍କ ପୁର୍ନବାସ ପାଇଁ ଯାହା କିଛି ଆବଶ୍ୟକ ସେଥିରେ ନିଶ୍ଚିତ ଭାବରେ ଅନେକ କିଛି କମି ରହିଯାଇଛି । ଜିଲା ପ୍ରଶାସନ ସହ ଏସବୁ ସମସ୍ୟା ଉପରେ ଆଲୋଚନା ହେବ । ଆଇନ ସମ୍ମତ ଦାବି ନିଶ୍ଚିତ ଭାବରେ ପୂରଣ କରାଯିବ। ଯଦି କିଛି ଦାବି ଆଇନର ପରିଧି ଭିତରେ ଆସିପାରୁନାହିଁ, ତେବେ ବିସ୍ଥାପିତଙ୍କ ଦୁଃଖକୁ ଅନୁଭବ କରି ଆଇନରେ କିଛି ପରିବର୍ତ୍ତନ କରାଯାଇପାରେ ତାହା ମଧ କରିବା ପାଇଁ ସେ ନିଶ୍ଚିତ ଭାବରେ ଚେଷ୍ଟା କରିବେ। ସୁକତେଲ ପ୍ରକଳ୍ପ ପାଇଁ ଏଠାକାର ଲୋକେ ଯେପରି ଖୁସି ମନରେ ବିସ୍ଥାପିତ ହେବେ ସେ ଉପରେ ନିଶ୍ଚିତ ଭାବରେ ଉଦ୍ୟମ କରିବେ ବୋଲି ବିଧାୟକ ମିଶ୍ର କହିଥିଲେ। ବୁଧବାର ବିଧାୟକ ମିଶ୍ର ଗଡଶଙ୍କର ଡୁଙ୍ଗୁରିପାଲି ଏବଂ ପରଧିଆପାଲି ଗସ୍ତ କରିଥିଲେ। ଡୁଙ୍ଗୁରିପାଲିଠାରେ ଅଭିଯୋଗ ଶୁଣାଣି ସମୟରେ ଲୋକଙ୍କ ଯାହା କିଛି ବି ଅଭିଯୋଗ ରହିଛି ତାକୁ ଲିଖିତ ଦେବାକୁ ପରାମର୍ଶ ଦେଇଥିଲେ। ଜିଲା ପ୍ରଶାସନ ସହ ସବୁ ସମସ୍ୟା ଉପରେ ଆଲୋଚନା କରି ସମସ୍ୟା ଦୂର କରିବା ଦିଗରେ ଚେଷ୍ଟା କରିବେ ବୋଲି କହିଥିଲେ। ବିଧାୟକ ମିଶ୍ରଙ୍କ ସହ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ତଥା ଉପଜିଲାପାଳ କୁମାର ନାଗଭୂଷଣ, ଏସ୍‌ଡିପିଓ ତୁଫାନ ବାଗ ଉପସ୍ଥିତି ଥିଲେ। ବିସ୍ଥାପନ ପରେ ନୂତନ ଜାଗାରେ ଲୋକେ ଯେପରି ଶିକ୍ଷା, ପିଇବା ପାଣି ଏବଂ ବିଜୁଳି ଠିକ୍ ହିସାବରେ ପାଇପାରିବେ ସେ ଉପରେ ସୁନିଶ୍ଚିତ କରିବାକୁ ବିଧାୟକ ମିଶ୍ର ଉପରିସ୍ଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପ ପାଣିରେ ଯେହେତୁ ଏ ଅଞ୍ଚଳର ସ୍କୁଲ କୋଠା ପାଣି ଘେରରେ ରହିଯିବ, ବିସ୍ଥାପିତ ପିଲାମାନଙ୍କୁ କେଉଁ ସ୍କୁଲଗୁଡିକରେ ନାମ ଲେଖାଯିବ, ସେଠାରେ ପର୍ଯ୍ୟାପ୍ତ କୋଠା ଅଛି ନା ନାହିଁ, ଶିକ୍ଷକ କର୍ମଚାରୀ ଅଛନ୍ତି ନା ନାହାନ୍ତି, ପିଇବା ପାଣି, ବିଜୁଳି ସୁବିଧା ପ୍ରଶାସନ ତରଫରୁ କରାଯାଇଛି ନା ନାହିଁ ସେ ଉପରେ ବିଧାୟକ ମିଶ୍ର ପ୍ରଶ୍ନ କରିଥିଲେ। ଆଗାମୀ ବୈଠକରେ ଏହା ଉପରେ କ’ଣ କାର୍ଯ୍ୟକ୍ରମ ନିଆଯାଇଛି ତାର ଠିକ୍ ବିବରଣୀ ରଖିବାକୁ ଅଧିକାରୀମାନଙ୍କୁ କହିଥିଲେ । କିଛି ପଞ୍ଚାୟତ ପ୍ରକଳ୍ପ ଯୋଗୁ ସମ୍ପୂର୍ଣ୍ଣ ଭାବରେ ବୁଡି ଯାଉଥିବାରୁ ସେହି ପଞ୍ଚାୟତର ଗାଁଗୁଡିକ କେଉଁ ପଞ୍ଚାୟତରେ ମିଶ୍ରଣ ହେବ, ବୁଡି ଯାଉଥିବା ଗାଁର ସରପଞ୍ଚ କେଉଁ ଜାଗାର ସରପଞ୍ଚ ଭାବେ କାର୍ଯ୍ୟ କରିବେ ସେ ଉପରେ ମଧ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ବିଧାୟକ ମିଶ୍ର କହିଥିଲେ । ଅଭିଯୋଗ ଶୁଣାଣି ସମୟରେ ଅନେକ ମହିଳା, ଝିଅ ତଥା ବୃଦ୍ଧାବୃଦ୍ଧ ତାଙ୍କ ଅଭିଯୋଗ ଲିଖିତ ଭାବରେ ବିଧାୟକଙ୍କୁ ପ୍ରଦାନ କରିଥିଲେ। ୧୮ ବର୍ଷ ପୂରି ଯାଇଥିବା ଅନେକ ଝିଅପୁଅ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନେକ ପରିବାରର ଜମିରେ ଥିବା ଗଛଗୁଡିକ ବାବଦ କ୍ଷତିପୂରଣ ଲୋକଙ୍କୁ ମିଳିନାହିଁ। ସେଭଳି ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ବିଧାୟକ ଅଧିକାରୀମାନଙ୍କୁ କହିଥିଲେ । ଯେହେତୁ ସରକାର କହୁଛନ୍ତି ଯେ, ଆଗାମୀ ବର୍ଷା ଋତୁରେ ପ୍ରକଳ୍ପରେ ପାଣି ରଖାଯିବ ତେଣୁ ତା’ ପୂର୍ବରୁ ସମସ୍ତ ଅଭିଯୋଗର ସମାଧାନ ନିହାତି ଦରକାର ବୋଲି ଲୋକେ ଦାବି କରିଥିଲେ। ପରେ ବିଧାୟକ ମିଶ୍ର ପରଧିଆପାଲି ଗାଁକୁ ଯାଇ ସେଠାରୁ ଗାଁ ଛାଡି ନ ଥିବା କିଛି ପରିବାର ଲୋକଙ୍କ ଅଭିଯୋଗ ଶୁଣିଥିଲେ। ବିଶେଷ କରି ଜ୍ଞାନ ଗଡତ୍ୟା ପରିବାର ଏବଂ ସେଠାରେ ଥିବା ବିଶ୍ୱାଳ ପରିବାରର ବିଭିନ୍ନ ଅଭିଯୋଗ ଶୁଣିଲା ପରେ ସେମାନଙ୍କ ଅଭିଯୋଗକୁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଆଗାମୀ ବୈଠକରେ କିଭଳି ସମାଧାନ ହୋଇ ପାରିବ ସେ ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଯେହେତୁ ଏହି ଗାଁଟି ପ୍ରକଳ୍ପ ପାଣି ଭିତରେ ରହିଯିବ ତେଣୁ ଯେତେ ଶୀଘ୍ର ହେବ ପ୍ରଶାସନ ସହ ଆଲୋଚନା କରି ଏହି ପରିବାରମାନଙ୍କ ସମସ୍ୟା ସମାଧାନ ନିଶ୍ଚିତ ଭାବରେ କରାଯିବ ବୋଲି ବିଧାୟକ ମିଶ୍ର କହିଥିଲେ।



ବିଭିନ୍ନ ଅଧିକାରୀଙ୍କ ଉପସ୍ଥିତିରେ ବିଧାୟକ ନରସିଂହ ମିଶ୍ର ଗଡଶଙ୍କର ଡୁଙ୍ଗୁରିପାଲି ଠାରେ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ୬୩୯ ବୋତଲ କଫ ସିରପ ଜବତ: ୫ ଗିରଫ

**ଖପ୍ରାଖୋଲ, ୩।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପୋଲିସ ଚଢାଉ କରି ୬୩୯ ବୋତଲ କଫସିରପ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଲପଡ଼ାର ଲୋକେଶ ନାଏକ, ଭୂର୍ଣିପାଲିର ରଞ୍ଜନ ସ୍ୱାଇଁ, ବଲାଙ୍ଗୀର ହତିସାଳପଡ଼ାର ଶ୍ରୀକାନ୍ତ ବେହେରା, ବରଗଡ଼ ଜିଲା ପଦ୍ମପୁରର ଦୁର୍ଯ୍ୟୋଧନ ସାହୁ, ସତିଭଟାର ଜୟରାମ ତ୍ରିପାଠୀ। ଅଭିଯୁକ୍ତଙ୍କଠାରୁ ନଗଦ ୨୫ଶହ ଟଙ୍କା ସହ ଦୁଇଟି ବାଇକ୍ ଓ ୨ଟି କାର ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ସକାଳେ ପାଟ୍ରୋଲିଂ ବେଳେ ଖପ୍ରାଖୋଲ-ପାଟଣାଗଡ ରାସ୍ତାର ବୈଜଲସାଗର ଗାଁ ନିକଟରେ ଏକ କାରରୁ ଅନ୍ୟ ଏକ କାରକୁ କିଛି ସାମଗ୍ରୀ କେତେଜଣ ବ୍ୟକ୍ତି ସ୍ଥାନାନ୍ତର କରୁଥିବା ବେଳେ ସନ୍ଦେହ କରି ପୋଲିସ ପଚରାଉଚରା କରିଥିଲା। ଏହି ସମୟରେ ସେମାନଙ୍କଠାରୁ ବେଆଇନ କଫ ସିରପ ଜବତ ସହ ବେଆଇନ କାରବାର ସୂଚନା ପାଇଥିଲା। ସୂଚନା ଆଧାରରେ ଚଢାଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କଫସିରପ ଓ ନଗଦ ଟଙ୍କା, ବାଇକ୍ ଓ କାର ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା (୬୧/୨୩)ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।





ଜବତ କଫ୍ ସିରପ ଏବଂ ଅଭିଯୁକ୍ତ।

**୨ ବାଇକ୍ ଓ ୨ କାର୍ ଜବତ**

## ସାଇକେଲ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୩।୫**

ସାଇକେଲ ଚୋରି ଅଭିଯୋଗରେ ଉଦିତନଗର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଧୁସୂଦନପାଲି ବସ୍ତିର ମହେନ୍ଦ୍ର ଛୁରା(୫୩)। ପୋଲିସ ଅଭିଯୁକ୍ତଙ୍କ ଠାରୁ ଚୋରି ହୋଇଥିବା ସାଇକେଲକୁ ମଧୁସୂଦନପାଲି ବସ୍ତିରୁ ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀ ଅଞ୍ଚଳରେ ତରୁଣ କୁମାର ବାସ କରନ୍ତି। ସେ ରାଉରକେଲା ତଥା ଆଖପାଖ ଅଞ୍ଚଳରେ କାରପେଣ୍ଟର ଭାବେ କାମ କରନ୍ତି। ଏପ୍ରିଲ ୨୭ରେ ତରୁଣ ବାସନ୍ତୀ କଲୋନୀ ରେଲୱେ ଫାଟକ ନିକଟରେ ଥିବା ଏକ ରଙ୍ଗଦୋକାନରୁ ରଙ୍ଗ କିଣିବାକୁ ଯାଇଥିବାବେଳେ ତାଙ୍କ ସାଇକେଲକୁ କେହି ଚୋରି କରି ନେଇଥିଲେ। ଏନେଇ ସେ ଉଦିତନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ ୧୪୮/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

## ତୃତୀୟ ପର୍ଯ୍ୟାୟ ୫-ଟି ହାଇସ୍କୁଲ ଉଦ୍‌ଘାଟନ ପାଇଁ ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୩।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ସ୍ତରୀୟ ତୃତୀୟ ପର୍ଯ୍ୟାୟରେ ୧୧୫ଟି ରୂପାନ୍ତରିତ ୫-ଟି ହାଇସ୍କୁଲ ଉଦ୍‌ଘାଟନ ପାଇଁ ପ୍ରସ୍ତୁତି ଚାଲିଛି। ମେ ୮ରେ ଭବାନୀପାଟଣା ପୋଲିସ ହାଇସ୍କୁଲ ପରିସରରେ ଏହାର ଶୁଭାରମ୍ଭ ହେବ। ଭର୍ଚୁଆଲ ମୋଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହାର ଉଦ୍‌ଘାଟନ କରିବେ। ଏହି ପରିପ୍ରେକ୍ଷୀରେ ଜିଲା ଶିକ୍ଷା ଅଧିକାରୀଙ୍କ କନଫରେନ୍ସ ହଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରସ୍ତୁତି କମିଟି ଏଡିଇଓ ଟେମଲାଲ ଦୁବେଙ୍କ ସମେତ ସମସ୍ତ ପ୍ରସ୍ତୁତି କମିଟି ସଦସ୍ୟ ଯୋଗଦେଇଥିଲେ।





କନଫରେନ୍ସ ହଲରେ ଚାଲିଥିବା ପ୍ରସ୍ତୁତି ବୈଠକ।



@ ଚୁମ୍‌କୀ



@ ରମାକାନ୍ତ



@ ରଞ୍ଜିତା

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିରାଟ ପର୍ବ ନାଟକର ସୁବର୍ଣ୍ଣ ଜୟନ୍ତୀ



ମଞ୍ଚାସୀନ ଅତିଥିବୃନ୍ଦ।

**ଗୁଡ଼ଭେଲା,୩।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ଡୁଙ୍ଗିବାହାଲ ଗ୍ରାମର ରଣାପଡାରେ ବୁଧବାର ବିରାଟ ପର୍ବ ନାଟକର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବକୁ ଗୁଡ଼ଭେଲା ବ୍ଲକ ଅଧ୍ୟକ୍ଷା ବେବି ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଟୁକୁରାମ ପାଣିଗ୍ରାହୀ, ଗୁଡ଼ଭେଲା ଗ୍ରାମ ପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିରାଟ ପର୍ବ ବିଷୟରେ ଆଲୋକପାତ କରିଥିଲେ। ଆୟୋଜକ କମିଟି ସଭାପତି ତ୍ରିନାଥ ରଣା ଏଥିରେ ସଭାପତିତ୍ୱ କରିଥିଲେ। କୋଷାଧ୍ୟକ୍ଷ ଶ୍ରୀବସ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ଦିନରେ ହରିଶଙ୍କର ମହୋତ୍ସବ

**ଖପ୍ରାଖୋଲ,୩।୫(ଡି.ଏନ.ଏ.)**

**ପ୍ରତିକୂଳ ପାଗରେ ମଧ ପ୍ରବଳ ଜନସମାଗମ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରସିଦ୍ଧ ଧର୍ମପୀଠ ହରିଶଙ୍କର ଠାରେ ଚାଲିଥିବା ହରିଶଙ୍କର ମହୋତ୍ସବ ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନରୁ ପ୍ରତିକୂଳ ପାଗ ସତ୍ତ୍ୱେ ହୋମଯଜ୍ଞ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ଆସୁଥିବା ବେଳେ ତୃତୀୟ ଦିନ ସନ୍ଧ୍ୟାରେ ହୋଇଥିବା ଅଦିନିଆ ବର୍ଷା ଯୋଗୁ ପର୍ଯ୍ୟଟକ ଓ ଦୋକାନୀ ପ୍ରଭାବିତ ହୋଇଥିଲେ। ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଚାଲିଥିବାରୁ ଅଦିନିଆ ବର୍ଷାର ପ୍ରଭାବ ଦ୍ୱିଗୁଣିତ ହୋଇଥିଲା। ଡାଲୁ ସ୍ଥାନରେ ହୋଇଥିବା ଦୋକାନରେ ପାଣି ପଶିଯିବାରୁ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଘଟଣାସ୍ଥଳରେ ପାଟଣାଗଡ଼ ଉପଜିଲାପାଳ ଡ଼. ବିଜୟାନନ୍ଦ ସେଠୀ ପହଞ୍ଚି ଦୋକାନୀଙ୍କୁ ବୁଝାଶୁଝା କରିବା ସହ ଅଗ୍ନିଶମ ବିଭାଗ ଦ୍ୱାରା ପାଣି ନିଷ୍କାସନ କରାଯାଇଥିଲା। ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରଥମ ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଡ଼. ବିଜୟାନନ୍ଦ ସେଠୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ ଓ ସମ୍ମାନିତ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବ କିଶୋର ସାହୁ ଯୋଗ ଦେଇଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। କାର୍ଯ୍ୟକ୍ରମକୁ ଅଧାପକ ବଳଭଦ୍ର ଦାସ ପରିଚାଳନା କରିଥିବା ବେଳେ ବେଲପଡା ତହସିଲଦାର ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ଭୁବନେଶ୍ୱରର ନୃତ୍ୟ ନିପୁଣ ଓଡ଼ିଶୀ ନୃତ୍ୟ, ଗୁଡଭେଲାର କୃଷ୍ଣକଳା ପରିଷଦ ଏବଂ ଭଜନ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି ଦ୍ୱିତୀୟ ମଞ୍ଚରେ ବଲାଙ୍ଗୀର ପଞ୍ଚମ, ସୁନ୍ଦରଗଡ଼ର ପଏଁରୀ, କାଳାହାଣ୍ଡିର ଘୁମୁରା ଓ ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା।

# ଦାବି ପୂରଣ ନ ହେଲେ ଜୁନ ୧ରୁ ସମୂହ ଛୁଟି

**ସୋନପୁର,୩।୫(ନି.ପ୍ର)**

**ସୁବର୍ଣ୍ଣପୁର ଜିଲା ମିଳିତ ଅମଲା ମଞ୍ଚର ନିଷ୍ପତ୍ତି**

ସୁବର୍ଣ୍ଣପୁର ଜିଲା ମିଳିତ ଅମଲା ମଞ୍ଚର ଜରୁରୀ ବୈଠକ ବୁଧବାର ସନ୍ଧ୍ୟାରେ ସୋନପୁରରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଅଧ୍ୟକ୍ଷ ଚିତ୍ତରଞ୍ଜନ ତରାସିଆ ଓ ଆବାହକ ଦିନେଶ ରଞ୍ଜନ ମିଶ୍ରଙ୍କ ମିଳିତ ଉଦ୍ୟମରେ ଅମଲା ମଞ୍ଚର ଏହି ବୈଠକ ହୋଇଥିଲା। ମଞ୍ଚର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଜୁନ ୧ତାରିଖରୁ ସୁବର୍ଣ୍ଣପୁର ଜିଲାର ଅମଲାମାନେ ସମୂହ ଛୁଟିରେ ଯିବେ। ସୂଚନା ଅନୁଯାୟୀ, ରାଜ୍ୟ ମିଳିତ ଅମଲା ମଞ୍ଚର ନିଷ୍ପତ୍ତିକ୍ରମେ ଗତ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବି ପତ୍ରରେ ଯଦି ସରକାର ଏପ୍ରିଲ ୩୦ ତାରିଖ ସୁଦ୍ଧା ମଞ୍ଚର କର୍ମକର୍ତ୍ତାଙ୍କୁ ଆଲୋଚନାକୁ ନ ଡାକନ୍ତି ତାହେଲେ ଅମଲାମାନେ ଜୁନ ପହିଲାରୁ ସମୂହ ଛୁଟିରେ ଯିବେ । ରାଜ୍ୟ ମିଳିତ ଅମଲା ମଞ୍ଚ ଏହି ପରିପ୍ରେକ୍ଷୀରେ ଗତ ୧ ତାରିଖରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ଚରମ ପତ୍ର ପ୍ରଦାନ କରିଛନ୍ତି। ଜିଲାସ୍ତରୀୟ ଅମଲାମାନଙ୍କର ବେତନରେ ଥିବା ଅସଙ୍ଗତି ଦୂର କରିବାରେ ରାଜ୍ୟ ସରକାରଙ୍କ ଅବହେଳା ଓ ବୈମାତୃକ ମନୋଭାବ ଯୋଗୁ ସଂଘ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି । ରାଜ୍ୟ ସରକାର ୨୦୧୭ ମସିହାଠାରୁ ଜିଲାସ୍ତରୀୟ ଅମଲାମାନଙ୍କର ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ କରିଥିଲେ ମଧ ବେତନରେ କୌଣସି ପ୍ରକାର ଅଭିବୃଦ୍ଧି କରିନାହାନ୍ତି। ଯଦି ମେ ୨୧ ତାରିଖ ସୁଦ୍ଧା ରାଜ୍ୟ ସରକାର ଜିଲାସ୍ତରୀୟ ଅମଲା ମାନଙ୍କର ଏକମାତ୍ର ଦାବି ପ୍ରବେଶିକା ସ୍ତରରେ କନିଷ୍ଠ ସହାୟକଙ୍କର ଦରମା ୯,୩୦୦ ଏବଂ ଗ୍ରେଡ ପେ ୪୨୦୦ ପୂରଣ ନକରନ୍ତି ତେବେ୨୨ ତାରିଖରୁ ରାଜ୍ୟର ସମସ୍ତ ଜିଲାସ୍ତରୀୟ ଅମଲାମାନେ କଳାବ୍ୟାଜ ପରିଧାନ କରି ପ୍ରତୀକାତ୍ମକ ଧର୍ମଘଟ କରିବେ। ଏହାସତ୍ତ୍ୱେ ଦାବି ପୂରଣ ନ ହେଲେ ଜୁନ ୧ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବାପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିପରି ରାଜ୍ୟ ମିଳିତ ଅମଲା ମଞ୍ଚର ଆବାହକ ଚିତ୍ତ ରଞ୍ଜନ ତରାସିଆ ଗତ ୨୮ ଓ ୨୯ ତାରିଖରେ ଭୁବନେଶ୍ୱର ଇଞ୍ଜିନିୟର୍ସ ଭବନ ଠାରେ ଓଡିଶା ଅମଲା ସଂଘର ବାର୍ଷିକ ସମ୍ମିଳନୀରେ ଓଡିଶା ଅମଲା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାରୁ ସୁବର୍ଣ୍ଣପୁର ଜିଲା ଅମଲା ସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ଏହା ସୁବର୍ଣ୍ଣପୁର ଜିଲାର ଗର୍ବ ଏବଂ ଗୌରବ ବୋଲି ମତପୋଷଣ କରିଥିଲେ। ଉକ୍ତ ବୈଠକରେ ଓଡିଶା ଅମଲା ସଂଘ ତଥା ମିଳିତ ଜିଲାସ୍ତରୀୟ ଅମଲା ସଂଘର ଆବାହକ ଓ ସମ୍ପାଦକ ଦିନେଶ ରଞ୍ଜନ ମିଶ୍ର, କାର୍ଯ୍ୟକାରୀ ସଭାପତି ଦିଲିପ କୁମାର ପାଣିଗ୍ରାହୀ, ସଭ୍ୟ ଶିବଦତ୍ତ ଦାଶ, ନାଗାର୍ଜୁନ ପାଣ୍ଡେ, ବ୍ରଜଗୋପାଳ ପୂଜହାରୀ, ମାନସୀ ଦାଶ, ମାନସୀ ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲାରୁ ଦିନେଶ ରଞ୍ଜନ ମିଶ୍ର ଓଡିଶା ଅମଲା ସଂଘର ୯ଜଣ ସମ୍ପାଦକଙ୍କ ମଧ୍ୟରୁ ଜଣେ ସମ୍ପାଦକ ଭାବରେ ଓ ଦିଲ୍ଲୀପ କୁମାର ପାଣିଗ୍ରାହୀ ଜୋନାଲ ଭାଇସ ପ୍ରେସିଡେଣ୍ଟ ଭାବରେ ନିର୍ବାଚିତ ହୋଇ ଥିବାରୁ ତାଙ୍କୁ ମଧ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା।





ବୈଠକରେ ଉପସ୍ଥିତ ଅମଲା ସଂଘର କର୍ମକର୍ତ୍ତା।

## ସଂକ୍ଷେପରେ

### ଟ୍ରକ୍‌କୁ ପିଟିଲା ଟ୍ରକ୍, ଡ୍ରାଇଭର ମୃତ

**ରାଜଗାଙ୍ଗପୁର, ୩।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ବରପାଲି ଟୋଲପ୍ଲାଜା ନିକଟରେ ଦୁର୍ଘଟଣା ଘଟି ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ମଙ୍ଗଳବାର ରାତି ପ୍ରାୟ ୨ଟା ୩୦ରେ ଟୋଲପ୍ଲାଜାର ୧୦୦ ମିଟର ଦୂରତାରେ ଛିଡା ହୋଇଥିବା ଏକ ଟ୍ରକ ନଂ. ଓଡି ୧୪ ଏମ୍ ୭୭୦୫କୁ ପଛପଟୁ ଆସୁଥିବା ଏକ ମିନି ଟ୍ରକ ନଂ. ଏଚ୍ଆର ୩୯ ବି ୮୯୬୦ ଦ୍ରୁତ ଗତିରେ ଧକ୍କା ଦେଇଥିଲା। ଫଳରେ ମିନି ଟ୍ରକର ଡ୍ରାଇଭରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କାଂଶବାହାଲ ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ ଓ ବିଜୟ କୁମାର କର ତଥା ରାଜଗାଙ୍ଗପୁର ଅଗ୍ନିସମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ। ବର୍ତ୍ତମାନ ସୁଦ୍ଧା ଡ୍ରାଇଭରଙ୍କ ପରିଚୟ ମିଳିପାରି ନାହିଁ। ମୃତଦେହକୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟର ମର୍ଗ ହାଉସରେ ରଖାଯାଇଛି।

### ମଝି ରାସ୍ତାରେ ଯୁବକଙ୍କୁ ଆକ୍ରମଣ, ୨ଗିରଫ

**ରାଉରକେଲା ଅଫିସ,୩।୫:** ମଝି ରାସ୍ତାରେ ଯୁବକଙ୍କୁ ମାରଣାତ୍ମକ ଆକ୍ରମଣ କରିଥିବା ଅଭିଯୋଗରେ ପ୍ଲାଣ୍ଟସାଇଟ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନାଲାରୋଡ ଅଞ୍ଚଳର ଏମ୍‌ଡି ଦାନିସ୍ ଓ ଏମ୍‌ଡି ସାହେଲ କୁରେସି। ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଆଜାଦମହଲା ଅଞ୍ଚଳରେ ଜାଭେଦ ଖାନ ବାସ କରନ୍ତି। ସେ ଉକ୍ତ ଅଞ୍ଚଳରେ ଏକ ମୋବାଇଲ ଦୋକାନ କରି ନିଜ ପରିବାର ଚଳାନ୍ତି। ସବୁଦିନ ପରି ମଙ୍ଗଳବାର ରାତି ସାଢେ ୧୦ଟାରେ ଜାଭେଦ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିଲେ। ଏହି ସମୟରେ ୨ ଯୁବକ ନିଶାକ୍ତ ଅବସ୍ଥାରେ ଆସି ଅସଭ୍ୟଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ଜାଭେଦ ବାରଣ କରିବାରୁ ୨ ଯୁବକ ନିସ୍ତୁକମାଡ଼ ମାରି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଅଞ୍ଚଳବାସୀ ତାଙ୍କୁ ଆରଜିଏଚରେ ଚିକିତ୍ସାଲାଗି ଭର୍ତ୍ତି କରିଥିଲେ। ପରେ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା (୧୫୫/୨୩) ରୁଜୁ କରି ବୁଧବାର ନାଲାରୋଡ ଅଞ୍ଚଳରୁ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଅଖିଳ ଭାରତ ଯୁବ ସଂଘର ପ୍ରତିଷ୍ଠା ଦିବସ

**ସୁନ୍ଦରଗଡ଼,୩।୫(ଡି.ଏନ.ଏ.):** ଅଖିଳ ଭାରତ ଯୁବ ସଂଘର ୬୪ତମ ପ୍ରତିଷ୍ଠା ଦିବସ ବୁଧବାର ଉଜ୍ୱଳପୁର ବଜାର ଦାଣ୍ଡଠାରେ ପାଳିତ ହୋଇଯାଇଛି। ସିପିଆଇର ସୁନ୍ଦରଗଡ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ସନ୍ତୋଷ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ମହାନ୍ତି ଅଖିଳ ଭାରତ ଯୁବ ସଂଘର ଗୌରବମୟ ଓ ସଂଘର୍ଷପୂର୍ଣ୍ଣ ଇତିହାସ ସମ୍ପର୍କରେ ଉପସ୍ଥିତ ଯୁବବର୍ଗଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୂଷଣ ଓ ବିସ୍ଥାପନ ବିରୋଧୀ ନେତା ତଥା ସିପିଆଇ ରାଜ୍ୟ ପରିଷଦ ସଭ୍ୟ ରାଜେନ୍ଦ୍ର ନାଏକ ଯୋଗଦେଇ ଖଣି ଓ ଶିଳ୍ପ ସମୃଦ୍ଧ ସୁନ୍ଦରଗଡ ଜିଲାରେ ବେରୋଜଗାର ସମସ୍ୟା ବଢ଼ିବା ଅତି ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ କରିଥିଲେ। ଅଧିକ ସଂଖ୍ୟାରେ ଯୁବ ବର୍ଗ ସଙ୍ଗଠନରେ ସାମିଲ ହେବାକୁ ସହ ସମ୍ପାଦକ ସୁନୀଲ କୁମାର ନାଏକ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲେଖ ନାଏକ, ରାଜେଶ ସିଂହ, ମଳୟ ସା, ପ୍ରଶାନ୍ତ ଘାସି, ସୁଶାନ୍ତ ଓରାମ, ରାଜେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ରେ ତୃଣମୂଳ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ



ପ୍ରଶିକ୍ଷଣ କେନ୍ଦ୍ରରେ ପଞ୍ଜିକୃତ ଖେଳାଳି ଖେଳୁଛନ୍ତି।

**ସୁନ୍ଦରଗଡ଼, ୩।୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ତୃଣମୂଳ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଛି। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ତରଫରୁ ସାରା ରାଜ୍ୟରେ ଏହିପରି ୧୬ଟି କେନ୍ଦ୍ରର ପ୍ରତିଷ୍ଠା ହେବାର ସ୍ଥିରୀକୃତ ହୋଇଛି। ତନ୍ମଧ୍ୟରୁ ସୁନ୍ଦରଗଡ଼ରେ ୨ଟି କେନ୍ଦ୍ର ଖୋଲାଯିବ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡସ୍ଥିତ ସେଣ୍ଟ ଥରେସା ଇଂରାଜୀ ବିଦ୍ୟାଳୟର ଖେଳ ପଡ଼ିଆରେ ଆରମ୍ଭ ହୋଇଛି ତୃଣମୂଳ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର। ଏହି କେନ୍ଦ୍ରରେ ସାମିଲ ହେବା ପାଇଁ ୭୦ ଜଣ ଆଶାୟୀ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୮ରୁ ୧୨ ବର୍ଷ ଖେଳାଳି ବର୍ଗର ୫୦ ଜଣ ଖେଳାଳିଙ୍କୁ ଚୟନ କରାଯାଇ ଏଠାରେ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମ ଫାଓ ଏବଂ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି। ଏଥିରେ ଚୟନ ହୋଇଥିବା ଖେଳାଳିଙ୍କୁ ଜିଲା କ୍ରୀଡ଼ା ସଂସଦ ତରଫରୁ ଜର୍ସି, ପ୍ୟାଣ୍ଟ, ଜୋତା, ସିନ ଗାର୍ଡ, ଫୁଟବଲ, ମାର୍କର, କୋନ ଇତ୍ୟାଦି ଆବଶ୍ୟକୀୟ ଖେଳ ଉପକରଣ ଯୋଗାଇ ଦିଆଯାଇଛି। ଏହି ପ୍ରଶିକ୍ଷଣ କେନ୍ଦ୍ର ପାଇଁ ପ୍ରଶିକ୍ଷକ ଯୋଗାଇ ଦେବା ସହିତ ଅନ୍ୟ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ କହିଛନ୍ତି। ଏହି ଅବସରରେ ପରଲୋକଗତ ସୁନ୍ଦରଗଡର ପ୍ରାକ୍ତନ ଖେଳାଳି ମୁକୁନ୍ଦ ମାଧବ (ଟୁନୁ) ବହିଦାରଙ୍କୁ ଜିଲା କ୍ରୀଡ଼ା ସଂସଦ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଅଭିଜିତ ମହନ୍ତ ମୁଖ୍ୟ ଅତିଥି ଓ ସେଣ୍ଟ ଥେରେସା ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପି. ସିଲଭା ବିଶେଷ ଅତିଥି ଭାବରେ ଉପସ୍ଥିତ ରହି ଖେଳାଳି ତଥା ଆୟୋଜକଙ୍କୁ ଉତ୍ସାହିତ କରିଥିଲ। ଏହି ଅବସରରେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ସହ ସମ୍ପାଦକ ଜୟଦେବ ପାତ୍ର, ଫୁଟବଲ ସମ୍ପାଦକ ରାଜେନ୍ଦ୍ର ପାଣ୍ଡେ, ସଦସ୍ୟ ଅଜୟ ବହିଦାର, ନିତ୍ୟକୁମାର ବଳ, ସୁରଜ ଭାଇଁସାଲ, ରୋମାଞ୍ଚ ଭାଇଁସାଲ, ସହ ପ୍ରଶିକ୍ଷକ ଅନିଲ କୁମାର ଦାସ ଏବଂ ପ୍ରଶିକ୍ଷକ ସମାପ୍ତେନ୍ଦୁ ମେହେର ଯୋଗ ଦେଇଥିଲେ।

# ଶ୍ରମିକ ଦିବସରେ କଳାବ୍ୟାଜ୍ ପରିଧାନ କଲେ କେନ୍ଦୁପତ୍ର କର୍ମଚାରୀ

**ହେମଗିର,୩।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କନିକା ରେଞ୍ଜ ଅଫିସଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସମାବେଶ ହୋଇଥିଲା। ଡିଭିଜନାଲ ଫରେଷ୍ଟ ଅଫିସ କେନ୍ଦୁପତ୍ର ଡିଭିଜନ ଝାରସୁଗୁଡ଼ାଙ୍କ ଜରିଆରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସିଜନାଲ କେନ୍ଦୁପତ୍ର ତୋଳାଳି କର୍ମଚାରୀ ଓ ବନ୍ଧେଇ ଶ୍ରମିକ ଏହି ଅବସରରେ କଳାବ୍ୟାଜ୍ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବିଗୁଡ଼ିକ ହେଲା କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ, ସିଜନାଲ କର୍ମଚାରୀଙ୍କୁ ଅତିଶୀଘ୍ର ୨୦୨୨ର ବୋନସ ପ୍ରଦାନ କରାଯାଉ,କେନ୍ଦୁପତ୍ର ତୋଳାଳିଙ୍କ ପତ୍ର ଖରିଦରେ ଦର ବୃଦ୍ଧି କରିବା, ସିଜନାଲ କର୍ମଚାରୀଙ୍କ ଦରମା ଓ ଗସ୍ତ ଖର୍ଚ୍ଚ ବୃଦ୍ଧି କରିବା, ସିଜନାଲ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଲାଗୁ କରିବା, କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ କରିବା ସହିତ ସଂଗୃହୀତ ଟଙ୍କା ଫେରସ୍ତ କରିବା, ସମସ୍ତ କେନ୍ଦୁପତ୍ର ତୋଳାଳି ଓ ସିଜନାଲ କର୍ମଚାରୀଙ୍କ ଝିଅଙ୍କ ଶିକ୍ଷା ସହାୟତା ଓ କନ୍ୟା ବିବାହ ସହାୟତା ପ୍ରଦାନ କରିବା, କେଏଲଡିବି ବୈଠକ ତୁରନ୍ତ କରିବା, ଓଏଫଡିସି ନେଉଥିବା ଶତକଡା ୧୦ଭାଗ କମିସନ ଓ ହ୍ରାସ କରିବା। ଏହି ଅବସରରେ ମୁଖ୍ୟ ଚେକର ଉମେଶ ପ୍ରଧାନ, ସରକେଲ ଚେକର କପିଲ ସା, ଜଗଦିସ ବଗାର, ଅବିର ଖମାରି, ସୁକଦେବ ଖମାରି, ଉମେଶ ଓରାମ, ସନ୍ତାଷ ଧେଆ, ଜଗନ୍ନାଥ କାଶାନ ପ୍ରମୁଖ ଉପସ୍ଥିତ ଥିଲେ।

### ମଦନ ମୋହନ ବିଦ୍ୟାଳୟର ୫-ଟି ରୂପାନ୍ତରଣ ଲୋକାର୍ପଣ ଉତ୍ସବ

**ସୁନ୍ଦରଗଡ,୩।୫(ଡି.ଏନ.ଏ.)**

ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ସାନପତ୍ରାପାଲି ଗ୍ରାମର ମଦନ ମୋହନ ବିଦ୍ୟାଳୟର ୫-ଟି ରୂପାନ୍ତରଣ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଡିଜିଟାଲ ମାଧ୍ୟମରେ ଲୋକାର୍ପଣ ହୋଇଥିଲା। ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟାଙ୍ଗରପାଲି ବ୍ଲକ ଅଧକ୍ଷା ତପସିନୀ ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟା ଭୂୟାଁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦମୟନ୍ତୀ ନାଏକ, ଟାଙ୍ଗରପାଲି ବ୍ଲକ ଶିକ୍ଷାଧିକାରୀ, ସହକାରୀ ଶିକ୍ଷାଧିକାରୀ, ସାନପତ୍ରାପାଲି ସରପଞ୍ଚ, ୱାର୍ଡ ମେମ୍ବର, ସ୍ଥାନୀୟ ଶିକ୍ଷାବିତ, ମୋ ସ୍କୁଲ ଅଭିଯାନର ସଦସ୍ୟ, ଛାତ୍ରୀ,ଛାତ୍ର ଅଭିଭାବକ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତୁଳେଶର ପଟେଲ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ହରେକୃଷ୍ଣ ତନ୍ତୀ, ପ୍ରଦୀପ କୁମାର ଦେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନାର ଦାୟିତ୍ୱ ତୁଲାଇଥିଲେ। ବସନ୍ତ ନାଏକ, ସୁନିତି ପ୍ରଧାନ, ରମେଶ ଚନ୍ଦ୍ର ପଟେଲ ବିଦ୍ୟାଳୟର ଆନୁସାଙ୍ଗିକ ଦାୟିତବ ତୁଲାଇଥିଲେ। ସହକର୍ମୀ ଟେକଚାନ୍ଦ ନାଏକ, କୁଳମଣି ମାଝୀ, ସୁଧୀର ଭୈଷାଳ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷାକ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଉନ୍ନତି ତଥା ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ପାଇଁ ସରକାରଙ୍କ ତରଫରୁ ନିଆଯାଇଥିବା ଏହି ପଦକ୍ଷେପକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ।

# ଗାଁକୁ ଫେରିବା ପରେ ହୋମିଓପ୍ୟାଥିକ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**କୁତ୍ରା, ୩।୫(ଡି.ଏନ.ଏ)**


ଗ୍ରାମବାସୀଙ୍କ ପକ୍ଷରୁ ତ୍ରିନାଥ ବାଡ଼ାଙ୍କୁ ସ୍ୱାଗତସମ୍ବର୍ଦ୍ଧନା ଦିଆଯାଉଛି।

ଜଣେ ହୋମିଓପ୍ୟାଥିକ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅବସର ନେବା ପରେ ତାଙ୍କ ଭିଟାମାଟିକୁ ଫେରିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଏକ ନିଆରା ଢଙ୍ଗରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଲତାଲଗା ଗ୍ରାମରେ। ଗ୍ରାମର ତ୍ରିନାଥ ବାଡ଼ା ସମ୍ବଲପୁର ଜିଲା ହୋମିଓପ୍ୟାଥିକ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଥାଇ ଗତ ୩୧ ତାରିଖରେ ଅବସର ଗ୍ରହଣ କରି ନିଜ ଗ୍ରାମକୁ ଫେରିବା ପରେ ଗ୍ରାମବାସୀମାନଙ୍କ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଲତାଲଗା ପରି ଏକ ଗ୍ରାମାଞ୍ଚଳରେ ଜନ୍ମ ଗ୍ରହଣ କରିଥିବା ଡାକ୍ତର ବାଡା ୧୭ ଡିସେମ୍ବର ୧୯୯୮ ମସିହାରେ କୋରାପୁଟ ଜିଲା ଫୁମପୁନି ଗ୍ରାମ ହୋମିଓପ୍ୟାଥିକ ଚିକିତ୍ସାଳୟରେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିଲେ। ଅବସର ନେବା ସମୟରେ ସେ ସମ୍ବଲପୁର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ୨୫ ବର୍ଷର ଚାକିରୀ କାଳରେ ସେ ନିଃସ୍ୱାର୍ଥପର ଭାବେ ରୋଗୀ ସେବା କରୁଥିଲେ। ଏହା ସହ ବିଭିନ୍ନ ସମୟରେ ସମୟ ବାହାର କରି ନିଜ ଗାଁ ଲତାଲଗାର ଉନ୍ନତି ପାଇଁ ଚେଷ୍ଟିତ ଥିବାବେଳେ ଏହି ଅଞ୍ଚଳରେ ଜଣେ ସମାଜସେବୀ ଭାବରେ ପରିଚିତ ଥିଲେ। ସେ ଅବସର ନେଇ ନିଜ ଗାଁକୁ ଫେରିବା ପରେ ଗାଁ ତଥା ଆଖପାଖ ଅଞ୍ଚଳର ଲୋକେ ବାଜାର ତାଳେ ତାଳେ ନାଚ ଗୀତ ସହ ଏକ ଶୋଭାଯାତ୍ରାରେ ପାଛୋଟି ଆଣି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ଖାଉଟି ବଣ୍ଟନ ପ୍ରକ୍ରିୟାରେ ବିଧାୟକ ପ୍ରତିନିଧି ଭାବେ ଶଶିଭୂଷଣ ନିଯୁକ୍ତ

**ରାଜଗାଙ୍ଗପୁର, ୩।୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ମ୍ୟୁନିସିପାଲଟି ଅଞ୍ଚଳରେ ନଗର ଜନ ଖାଉଟି ବଣ୍ଟନ ପ୍ରକ୍ରିୟାର ଭିଜିଲାନ୍ସ ଟିମରେ ରାଜଗାଙ୍ଗପୁର ବିଧାୟକ ଡାକ୍ତର ସିଏସ ରାଜନ ଏକ୍କାଙ୍କ ପ୍ରତିନିଧି ଭାବେ ଶଶିଭୂଷଣ ଚୌରସିଆଙ୍କୁ ବିଧାୟକ ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ବିଧାୟକ ଏକ ପତ୍ର ମାଧ୍ୟମରେ ରାଜଗାଙ୍ଗପୁର ପୌର ଅଧିକାରୀଙ୍କୁ ଜଣାଇଛନ୍ତି।

# ଟପରିଆରେ ଲୋକାର୍ପଣ ହେଲା ୫-ଟି ସ୍କୁଲ

**ହେମଗିର,୩।୫(ଡି.ଏନ୍.ଏ.)**

୫-ଟିରେ ସାମିଲ ହୋଇଥିବା ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଟପରିଆସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଲୋକାର୍ପଣ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଜିଟାଲ ମାଧ୍ୟମରେ ଏହି ୫-ଟି ବିଦ୍ୟାଳୟକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ହେମଗିରରେ ବିଇଓ ସଦାନନ୍ଦ ପ୍ରଧାନ, ପ୍ରଧାନ ଶିକ୍ଷକ ସାଲିଗ୍ରାମ ପଧାନ,ଏସ୍‌ଏମଡିସି ମେମ୍ବର ଦଉଲତ କୁମାର ସା, ସ୍କୁଲ କମିଟିର ସଭାପତି ଲୋଚନ ମାଝି, ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲ, ସମିତି ସଭ୍ୟ ପାଉଲିନା ଲାକ୍ରା, ଜଗମୋହନ ପ୍ରଧାନ, ପୂର୍ବତନ ଶିକ୍ଷକ ମନିରାମ ପଧାନ, ଶ୍ରୀପତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଚୁମ୍କୀ


@ ରମାକାନ୍ତ


@ ରଞ୍ଜିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଟେନ୍‌ସା, ୩।୫(ଡି.ଏନ.ଏ.)**



ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ସେକ୍ଟର ଅନ୍ତର୍ଗତ ଗଣୁଆ ଗ୍ରାମଠାରେ ଥିବା ପଟ୍ଟାବେଡ଼ା ଲୌହ ଓ ମାଙ୍ଗାନିଜ ଖଣି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖଣି ଏଜେଣ୍ଟ ତନୁଜ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପଟ୍ଟାବେଡ଼ା ଲୌହ ଓ ମାଙ୍ଗାନିଜ ଖଣି ପରିସର ମଧ୍ୟରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର ଯୋଗ ଦେଇଥିଲେ। ସ୍ତ୍ରୀ ରୋଗ, ଶିଶୁ, ଆଖି, ଗଳା, କାନ, ଚର୍ମ, ମେଡିସିନ, ଦାନ୍ତ ରୋଗ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗ ଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏମଜି ମହାନ୍ତି ଖଣି ପକ୍ଷରୁ ମାଗଣା ଔଷଧ ନେଇଥିଲେ। ଶିବିରକୁ ମାଳାଦା ଗ୍ରାମପଞ୍ଚାୟତ ସରପଞ୍ଚ ସୁରୁବାଳି ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋଇଡ଼ା ବ୍ଲକର ମାଳାଦା ଗ୍ରାମପଞ୍ଚାୟତ ଗଣୁଆ,ପଟ୍ଟାବେଡ଼ା, ରଙ୍ଗାମାଟିଆ, ସୁନାପଶି, ଦେଓଘର ଆଦି ପାରିପାର୍ଶ୍ୱିକ ଅଞ୍ଚଳର ୨୦୦ ଶହରୁ ଊର୍ଦ୍ଧ୍ୱ ରୋଗୀ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ନେଇଥିଲେ। ଏମ ଜି ମହାନ୍ତି ଖଣି ପକ୍ଷରୁ ସ୍ୱତନ୍ତ୍ର ଗାଡିରେ ରୋଗୀମାନଙ୍କୁ ନେବା ଆଣିବା କରୁଥିଲେ। ପ୍ରତ୍ୟେକ ରୋଗୀଙ୍କୁ ଖଣି ପକ୍ଷରୁ ଖାଦ୍ୟ ପ୍ୟାକେଟର ବ୍ୟବସ୍ଥା କରାଯିବା ସହ ମାଗଣାରେ ଔଷଧ ଦିଆଯାଉଥିଲା। ଏମଜି ମହାନ୍ତିଖଣି କମ୍ପାନୀ ପକ୍ଷରୁ ଏଜେଣ୍ଟ ତନୁଜ କୁମାର ମହାନ୍ତି, ବରିଷ୍ଠ ଅଧିକାରୀ କିରଣ ମଣ୍ଡଳ, ମହେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ଲଳିତ କୁମାର ପତି, ଅର୍ଜ୍ଜୁନ କୁମାର ନନ୍ଦ, ଦିଲ୍ଲୀପ କୁମାର ପଟ୍ଟନାୟକ, ସରୋଜ କମାର ସାଓ,ସୁରେଶ ଚନ୍ଦ୍ର ଦାଶ ଶିବିରକୁ ପରିଚାଳନା କରିଥିଲେ। ବଣ ଜଙ୍ଗଲ ଅଞ୍ଚଳରେ ଏମଜି ମହାନ୍ତିଖଣି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିବାରୁ ସ୍ଥାନୀୟ ସରପଞ୍ଚ ସୁରୁବାଳି ପାତ୍ର ସମେତ ଗ୍ରାମବାସୀ ପ୍ରଶଂସା କରିଥିଲେ।

# ସତ୍ୟସାଇ ସେବା ସମିତିର ବେଦ ମହୋତ୍ସବ

**ଦେବଗଡ, ୩।୫(ଡି.ଏନ.ଏ.)**

ସତ୍ୟସାଇ ସେବା ସମିତି ତରଫରୁ ଜିଲାସ୍ତରୀୟ ବେଦ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୪ଟି ସମିତି ପାଲଲହଡ଼ା, ଚଷା ଗୁରୁଜଙ୍ଗ, ଛତାବର, ଦେବଗଡ଼ ସମିତି ଓ ବରଗଡ଼ ଜିଲାରୁ ୪୮ ଜଣ ବେଦ ପାଠୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବେଦ ନିର୍ବାହକ ଡ. ବିଭୁଦତ୍ତ ପାତ୍ର ଓ ତାଙ୍କ ସହିତ ୪ ଜଣ ବେଦ ପ୍ରଶିକ୍ଷକ ଯୋଗଦାନ କରିଥିଲେ। ଦେବଗଡ଼ ଜିଲା ସଭାପତି ହରିହର ନାଏକ, ଜିଲାସ୍ତରୀୟ କର୍ମକର୍ତ୍ତା, ଦେବଗଡ଼ ସମିତି ଆବାହକ ତପନ କୁମାର ନାୟକ, ତରୁଲତା ପୂଜାରୀ, ଗାୟତ୍ରୀ ଦ୍ୱିବେଦୀ, ସରୋଜିନୀ ପାଣି, ରାକେଶ ନାୟକ, ମିନାକ୍ଷୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।



ବେଦ ମହୋତ୍ସବରେ ଯୋଗଦେଇଥିବା ବେଦ ପାଠୀ।

# ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର, ଇଂଲିଶରେ ତାଲିମ ପ୍ରଦାନ

**ଟେନ୍‌ସା, ୩।୫(ଡି.ଏନ.ଏ.)**

ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ଗୁଆଲି ଠାରେ ଥିବା ଦକ୍ଷତା ବୃଦ୍ଧି କେନ୍ଦ୍ରରେ ୧୯୦ଜଣ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଓ ଇଂଲିଶରେ ତାଲିମ ପ୍ରଦାନ କରାଯାଇଛି। ଏହି ସମ୍ପର୍କିତ ଏକ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଗୁଆଲିଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୨ ମସିହା ଡିସେମ୍ବରରେ ଗୁଆଲିଠାରେ ଟିଏସ୍‌ଏଫ୍ ପକ୍ଷରୁ ଖୋଲାଯାଇଥିବା ଦକ୍ଷତା ବୃଦ୍ଧି କେନ୍ଦ୍ରରେ ସଫଳତାର ସହ କୃତକାର୍ଯ୍ୟ ହୋଇଥିବା ଏହି ୧୦୦ଜଣ ଛାତ୍ରଛାତ୍ରୀଙ୍କୁ ଏହି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଦୀର୍ଘ ତିନି ମାସର ପ୍ରଶିକ୍ଷଣରେ, ୮୩ ଜଣ କମ୍ପ୍ୟୁଟରରେ ପାରଦର୍ଶିତା ଲାଭ କରିଥିବାବେଳେ ୧୭ଜଣ ସ୍ପୋକନ୍ ଇଂଲିଶରେ କୃତକାର୍ଯ୍ୟ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଡା ବ୍ଲକ ଅଧକ୍ଷ କବିନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରୀଙ୍କୁ ଉତ୍ସାହିତ କରି ସେମାନଙ୍କର ଭବିଷ୍ୟତ ଜୀବନର ଉତ୍ତୋରତ୍ତର କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଆଲି ଗ୍ରାମ ପଞ୍ଚାୟତ ସରପଞ୍ଚ ବିଦ୍ୟାଧର ନାୟକ, ନୀଳାଚଳ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ମହାନ୍ତି, କଳମଙ୍ଗ ଏବଂ ଗନ୍ଧଲପଡା ପ୍ରକଳ୍ପ ମୁଖ୍ୟ କୁନ୍ଦନ କୁମାର, ଟିଏସ୍‌ଏଫ୍‌ର ସଞ୍ଜୟ ସର୍ଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଭୁକ୍ତିକାରୀ ବିକାଶ ଏବଂ ପଛୁଆ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଦୀର୍ଘସ୍ଥାୟୀ ପ୍ରଶିକ୍ଷଣ ତଥା ପରାମର୍ଶଗତ ମଡେଲ ସୃଷ୍ଟି କରିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ । ଏହି କମ୍ପ୍ୟୁଟର ଏବଂ ଇଂଲିଶ ଶିକ୍ଷା ଦକ୍ଷତା ବୃଦ୍ଧି କେନ୍ଦ୍ର ନିଟ୍ ଫାଉଣ୍ଡେସନ ସହ ଅନୁବନ୍ଧିତ ହୋଇ ପରିଚାଳିତ ହେଉଛି।



ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

# ରାଉରକେଲା ଅରୁନ୍ଧତୀ ଜୁଏଲର୍ସର ପ୍ରଥମ ବାର୍ଷିକୀ



ଭୁବନେଶ୍ୱର,୩।୫

ଅରୁନ୍ଧତୀ ଜୁଏଲର୍ସର ରାଉରକେଲାସ୍ଥିତ ଏକ୍ସକ୍ଲୁସିଭ ଶୋ'ରୁମ୍‌ର ପ୍ରଥମ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀର ଏହି ସଫଳ ଯାତ୍ରାରେ ସାଥ୍ ଦେଇଥିବା ସମସ୍ତ ଗ୍ରାହକ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଅରୁନ୍ଧତୀ ଜୁଏଲର୍ସ ଉପରେ ଥିବା ଅତୁଟ ବିଶ୍ୱାସ ଆଜି ଅରୁନ୍ଧତୀକୁ ରାଜ୍ୟର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଜୁଏଲେରି ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ କରାଇପାରିଛି। ଅପରପକ୍ଷରେ ପ୍ରତିଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଅନୁଷ୍ଠାନର ସର୍ବୋତ୍ତମ ଡିଜାଇନ୍‌ର ସମ୍ପୂର୍ଣ୍ଣ ଏଚ୍‌ୟୁଆଇଡି ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣା, ହୀରାଗହଣା ଓ ରୁପାଗହଣା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏପରିକି ସୁନାଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିହାତି (୨% ଅତିରିକ୍ତ ରିହାତି କର୍ପୋରେଟ୍ ଓ ସରକାରୀ କର୍ମଚାରୀଙ୍କ ପାଇଁ) ରହିଛି। ସେହିଭଳି ପୁରୁଣା ଗହଣା ଉପରେ ୫୦୦ ଟଙ୍କାର ଅତିରିକ୍ତ ଏକ୍ସଚେଞ୍ଜ ବୋନସ ତଥା ପ୍ରତ୍ୟେକ କ୍ରୟ ଉପରେ ମାଗଣା ଆକର୍ଷଣୀୟ ଉପହାର ମଧ୍ୟ ଦିଆଯାଉଛି। ବିଶେଷ କରି ଅନୁଷ୍ଠାନର ୫ଷ୍ଟାର୍ ପ୍ରମିଜସ' ଜରିଆରେ ମାଗଣା ଅଳଙ୍କାର ବୀମା ଓ ଆଜୀବନ ଗହଣାର ମରାମତିର ସୁବିଧା ଗ୍ରାହକମାନଙ୍କ ପାଇଁ ରଖାଯାଇଛି।

# ବୈଷୟିକ ନିରାପତ୍ତା ବ୍ୟବସ୍ଥାକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୩।୫

ବେଦାନ୍ତ ଆଲୁମିନିୟମ ପକ୍ଷରୁ କାର୍ଯ୍ୟସ୍ଥଳରେ 'ୱାର୍ଲ୍ଡ ଡେ ଫର ସେଫ୍ଟି ଆଣ୍ଡ ହେଲଥ ଆଟ୍ ୱାର୍କ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ାଠାରେ ଏକ ଅଗ୍ନି ନିରାପତ୍ତା ତାଲିମ ପାର୍କର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଉକ୍ତ ପାର୍କ କାରଖାନାର କର୍ମଚାରୀ ଓ ବ୍ୟବସାୟୀ ସହଯୋଗୀଙ୍କୁ ଅଗ୍ନି ସୁରକ୍ଷା ସମ୍ବନ୍ଧିତ ପ୍ରଦର୍ଶନ ଓ ତା'ର ପ୍ରତିକାର ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ବ୍ୟାପକ ସହାୟତା କରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ (ବିଜ୍‌ନେସ୍)ର ସିଇଓ ରାହୁଲ ଶର୍ମା କହିଛନ୍ତି, ଆମେ ଲୋକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇଥାଉ। ଏପରିକି ଆମର ପରିଚାଳନା କ୍ଷେତ୍ରରେ ଉନ୍ନତ ସୁରକ୍ଷା ବୈଷୟିକ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ଆମେ ଏହାକୁ ଆଚରଣଗତ ପଦକ୍ଷେପ ଦ୍ୱାରା ହାସଲ କରିପାରିବା ବୋଲି ସେ ମତପ୍ରକାଶ କରିଛନ୍ତି। ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍‌ଠାରେ ଉକ୍ତ କାର୍ଯ୍ୟକ୍ରମ ସପ୍ତାହବ୍ୟାପୀ ଆୟୋଜିତ ହୋଇଥିଲା, ଯେଉଁଥିରେ କମ୍ପାନୀ କର୍ମଚାରୀଙ୍କ ସୁରକ୍ଷା ଅଭ୍ୟାସ ପ୍ରଦର୍ଶନ ଓ ସ୍ଥାନୀୟ ଗୋଷ୍ଠୀକୁ ସଚେତନ କରାଇବା ଆଦି ଉକ୍ତ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା। ନିକଟରେ ଝାରସୁଗୁଡ଼ାର ବାସିନ୍ଦାଙ୍କ ପାଇଁ ରୋଟାରି କ୍ଲବର ମିଳିତ ସହଯୋଗରେ ଜାତୀୟ ଭିତ୍ତିଭୂମି ଅଭିବୃଦ୍ଧି ପାଇଁ ଅଗ୍ନି ନିରାପତ୍ତା ସଚେତନତା ଉପରେ ତାଲିମ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିଭଳି ଛତିଶଗଡ଼ଠାରେ ଥିବା କୋର୍‌ବା ସ୍ଥିତ ଆଲୁମିନିୟମ ଉତ୍ପାଦକ ବାଲ୍‌କୋ ପରିସରରେ ୫୦୦ରୁ ଅଧିକ କର୍ମଚାରୀଙ୍କୁ ଅଗ୍ନି ନିର୍ବାପନ ତାଲିମ ପ୍ରଦାନ କରାଯାଇଥିଲା। କାରଖାନାର ବିଭିନ୍ନ ସ୍ଥାନରେ ମକ୍ ଡ୍ରିଲ୍ ମଧ୍ୟ କରାଯାଇଥିଲା। ସେହିପରି ବିପଦ ସମୟରେ ଲୋକମାନଙ୍କୁ କିଭଳି ଉଦ୍ଧାର କରିବା ସେ ସମ୍ପର୍କିତ କଳାକୌଶଳ, ଆତ୍ମରକ୍ଷା ଉପାୟ ଓ ଅଗ୍ନି ପ୍ରତିକାର ସମ୍ବନ୍ଧରେ ମଧ୍ୟ ବିଭିନ୍ନ ପ୍ରଦର୍ଶନ କରାଯାଇଥିଲା। ବିଶେଷକରି ବାଲ୍‌କୋର ଅଗ୍ନି ଓ ଉଦ୍ଧାରକାରୀ ଦଳ ଏହି ଅଧିବେଶନ ପରିଚାଳନା କରିଥିଲେ। କମ୍ପାନୀର କଳାହାଣ୍ଡି ସ୍ଥିତ ଆଲୁମିନା ରିଫାଇନେରି ୟୁନିଟ୍ ଲାଞ୍ଜିଗଡ଼ଠାରେ ମଧ୍ୟ ୟୁନିଟ୍‌ର କର୍ମଚାରୀମାନେ ଏକ ସୁସ୍ଥତା ସଚେତନତା ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଏଥିରେ ହୃଦ୍‌ରୋଗ, ରକ୍ତଚାପ ଓ ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।



# କାଜାରିଆର ନୂତନ ଆଉଟ୍‌ଲେଟ୍

କେନ୍ଦୁଝର,୩।୫(ସ୍ୱ.ପ୍ର.)

କେନ୍ଦୁଝର ସହର କରଞ୍ଜିଆ ବସ୍‌ଷ୍ଟାଣ୍ଡ ନିକଟରେ କାଜାରିଆର ନୂତନ ଆଉଟ୍‌ଲେଟ୍ ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱିକୃତୀପ୍ରାପ୍ତ ଡିଲର ଓମ୍‌କାର ଟ୍ରେଡର୍ସ ଆନୁକୂଲ୍ୟରେ ଏହାର ଶୁଭାରମ୍ଭ କରାଯାଇଛି। ଏଠାରେ କମ୍ପାନୀର ସମସ୍ତ ବର୍ଗର ଫ୍ଲୋର ଟାଇଲ୍ସ, ପାର୍କିଂ ଟାଇଲ୍ସ, ୱାଲ ଟାଇଲ୍ସ, ଏଲିଭେସନ ଟାଇଲ୍ସ ଆଦି ଉପଲବ୍ଧ। ଏହି ଅବସରରେ ରାଇସୁଆଁ କଲେଜର ଅଧ୍ୟକ୍ଷ ରତିନ୍ଦ୍ର ନାଥ ପରିଡ଼ା, ଅବସରପ୍ରାପ୍ତ ଯନ୍ତ୍ରୀ ଇଂ ରବି ନାରାୟଣ ପାଣିଗ୍ରାହୀ, କାଜାରିଆର ଭୁବନେଶ୍ୱର ଆଞ୍ଚଳିକ ପରିଚାଳକ ପ୍ରଭାତ ମୁଦୁଲି, ଓମକାର ଟ୍ରେଡର୍ସର ପ୍ରୋପାଇଟର ସଂଗ୍ରାମ କେଶରୀ ପରିଡ଼ା, ଉପାସନା ପାଣିଗ୍ରାହୀ, କେନ୍ଦୁଝର ସହରର ବହୁ ପ୍ରତିଷ୍ଠିତ ଏବଂ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଓମକାର ଟ୍ରେଡର୍ସର ମାଲିକ ପ୍ରଦୀପ ପରିଡ଼ା କହିଛନ୍ତି, ଏଠାରେ କମ୍ପାନୀର ସମସ୍ତ ଉଚ୍ଚମାନର ଟାଇଲ୍ସ ଏବଂ ଦକ୍ଷିଣ ଭାରତର ସବୁଠାରୁ ଉଚ୍ଚମାନର ଗ୍ରାନାଇଟ ଉଚିତ ଦରରେ ମିଳିବ। ଏହାସହିତ ଗୋଟିଏ ଛାତ ତଳେ ଦେଶର ଶ୍ରେଷ୍ଠ ବ୍ରାଣ୍ଡର ସିମେଣ୍ଟ ଡାଲମିଆ ଓ ସେରା କମ୍ପାନୀର ସାନିଟାରୀ ଉପକରଣ ମିଳିବ ବୋଲି ସେ ମତ ପ୍ରକାଶ କରିଛନ୍ତି।




# ଟାଟା ଷ୍ଟିଲ୍‌ର ଫଳାଫଳ

ଭୁବନେଶ୍ୱର,୩।୫

ଟାଟା ଷ୍ଟିଲ୍ ପକ୍ଷରୁ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ଆର୍ଥିକ ବର୍ଷ ଏବଂ ୪ର୍ଥ ତ୍ରୈମାସିକର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଅସ୍ଥିର ପରିଚାଳନା ପରିବେଶ ସତ୍ତ୍ୱେ ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀର ରାଜସ୍ୱ ୨,୪୩,୩୫୩ କୋଟି ଟଙ୍କା ରହିଛି, ଯାହା ଗତ ବର୍ଷର ରାଜସ୍ୱ ସ୍ତର ସହ ପ୍ରାୟ ସମାନ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏହି ସମୟ ମଧ୍ୟରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ ୮,୦୭୫ କୋଟି ଟଙ୍କା ହୋଇଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀର ରାଜସ୍ୱ ୬୨,୯୬୨ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ୭,୨୨୫ କୋଟି ଟଙ୍କା ଏବଂ ଇବିଆଇଟିଡିଏ ମାର୍ଜିନ୍ ୧୧% ରହିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀର ଅଶୋଧିତ ଇସ୍ପାତ ଉତ୍ପାଦନ ଭାରତରେ ୧୯.୯ ନିୟୁତ ଟନ୍ ରହିଛି, ଯାହା ଟାଟା ଷ୍ଟିଲ୍‌ର ମୋଟ ଉତ୍ପାଦନର ୬୫% ବୋଲି କୁହାଯାଉଛି। ଏପରିକି ଦେଶ ଭିତରେ ଡେଲିଭରି ୧୧% ବଢ଼ିଥିବା ବେଳେ ତ୍ରୈମାସିକ ଡେଲିଭରି ୯% ବୃଦ୍ଧି ପାଇ ୫.୧୫ ନିୟୁତ ଟନ୍ ହୋଇଛି। ଅପରପକ୍ଷରେ ଟାଟା ଷ୍ଟିଲ୍‌ର ନିର୍ଦ୍ଦେଶକ ବୋର୍ଡ, ଫୁଲି ପେଡ୍ ଅପ୍ ଇକ୍ୱିଟି ଶେୟାର ପିଛା ୩.୬ ଟଙ୍କାର ଲାଭାଂଶ ସମ୍ପର୍କରେ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଏମ୍‌ଡି ଓ ସିଇଓ ଟି. ଭି. ନରେନ୍ଦ୍ରନ୍ କହିଛନ୍ତି, ୨୦୩୦ ସୁଦ୍ଧା ୪୦ ନିୟୁତ ଟନ୍ କ୍ଷମତା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଭାରତର ବିଭିନ୍ନ ସ୍ଥାନରେ ଆମର ଏକାଧିକ ପ୍ରକଳ୍ପ ଜାରି ରହିଛି। ଟାଟା ଷ୍ଟିଲ୍‌ର ମୁଖ୍ୟ ଆର୍ଥିକ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶିକ ଚାଟାର୍ଜୀ କହିଛନ୍ତି, ଆର୍ଥିକ ବର୍ଷ ପାଇଁ ଆମର ରାଜସ୍ୱ ୩୦ ବିଲିଅନ୍ ଡଲାର ହୋଇଛି। ଅସ୍ଥିର ପରିଚାଳନା ପରିବେଶ ସତ୍ତ୍ୱେ ବାର୍ଷିକ ଭିତରେ ରାଜସ୍ୱ ସ୍ଥିର ରହିଛି।

# କନକ ଜୁଏଲେରିରୁ ସୁନା କିଣି ଇ-ବାଇକ୍ ପାଇଲେ ଗ୍ରାହକ




କେନ୍ଦୁଝର,୩।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ କନକ ଜୁଏଲାରୀରୁ ସୁନା କିଣି ଇ-ବାଇକ୍ ପାଇଲେ ଗ୍ରାହକ। ଏପରିକି ୨୦୨୩ ଏପ୍ରିଲଠାରୁ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ସୁନା ଅଳଙ୍କାର କ୍ରୟ ଉପରେ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା କରାଯାଇଥିଲା। ଏଥିସହ ୫ ହଜାର ଟଙ୍କାରୁ ଅଧିକ ସୁନା କିଣିଲେ ମାଗଣା ଲଟେରୀ କୁପନ୍‌ର ବ୍ୟବସ୍ଥା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରାୟ ୨୦ ହଜାର ଗ୍ରାହକ ସୁନା କିଣାବିକା କରିଥିବାବେଳେ ନିକଟରେ ବିଏସ୍ ମଲ୍ ଠାରେ ଗ୍ରାହକମାନଙ୍କ ଉପସ୍ଥିତିରେ ଉକ୍ତ ଲଟେରୀ ଉଠାଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ସ୍ଥାନୀୟ ଫୁଲ କଅଁଳେଇର ହିମାଂଶୁ ବେହେରା ତାଙ୍କ ମାଆ ବାସନ୍ତୀ ଓ ପତ୍ନୀ ମଧୁସ୍ମିତାଙ୍କ ଉପସ୍ଥିତିରେ ତାଙ୍କ ଦୁଇ ଶିଶୁ ଭୂମିଶ୍ରୀ ଓ ଭୂଦେବ ଲଟେରୀ ଉଠାଣ କରିଥିଲେ। ଉକ୍ତ ଲଟେରୀ ଉଠାଣରେ ପାଟଣା ଥାନା କପୁଣ୍ଡି ଗ୍ରାମର ବିଭୁତି ଭୂଷଣ ସାହୁ ଇ-ବାଇକ୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଚଳିତ ମାସ ମଧ୍ୟ ପୁଣି ଇ-ବାଇକ୍ ଲଟେରୀ ମାଧ୍ୟମରେ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ବିଶ୍ୱନାଥ ରାଉଳ କହିଛନ୍ତି। ମାସର ପ୍ରଥମ ଦିନରେ ଏହି ଲଟେରୀ ବିଏସ୍ ମଲ୍ ପରିସରରେ ହେବାକୁ ଥିବାରୁ ଗ୍ରାହକମାନେ ଉପସ୍ଥିତ ରହିବାକୁ କନକ ଜୁଏଲାରୀର ଜିତେନ୍ଦ୍ର କୁମାର ସାହୁ ନିବେଦନ କରିଛନ୍ତି।

## WATCO
### OFFICE OF THE GENERAL MANAGER
### WATCO DIVISION-I, VANIVIHAR SQUARE

No.C-206: BHUBANESWAR, ODISHA, PIN-751022
Phone/Fax:0674-2542821/e-mail:gmdivonewatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB)**

GMWATCO-I/06/2023-24, Dt.29.04.2023
No.7364, Date:29.04.2023

01. Name of the work :- Provision for Shifting of Water Supply & Sewerage disposal utilities including construction of 300user Septic Tank for construction of Road widening and community Infrastructure area adjacent to ISBT, Baramunda, Bhubaneswar
02. Estimated cost : Rs.31.52 Lakh
03. Period of completion : 45 Days
04. Date & time of availability of bid document in the portal : From 11.00 AM of Dt.03.05.2023 to 5.00 PM of 11.05.2023
05. Last date / time of receipt of bids in the portal : 5.00 PM of 11.05.2023.
06. Last date & time of seeking clarification :5.00 PM of 06.05.2023.
07. Date & Time of Opening of bids : At 12.30 PM of 12.05.2023
08. Name and address of the Officer Inviting Bid :- General Manager WATCO Division-I, BBSR

**Name & Address of Officer Inviting Bid : The General Manager, WATCO Division-I, BBSR, Odisha**

Further details can be seen from the e-Procurement portal https://www.tendersodisha.gov.in.

**Sd./-General Manager**
**WATCO Division-I, BBSR**
OIPR-13083/11/0004/2324

## GOVT. OF ODISHA
### "e"- PROCUREMENT NOTICE
**Bid Identification No. S.E. PKL(R&B)- 05/2023-24**
E-mail address- eepwd.pkl@rediffmail.com

No.B-144: **TENDER CALL NOTICE**

1. Name of the work : Building work
2. Numbers of work : 1 (One)
3. Estimated cost : Rs.95.00 (Approx)
4. Period of completion : 4 (Four) calendar months
5. Date & Time of availability of bid document in the portal : From 11.00 A.M of dt.03.05.2023 to 05.00 P.M of dt.17.05.2023
6. Last Date/ Time for receipt of bids in the portal : 05.00 P.M of dt.17.05.2023
7. Date of opening of Bid : 11.30 A.M of dt.18.05.2023
8. Name and address of the Officer Inviting Bid : Superintending Engineer, Panikoili (R&B) Division, Panikoili.

Further details can be seen from the e-procurement portal https://tendersodisha.gov.in.

**Sd./- Superintending Engineer**
**Panikoili (R&B) Division**
OIPR-34067/11/0006/2324

## ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
ଦୁର୍ଗାପାଲ୍ଲୀ, ସମ୍ବଲପୁର – ୭୬୮୦୦୬

ପତ୍ର ସଂଖ୍ୟା: ୩୨୯୭ ତାରିଖ: ୨୮।୦୪।୨୦୨୩

### ପୋଖରୀ/ବନ୍ଧ/କଟା ନିଲାମ ନୋଟିସ

No. C-214: ଏତଦ୍ୱାରା ସର୍ବସାଧାରଣ/ଅନୁଷ୍ଠାନ/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୦୨ ପୋଖରୀ/ବନ୍ଧ/କଟାଗୁଡ଼ିକର ଟେଣ୍ଡର ଅବଧି ପ୍ରଥମ ବର୍ଷ (ଟେଣ୍ଡର କାର୍ଯ୍ୟାଦେଶ ପାଇବାଠାରୁ ଜୁନ୍, ୨୦୨୪), ଦ୍ୱିତୀୟ ବର୍ଷ (ଜୁଲାଇ ୨୦୨୪ରୁ ଜୁନ୍, ୨୦୨୫), ତୃତୀୟ ବର୍ଷ (ଜୁଲାଇ, ୨୦୨୫ରୁ ଜୁନ୍, ୨୦୨୬), ଚତୁର୍ଥ ବର୍ଷ (ଜୁଲାଇ ୨୦୨୬ରୁ ଜୁନ୍, ୨୦୨୭) ଏବଂ ପଞ୍ଚମ ବର୍ଷ (ଜୁଲାଇ ୨୦୨୭ରୁ ଜୁନ୍, ୨୦୨୮) (ପାଞ୍ଚ ବର୍ଷ ଅବଧି) ମାଛ ଚାଷ ନିମନ୍ତେ ତା୦୧।୦୫।୨୦୨୩ରୁ ତା୧୧।୦୫।୨୦୨୩ରିଖ ଅପରାହ୍ଣ ଘ୯.୩୦ମି. ସୁଦ୍ଧା ଟେଣ୍ଡର ଦରଖାସ୍ତ କେବଳ ଡାକ, କୋରିୟର ଏବଂ ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା୧୨।୦୫।୨୦୨୩ରିଖ ଅପରାହ୍ଣ ଘ.୯.୩୦ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ଫର୍ମ ଖୋଲାଯିବ। ନିଲାମ ନୋଟିସ୍‌ର ସବିଶେଷ ତଥ୍ୟ **(www.smcsambalpur.nic.in)**ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଦତ୍ତ ୱେବ୍‌ସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ, ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ।

ସ୍ୱା./– ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
OIPR-13122/11/0012/2324

## ODISHA ADARSHA VIDYALAYA SANGATHAN
N-1/9, Nayapalli, PO: Sainik School, Bhubaneswar-751005
email: oavsbbsr.od@gov.in

### Notice for Computer Based Test (CBT)
**No. 3753 Date: 01.05.2023**

**No.n-35:**Pursuant to the Advt. No. 01/2023 of OAVS, the Computer Based Test (CBT) for recruitment of Principals and Teachers in OAVs shall be held from 16th May 2023 to 19th May 2023 at different centers in the State.

1. The list of centers with cities and schedule of examination along with the link to download their e-admit cards will be available in the OAVS website (oav.edu.in). The SMS will also be sent in the registered mobile number of the candidates.
2. Facilitation Counters will be opened on 15.05.2023 from 10 AM to 2 PM in the office of the concerned District Education Officers to resolve the issues in downloading of e-admit cards.
3. After completion of CBT, the link for uploading the objections on the CBT questions will be available in the OAVS website for a specific period only, so as to enable the candidates to file their objections.

For detailed information and updates, the candidates are advised to visit the OAVS website (oav.edu.in) regularly.

**Sd./-State Project Director**
OIPR-27029/11/0003/2324

## GOVERNMENT OF ODISHA
No.A-87:
### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER, ADDITIONAL SPILLWAY DIVISION, BURLA
PHONE NO.: 0663-2430080 E-mail- eeasdhirakud@gmail.com or seadditionalspillway@gmail.com

**'e' Procurement Notice No. ASD- 04 /2023-24 (Online)**

| | | | |
|---|---|---|---|
| 1. | Name of Work | : | Survey and Investigation of River Mahanadi from D/S of Hirakud Dam to D/S of Sambalpur Town of Additional Spillway Project at Hirakud Dam. |
| 2. | Nos. of work | : | 01 (One) No. |
| 3. | Amount Put to Tender | : | Rs. 20.30 Lakhs approximately. |
| 4. | Period of Completion | | As per D.T.C.N.60 Days |
| 5 | EMD | | Rs.20,400/- |
| 6. | Date and Time of availability of Bid Document in the Portal | : | Dt: 03.05.2023 at 11.00 AM to Dt: 15.05.2023 up to 5.00 PM. |
| 7. | Last Date / Time for receipt of Bids in the Portal | : | Dt: 15.05.2023 up to 5.00 PM. |
| 8. | Date of opening of Bid | : | Dt: 16.05.2023 at 11.00 AM. |
| 9. | Last date & time of seeking tender clarification | : | Dt: 09.05.2023 up to 04.00 PM. |
| 10. | Name and Address of the Officer Inviting Bid | | Superintending Engineer, Additional Spillway Division, Burla At/PO-Burla - 768017, Dist-Sambalpur Email:eeasdhirakud@gmail.com/ seadditionalspillway@gmail.com |

Further detail can be seen from the e-Procurement portal www.tendersodisha.gov.in.

**Sd./- Superintending Engineer**
**Additional Spillway Division, Burla**
OIPR-32414/11/0004/2324

## OMC | ODISHA NEW OPPORTUNITIES
Mining Happiness

## ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in

**REQUEST FOR PROPOSAL FOR SELECTION OF MINE OPERATOR FOR GANDHAMARDAN IRON ORE MINE (BLOCK-A & PUTULPANI QUARRY OF BLOCK-B) IN THE DISTRICT OF KEONJHAR, ODISHA**
**(RfP No. 179/OMC/P&T/2023 dated 02.05.2023)**

**No.CAD-423:**Odisha Mining Corporation Limited (OMC) invites bids from experienced Mine Operators for "Hiring of plant and machineries for excavation/raising from Iron Ore body by required drilling and blasting, transportation of ROM to crushing and/ or screening plant to be installed by the Mine Operator, crushing and/ or screening of ROM to obtain finished product of specific size of CLO and specific size of fines, transport of finished product to specified yards after necessary weighment, cleaning of quarry faces, excavation and disposal of sub-grade, overburden/ incidental waste and associated rejects/ spoils/ spurious materials to the specified yards at **Gandhamardan Iron Ore Mine(Block-A & Putulpani Quarry of Block-B)"**

Peak Rated Capacity: **12,00,000 MT**
Period of Contract: **1+1 Years**
Last Date of on-line Submission of Bid: Up to 04:00 PM on dtd. **23.05.2023**
Last Date of Physical Submission of Original Documents related to Bid: - Up to 04:00 PM on **dtd.24.05.2023**
Bid Document Cost: INR 1,18,000/- (Rupees One Lakh Eighteen Thousand) only including GST @18%.
The executive summary of the Bidding Process as well as the Bidding Documents have been uploaded on the portal of the MSTC Ltd. (www.mstcecommerce.com/eprochome/omc) and on the website of Odisha Mining Corporation Limited (http://www.omcltd.in). The Documents can be downloaded from the above sites from **dtd. 03.05.2023.**
Any further communications, corrigendum/addendum, etc. will be uploaded on the website of MSTC and OMC. OMC reserves the right to reject any or all bids/proposals without assigning any reasons whatsoever.
Nodal officer for this bidding process: Rajesh Mishra, General Manager (Mining), OMC Email: rajeshmishra@odishamining.in, Phone: +91 674 2377437, +91 8763545981, Contact Person: Jnana Ranjan Jena, Sr. Manager (Mining), OMC, Phone: +91- 9437554356
Mine Office Contact: 6372213647/8114395181/8144504470.

**Sd./- Dtd.02.05.2023**
OIPR-30005/11/0018/2324 **General Manager (Mining), OMC**

## THE ODISHA AGRO INDUSTRIES CORPORATION LIMITED
**(A Government of Odisha Undertaking)**
**95, Satya Nagar, Bhubaneswar - 751007**

**Notice No. 2322** **Date: 01.05.2023**

### DETAIL REQUEST FOR PROPOSAL (RFP) NOTICE

No. CAD-406: Sealed quotation in conformity with technical specification, term & conditions in bid documents are invited from registered architects/architectural firms for the works "Providing Comprehensive Architectural Services to Odisha Agro Industries Corporation Ltd. (OAIC). For details please visit our website **odishaagro.nic.in**. The detail tender documents will be available in the office of undersigned from **Dt.03.05.2023 to Dt.17.05.2023 upto 4.00 P.M.** on payment of Rs.10,000/- + GST @ 18% per set or else the documents can also be downloaded from our website and the documents should be enclosed with a DD for Rs.11800/- in favour of M.D.,OAIC Ltd., from any Nationalized Bank payable at Bhubaneswar. The last date of submission of quotation document is Dt.18.05.2023 upto 5.00 P.M. The undersigned reserves the right to accept/reject any/all application(s) without assigning any reasons thereof.

**Sd./- Managing Director**
OIPR-01047/11/0007/2324

## ODISHA STATE SEEDS CORPORATION LIMITED
**(A GOVERNMENT UNDERTAKING)**
**SANTARAPUR, BHUBANESWAR - 751002.**
**Tel - MD 0674-2340573, Tel Fax - 2340096**
**E-mail-mdosscltd456@gmail.com**

**NIT No.OSSC/Mktg (Hort)- 07/2023**

### Short e-Tender Call Notice

**No.CAD-399:**OSSC Ltd. invites e-Tender only from Producers (and in case of GOI PSUs, their authorized Agencies) on itemwise rate contract basis for Procurement of Certified seed Potato for Kharif-2023 in double cover system through online mode only for the works below.

| | |
|---|---|
| Name of the Work | Purchase of Certified seed Potato for Kharif-2023 |
| No. of Work | One |
| Availability of bid documents in portal | 15 hours on 02.05.2023 to 17 hours of 11.05.2023 |
| Last date of receipt of tender in portal | 17 hours of 11.05.2023 |
| Date and time of opening of bid | 11 hours 12.05.2023 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

**Sd./- (B.K. Nayak)**
**Managing Director, OSSC Ltd.**
OIPR-01106/11/0005/2324

## DISTRICT DISASTER MANAGEMENT AUTHORITY (DDMA), KHORDHA

**Advt. No. 6058** **Date: 02.05.2023**

No. F-42: The Expression of Interest (EOI) are invited from the interested registered Non-Government Organizations (NGOs) who will be engaged for preparation of 314 Nos. of Village Disaster Management Plans (VDMP) in the different Blocks of Khordha district for the year 2023-24. The details of eligibility criteria, Term of Reference (TOR), selection procedure of NGOs & other documents are uploaded in the District NIC website **(https://Khordha.nic.in)** for necessary information. The interested NGOs may apply to the Additional District Magistrate-cum-Chairman of NGO Selection Committee, Khordha, Odisha by 15th May 2023 (till 5 P.M.) through Speed Post/Registered Post only & same will be opened on 16th May 2023 at 11 A.M. in the Office Chamber of ADM, Collectorate, Khordha. Any modification, alternation and date of extension, if so required will be intimated through the above District NIC website only. The authority reserved the right to cancel any or the entire proposal of Expression of Interest without assigning any reason thereof.

**Sd./- Additional District Magistrate**
**Chairperson NGO Selection Committee, Khordha**
OIPR-24351/11/0006/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରୁଦ୍ରାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜେଡିରେ ଯୋଗଦେଲେ ଭାଜପା ଜିଲା ସଭାପତି

## ଝାରସୁଗୁଡ଼ା ଉପନିର୍ବାଚନ ପୂର୍ବରୁ ଦଳ ଡିଆଁ

**ଭୁବନେଶ୍ୱର,୩।୫(ବ୍ୟୁରୋ)**

ଝାରସୁଗୁଡା ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ୧୦ତାରିଖରେ ଉପନିର୍ବାଚନ ଲାଗି ମତଦାନ ହେବ। ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋରସୋର ଚାଲିଛି। ପ୍ରତ୍ୟେକ ଦଳର ଷ୍ଟାର ପ୍ରଚାରକମାନେ ସେମାନଙ୍କ ପ୍ରାର୍ଥୀଙ୍କ ପାଇଁ ଦିନରାତି ଏକ କରିଦେଇଛନ୍ତି। ଏଭଳି ସ୍ଥିତିରେ ଭାଜପାକୁ ଲାଗିଛି ଶକ୍ତ ଧକ୍କା। ଝାରସୁଗୁଡ଼ା ଜିଲା ଭାଜପା ସଭାପତି ମଙ୍ଗଳ ସାହୁ ବିଜେଡିରେ ଯୋଗଦେଇ ଶଙ୍ଖ ଧରିଛନ୍ତି। ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଜେଡି ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ତଥା ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବୁଧବାର ସାହୁ ଦଳୀୟ ନେତାଙ୍କ ଗହଣରେ ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। ପରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

ବିଜେଡିରେ ଯୋଗଦେବା ପରେ ମଙ୍ଗଲୁ କହିଛନ୍ତି, ସେ ଭାଜପାର ଜଣେ ଶୃଙ୍ଖଳିତ କର୍ମୀ ଥିଲେ। କଠିନ ପରିଶ୍ରମ କରି ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ କରିଥିଲେ। ହେଲେ ବର୍ତ୍ତମାନ ଦଳ ଏହାର ମୂଳ ବିଚାରଧାରାରୁ ଦୂରେଇଯାଇଛି। ଭାଜପା ନବ ଦାସ ହତ୍ୟା ପ୍ରସଙ୍ଗକୁ ଦୀର୍ଘଦିନ ଧରି ବିରୋଧ କରି ପ୍ରକୃତ ପ୍ରସଙ୍ଗରୁ ଧ୍ୟାନ ହଟାଇବାକୁ ଚେଷ୍ଟା କରୁଛି। ଝାରସୁଗୁଡ଼ାବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ସେସବୁ ପ୍ରସଙ୍ଗକୁ ଭାଜପା ଅଣଦେଖା କରୁଛି ବୋଲି ସାହୁ କହିଛନ୍ତି। ଅପରପକ୍ଷରେ ସାହୁଙ୍କ ବିଜେଡିରେ ଯୋଗଦାନ ସମ୍ପର୍କରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ସମସ୍ତେ ନିଜ ପସନ୍ଦର ଦଳ ବାଛିପାରିବେ। ସେ ସମ୍ପର୍କରେ ଆଲୋଚନା କରି ଆମେ ସମୟ ନଷ୍ଟ କରିବା ଉଚିତ୍ ନୁହେଁ। ଜିଲା ସଭାପତି ଅନ୍ୟ ଦଳରେ ମିଶିବା ଦ୍ୱାରା ଉପନିର୍ବାଚନ କିମ୍ବା ଭାଜପା ଉପରେ ଏହାର ପ୍ରଭାବ କିଛି ପଡ଼ିବ ବୋଲି ଏକ ପ୍ରଶ୍ନର ଉତ୍ତରରେ ସାମଲ କହିଛନ୍ତି ଯେ, ଆମେ ପ୍ରଚାରରେ ବ୍ୟସ୍ତ ଅଛୁ। ଭାଜପା ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରା ସହିତ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରେ। ଏହା କୌଣସି ବ୍ୟକ୍ତିଙ୍କ ଉପରେ ନିର୍ଭର କରେ ନାହିଁ। ଦଳ ବିରୋଧୀଙ୍କୁ ବିରୋଧ କରିବାକୁ ଦିଅନ୍ତୁ। ଦଳର ପରବର୍ତ୍ତୀ ଜିଲା ସଭାପତି କିଏ ହେବ ତାହା ଖୁବ୍ ଶୀଘ୍ର ଘୋଷଣା କରାଯିବ। ଆସନ୍ତା ୧୦ରେ ଆମର ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ ଦଳ ସମ୍ପୂର୍ଣ୍ଣ ଜୋସ୍‌ରେ ଲାଗିଛି ବୋଲି ସାମଲ କହିଛନ୍ତି। ଗତ ଜାନୁୟାରୀ ୨୯ରେ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ପରେ ଝାରସୁଗୁଡ଼ାରେ ଉପନିର୍ବାଚନ ହେଉଛି। ଭାଜପାରୁ ଟଙ୍କଧର ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବିଜେଡିରୁ ସ୍ୱର୍ଗତ ନବଙ୍କ ଝିଅ ଦୀପାଳି ଦାସ ଏବଂ କଂଗ୍ରେସରୁ ତରୁଣ ପାଣ୍ଡେ ପ୍ରାର୍ଥୀ ହୋଇଛନ୍ତି।


ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ଦଳରେ ଯୋଗଦେଇଥିବା ଝାରସୁଗୁଡ଼ା ଜିଲା ଭାଜପା ସଭାପତି ମଙ୍ଗଲୁ ସାହୁ (ଡାହାଣ)। ନିକଟରେ ଉପସ୍ଥିତ ଅଛନ୍ତି ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ (ବାମ)।

## କର୍ନାଟକ ବିଧାନସଭା ନିର୍ବାଚନ

# ଆଜି ହନୁମାନ ଚାଳିଶା ଆବୃତ୍ତି କରିବ ବଜରଙ୍ଗ ଦଳ

**ବେଙ୍ଗାଲୁରୁ/ଆଙ୍କୋଲା,୩।୫**

କଂଗ୍ରେସ କ୍ଷମତାକୁ ଆସିଲେ ବଜରଙ୍ଗ ଦଳକୁ ବେଆଇନ ଘୋଷଣା କରିବ ବୋଲି ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି। ଏହାର ପ୍ରତିବାଦରେ ବଜରଙ୍ଗ ଦଳ ସାରା କର୍ନାଟକରେ ଗୁରୁବାର ହନୁମାନ ଚାଳିଶା ଆବୃତ୍ତି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛି। ମେ' ୧୦ରେ କର୍ନାଟକ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ବିରୋଧୀ ଦଳ କଂଗ୍ରେସ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଇସ୍ତାହାରରେ ଅନେକ ପ୍ରତିଶ୍ରୁତି ଦେଇଛି। ଜାତି ଓ ଧର୍ମ ଆଧାରରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଘୃଣା ପ୍ରସାର କରାଉଥିବା ବ୍ୟକ୍ତିବିଶେଷ ଏବଂ ସଂଗଠନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପ୍ରତିଶ୍ରୁତିବଦ୍ଧ ବୋଲି କହିଛି। ଆଇନ ଏବଂ ସମ୍ବିଧାନ ପବିତ୍ର ଯାହାକୁ ବଜରଙ୍ଗ ଦଳ, ପିଏଫ୍‌ଆଇ ଭଳି ସଂଗଠନ ଏବଂ ବ୍ୟକ୍ତିବିଶେଷ ଉଲ୍ଲଂଘନ କରିପାରିବେ ନାହିଁ। ସେମାନେ ସଂଖ୍ୟାଗରିଷ୍ଠ କିମ୍ବା ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ଓ ଘୃଣାର ପ୍ରସାର କରିପାରିବେ ନାହିଁ ବୋଲି କଂଗ୍ରେସ କହିଥିଲା।

କର୍ନାଟକର ଉତ୍ତର କନ୍ନଡ ଜିଲାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଦୁର୍ବ୍ୟବହାର ସଂସ୍କୃତିରେ ବିଶ୍ୱାସ କରୁଥିବା ଅଭିଯୋଗ କରିଛନ୍ତି। ସେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ କଂଗ୍ରେସ ନେତାମାନେ ତାଙ୍କୁ ଗାଳି ଦେଉଛନ୍ତି ପ୍ରଧାନମନ୍ତ୍ରୀ କହିଛନ୍ତି।

# ସ୍ୱପ୍ନରେ ବ୍ୟସ୍ତ ମୋଦି ଲୁଟ୍ ପ୍ରତି ଆଖି ବୁଜିଦେଇଛନ୍ତି: ପ୍ରିୟଙ୍କା



**ଇଣ୍ଡି(କର୍ନାଟକ),୩।୫ :** କର୍ନାଟକରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟରେ ଭାଜପାର ୪୦ ପ୍ରତିଶତ କମିଶନ ସରକାର ଚାଲିଛି। ଭାଜପା ସରକାର ରାଜ୍ୟକୁ ଲୁଟୁଥିବାବେଳେ ନିଜକୁ ସର୍ବବ୍ୟାପୀ ଓ ସର୍ବଜ୍ଞ ନେତା କହୁଥିବା ମୋଦି ଦେଖିପାରୁ ନାହାନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ବିକାଶ ପୁରୁଷ ମୋଦି ଏବେ ବି କର୍ନାଟକକୁ ବିକଶିତ ରାଜ୍ୟରେ ପରିଣତ କରିବା ତାଙ୍କର ସ୍ୱପ୍ନ ଓ ଏହାକୁ ଦେଶର ବିକାଶ ମଡେଲ ଭାବେ ଉପସ୍ଥାପନ କରିବାକୁ ଚାହାନ୍ତି ବୋଲି କ'ଣ ପାଇଁ କହୁଛନ୍ତି ତାହା ଜାଣିବାକୁ ଚାହାନ୍ତି ବୋଲି ବିଜୟପୁରା ଜିଲାରେ ଏକ ଜନସଭାକୁ ସମ୍ବୋଧିତ କରି ପ୍ରିୟଙ୍କା କହିଥିଲେ। ଯଦି ତୁମେ ସର୍ବଶକ୍ତିମାନ, ସର୍ବବ୍ୟାପୀ ଓ ସର୍ବଜ୍ଞ ତେବେ ନିଜ ସ୍ୱପ୍ନ ପୂରଣ କରିପାରୁନ କାହିଁକି ବୋଲି ପ୍ରିୟଙ୍କା ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ମୋଦି ସ୍ୱପ୍ନ ଦେଖିବାରେ ବ୍ୟସ୍ତ ରହି କର୍ନାଟକରେ ଲୁଟ୍ ପ୍ରତି ଆଖି ବୁଜିଦେଇଥିବା କଂଗ୍ରେସ ନେତ୍ରୀ କହିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# '୭୧ ବୁଥ୍‌ରେ ବ୍ୟାପକ ସୁରକ୍ଷା, ସିସିଟିଭି ବ୍ୟବସ୍ଥା କରାଯାଉ'

## ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଭାଜପାର ଅଭିଯୋଗ

**ଭୁବନେଶ୍ୱର, ୩।୫(ବ୍ୟୁରୋ)**

ରାଜ୍ୟରେ ଆଇନର ଶାସନ ଚାଲୁନାହିଁ। ଝାରସୁଗୁଡ଼ାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଯୋଗୁ ଦିବାଲୋକରେ ରାଜ୍ୟର ବରିଷ୍ଠ ମନ୍ତ୍ରୀ ନବକିଶୋର ଦାସଙ୍କୁ ହତ୍ୟା କରାଗଲା। ବିଜେଡି ସରକାରର ଅପାରଗତା ପାଇଁ ଝାରସୁଗୁଡ଼ାରେ ଉପନିର୍ବାଚନ ହେଉଛି। ଝାରସୁଗୁଡ଼ାରେ ଶାସକ ଦଳର ଗୁଣ୍ଡା ଓ ମାଫିଆରାଜ ପାଇଁ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଉପନିର୍ବାଚନର ୭ ଦିନ ପୂର୍ବରୁ ବୁଧବାର ପୁଣି ଝାରସୁଗୁଡାର ମଙ୍ଗଳା ବଜାର ବୁଥ୍ ନଂ. ୨୦ରେ ଶାସକ ବିଜେଡି ଗଣ୍ଡଗୋଳ ଓ ଗୁଣ୍ଡାରାଜ ଆରମ୍ଭ କରିଥିବା ଭାଜପା ଅଭିଯୋଗ କରିଛି। ଭାଜପାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛି, ଲୋକେ ଶାସକ ଦଳଠାରୁ ମୁହଁ ଫେରାଉଥିବାରୁ ସେମାନେ ଝାରସୁଗୁଡ଼ାରେ ହିଂସାକୁ ଆପଣାଇଛନ୍ତି। ଯାହା ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଝାରସୁଗୁଡ଼ା ବିଧାନସଭାର ସମୁଦାୟ ୨୫୩ ବୁଥ୍ ମଧ୍ୟରୁ ୭୧ଟି ବୁଥ୍ ଅତି ଉତ୍ତେଜନାପ୍ରବଣ ଥିବା ଆଶଙ୍କା କରାଯାଉଛି। ନିର୍ବାଚନ ସମୟରେ ଏହି ବୁଥ୍‌ରେ ବ୍ୟାପକ ସୁରକ୍ଷା ଓ ସିସିଟିଭିର ବ୍ୟବସ୍ଥା କରି ଝାରସୁଗୁଡା ଉପନିର୍ବାଚନରକୁ ଅବାଧ, ମୁକ୍ତ, ନିରପେକ୍ଷ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଭାଜପା ଦାବି କରିଛି।



ସିଇଓଙ୍କୁ ଭେଟି ଭାଜପା ପ୍ରତିନିଧି ଦଳ ଝାରସୁଗୁଡ଼ା ଉପନିର୍ବାଚନ ସମ୍ପର୍କିତ ଦାବିପତ୍ର ଦେଉଛନ୍ତି।

# ମାସେ ମଧ୍ୟରେ ପଦକ୍ଷେପ ନିଅ, ନ ହେଲେ ଆନ୍ଦୋଳନ : ଭାଜପା

## କୋଟିଆ ସୀମା ବିବାଦ ପ୍ରସଙ୍ଗ

**ଭୁବନେଶ୍ୱର, ୩।୫(ବ୍ୟୁରୋ)**

କୋଟିଆ ସୀମା ବିବାଦ ଓଡ଼ିଶା ସରକାରଙ୍କ ତଣ୍ଟିରେ କଣ୍ଟାହୋଇ ଲାଗିବା ଆରମ୍ଭ କରିଛି। ମାସକ ମଧ୍ୟରେ ରାଜ୍ୟ ସରକାର କୋଟିଆ ପ୍ରସଙ୍ଗରେ ସମାଧାନ ନେଇ କିଛି ଠୋସ୍ ପଦକ୍ଷେପ ନିଅନ୍ତୁ। ନଚେତ୍ 'ମୁଖ୍ୟମନ୍ତ୍ରୀ ଗାଦି ଛାଡ଼ ଆନ୍ଦୋଳନ' ଜୋର୍‌ଦାର କରାଯିବ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଚେତାବନୀ ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, କୋଟିଆରେ ଆନ୍ଧ୍ର ସରକାରଙ୍କ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ଅନୁପ୍ରବେଶ ବାରମ୍ବାର ହେଉଛି। ହେଲେ ଓଡ଼ିଶା ସରକାର ବି ଚୁପ୍ ବସିଛନ୍ତି। କୋରାପୁଟ ଜିଲା କୋଟିଆର ୨୧ ଗାଁ ସହିତ ଗଜପତି ଜିଲାର ୨ ପଞ୍ଚାୟତ ଅବସ୍ଥା ସମାନ। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲା ଗଞ୍ଜାମର ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତରେ ମଧ୍ୟ ସମାନ ଅବସ୍ଥା। ଏହିସବୁ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ନିଜସ୍ୱ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ଓଡ଼ିଶା ସରକାର ସେଠାରେ ଲୋକଙ୍କ ପାଖରେ ଜନକଲ୍ୟାଣକାରୀ ଯୋଜନା ପହଞ୍ଚାଇବାକୁ କୌଣସି ଚେଷ୍ଟା କରୁନାହାନ୍ତି। ଏପରିକି ତୁମ୍ବା ପଞ୍ଚାୟତ ଚିକିଟି ଅଞ୍ଚଳରେ ଆନ୍ଧ୍ର ସରକାର ବାସହୀନମାନଙ୍କୁ ପଟ୍ଟା ବାଣ୍ଟିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଧିକୃତଭାବେ କୌଣସି ମନ୍ତ୍ରୀ, ଅଧିକାରୀ ଏପରିକି ଜିଲା ପ୍ରଶାସନ ମଧ୍ୟ ସେ ଜାଗାରେ ପହଞ୍ଚିବା, ସରଜମିନ ତଦନ୍ତକରି ଓଡ଼ିଶାର ଲୋକଙ୍କ ସାମ୍ନାରେ ଯାହା ରଖିବା କଥା ତାହା ଦେଖାଯାଉନାହିଁ। ଏବେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ଜଗନମୋହନ ଜିନ୍ଦାବାଦ୍ ନାରା କୋଟିଆରେ ପକାଇଲେ, ଯାହା ବିଜେଡିକୁ ବାଧିଲା ନାହିଁ। କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଅସଲ ଆଭିମୁଖ୍ୟ କ'ଣ ଏଥିରୁ ହିଁ ସ୍ପଷ୍ଟ ବୁଝାପଡୁଛି ବୋଲି ପୃଥ୍ୱୀରାଜ କହିଛନ୍ତି।

# ଶକ୍ତିପଦ, ସୁନୀଲ, ମାନସଙ୍କୁ ନେଇ ଚର୍ଚ୍ଚା

## ଭୋଗରାଇ ଭାଜପାରେ ନେତା ପ୍ରତିଦ୍ୱନ୍ଦ୍ୱିତା

**ଭୋଗରାଇ, ୩।୫(ଡି.ଏନ.ଏ.)**

୨୦୨୪ ସାଧାରଣ ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ଅଣ୍ଟା ଭିଡ଼ିଥିବା ବେଳେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ଭାଜପାର ଗୋଷ୍ଠୀକନ୍ଦଳ ବଢିବାରେ ଲାଗିଛି। ଏହି ଦଳର ୭ବର୍ଷ ଧରି ମଙ୍ଗ ଧରିଥିବା ଅଂଶୁମାନ ମହାନ୍ତିଙ୍କ ଗୋଷ୍ଠୀ ବରିଷ୍ଠ ଓ କନିଷ୍ଠ ନେତାଙ୍କୁ କୋଣଠେସା କରୁଥିବା ବରିଷ୍ଠ ନେତାମାନେ ଅଭିଯୋଗ କରିଛନ୍ତି। ଗତ ୧୯ନିର୍ବାଚନ ପରଠାରୁ ଦଳରେ ଗୋଷ୍ଠୀ କନ୍ଦଳ ଲାଗିଥିବାରୁ ଦଳକୁ ସଜାଡ଼ିବାରେ ପୁରୁଖାମାନେ ମିଳିତ ହୋଇ ସମାନ୍ତରାଳ ଭାବେ ସଭାସମିତି ଓ ବୈଠକ କରୁଥିବା ସାମ୍ନାକୁ ଆସିଛି। ଦଳର ପୁରୁଖା ନେତା ଶକ୍ତିପଦ ପାଣ୍ଡେ ନିଜର କର୍ମୀ ଓ ବରିଷ୍ଠ ନେତାଙ୍କୁ ନେଇ ନିର୍ବାଚନମଣ୍ଡଳୀର ୫୦ ପଞ୍ଚାୟତରେ ଭିନ୍ନ ଢଙ୍ଗରେ ସାଙ୍ଗଠନିକ କାର୍ଯ୍ୟଶୈଳୀ ଚାଲୁ ରଖିଥିବାରୁ ଦଳୀୟ କର୍ମୀଙ୍କ ମନରେ ଉତ୍ସାହ ବଢ଼ିଛି। ସେହିପରି ଜିଲା ଭାଜପା ସାଧାରଣ ସମ୍ପାଦକ ସୁନୀଲ କୁମାର କର ୩୦ବର୍ଷର ଅଭିଜ୍ଞତାକୁ ପାଥେୟ କରି ଦଳର ଟିକେଟ ପାଇବା ଆଶା ରଖିଛନ୍ତି। ଗତ ସାଧାରଣ ନିର୍ବାଚନରେ ଦଳର ପ୍ରଥମ ଘୋଷିତ ପ୍ରାର୍ଥୀ ମାନସ ମହାନ୍ତି ଶେଷ ପର୍ଯ୍ୟାୟରେ ଦଳୀୟ ଟିକେଟରୁ ବଞ୍ଚିତ ହୋଇଥିବାରୁ ସେ ମଧ୍ୟ ଟିକେଟ ପାଇବାକୁ ଆଶାୟୀ ଅଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ଭାଜପା ନେତୃମଣ୍ଡଳୀ କାହା ଉପରେ ଆସ୍ଥା ପ୍ରକଟ କରି ଦଳୀୟ ଟିକେଟ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଛି। ସମସ୍ତ ଦଳୀୟ ନେତାଙ୍କ ଜନସେବା ନିମନ୍ତେ ହୋର୍ଡ଼ିଂ ଭୋଗରାଇର ମୁଖ୍ୟ ସ୍ଥାନରେ ଛାଇଯାଇଛି।


# Classified Everyday
0674-2580101, 2549949


REAL ESTATE

SALE

Fully developed gated Society 30ft. each road, electricity, plantation, few plots available at Nakhara- 9439363944. D-74848

1BHK flat for sale near Sundarpada, Bhubaneswar at minimum price- 9776088188. D-74856

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛଡାବର 1200sqft. 3,00,000/-, ନଖରା- 300/-. 6371569855. D-74849

ISO 9001-2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ବରମୁଣ୍ଡାରୁ ୧୫କି.ମି. ଦୂରରେ 30' ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ- 9938016295. D-74854

Newly built bungalow pattern single BHK house on 1500 sq. feet plot with car parking at Puri for sale. Cont. No. 7205681340. D-73541


CONSTRUCTION

Construct your dream home with competitive rate and for sharing projects. Contact Besco Developers, Bhubaneswar, 7735330028, 9778855101. D-0082




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74677

Relax, Refresh your body, Mind at Saikrupa Spa with best therapies. 8984068077. D-0145

All types of professional body massage by professional therapy. 9556924059 / 7077933109. D-0202


BUSINESS

ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର Shifting Service ପାଇଁ ଯୋଗାଯୋଗ କରନ୍ତୁ। 9777097322. D-0225

House Colouring & Packers Movers for service at Bhubaneswar. 9777097322. D-0224

LOST

କବଲା କ୍ଷତିଗ୍ରସ୍ତ ହୋଇଛି
ମୁଁ ଡାକୁ ପ୍ରଧାନ, ବୟସ ୭୬ବର୍ଷ, ପିତା- ସ୍ୱର୍ଗତ ଆନନ୍ଦ ପ୍ରଧାନ, ଗ୍ରାମ-କେସକେରା, ପୋ.- ଆମ୍ବପଡ଼ା, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଅଛି ଯେ, ମୋର ନାମେ ଥିବା ଗୋଟିଏ ଓରିଜିନାଲ କବଲା ଗତ ତା୦୩।୦୫।୨୦୧୯ରେ ହୋଇଥିବା 'ଫନି' ମହାବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି, ଯାହାର କବଲା ନଂ.୪୧୫୫ ଅଟେ। ଉକ୍ତ ଜମିଟିର ମୌଜା- କେସକେରା, ଖାତା ନଂ.- ୧୭୭, ପ୍ଲଟ୍ ନଂ.- ୪୩୬, ଏରିଆ ୦.୧୬ ଡିସିମିଲ ଅଟେ। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ କବଲାକୁ ପାଇବେ ତେବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବା ପାଇଁ ବିନୀତ ଅନୁରୋଧ କରୁଛି। ଆପଣଙ୍କ ବିଶ୍ୱସ୍ତ ଡାକୁ ପ୍ରଧାନ, Mob.- 8327789895 । ଧ-୦୨୫୬

Your classified advertisement published in Dharitri will be listed free in Dharitri online edition: dharitriepaper.in

## ଜନ୍ମଦିନ ଶୁଭେଚ୍ଛା

ରୁଦ୍ରାଂଶ - ଓଁମ୍
ଏନ୍.-୨/୧୭୨, ନୟାପଲ୍ଲୀ, ଭୁବନେଶ୍ୱର
ଆଜି ପ୍ରଭୁ ନୃସିଂହଙ୍କ ଜନ୍ମତିଥିରେ ତୋ ଜନ୍ମ ଦିବସ ପାଳନ କରି ତୋର ଭବିଷ୍ୟତ ଚଳାପଥ କୁସୁମିତ କରିବା ପାଇଁ ପରମେଶ୍ୱରଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ ।
ଆଶୀର୍ବାଦ ସହ- ବୋଉ, ବାପାଙ୍କ ସହିତ ମାମି, ଭାଉଜ, ଭାଇ ଓ ଭଉଣୀମାନେ ।
ଧ-୦୨୪୪


ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ

୰ସିତାଂଶୁ ଭୂଷଣ ମିଶ୍ର
ରେମୁଆଁ, ହାଟତୋଟା, ତାଳଚେର
ଆବିର୍ଭାବ-୦୯।୧୧।୧୯୪୭
ତିରୋଧାନ- ୨୩।୦୪।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଡିମ୍ପୁ, ରିଙ୍କୁ, ପାୟଲ, ସୁବାସ, ଜିତୁ, ପଙ୍କଜ, ବର୍ଣ୍ଣି, ସୋନି, ଇଭାନ, ନୀର୍
ଧ-୭୩୭୬୧

### ଏକାଦଶାହ ଉପଲକ୍ଷେ

୰ପ୍ରହଲ୍ଲାଦ ଜେନା
ଆବିର୍ଭାବ- ୧୪।୦୮।୧୯୪୧
ତିରୋଧାନ- ୨୪।୦୪।୨୦୨୩
ତୁମ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଦୁଲ୍ଲଭରାମ ଲେନ୍, ଦାଣ୍ଡିମାଳସାହି, ପୁରୀ
ଧ-୭୩୫୪୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ନାରାୟଣ ଚନ୍ଦ୍ର ପଣ୍ଡା
ଆବିର୍ଭାବ: ୦୮।୦୫।୧୯୩୬
ତିରୋଧାନ: ୧୫।୦୫।୨୦୨୨ (ନୃସିଂହ ଚତୁର୍ଦ୍ଦଶୀ)
ବାପା, ଚାହିଁ ଚାହିଁ ଆମକୁ ଛାଡି ଚାଲିଯିବାର ଏକବର୍ଷ ବିତିଗଲା। ଆପଣଙ୍କର ସେହି ସ୍ନେହ ଶ୍ରଦ୍ଧା ଓ ଭଲପାଇବାକୁ ପାଥେୟକରି ଆମେ ଜୀବନର ଚଲାପଥରେ ଆଗେଇ ଚାଲିଛୁ।
ସବୁଦିନେ ଆପଣ ଆମ ସ୍ମୃତିରେ ରହିଛନ୍ତି ଓ ରହିଥିବେ ।
ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଭକ୍ତିପୂତ ପ୍ରାର୍ଥନା କରୁଛୁ ।
ଆପଣଙ୍କର ଶୋକସନ୍ତପ୍ତ : ପତ୍ନୀ- ଲଳିତା, ପୁତ୍ର- ସିଦ୍ଧାର୍ଥ, ଅଶୋକ, ସନ୍ତୋଷ, ପ୍ରଶାନ୍ତ ଓ ପ୍ରଫୁଲ୍ଲ, ବୋହୂ- ଶାନ୍ତି, ଟିନା, ସିଲୁ ଓ ଟୋପା । ଝିଅଜ୍ୱାଇଁ- ଲିଲି-ଜୟଦୀପ, ମାମି-ମିଟୁ । ନାତି- ସୁମନ, ବାପୁ, ଦୀପୁ, ଗୋବିନ୍ଦ, ଶାମେନ ଓ ଚିକୁ । ନାତୁଣୀ- ଗାୟତ୍ରୀ, ଅମ୍ରିତା, ଅର୍ପିତା ଓ ଜୟଶ୍ରୀ ।
ଧ-୦୨୪୭

# ଫେରିଲେ ମୁଁ ତୁମର



ବବି ମିଶ୍ର

ବବି ମିଶ୍ର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଫେରିଲେ ମୁଁ ତୁମର'। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡିର ଭରପୂର ତଡ଼କା ମଧ୍ୟ ରହିଛି । ପ୍ରଯୋଜନା ଭାର ଦେବକାନ୍ତ ମିଶ୍ର ସମ୍ଭାଳିଥିବା ବେଳେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଡ୍ୟୁସର ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଏହାର କାହାଣୀ ଅଭିନେତା ବବି ମିଶ୍ର ଲେଖିଥିବା ବେଳେ ତାହାକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମର ମୁଖ୍ୟ ଭୂମିକାରେ ସମ୍ବିତ, ବବି ମିଶ୍ର, ତୃପ୍ତି, ଭାବନା, ପପି ସନ୍ତୁକା ଏବଂ ହରିହର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୁଡ଼୍‌ଲି ରଥ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ରିଲିଜ ହେବା ପରେ ହିଁ ଜଣାପଡ଼ିବ।

# ବ୍ୟସ୍ତ ରହିବେ ସାନ୍ୟା



ସାନ୍ୟା

ସାନ୍ୟା ମାଲହୋତ୍ରା ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ଏଣିକି ଅଭିନୟ ସହ ସମାଜସେବା ମଧ୍ୟ ଚାଲିବ। କେବଳ ସେତିକି ନୁହେଁ, ନିଜ ପାରିଶ୍ରମିକର କିଛି ଅଂଶ ମଧ୍ୟ ସେ ଏଥିଲାଗି ଖର୍ଚ୍ଚ କରିବେ। ଏଭଳି ଯୋଜନାକୁ ରୂପରେଖ ଦେବାକୁ ସେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ଏଥି ପାଇଁ ସେ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଗଠନ କରିବାକୁ ସ୍ଥିର କରିଛନ୍ତି। ଏ ବିଷୟରେ ସାନ୍ୟା କହନ୍ତି, ' ମୋର କେତେଜଣ ସାଙ୍ଗଙ୍କ ସହ ଭେଟ ହେବା ପରେ ଆମେ ଏଭଳି କାମରେ ମନୋନିବେଶ କରିବାକୁ ସ୍ଥିର କରିଛୁ। ମୋର ଏଭଳି ପ୍ରସ୍ତାବକୁ ସେମାନେ ସମର୍ଥନ କରିବା ସହ ମୋ ସହ ରହି କାମ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ତା' ସହ ମୁଁ ପ୍ରତିଟି ଫିଲ୍ମରୁ ପାଉଥିବା ପାରିଶ୍ରମିକରୁ କିଛି ଅଂଶ ସମାଜସେବା ପାଇଁ ଖର୍ଚ୍ଚ କରିବି।' 'ଦଙ୍ଗଲ'ରୁ ସାନ୍ୟାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା, ଆଉ ଏଥିରେ ତାଙ୍କର ବବିତା ଫୋଗଟ ଭୂମିକା ତାଙ୍କୁ କେତେ ମାଇଲେଜ ଦେଇଥିଲା ତାହା କହିବା ଅନାବଶ୍ୟକ। ତା'ପରେ ସେ 'ବଧାଇ ହୋ', 'ପଟାକା', 'ଫଟୋଗ୍ରାଫ', 'ଲୁଡୁ' ଏବଂ 'ଶକୁନ୍ତଳା ଦେବୀ' ଆଦି ସିନେମାରେ ଅଭିନୟ କରିଛନ୍ତି। ରିଲିଜ ଅପେକ୍ଷାରେ ଥିବା 'ସାମ୍ ବାହାଦୁର' ଏବଂ 'ଲଭ୍ ହଷ୍ଟେଲ'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ।



ରକୁଲ୍

# ଆକ୍ସନ ଅବତାର

ରକୁଲ୍ ପ୍ରୀତ୍ ସିଂ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି ରକୁଲ୍ ନିକଟରେ ସାଇନ୍ କରିଥିବା ଏକ ନୂଆ ସିନେମାରେ ଆକ୍ସନ ଭୂମିକାରେ ଅଭିନୟ କରିବେ। ଏଥିରେ ଆକ୍ଟିଂ କରିବେ ବୋଲି ସିନା ରାଜି ହୋଇଗଲେ, ହେଲେ ସେ ନେଇ ପୁଣି ପ୍ରସ୍ତୁତ ହେବାକୁ ପଡିବ। ତେବେ ଆକ୍ସନ ଭୂମିକାକୁ ନେଇ ଆଣି ଥୋଇବାକୁ ସେ ଥରେ ଅକ୍ଷୟ କୁମାରଙ୍କୁ ସାକ୍ଷାତ କରିଥିଲେ। ବାସ୍ ତା'ପରେ ତାଙ୍କୁ ଯେମିତି ଖୋଜିଲା ଚିଜ ମିଳିଯାଇଥିଲା। ଆକ୍ସନ ରୋଲ ପାଇଁ ଅକ୍ଷୟ ଯେଉଁ କେତୋଟି ଟିପ୍ସ ଦେଇଥିଲେ ତାହାକୁ ଅନୁସରଣ କରିବାକୁ ଅଣ୍ଟା ଭିଡିଛନ୍ତି ରକୁଲ୍। ଏ ନେଇ ସେ କହନ୍ତି, 'ଯେତେବେଳେ ମୁଁ ଏ ବିଷୟରେ ଅକ୍ଷୟଙ୍କୁ କହିଲି ସେ ମୋତେ ସାହାଯ୍ୟ କରିବାକୁ ରାଜି ହୋଇଥିଲେ। ଏଥିଲାଗି ସେ ମୋତେ ଯେଉଁ ଟିପ୍ସ ଦେଇଛନ୍ତି ତାହାକୁ ନିଶ୍ଚୟ ଫଲୋ କରିବି। ଏଥିଲାଗି ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ରକୁଲ୍ ସାଇନ୍ କରିଥିବା ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁରହିଛି। ହେଲେ ଏଥିରେ ତାଙ୍କ ଅପୋଜିଟ୍‌ରେ କିଏ ନାୟକ ସାଜିବ ତାହା ଆଉ କିଛି ସପ୍ତାହ ଭିତରେ ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଆସୁଛି ରାଉଡି ରାଜା

ଅଭିନେତା ସୋହମ ସିଂ ଏକ ଭିନ୍ନ ଭୂମିକାରେ ଖୁବ୍‌ଶୀଘ୍ର ଦର୍ଶକଙ୍କ ସାମନାକୁ ଆସିବେ। ଆଉ ଏପରି ଭୂମିକାରେ ସଫଳ ହେବାକୁ ସେ ଆଶା ରଖିଛନ୍ତି। ରିଲିଜ ଅପେକ୍ଷାରେ ଥିବା ନୂଆ ସିନେମା 'ରାଉଡି ରାଜା'ର ଟାଇଟଲ ଭୂମିକାରେ ଏହି ୟଙ୍ଗ ସେନ୍‌ସେସନଙ୍କୁ ଦେଖିବାକୁ ମିଳିବ। ଏକ ଭିନ୍ନ ଧରଣର ଆକ୍ସନ ଡ୍ରାମା ଏବଂ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମାଣ ହେବାକୁ ଯାଉଛି। ଉକ୍ତ ରହସ୍ୟ ରୋମାଞ୍ଚଭରା କାହାଣୀଟିକୁ ଲେଖିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ ଏବଂ ତାହାକୁ ଆଧାର କରି ସଂଳାପ ରଚନା ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିବେ 'ଅଜାତ ଶତ୍ରୁ' ଏବଂ 'ଲଭ୍ ୟୁ ପ୍ରିୟା'ର ନାୟକ ସାଜିଥିବା ସୋହମ ସିଂ। ଏ ବିଷୟରେ ସେ କହନ୍ତି, 'ଫିଲ୍ମର କାହାଣୀରେ ନୂତନତ୍ୱ ରହିଛି। ବିଶେଷଭାବରେ ଏଥିରେ ଆକ୍ସନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସତ କଥା କହିବାକୁ ଗଲେ ଯେଉଁଭଳି ଚରିତ୍ରଟିଏ ମୁଁ ଖୋଜୁଥିଲି ତାହା ଏହି ଫିଲ୍ମରେ ମୋତେ ମିଳିଯାଇଛି।' ନବାଗତ ପ୍ରଯୋଜକ କମଲ କୁମାର ମହାନ୍ତିଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ଏହି ଫିଲ୍ମରେ ସୋହମଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଶ୍ରଦ୍ଧା ପାଣିଗ୍ରାହୀ।

# ଚାରି ବର୍ଷ ପରେ...



ସ୍ୱପ୍ନା-ଅନୁଭବ

ଏଥର ରଜରେ ପରଦା ଉପରକୁ ଆସୁଛି ହାଇ ବଜେଟ ଓଡ଼ିଆ ସିନେମା 'ଲଭ୍ ଇନ୍ ଲଣ୍ଡନ'। ଖାସ୍ କଥା ହେଲା କିଛି ବର୍ଷର ଗ୍ୟାପ୍ ପରେ ଅନୁଭବ ମହାନ୍ତି ପୁଣି ଥରେ ଦର୍ଶକଙ୍କ ସାମନାକୁ ଆସିବେ। ଜେ.ବି. ଫିଲ୍ମସ୍ ଓ ଆମର ଷ୍ଟୁଡିଓ ବ୍ୟାନରରେ, ନବୀନ ଭଣ୍ଡାରି ଓ ଜେ. ବର୍ଷା ପ୍ରଯୋଜିତ ଏହି ଫିଲ୍ମଟି ଏକ ଭିନ୍ନ ଧରଣର ରୋମାଣ୍ଟିକ କାହାଣୀକୁ ନେଇ ଆଧାରିତ। ଏଥିରେ ଅନୁଭବଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ସ୍ୱପ୍ନା ପ୍ରିୟଦର୍ଶିନୀ। ତାଙ୍କ ବ୍ୟତୀତ ସୌମ୍ୟା ସଚଦେବଙ୍କୁ ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ତାପସ ସରଘରିଆ। ଚିତ୍ରନାଟ୍ୟ ସୁରେଶ ପଟ୍ଟନାୟକ ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି ଅନ୍ତର୍ଯ୍ୟାମୀ ସରଘରିଆ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ସୋମେସ୍ ଶତପଥୀ। ଫିଲ୍ମର ଶୁଟିଂ ଲଣ୍ଡନ ଓ ବାରିପଦାରେ କରାଯାଇଛି। ଫିଲ୍ମଟିର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଖାସ୍ କଥା ହେଲା ଚାରି ବର୍ଷର ଗ୍ୟାପ୍ ପରେ ଅନୁଭବ ପୁଣି ଥରେ ବଡ ପରଦାରେ କମ୍ ବ୍ୟାକ୍ କରୁଛନ୍ତି। କେବଳ ସେତିକି ନୁହେଁ, ଏହି ଫିଲ୍ମଟି ମଧ୍ୟ ହିଟ୍ ହେବ ବୋଲି ଆଶା ରଖିଛନ୍ତି ସେ। ତେବେ ଏଥର ରଜରେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ସିନେମାଟି ରିଲିଜ ହେଲେ ହିଁ ଜଣାପଡିବ। ଫିଲ୍ମର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନରର ମୁଖ୍ୟ ପ୍ରଣୟ ଜେଠୀ।

# ଦିନ ଗଣୁଛନ୍ତି ବିଶ୍ୱରୂପ



'ଜୟୀ ରାଜଗୁରୁ' ଫିଲ୍ମରେ ବିଶ୍ୱରୂପ

ଅଭିନେତା ବିଶ୍ୱରୂପ ମିଶ୍ର ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ସେ ଅଭିନୟ କରିଥିବା ଐତିହାସିକ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି । ଉକ୍ତ ଫିଲ୍ମଟିର ଟାଇଟଲ ରହିଛି 'ଜୟୀ ରାଜଗୁରୁ'। ପାଇକ ସଂଗ୍ରାମର ଅନ୍ୟତମ ବୀର ଜୟୀ ରାଜଗୁରୁଙ୍କ ଜୀବନୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ଜୟଭାରତ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ। ଏହାର ପ୍ରଯୋଜନା ସହ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଜୟ ସେନ୍। ଫିଲ୍ମର ଅଧିକାଂଶ ଭାଗ ଓଡ଼ିଶାର କୋରାପୁଟ, ସୁନାବେଡ଼ା ଜଙ୍ଗଲ,ଗଞ୍ଜାମ, ଖୋର୍ଦ୍ଧା, ବାଣପୁର, ପୁରୀ,କୃଷ୍ଣପ୍ରସାଦ,ବ୍ରହ୍ମଗିରି, ଚିଲିକା ଉପକୂଳ ଅଞ୍ଚଳର କେତେକ ସ୍ଥାନରେ ଏହାର ଶୁଟିଂ କରାଯାଇଛି। ସହଯୋଗୀ ନିର୍ଦ୍ଦେଶକ ଭାବେ ଲିଟନ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କ୍ରିଷ୍ଣା ସରୋଜ। କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ନିର୍ଦ୍ଦେଶକ ଜୟ । ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ। ଅନ୍ୟପକ୍ଷରେ ଅଶ୍ରୁମୋଚନ, ମିତା ଚକ୍ରବର୍ତ୍ତୀ, ଦେବିକା କଲ୍ୟା, ନାରାୟଣ ମାର୍ଥା, ଡ. ଭଗବାନ ତ୍ରିପାଠୀ, ସୁଦାମ ବିଶୋୟୀ, ଦୀପକ ରାଉତ, ଶିଶୁକଳାକାର ଭାବେ ସୃଜନୀ ପ୍ରିୟଦର୍ଶିନୀ, ଶ୍ରୁତିୟା,ସାଇରାମ, ଅନାମ ଚରଣ ନାୟକ ଆଦି କଳାକାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ।

# ଫୁରସତ ମିଳିଲେ...



ଯାମି

ଯାମି ଗୌତମ ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ପିଜା । ସେ ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ନେଇଯାଆନ୍ତି। ଏ ନେଇ ଯାମି କହନ୍ତି, 'ଶୁଟିଂରୁ ଫୁରସତ ମିଳିଲେ ମୁଁ ଗୋଟିଏ ଜିନିଷକୁ ଖୋଜିଥାଏ। ତାହା ହେଲା ପିଜା। କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ। ଘରେ ମଧ୍ୟ ମୁଁ ପିଜା ପ୍ରସ୍ତୁତ କରିଥାଏ। ଆଉ ଏକ ଜିନିଷ ପ୍ରତି ମଧ୍ୟ ମୋର ଲୋଭ ରହିଛି। ତାହା ହେଲା ବିଭିନ୍ନ ଭେରାଇଟିର ଚକୋଲେଟ୍। ମୁଁ କାହାକୁ ଗିଫ୍ଟ ଦେଲେ ତା'ସହ ଚକୋଲେଟ୍ ଦେବାକୁ ଭୁଲି ନ ଥାଏ। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି। ଯାମିଙ୍କର ଆଗାମୀ ଫିଲ୍ମଗୁଡିକ ହେଉଛି 'ଚୋର୍ ନିକଲକେ ଭାଗା', 'ଲଷ୍ଟ' ଏବଂ 'ଓ ମାଇଁ ଗଡ-୨'।

ଅପେରା ହାଲଚାଲ

# ନାଟକ ହେଉଛି ଭାତହାଣ୍ଡି

'ଦର୍ଶକଙ୍କ ମନଜିଣିବାକୁ ମୁଖ୍ୟ ମାଧ୍ୟମ ହେଲା ନାଟକ। ତେଣୁ ଧଉଳି ଗଣନାଟ୍ୟ ସବୁବେଳେ ନାଟକକୁ ହିଁ ଗୁରୁତ୍ୱ ଦିଏ। ଆମ ପ୍ରୋପ୍ରାଇଟର ନାଟକ ଉପରେ ହିଁ ଜୋର୍ ଦିଅନ୍ତି। ତେଣୁ ଧଉଳି ସବୁବେଳେ ହିଁ ମନକୁ ଛୁଇଁଲା ଭଳି ନାଟକ ମଞ୍ଚସ୍ଥ



ବାବୁଲି

କରିଆସିଛି। ନାଟକ ହେଉଛି ଆମର ଭାତହାଣ୍ଡି ବୋଲି କହନ୍ତି ଜଲିଉଡ୍‌ର ଅନ୍ୟତମ ଆଗଧାଡିର ପରିଚାଳକ ସଞ୍ଜୟ କୁମାର ମହାନ୍ତି ଓରଫ ବାବୁଲି ବାବୁ।' ବର୍ତ୍ତମାନ ସେ ଧଉଳି ଗଣନାଟ୍ୟର ପରିଚାଳନା ଦାୟିତ୍ୱ ବେଶ୍ ସୁଚାରୁରୂପେ ତୁଲାଇ ଆସୁଛନ୍ତି। ୧୯୮୯ରେ ସେ ପ୍ରଥମେ ଅଭିନୟ ସହ ଜଡିତ ଥିଲେ। କିନ୍ତୁ ୨୦୧୨ରେ ଧଉଳି ଗଣନାଟ୍ୟର ପ୍ରୋପ୍ରାଇଟର ହିମାଂଶୁ ଶେଖର ଦେଓ ତାଙ୍କୁ ପରିଚାଳନା ଦାୟିତ୍ୱ ଦେଇଥିଲେ। ନିଜର ବୁଦ୍ଧିମତ୍ତା ଏବଂ ସୁପରିଚାଳନା ପାଇଁ ବାବୁଲି ବାବୁ ନିଜକୁ ଜଣେ ଦକ୍ଷ ପରିଚାଳକ ଭାବରେ ପରିଚିତ କରାଇ ପାରିଛନ୍ତି। 'ବର୍ତ୍ତମାନ ଅପେରା ଏକ ଘଡିସନ୍ଧି ମୁହୂର୍ତ୍ତରେ ଗତି କରୁଛି। ଏହାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ସୁସ୍ଥ ପରିବେଶ ଲୋଡା ବୋଲି କହନ୍ତି ବାବୁଲି ବାବୁ।' ୨୦୨୩-୨୪ସିଜନ୍‌ରେ ଏହି ପାର୍ଟିରେ ଉତ୍ତମ, ଆକାଶ ନନ୍ଦ, ସ୍ମରଣିକା, ଦୀପୁ, ସାନମଣି, ଲିଜା ପଣ୍ଡା, ଏଲିନା, ଛବି ଏବଂ ଅଭିନ୍ନ ପାଢ଼ୀ ଆଦି କଳାକାରଙ୍କୁ ଦେଖିବାକୁ ମିଳିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୪/୨୦୨୩ Bhubaneswar, Thursday, May 4/ 2023

# ମୁମ୍ବାଇ ଇଣ୍ଡିଆନ୍ସର ପଞ୍ଚମ ବିଜୟ

**ମୋହାଲି,୩।୫**

ଆଇପିଏଲ୍‌ର ୪୬ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସକୁ ୬ ଉଇକେଟରେ ହରାଇ ପଞ୍ଚମ ବିଜୟ ସହ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନକୁ ଉଠିଛି ମୁମ୍ବାଇ ଇଣ୍ଡିଆନ୍ସ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଲିଆମ ଲିଭିଙ୍ଗଷ୍ଟୋନଙ୍କ ୮୨ ରନ୍ ବଳରେ ୨୦ ଓଭରରେ ୩ ଉଇକେଟ ହରାଇ ୨୧୪ ରନ୍ କରିଥିଲା। ଜବାବରେ ୧୮.୫ ଓଭରରେ ୪ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା ମୁମ୍ବାଇ। ପ୍ରଭସିମରନ୍‌ଙ୍କ ସ୍ଥାନରେ ନାଥାନ ଏଲିସ୍ ଓ ଆକାଶ ମଧୱାଲଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଭାବରେ ସାମିଲ ହୋଇଥିଲେ। ପଞ୍ଜାବ ପକ୍ଷରୁ ପ୍ରଭସିମରନ୍ ସିଂ (୯), ଶିଖର ଧାୱନ(୩୦) ଓ ମାଥ୍ୟୁ ଶର୍ଟ (୨୭)ରନ୍ କରିଥିଲେ। ୯୫ ରନ୍‌ରେ ୩ ଉଇକେଟର ପତନ ଘଟିବା ପରେ ଜୀତେଶ ଶର୍ମାଙ୍କ ସହ ଚତୁର୍ଥ ଉଇକେଟରେ ୫୨ ବଲ୍ ଖେଳି ଅବିଭାଜିତ ୧୧୯ ରନ୍ ଯୋଡିଥିଲେ ଲିଭିଙ୍ଗଷ୍ଟୋନ। ସେ ୪୨ ବଲ୍ ଖେଳି ୭ ଚୌକା ଓ ୪ ଛକା ମାରି ଥିଲେ। ଜିତେଶ ୨୭ ବଲ୍ ଖେଳି ୪୯ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ପୀୟୁଷ ଚାୱଲା ୨ ଓ ଅର୍ଶଦ ଖାନ ଗୋଟିଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ପଞ୍ଜାବ କିଙ୍ଗ୍ସର ଲିଆମ୍ ଲିଭିଙ୍ଗଷ୍ଟୋନ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୧୨ | +୦.୫୩୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୪ | ୧୧ | +୦.୬୩୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୫ | ୪ | ୧୧ | +୦.୩୨୯ |
| ରାଜସ୍ଥାନ ରୟାଲ୍ସ | ୯ | ୫ | ୪ | ୧୦ | +୦.୮୦୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୦୩୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | -୦.୩୭୩ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୪୭୨ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୩ | ୬ | ୬ | -୦.୭୬୮ |

୨୧୫ ରନ୍ ଲକ୍ଷ୍ୟରେ ମୁମ୍ବାଇ ୫୪ ରନ୍‌ରେ ଦୁଇ ଉଇକେଟ ହରାଇଥିଲା। ଈଶାନ୍ କିଶନ୍(୭୫) ଓ ସୂର୍ଯ୍ୟକୁମାର ଯାଦବ(୬୬) ତୃତୀୟ ଉଇକେଟରେ ୧୧୬ ରନ୍ ଯୋଡିଥିଲେ। ଈଶାନ ୪୧ ବଲ ଖେଳି ୭ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ପକ୍ଷରେ ସୂର୍ଯ୍ୟକୁମାର ୩୧ ବଲ୍ ଖେଳି ୮ ଚୌକା ଓ ୨ ଛକା ମାରିଥିଲେ। ଉଭୟ ଖେଳାଳି ମାତ୍ର ୮ ରନ୍ ବ୍ୟବଧାନରେ ଆଉଟ ହୋଇଥିଲେ ମଧ୍ୟ ତିଲକ ବର୍ମା ୧୦ ବଲ୍‌ରୁ ୨୬ ରନ୍ କରି ମ୍ୟାଚ୍ ଜିତାଇଥିଲେ। ପଞ୍ଜାବ ପକ୍ଷରୁ ଏଲିସ ୨, ଅର୍ଶଦୀପ ସିଂ ଓ ରିଷି ଧାୱନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୨୧୪/୩ (ଲିଆମ୍ ଲିଭିଙ୍ଗଷ୍ଟୋନ-୮୨*, ଜୀତେଶ ଶର୍ମା-୪୯*, ଶିଖର ଧାୱନ-୩୦, ପୀୟୁଷ ଚାୱଲା-୨/୨୯, ଅର୍ଶଦ ଖାନ-୧/୪୮)। ମୁମ୍ବାଇ ଇଣ୍ଡିଆନ୍ସ ୧୮.୫ ଓଭରରେ ୨୧୬/୪ (ଈଶାନ୍ କିଶନ-୭୫, ସୂର୍ଯ୍ୟକୁମାର ଯାଦବ-୬୬, ତିଲକ ବର୍ମା-୨୬*, ନାଥାନ ଏଲିସ୍-୨/୩୪, ରିଷି ଧାୱନ-୧/୨୦, ଅର୍ଶଦୀପ ସିଂ-୧/୬୬)।

# ପଏଣ୍ଟ ବାଣ୍ଟିଲେ ଚେନ୍ନାଇ, ଲକ୍ଷ୍ନୌ

**ଲକ୍ଷ୍ନୌ,୩।୫(ପି.ଟି.)**

ବୁଧବାର ଆଇପିଏଲର ୪୫ ତମ ମ୍ୟାଚରେ ପଏଣ୍ଟ ବାଣ୍ଟିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଆୟୁଷ ବଦୋନୀଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ସୁପର ଜାଏଣ୍ଟ୍ସ ୧୯.୨ ଓଭରରେ ୭ ଉଇକେଟ ହରାଇ ୧୨୫ ରନ୍ କରିଥିଲା। ଏହି ସମୟରେ ବର୍ଷା ହେବାରୁ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ୩୩ ବଲ୍‌ରୁ ୫୯ ରନ୍ କରି ଅପରାଜିତ ରହିଥିଲେ ଆୟୁଷ ବଦୋନୀ।

ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଟସ୍ ଜିତି ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପ୍ରଥମେ ବୋଲିଂ ନେଇଥିଲେ। ଆହତ ଥିବା ଲୋକେଶ ରାହୁଲଙ୍କ ସ୍ଥାନରେ ମନନ ଭୋହରା ଓ ଦୀପକ ହୁଡାଙ୍କ ସ୍ଥାନରେ କରଣ ଶର୍ମାଙ୍କୁ ସାମିଲ କରିଥିଲା ଲକ୍ଷ୍ନୌ। ବୋଲିଂ ଅନୁକୂଳ ପିଚ୍‌ରେ ଚେନ୍ନାଇ ସ୍ପିନରଙ୍କ ଘାତକ ବୋଲିଂ କାରଣରୁ ଲକ୍ଷ୍ନୌର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ମାତ୍ର ୪୪ ରନ୍‌ରେ ୫ ଉଇକେଟ ହରାଇଥିଲା। ଏକ ସମୟରେ ଦଳ ୧୦୦ ରନ୍ ପାର କରିବା ନେଇ ଆଶଙ୍କା ଦେଖା ଦେଇଥିବା ବେଳେ ଯୁବ ବ୍ୟାଟର ଆୟୁଷ ବଦୋନୀ ଦୃଢ ବ୍ୟାଟିଂ କରିଥିଲେ। ପ୍ରଥମ ଉଇକେଟରେ ୧୮ ରନ୍ ଯୋଡି କାଇଲ୍ ମେୟର୍ସ(୧୪) ଆଉଟ ହୋଇଥିବା ବେଳେ ଦଳୀୟ ସ୍କୋର ୨୭ରେ ପ୍ୟାଭିଲିୟନ୍ ଫେରିଥିଲେ ଭୋହରା। କରଣ ଶର୍ମା(୯), କୃଣାଲ ପାଣ୍ଡ୍ୟା(୬) ଓ ମାର୍କସ୍ ଷ୍ଟୋଇନିସ୍(୬) ମାତ୍ର ୩ ଓଭର ମଧ୍ୟରେ ଆଉଟ ହେବାରୁ ଦଳ ୪୪ ରନରେ ୫ ଉଇକେଟ ହରାଇଥିଲା। ନିକୋଲାସ ପୁରନ୍ ଧୀମା ୨୦ ରନ୍ କରିଥିଲେ ହେଁ ବଦୋନୀଙ୍କ ସହିତ ୫୯ ରନ୍ ଯୋଡି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ୩୧ ବଲ୍ ଖେଳି ପୁରନ୍ ଆଉଟ ହେବା ପରେ ବଦୋନୀ ଗିୟର ବଦଳାଇ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ପରବର୍ତ୍ତୀ ୮ ବଲ୍‌ରୁ ସେ ୨୨ ରନ୍ ସଂଗ୍ରହ କରିଥିଲେ। ବର୍ଷା କାରଣରୁ ଖେଳ ବନ୍ଦ ହେବା ବେଳକୁ ବଦୋନୀ ୫୯ ରନ୍‌ରେ ଅପରାଜିତ ରହିଥିଲେ। ବଦୋନୀଙ୍କ ଇନିଂସରେ ୨ ଚୌକା ଓ ୪ ଛକା ସାମିଲ ଥିଲା। ଏହା ସହ ଉଭୟ ଦଳ ୧୦ଟି ମ୍ୟାଚରୁ ସମାନ ୧୧ ପଏଣ୍ଟ ଅର୍ଜନ କରିଛନ୍ତି। ଲକ୍ଷ୍ନୌ ଉନ୍ନତ ରନ୍ ରେଟ୍ ଆଧାରରେ ଦ୍ୱିତୀୟ ଓ ଚେନ୍ନାଇ ତୃତୀୟ ସ୍ଥାନରେ ରହିଛି। ଚେନ୍ନାଇ ପକ୍ଷରୁ ମୋଇନ୍ ଅଲୀ, ମହୀଷ ଥିକ୍ସାନାଓ ମଥିଶା ପଥିରାନା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯.୨ ଓଭରରେ ୧୨୫/୭ (ଆୟୁଷ ବଦୋନୀ-୫୯*, ନିକୋଲାସ୍ ପୁରନ୍-୨୦, କାଇଲ ମେୟର୍ସ-୧୪, ମୋଇନ୍ ଅଲୀ-୨/୧୩, ମଥୀଷା ପଥିରାନା-୨/୨୨, ମହୀଷ ଥିକ୍ସାନା-୨/୩୭)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**
**ହାଇଦ୍ରାବାଦ ବନାମ କୋଲକାତା**
**ସ୍ଥାନ:ହାଇଦ୍ରାବାଦ, ସମୟ: ଅପରାହ୍ନ ୩.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଓଏଫ୍‌ସିର ଦ୍ୱିତୀୟ ବିଜୟ



ଓଡ଼ିଶା ଏଫ୍‌ସି ଓ ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଭୁବନେଶ୍ୱର,୩।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଗୁଜରାଟରେ ଅନୁଷ୍ଠିତ ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ପ୍ରଥମ ସଂସ୍କରଣ ଚାମ୍ପିୟନ ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନକୁ ବୁଧବାର ୪-୦ରେ ପରାସ୍ତ କରିଛି ଓଡିଶା। ଦଳ ପକ୍ଷରୁ ଯଶୋଦା ମୁଣ୍ଡା, ଅଞ୍ଜୁ ତମାଙ୍ଗ, ନାନ୍‌ଗୋମ ବାଲା ଦେବୀ ଓ ଏସ୍ ଲିଣ୍ଡା କୋମ୍ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଓଏଫ୍‌ସି ପ୍ରଥମାର୍ଦ୍ଧରେ ଦୁଇଟି ଓ ଦ୍ୱିତୀୟାର୍ଦ୍ଧରେ ଲେଖାଏ ଗୋଲ ସ୍କୋର କରିଥିଲା।

ଓଏଫ୍‌ସି ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ୧୭ ତମ ମିନିଟରେ ଅଞ୍ଜୁ ତମାଙ୍ଗ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ୨୫ ତମ ମିନିଟରେ ଓଏଫ୍‌ସି ଅଧିନାୟିକା ନାନଗୋମ ବାଲା ଦେବୀ ଦଳ ପକ୍ଷରୁ ଦ୍ୱିତୀୟ ଗୋ୍‌ଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୨-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଓଏଫ୍‌ସି ଆଉ ଦୁଇଟି ଗୋଲ ସ୍କୋର କରିଥିଲା। ୪୬ ତମ ମିନିଟରେ ଓଡ଼ିଆ ଖେଳାଳି ଯଶୋଦା ମୁଣ୍ଡା ତୃତୀୟ ଗୋଲ ମାରିଥିଲେ। ମ୍ୟାଚ୍‌ର ଇଞ୍ଜୁରୀ ଟାଇମ୍‌ରେ ୯୦+୧ ମିନିଟରେ ଏସ୍ ଲିଣ୍ଡା କୋମ ଅନ୍ତିମ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ୫ ମେରେ ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ଚର୍ଚ୍ଚିଲ୍ ବ୍ରଦର୍ସକୁ ଭେଟିବ। ଯଶୋଦା ମୁଣ୍ଡାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ସୁନୀଲଙ୍କୁ ସଂଯୋଜକ ଦାୟିତ୍ୱ



**ଭୁବନେଶ୍ୱର, ୩।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଟରକଣ୍ଟିନେଣ୍ଟାଲ କପ୍ ୨୦୨୩ ଲାଗି ପ୍ରସ୍ତୁତି ସକାଶେ ଆୟୋଜିତ ଜାତୀୟ ଫୁଟ୍‌ବଲ ଦଳର କୋଚିଂ କ୍ୟାମ୍ପ ପାଇଁ ସୁନୀଲ ମିତ୍ରଙ୍କୁ ସଂଯୋଜକ ଭାବେ ନିଯୁକ୍ତି ମିଳିଛି। ସୁନୀଲ ହେଉଛନ୍ତି ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ଜଣେ ସଦସ୍ୟ। ସେ ପୂର୍ବତଟ ରେଳପଥର ଜଣେ କର୍ମଚାରୀ। କୋଚିଂ କ୍ୟାମ୍ପ ଓଡ଼ିଶାରେ ମେ ୧୫ ରୁ ୨୮ ପର୍ଯ୍ୟନ୍ତ ହେବ। ଭୁବନେଶ୍ୱରରେ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଆସନ୍ତା ଜୁନ୍ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ହେବ। ସୁନୀଲଙ୍କ ଏହି ନୂଆ ନିଯୁକ୍ତିକୁ ନେଇ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାଗଣ ଅଭିନନ୍ଦନ ଜଣାଇଛନ୍ତି।

# ୨୮ ଜଣିଆ ଓଡ଼ିଶା ଦଳ ଘୋଷିତ

**ଜାତୀୟ ସବ୍ ଜୁନିୟର ମହିଳା ହକି**

**ଭୁବନେଶ୍ୱର,୩।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଜାତୀୟ ସବ୍ ଜୁନିୟର ମହିଳା ହକି ଟୁର୍ନାମେଣ୍ଟ ପାଇଁ ବୁଧବାର ୨୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଅମୀଷା କୁଲ୍ଲୁଙ୍କୁ ଏହି ଦଳର ଅଧିନାୟିକା ରଖାଯାଇଥିବା ବେଳେ ତନୁଜା ଟପ୍ପୋ ଉପ ଅଧିନାୟିକା ରହିଛନ୍ତି। ଖେଲୋ ଇଣ୍ଡିଆ ୨୦୨୨ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ସୁସ୍ମିତା ଡୁଙ୍ଗଡୁଙ୍ଗ୍, କରୁଣା ମିଞ୍ଜ ଓ ପୂଜା ମାଝୀଙ୍କୁ ଏହି ଦଳରେ ସାମିଲ କରାଯାଇଛି।

ଓଡ଼ିଶା ଦଳ: ଗୋଲକିପର: ଅମୀଷା କୁଲୁ (ଅଧିନାୟିକା) ଏବଂ ପବିତ୍ରା ହୋଦମ।
ଡିପ୍ ଡିଫେଣ୍ଡର: ସୁସ୍ମିତା ଡୁଙ୍ଗଡୁଙ୍ଗ, ନେହାରିକା ଟପ୍ପୋ ଏବଂ ସୋନାଲି ଏକ୍କା।
ଫ୍ଲାଙ୍କ ଡିଫେଣ୍ଡର: ସନାଦମ ବେବିରାଣୀ ଦେବୀ, ନିଶା ଦାଦେଲ ଏବଂ ପୂଜା ମାଝି।
ଡିଫେନ୍ସିଭ୍ ମିଡଫିଲ୍ଡର: ଦ୍ରୌପଦୀ ନାୟକ, ପ୍ରେମଶୀଲା ବେଗ ଏବଂ ଅମଷା ଏକ୍କା।
ଆଟାକିଂ ମିଡଫିଲ୍ଡର: ଜାହ୍ନବୀ ବାଡା ଏବଂ ତନୁଜା ଟପ୍ପୋ (ଉପ-ଅଧିନାୟିକା)।
ଲେଫ୍ଟ ଷ୍ଟ୍ରାଇକର: ଦୀପିକା ବରୱା।
ସେଣ୍ଟର ଷ୍ଟ୍ରାଇକର: କରୁଣା ମିଞ୍ଜ ଏବଂ ଜ୍ୟୋତି ଖାଖା।
ରାଇଟ୍ ଷ୍ଟ୍ରାଇକର: ବିନତି ମିଞ୍ଜ ଏବଂ ଡଲି ଭୋଇ।



ୟଙ୍ଗ୍ ଉତ୍କଳ ଫୁଟ୍‌ବଲ ଏକାଡେମୀ ଉଦ୍‌ଘାଟନ ଅବସରରେ ଖେଳାଳି ଓ କର୍ମକର୍ତ୍ତା।

# ଡୋପିଙ୍ଗ ପାଇଁ ଅଲିମ୍ପିକ ରୌପ୍ୟ ବିଜେତା ବାସନ୍ଦ

**ମୋନାକୋ, ୩।୫ (ଏପି):** ଡୋପିଙ୍ଗ ପାଇଁ ପୁରୁଷ ୮୦୦ ମିଟର ରୌପ୍ୟ ପଦକ ବିଜେତା ନିଜେଲ ଆମୋସ ୩ ବର୍ଷ ବାସନ୍ଦ ହୋଇଥିବା ଆଥ୍ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) କହିଛି। ଗତବର୍ଷ ଟ୍ରାକ୍ ୱାର୍ଲ୍ଡ ଚାମ୍ପିୟନଶିପ ସମୟରେ ବତ୍ସ୍ୱାନାର ଏହି ଧାବକଙ୍କର ଡୋପ୍ ଟେଷ୍ଟ ବେଳେ ତାଙ୍କଠାରୁ ସଂଗୃହୀତ ନମୁନାରୁ ନିଷିଦ୍ଧ ଜିଡବ୍ଲ୍ୟୁ ୧୫୧୬ ଦ୍ରବ୍ୟର ମାତ୍ରା ଠାବ କରାଯାଇଥିଲା। ତାଙ୍କୁ ୪ ବର୍ଷ ବାସନ୍ଦ କରାଯିବା କଥା, ମାତ୍ର ସେ ଦୋଷ ସ୍ୱୀକାର କରିବାରୁ ଦଣ୍ଡର ଅବଧିକୁ ୧ ବର୍ଷ କରାଇ ଦିଆଯାଇଥିଲା।

# ୟଙ୍ଗ୍ ଉତ୍କଳ ଫୁଟ୍‌ବଲ ଏକାଡେମୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୩।୫ (ସ୍ପୋର୍ଟ୍ସ ବ୍ୟୁରୋ):** କଟକସ୍ଥିତ ଖାନନଗର ଗ୍ରାଉଣ୍ଡରେ ଚତୁର୍ଥ ଗ୍ରାସ୍‌ରୁଟ୍ ସେଣ୍ଟର ବୁଧବାର ସଫଳତାର ସହ ଉଦ୍‌ଘାଟିତ ହୋଇଯାଇଛି। ଏହାର ନାମ ୟଙ୍ଗ ଉତ୍କଳ ଫୁଟ୍‌ବଲ ଏକାଡେମୀ ରଖାଯାଇଛି। ଉଦ୍‌ଘାଟନୀ ଅବସରରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସଦସ୍ୟ ତଥା ୟଙ୍ଗ ଉତ୍କଳ କ୍ଲବର ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ଫାଓର ବୈଷୟିକ ନିର୍ଦ୍ଦେଶକ ସୁରଜିତ ଘୋଷ ଏବଂ ୟଙ୍ଗ ଉତ୍କଳ କ୍ଲବର ଅନ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ।

# ମେସିଙ୍କୁ ସସ୍‌ପେଣ୍ଡ କଲା ପିଏସ୍‌ଜି

**ପ୍ୟାରିସ, ୩।୫(ଏପି):** ପ୍ୟାରିସ ସେଣ୍ଟ୍ ଜର୍ମେନ (ପିଏସ୍‌ଜି) ଷ୍ଟାର ଫୁଟ୍‌ବଲ ଖେଳାଳି ଲିଓନେଲ ମେସିଙ୍କୁ ସସ୍‌ପେଣ୍ଡ କରିଛି। କାରଣ କ୍ଲବର ବିନା ଅନୁମତିରେ ସେ ସାଉଦି ଆରବ ଗସ୍ତରେ ଯାଇଥିଲେ। ପିଏସ୍‌ଜି ତରଫରୁ ବିଧିବଦ୍ଧ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଆର୍ଜେଣ୍ଟିନା ଫୁଟ୍‌ବଲ ଅଧିନାୟକଙ୍କୁ ୨ ସପ୍ତାହ ସସ୍‌ପେଣ୍ଡ କରାଯାଇଥିବା ଫ୍ରେଞ୍ଚ ଗଣମାଧ୍ୟମରେ ପ୍ରକାଶ ପାଇଛି। ଦୁଇ ସପ୍ତାହ ସସ୍‌ପେଣ୍ଡ ହେବାଦ୍ୱାରା ଏଲ୍'ଇକ୍ୱିପ୍ ଓ ଆରଏମ୍‌ସି ସ୍ପୋର୍ଟ୍ସ ବିପକ୍ଷ କ୍ଲବର ଦୁଇଟି ମ୍ୟାଚରେ ସେ ଖେଳିବାରୁ ବଞ୍ଚିତ ହେବେ। ସସ୍‌ପେଣ୍ଡ ସମୟସମୀମା ମଧ୍ୟରେ ମେସି ଦଳ ସହିତ ଟ୍ରେନିଂ ନେଇପାରିବେନି କିମ୍ବା ଖେଳିପାରିବେନି। ଏହି ସମୟରେ ସେ ପାରିଶ୍ରମିକ ମଧ୍ୟ ପାଇବେ ନାହିଁ। ମଧ୍ୟପ୍ରାଚ୍ୟ ଦେଶରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲାଗି ୩୫ବର୍ଷୀୟ ମେସିଙ୍କର ସାଇଦି ଆରବ ସହ ଏକ କମର୍ସିଆଲ କଣ୍ଟ୍ରାକ୍ଟ ରହିଛି। ଆର୍ଜେଣ୍ଟିନା ଫୁଟ୍‌ବଲ ଷ୍ଟାର ଏଭଳି ଏକ ସମୟରେ ସସ୍‌ପେଣ୍ଡ ହୋଇଛନ୍ତି, ଯେତେବେଳେ ଏହି ସିଜନ ପରେ ଫ୍ରେଞ୍ଚ କ୍ଲବ ତାଙ୍କ ସହିତ ଚୁକ୍ତି ମିଆଦ ବୃଦ୍ଧି କରିବ ବୋଲି ଆଶା କରାଯାଉଥିଲା।

# 'ମାମଲା ଚପାଇବାକୁ ଉଦ୍ୟମ ହୋଇଥିଲା'

**ନୂଆଦିଲ୍ଲୀ,୩।୫:** ଭାରତୀୟ ରେସ୍‌ଲିଂ ସଂଘ ସଭାପତିଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନରତ ଆଥ୍ଲେଟମାନେ କେନ୍ଦ୍ର କ୍ରୀଡାମନ୍ତ୍ରୀଙ୍କ ବିରୋଧରେ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। କେନ୍ଦ୍ର କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର ଏହି ମାମଲାକୁ ଚପାଇବାକୁ ଉଦ୍ୟମ କରୁଥିଲେ ବୋଲି କହିଛନ୍ତି ଭିନେଶ ଫୋଗତ। ପ୍ରଥମ ଥର ଆନ୍ଦୋଳନ ସମୟରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଓଭର ସାଇଟ୍ କମିଟି ଗଠନ କରିଥିଲେ। ପ୍ରଥମ ଥର ଆନ୍ଦୋଳନ ସମୟରେ କେନ୍ଦ୍ର କ୍ରୀଡାମନ୍ତ୍ରୀ ଆଥଲେଟମାନଙ୍କୁ ଭେଟିବା ସମୟରେ ଯୌନ ଶୋଷଣ ସମ୍ପର୍କରେ ଅବଗତ କରାଯାଇଥିଲା। ତେବେ କଡା କାର୍ଯାନୁଷ୍ଠାନ ପରିବର୍ତ୍ତେ ସେ ଏକ କମିଟି ଗଠନ କରି ମାମଲାକୁ ଦୁର୍ବଳ କରିବାକୁ ଉଦ୍ୟମ କରିଥିଲେ। ଜଣେ ଶକ୍ତିଶାଳୀ ବ୍ୟକ୍ତିଙ୍କ ବିରୋଧରେ ଲଢେଇ ସର୍ବଦା କଷ୍ଟସାଧ୍ୟ ରହିଥାଏ। ବ୍ରିଜ୍‌ଭୂଷଣ ଦୀର୍ଘ ଦିନ ଧରି କ୍ଷମତାରେ ରହିଛନ୍ତି।

# ରେସ୍‌ଲରଙ୍କୁ ଭେଟିଲେ ପି.ଟି. ଉଷା

**ଡବ୍ଲ୍ୟୁଏଫ୍ଆଇ ଯୌନ ନିର୍ଯାତନା ମାମଲା**

**ନୂଆଦିଲ୍ଲୀ,୩।୫(ପି.ଟି.)**

ଭାରତୀୟ ରେସ୍‌ଲିଂ ସଂଘ (ଡବ୍ଲ୍ୟୁଏଫ୍ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ମାମଲାରେ ଆନ୍ଦୋଳନରତ ଆଥ୍ଲେଟଙ୍କୁ ଭେଟିଛନ୍ତି ଇଣ୍ଡିଆନ୍ ଅଲିମ୍ପିକ୍ସ ଆ।ସୋ।ସି ଏ ଶ ନ (ଆ।ଇ ଓ ଏ) ସଭାପତି ପିଟି ଉଷା। ଏହା ସହିତ ସେ ଖେଳାଳିମାନଙ୍କୁ ନ୍ୟାୟ ମିଳିବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ପୂର୍ବତନ ଅଲିମ୍ପିଆନ୍ ଧାବିକା ଉଷା ବୁଧବାର ଯନ୍ତରମନ୍ତରଠାରେ ଆନ୍ଦୋଳନ କରୁଥିବା ଖେଳାଳିମାନଙ୍କୁ ଭେଟିଥିଲେ। ପୂର୍ବରୁ ରେସ୍‌ଲରମାନଙ୍କ ବିରୋଧରେ ଦେଇଥିବା ବୟାନ ପାଇଁ ଉଷାଙ୍କୁ ସମସ୍ତ ମହଲରୁ ସମାଲୋଚନା କରାଯାଇଥିଲା। ରେସ୍‌ଲରମାନେ ଆଇଓଏର ଦ୍ୱାରସ୍ଥ ହେବା ପରିବର୍ତ୍ତେ ରାସ୍ତାକୁ ଓହ୍ଲାଇ ଦେଶର ଛବି ମଳିନ କରୁଛନ୍ତି ବୋଲି ଉଷା କହିଥିଲେ। ଏହା ପରେ ଉଷାଙ୍କ ମନ୍ତବ୍ୟକୁ ସବୁ ଆଡୁ ନିନ୍ଦା କରାଯାଇଥିଲା। ଆଥ୍ଲେଟମାନଙ୍କୁ ଭେଟିବା ପରେ ଉଷା ଗଣମାଧ୍ୟମକୁ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ତେବେ ସମସ୍ତ ପ୍ରକାର ସହାୟତାର ପ୍ରତିଶ୍ରୁତି ମିଳିଥିବା ନେଇ ସୂଚନା ଦେଇଥିଲେ ବଜରଙ୍ଗ ପୁନିଆ। ଉଷାଙ୍କ ପ୍ରାରମ୍ଭିକ ମନ୍ତବ୍ୟ ଆମକୁ ଆଘାତ ଦେଇଥିଲା। ମାତ୍ର ଆଜିର ଆଲୋଚନା ପରେ ସମସ୍ତ ଦ୍ୱନ୍ଦ୍ୱ ଦୂର ହୋଇଛି। ସେ ପ୍ରଥମେ ଜଣେ ଆଥ୍ଲେଟ ଓ ପରେ ଜଣେ କ୍ରୀଡା ପ୍ରଶାସକ ବୋଲି ଉଷା ଆଲୋଚନା ସମୟରେ କହିଥିଲେ।



ଧାରଣାରତ ରେସ୍‌ଲରଙ୍କ ସହ ଆଲୋଚନା କରୁଛନ୍ତି ପି.ଟି. ଉଷା।

# କଟକ, ଆରଏସ୍‌ପି, ସୁବର୍ଣ୍ଣପୁର, ଦେବଗଡ଼ ବିଜୟୀ

**ସାହାଣୀ କପ୍ ଫୁଟବଲ**

**ଭୁବନେଶ୍ୱର, ୩।୫ (ସ୍ପୋର୍ଟ୍ସ ବ୍ୟୁରୋ)**

୬୨ତମ ସିନିୟର ପୁରୁଷ ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ବୁଧବାର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଇଥିବା ୪ଟି ମ୍ୟାଚରେ କଟକ, ଆରଏସ୍‌ପି, ସୁବର୍ଣ୍ଣପୁର ଓ ଦେବଗଡ଼ ବିଜୟୀ ହୋଇଛନ୍ତି। କଟକର ଓଟିଏମ୍ ଗ୍ରାଉଣ୍ଡରେ କଟକ ୧-୦ ଗୋଲ୍‌ରେ କେନ୍ଦୁଝରକୁ ପରାସ୍ତ କରିଛି। ଦୀନବନ୍ଧୁ ଦାସ ଖେଳର ୯ମ ମିନିଟରେ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆରଏସ୍‌ପି) ୫-୦ ଗୋଲ୍‌ରେ ଯାଜପୁରକୁ ହରାଇ ଦେଇଛି। ଦଳ ପକ୍ଷରୁ ବେତାଳ ଲାକ୍ରା, ଆନନ୍ଦ ଓରାମ, ସମୀର କେରକେଟା, ଅଡୱିନ ତିର୍କୀ ଓ ପ୍ରଦୀପ ବରୁଆ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଗ୍ରାଉଣ୍ଡରେ ସୁବର୍ଣ୍ଣପୁର ୭-୧ ଗୋଲ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜିତୁ ମୁଦୁଲି ୨ଟି ଗୋଲ୍ ସ୍କୋର କରିଥିବା ବେଳେ ଚିତ୍ତରଞ୍ଜନ ପ୍ରଧାନ, ବିକ୍ରମ ମାଝି, ବିନୟ ମାଝି, କବୀର ଖାଡିଆ ଓ ଚନ୍ଦ୍ରକାନ୍ତ ଦାସ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଦେବଗଡ଼ ୬-୨ରେ ରାୟଗଡ଼ାକୁ ପରାଜିତ କରିଛି। ଏଥିରେ ଦେବଗଡ଼ ପକ୍ଷରୁ ପାତ୍ରାସ ମିଞ୍ଜ୍ ୧୧ତମ, ୩୫ତମ ଓ ୭୨ତମ ମିନିଟ୍‌ରେ ବ୍ୟକ୍ତିଗତ ୩ଟି ଗୋଲ ଦେଇଥିବା ବେଳେ ସୁଶୀଲ କେରକେଟା, ସୁରେଶ ଖାଡ଼ିଆ ଓ ରୋହିତ ମୁଣ୍ଡା ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ।



କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଓ ଯାଜପୁର ମଧ୍ୟର ଅନୁଷ୍ଠିତ ମ୍ୟାଚ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ